# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମେ ୨୯/୨୦୨୧ (୧୨ ପୃଷ୍ଠା) | Bhubaneswar, Saturday, May 29/2021 | ★★★★★★

୪୭ଶ ଭାଗ ୧୮୩ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ପେରେରାଙ୍କ ଶତକରେ ଶ୍ରୀଲଙ୍କା ବିଜୟୀ**

ଅଧିନାୟକ କୁସାଲ ପେରେରାଙ୍କ ଶତକ ବଳରେ ଶ୍ରୀଲଙ୍କା ଶୁକ୍ରବାର ଅନୁଷ୍ଠିତ ଦିନିକିଆ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୯୭ ରନରେ ପରାସ୍ତ କରିଛି।

୦୮

୧୦

**ଜାତିସଂଘ ସଂସ୍ଥାରୁ ରଣଦୀପ ବିଦା**

ମାୟାବତୀଙ୍କୁ କଟାକ୍ଷ କରିଥିବା ବଲିଉଡ୍ ଅଭିନେତା ରଣଦୀପ ହୁଡାଙ୍କୁ ଏକ ଜାତିସଂଘ ସଂସ୍ଥାର ଅମ୍ବାସାଡର ପଦରୁ ହଟାଇଦିଆଯାଇଛି।



# କିଛି ମାଗିଲେନି, କେବଳ ଭିତ୍ତିଭୂମି



ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର କନ୍‌ଫରେନ୍ସ ହଲ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପସ୍ଥିତିରେ ଅନୁଷ୍ଠିତ ସମୀକ୍ଷା ବୈଠକ।

## 'ୟାସ୍' କ୍ଷତିଗ୍ରସ୍ତ ଅଞ୍ଚଳ ଆକାଶମାର୍ଗରୁ ପରିଦର୍ଶନ କଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ବାତ୍ୟା 'ୟାସ୍' କ୍ଷତି ଭରଣା ପାଇଁ କେନ୍ଦ୍ର ସରକାର ନିକଟରେ ଓଡ଼ିଶା କିଛି ମାଗି ନାହିଁ। କେନ୍ଦ୍ରର ହାତଟେକାକୁ ଭରସା ନ କରି କେବଳ ଭିତ୍ତିଭୂମି ଉପରେ ଫୋକସ୍ କରିଛି। ଶୁକ୍ରବାର ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ଦେଖିବାକୁ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟରେ ରାଜ୍ୟ ପକ୍ଷରୁ ଏଭଳି ଦାବି କରାଯାଇଛି।

ପ୍ରାୟ ପ୍ରତ୍ୟେକ ବର୍ଷ ଓଡ଼ିଶା ବାତ୍ୟା ବିପର୍ଯ୍ୟୟର ସମ୍ମୁଖୀନ ହେଉଛି। ଏଥିଯୋଗୁ ଉପକୂଳବର୍ତ୍ତୀ ଜିଲାଗୁଡିକରେ ଘରଦ୍ୱାର ନଷ୍ଟ ହେବା ସାଙ୍ଗକୁ ରାସ୍ତାଘାଟ, ପାନୀୟ ଜଳ, ବିଦ୍ୟୁତ୍ ବ୍ୟବସ୍ଥା ଛାରଖାର ହୋଇଯାଉଛି। ପରବର୍ତ୍ତୀ ସମୟରେ ବାତ୍ୟା କ୍ଷତି ଭରଣା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅଳ୍ପ କିଛି ସହାୟତା ଘୋଷଣା କରାଯାଉଛି, ଯାହାକି ଭିତ୍ତିଭୂମି ପୁନରୁଦ୍ଧାର କ୍ଷେତ୍ରରେ ପର୍ଯ୍ୟାପ୍ତ ହେଉ ନାହିଁ। ବାତ୍ୟା କ୍ଷତ ଭରିବା ପାଇଁ ରାଜ୍ୟ ଉପରେ ବାରମ୍ବାର ଆର୍ଥିକ ଚାପ ପଡୁଛି। ଏଥର ରାଜ୍ୟ ସରକାର କେନ୍ଦ୍ରର ହାତଟେକାକୁ ନ ଅନାଇ ନିଜେ ବାତ୍ୟା କ୍ଷତିର ଭରଣା କରିବାକୁ ଅଣ୍ଟା ଭିଡିଛନ୍ତି। ବାତ୍ୟା 'ୟାସ୍'ଯୋଗୁ ବାଲେଶ୍ୱର ଓ ଭଦ୍ରକ ଜିଲାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତେବେ ଏହି କ୍ଷୟକ୍ଷତି ପାଇଁ କେନ୍ଦ୍ରକୁ ଓଡ଼ିଶା କୌଣସି ତତ୍କାଳ ସହାୟତା ରାଶି ମାଗି ନାହିଁ। ନିୟମିତ ବାତ୍ୟା ☞ପୃଷ୍ଠା-୪

- କ୍ଷୟକ୍ଷତି ରାଜ୍ୟ ନିଜେ ଭରଣା କରିବ
- ଓଡ଼ିଶାକୁ ୫୦୦ କୋଟି ସହାୟତା
- ମୃତକଙ୍କୁ ୨ ଲକ୍ଷ, ଆହତଙ୍କ ପାଇଁ ୫୦ ହଜାର
- ଖୁବ୍‌ଶୀଘ୍ର ଓଡ଼ିଶା ଆସିବ କେନ୍ଦ୍ରୀୟ ଟିମ୍

## ଡେରିରେ ଆସିଲେ, ଅଧାରୁ ଉଠିଲେ

**ମୋଦିଙ୍କୁ ଅଧଘଣ୍ଟା ଅପେକ୍ଷା କରାଇଲେ ମମତା**

**କୋଲକାତା,୨୮।୫**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ପଶ୍ଚିମବଙ୍ଗକୁ ସାମୁଦ୍ରିକ ଝଡ଼ 'ୟାସ୍' କ୍ଷୟକ୍ଷତିର ସମୀକ୍ଷା ପାଇଁ ଯାଇଥିବାବେଳେ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୈଠକରେ ତାଙ୍କୁ ଅଧଘଣ୍ଟା ଅପେକ୍ଷା କରାଇଥିଲେ। ମମତା ଓ ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟ ସମାନ ସ୍ଥାନରେ ଥାଇ ପ୍ରଧାନମନ୍ତ୍ରୀଙ୍କ ବୈଠକରେ ୩୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ ଏବଂ ଅଧାରୁ ଉଠିଯାଇଥିଲେ। ମମତାଙ୍କ ଏପରି ବ୍ୟବହାରକୁ ନେଇ ସୋସିଆଲ ମିଡିଆରେ ନାନା ପ୍ରତିକ୍ରିୟା ପ୍ରକାଶ ପାଇଛି। ନନ୍ଦିଗ୍ରାମରେ ମମତାଙ୍କୁ ହରାଇଥିବା ଭାଜପାର ଶୁଭେନ୍ଦୁ ଅଧିକାରୀ (ପଶ୍ଚିମବଙ୍ଗ ବିଧାନସଭାର ବିରୋଧୀ ଦଳ ନେତା) ଉକ୍ତ ବୈଠକରେ



ଉପସ୍ଥିତ ଥିବାରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସୁପ୍ରିମୋ ଏପରି କରିଥିବା ଆଲୋଚନା ହେଉଛି। ☞ପୃଷ୍ଠା-୪

## ୧ରୁ ଖୋଲିବ ଉଚ୍ଚଶିକ୍ଷାନୁଷ୍ଠାନ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ଜୁନ୍ ପହିଲାରୁ ରାଜ୍ୟର ସମସ୍ତ ଡିଗ୍ରୀ କଲେଜ ଓ ବିଶ୍ୱବିଦ୍ୟାଳୟ ଖୋଲିବ। ଏନେଇ ଉଚ୍ଚଶିକ୍ଷା ସଚିବ ଶାଶ୍ୱତ ମିଶ୍ର ଶୁକ୍ରବାର ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତି, ସରକାରୀ ଓ ଘରୋଇ ଡିଗ୍ରୀ କଲେଜ ଅଧ୍ୟକ୍ଷଙ୍କୁ ଚିଠି ଲେଖି ଜଣାଇଛନ୍ତି। ବିଭାଗ ପକ୍ଷରୁ ପୂର୍ବ ଘୋଷିତ ଗ୍ରୀଷ୍ମ ଛୁଟି ଅବଧି ଆସନ୍ତା ୩୧ରେ ଶେଷ ହେଉଛି। ଛୁଟି ସରିବା ପରେ ଜୁନ୍ ପହିଲାରୁ ପାଠପଢ଼ା ହେବ। ୨୦୨୧ ଏପ୍ରିଲ ୧୬ରେ ବିଭାଗ ପକ୍ଷରୁ ଜାରି କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ପାଠପଢ଼ା ହେବ। ସେଥିପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ପରେ ରାଜ୍ୟ ସରକାର ଚଳିତ ମାସ ପ୍ରଥମ ସପ୍ତାହରେ ସମସ୍ତ ଶିକ୍ଷାନୁଷ୍ଠାନକୁ ବନ୍ଦ କରିଦେଇଥିଲେ।

## ଫାଣ୍ଡିରେ କନଷ୍ଟେବଲଙ୍କୁ ବଳାତ୍କାର

**ବାଲେଶ୍ୱର ଅଫିସ/ବାହାନଗା, ୨୮।୫(ଡି.ଏନ.ଏ.)**

- ପୀଡ଼ିତାଙ୍କ ଆତ୍ମହତ୍ୟା ଉଦ୍ୟମ
- ବନ୍ଧାହେଲେ ଅଭିଯୁକ୍ତ ଏସ୍‌ଆଇ
- କାର୍ଯ୍ୟରୁ ନିଲମ୍ବନ କଲେ ଆଇଜି

ବାତ୍ୟା ଡ୍ୟୁଟିରେ ଥିବା ଜଣେ ମହିଳା କନଷ୍ଟେବଲଙ୍କୁ ଫାଣ୍ଡି ପରିସରରେ ବଳାତ୍କାର କରାଯାଇଛି। ଏହି ଲଜ୍ଜାଜନକ ଘଟଣା ଘଟାଇଛନ୍ତି ସମ୍ପୃକ୍ତ ଫାଣ୍ଡି ଅଧିକାରୀ ଏସ୍‌ଆଇ ବଂଶୀଧର ପ୍ରଧାନ। ୩ଦିନ ପରେ ଘଟଣା ପଦାକୁ ଆସିବାରୁ ଏହା ବାଲେଶ୍ୱର ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି। ଅଭିଯୁକ୍ତ ଫାଣ୍ଡି ଅଧିକାରୀଙ୍କୁ ନିଲମ୍ବନ ପରେ ଗିରଫ କରାଯାଇଥିବା ଡିଏସ୍‌ପି ଉମେଶ ପଣ୍ଡା ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଜିଲାର ଏକ ଥାନାରେ କାର୍ଯ୍ୟରତ ସମ୍ପୃକ୍ତା ମହିଳା କନଷ୍ଟେବଲ ଗତ ୨୪ ତାରିଖରେ 'ୟାସ୍' ବାତ୍ୟା ମୁକାବିଲା ପାଇଁ ଗୋପାଳପୁର ଫାଣ୍ଡି ଅଧୀନ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳକୁ ଡ୍ୟୁଟି କରିବାକୁ ଯାଇଥିଲେ। ଡ୍ୟୁଟି ସରିବା ପରେ ୨୫ ତାରିଖରେ ସେ ଗୋପାଳପୁର ଫାଣ୍ଡି



ଏସ୍‌ଆଇ ବଂଶୀଧର ପ୍ରଧାନ

ଆଶ୍ରୟସ୍ଥଳୀରେ ରାତ୍ରିଯାପନ କରିଥିଲେ। ଏହି ସମୟରେ ଫାଣ୍ଡି ଏସ୍‌ଆଇ ତାଙ୍କୁ ବଳାତ୍କାର କରିଥିଲେ। ଏଥିରେ ମ୍ରିୟମାଣ ହୋଇ ମହିଳା କନଷ୍ଟେବଲ ଜଣକ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତେବେ ଠିକଣା ସମୟରେ ସହକର୍ମୀମାନେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପୀଡ଼ିତା ଘଟଣା ସମ୍ପର୍କରେ ପୂର୍ବାଞ୍ଚଳ ଆଇଜି ଦୀପ୍ତେଶ ପଟ୍ଟନାୟକ, ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ଭେଟି ଅବଗତ କରାଇବା ସହ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ଅଭିଯୁକ୍ତ ଏସ୍‌ଆଇଙ୍କୁ ବାଲେଶ୍ୱର ଡକାଯାଇ ପଚରାଉଚୁରା କରାଯାଇଥିଲା। ଆଇଜି ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବଂଶୀଧରଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଏ ସଂକ୍ରାନ୍ତରେ ବାଲେଶ୍ୱର ଟାଉନ ଥାନାରେ ନଂ. ୧୨୫/୨୧ରେ ଏକ ମାମଲା ରୁଜୁ ହୋଇଛି। ଡାକ୍ତରୀମାଇନା ପରେ ଶୁକ୍ରବାର ଅପରାହ୍ନରେ ଅଭିଯୁକ୍ତ ଏସ୍‌ଆଇଙ୍କୁ କୋର୍ଟ ଚାଲାଣ କରାଯାଇଛି।




## ବିଷାକ୍ତ ମଦ ପିଇ ୧୫ ମୃତ

**୪ ଗିରଫ, ୫ ଅଧିକାରୀ ନିଲମ୍ବିତ**

**ଆଲିଗଡ଼,୨୮।୫**

ଭାଜପା ଶାସିତ ଉତ୍ତରପ୍ରଦେଶର ଆଲିଗଡ଼ରେ ଶୁକ୍ରବାର ବିଷାକ୍ତ ମଦ ୧୫ ଜୀବନ ନେଇଛି। ମଦ ପିଇଥିବା ଅନ୍ୟ ୧୬ ଜଣଙ୍କ ମଧ୍ୟରୁ କେତେଜଣଙ୍କ ଅବସ୍ଥା ଗମ୍ଭୀର ଥିବାରୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। କର୍ତ୍ତବ୍ୟରେ ଅବହେଳା ପାଇଁ ଅବକାରୀ ବିଭାଗର ୫ ଅଧିକାରୀଙ୍କୁ ନିଲମ୍ବନ କରାଯାଇଛି। ଏହାସହ ମଦ ଦୋକାନୀଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଛି। ଯୋଗୀ ସରକାର ଏହାର ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**କେତେ ଠିକ୍**

## ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି

**ଭଦ୍ରକ ଅଫିସ /ଭଣ୍ଡାରିପୋଖରୀ/ ଭୋଗରାଇ/ ଯାଜପୁର ଅଫିସ, ୨୮।୫ (ଡି.ଏନ.ଏ.)**

ବାତ୍ୟା 'ୟାସ' ପ୍ରଭାବରେ ଉପରମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଉତ୍ତରଓଡ଼ିଶାର ୪ ଜିଲା ସମେତ ଯାଜପୁରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଦୁଇଦିନ ହେଲା ବୈତରଣୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଶୁକ୍ରବାର ଜଳସ୍ତର କମିଛି। ଅପରପକ୍ଷରେ ଝାଡ଼ଖଣ୍ଡ ଗାଲୁଡ଼ିହି ଜଳାଧାରରୁ ୧୮ଟି ଗେଟ୍ ଖୋଲାଯାଇ ଥିବାରୁ ସୁବର୍ଣ୍ଣରେଖାର ନିମ୍ନ ଅବବାହିକାରେ ବନ୍ୟା ପରିସ୍ଥିତି ଦେଖାଦେଇଛି।

କେନ୍ଦୁଝର ଜିଲାରେ ପ୍ରବଳ ବର୍ଷା ଯୋଗୁ ବୈତରଣୀରେ ଜଳସ୍ତର ବୃଦ୍ଧି ପାଇଥିଲା। ଗୁରୁବାର ଆନନ୍ଦପୁରଠାରେ ବିପଦ ସଙ୍କେତ ପାଖାପାଖି ବନ୍ୟା ଜଳ ପ୍ରବାହିତ ହୋଇଥିବା ବେଳେ ଭଦ୍ରକ ଜିଲା ଆଖୁଆପଦାଠାରେ ବିପଦ ସଙ୍କେତ



ରାଜଘାଟଠାରେ ସୁବର୍ଣ୍ଣରେଖା ଜଳସ୍ତର।

ଟପିଥିଲା। ଫଳରେ ଭଣ୍ଡାରିପୋଖରୀ, ଧାମନଗର ସମେତ ଯାଜପୁର ଜିଲାର କୋରେଇ, ଦଶରଥପୁର ଓ ଯାଜପୁର ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଶୁକ୍ରବାର ଭଣ୍ଡାରିପୋଖରୀ, ଧାମନଗର ଓ ତିହିଡ଼ି ବ୍ଲକର ତଳିଆ ଅଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିବାରୁ ଅନେକ ଚାଷ ଜମି ଜଳମଗ୍ନ ହୋଇ ରହିଛି। ଏଥିସହ ଧାମନଗର ବ୍ଲକର ୮ ପଞ୍ଚାୟତକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଅପରପକ୍ଷରେ ବୈତରଣୀ ନଦୀବନ୍ଧର ତଳମୁଣ୍ଡରେ ଯାଜପୁର ଜିଲାର ୩ଟି ସ୍ଥାନ କଣ୍ଟପଡ଼ା, ପଲ୍ଲୀସାହି ଓ ନିଉବାଙ୍କ କାମଦେବମହରାଠାରେ ଘାଇ ସୃଷ୍ଟି ହୋଇଛି। ଏହି ୩ ଘାଇ ☞ପୃଷ୍ଠା-୪

## ନୂଆ ଆଇଟି ନିୟମ ମାନୁନାହିଁ ଟୁଇଟର

**ନୂଆଦିଲ୍ଲୀ, ୨୮।୫**

ପ୍ରିଭେସିକୁ ନେଇ କେନ୍ଦ୍ର ସରକାର ଓ ସୋସିଆଲ ମିଡିଆ ପ୍ଲାଟଫର୍ମଗୁଡ଼ିକ ମଧ୍ୟରେ ଚାଲିଥିବା ଶୀତଳ ଯୁଦ୍ଧ ଶୁକ୍ରବାର ଭିନ୍ନ ମୋଡ଼ ନେଇଛି। ଦେଶର ଅଧିକାଂଶ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ସରକାରଙ୍କ ନୂଆ ଆଇଟି ନିୟମକୁ ଅନୁପାଳନ କରିଥିବାବେଳେ ଟୁଇଟର ଏପର୍ଯ୍ୟନ୍ତ ଏହାକୁ ମାନିନାହିଁ। ନୂଆ ନିୟମ ଅନୁଯାୟୀ ଟୁଇଟର ଜଣେ ସ୍ଥାନୀୟ ଅଧିକାରୀଙ୍କୁ ନିଯୁକ୍ତି ଦେଇଛି, ଯିଏକି ଗ୍ରିଭାନ୍ସ ଅଫିସର ଭାବେ କାର୍ଯ୍ୟ କରିବେ ବୋଲି ସରକାରଙ୍କୁ ଜଣାଇଛି। ସରକାରୀ ସୂତ୍ରରୁ ପ୍ରକାଶ ଯେ, ଏକ ଆଇନ ଫାର୍ମରେ କାର୍ଯ୍ୟରତ ଜଣେ ଓକିଲଙ୍କୁ ଟୁଇଟର ଏହାର ନୋଡାଲ ତଥା ଗ୍ରିଭାନ୍ସ ଅଫିସର ଭାବେ ନିଯୁକ୍ତି ଦେଇଛି। ସୂଚନା ପ୍ରଯୁକ୍ତି ବିଦ୍ୟା (ଇଣ୍ଟରମିଡିଆରି ଗାଇଡ୍‌ଲାଇନ୍ସ ଆଣ୍ଡ ଡିଜିଟାଲ ମିଡିଆ ଏଥିକ୍ସ କୋଡ) ରୁଲ୍ସ, ୨୦୨୧

**ଅନ୍ୟ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ବିବରଣୀ ଶେୟାର କରିଛନ୍ତି: କେନ୍ଦ୍ର**

ଅନୁଯାୟୀ ସମ୍ପୃକ୍ତ ଅଧିକାରୀ ଜଣକ ଭାରତର ବାସିନ୍ଦା ଓ କମ୍ପାନୀର ଜଣେ କର୍ମଚାରୀ ହେବା ଆବଶ୍ୟକ। ତେବେ ଟୁଇଟରର ଏହି ପଦକ୍ଷେପକୁ ☞ପୃଷ୍ଠା-୪

## ବାଦୁଡ଼ି ପାଇଁ ଫେରିଲା ବିମାନ

ଏକ ଅଭାବନୀୟ ଘଟଣାକ୍ରମେ ଏୟାର ଇଣ୍ଡିଆର ଏକ ବିମାନକୁ ଅଧାବାଟରୁ ଦିଲ୍ଲୀ ବିମାନବନ୍ଦର ଫେରିବାକୁ ପଡ଼ିଛି। ବିମାନ ଭିତରେ ବାଦୁଡ଼ି ଥିବା ନେଇ ପାଇଲଟ୍ ଏୟାର ଟ୍ରାଫିକ୍ କଣ୍ଟ୍ରୋଲ (ଏଟିସି)କୁ ଜଣାଇବା ପରେ ଫେରିଆସିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ନ୍ୟୁଜର୍ସିର ନେଓ୍ୱାର୍କ ଅଭିମୁଖେ ଯାଉଥିବା ବିମାନଟି ଉଡ଼ିବାର ୩୦ ମିନିଟ ପରେ ଭିତରେ ବାଦୁଡ଼ି ଥିବା ଜଣାପଡ଼ିଥିଲା। ଗୁରୁବାର ରାତି ୨ଟା ୨୦ରେ ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଏହା ଅବତରଣ କରିଥିଲା।

## ସଂକ୍ଷେପରେ

### ଡିସେମ୍ବର ସୁଦ୍ଧା ସମସ୍ତଙ୍କୁ ଟିକା

**ନୂଆଦିଲ୍ଲୀ, ୨୮।୫:** ଚଳିତ ବର୍ଷ ଶେଷ ସୁଦ୍ଧା ସମସ୍ତଙ୍କୁ କୋଭିଡ୍ ଟିକା ଯୋଗାଇଦିଆଯିବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ ଜାଭଡେକର ଶୁକ୍ରବାର କହିଛନ୍ତି। ୧୩୦ କୋଟି ଜନସଂଖ୍ୟାରୁ ୩ ପ୍ରତିଶତରୁ କମ୍ ଟିକାର ଉଭୟ ଡୋଜ୍ ନେଇଥିବା କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅଭିଯୋଗ କରିବା ପରେ କେନ୍ଦ୍ର ସରକାର ଉପରୋକ୍ତ ଘୋଷଣା କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପ୍ରସ୍ତୁତ କରିଥିବା ଯୋଜନା ଅନୁଯାୟୀ ଡିସେମ୍ବର ଶେଷ ସୁଦ୍ଧା ୧୦୮ କୋଟି ଲୋକଙ୍କୁ ଟିକା ଦିଆଯିବ। ଦ୍ରୁତ ଟିକାକରଣରେ ଭାରତ ଦ୍ୱିତୀୟ ସ୍ଥାନରେ ରହିଛି। ବର୍ତ୍ତମାନ ସୁଦ୍ଧା ୨୦ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଗଲାଣି ବୋଲି ଜାଭଡେକର କହିଛନ୍ତି। କଂଗ୍ରେସ ଶାସିତ ରାଜ୍ୟଗୁଡ଼ିକ ସେମାନଙ୍କ ପାଇଁ ଉଦ୍ଦିଷ୍ଟ କୋଟା ନ ନେଇ ଟିକାଦାନରେ ବିଳମ୍ବ କରୁଥିବା ଜାଭଡେକର ଅଭିଯୋଗ କରିଛନ୍ତି।

### ନାରଦ ଷ୍ଟିଙ୍ଗ୍ ଟେପ୍ ମାମଲା ଗିରଫ ୪ ନେତାଙ୍କୁ ଜାମିନ

**କୋଲକାତା, ୨୮।୫:** ନାରଦ ଷ୍ଟିଙ୍ଗ୍ ଟେପ୍ ମାମଲାରେ ସିବିଆଇ ଦ୍ୱାରା ଗିରଫ ହୋଇଥିବା ପଶ୍ଚିମବଙ୍ଗର ଦୁଇ ମନ୍ତ୍ରୀଙ୍କ ସମେତ ୪ ଜଣ ନେତାଙ୍କୁ କାଲ୍‌କାଟା ହାଇକୋର୍ଟ ଶୁକ୍ରବାର ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ହାଇକୋର୍ଟର ୫ ଜଣିଆ ଖଣ୍ଡପୀଠ ଆବେଦନର ଶୁଣାଣି କରିବା ପରେ ଟିଏମ୍‌ସି ନେତା ସୁବ୍ରତ ମୁଖାର୍ଜୀ, ଫିର୍‌ହାଦ ହକିମ, ମଦନ ମିତ୍ର ଏବଂ ପୂର୍ବତନ ଟିଏମ୍‌ସି ନେତା ତଥା ପୂର୍ବତନ ମେୟର ଶୋଭନ ଚାଟାର୍ଜୀଙ୍କୁ ଜାମିନ ପ୍ରଦାନ କରିଥିଲେ। ତେବେ ସେମାନଙ୍କୁ ଭିଡିଓ କନ୍‌ଫରେନ୍ସ ଜରିଆରେ ତଦନ୍ତରେ ସାମିଲ ହେବାକୁ କୁହାଯାଇଛି। ସେମାନଙ୍କୁ ୨ ଲକ୍ଷ ଟଙ୍କା ଲେଖାଏ ବ୍ୟକ୍ତିଗତ ମୁଚାଲିକା ସହିତ ଦୁଇଟି ସିଓରିଟି ବଣ୍ଡ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଦୁର୍ନୀତି ସମ୍ପର୍କରେ ଗଣମାଧ୍ୟମକୁ ସାକ୍ଷାତକାର ନ ଦେବା ଏବଂ ତଦନ୍ତରେ ହସ୍ତକ୍ଷେପ ନ କରିବାକୁ କୁହାଯାଇଛି। ସର୍ତ୍ତର ଖିଲାପ ହେଲେ ଜାମିନ ରଦ୍ଦ ହେବ ବୋଲି ହାଇକୋର୍ଟ କହିଛନ୍ତି। ଗତ ୧୭ ତାରିଖରେ ସିବିଆଇ ସେମାନଙ୍କୁ ଗିରଫ କରିବା ପରେ ୧୯ ତାରିଖରୁ ଗୃହବନ୍ଦୀ ରଖାଯାଇଥିଲା। ଖଣ୍ଡପୀଠରେ ଅନ୍ତରୀଣ ଜାମିନ ଆବେଦନର ଶୁଣାଣି ବେଳେ ମତପାର୍ଥକ୍ୟ ଦେଖାଦେବାରୁ ଏହାକୁ ବୃହତ୍ତର ବେଞ୍ଚକୁ ପଠାଯାଇଥିଲା।

### ଡ୍ରଗ୍ସ ମାମଲାରେ ସିଦ୍ଧାର୍ଥ ପିଠାନି ଗିରଫ



**ମୁମ୍ବାଇ, ୨୮।୫:** ବଲିଉଡ୍ ଅଭିନେତା ସୁଶାନ୍ତ ସିଂ ରାଜପୁତ୍‌ଙ୍କ ରହସ୍ୟମୟ ମୃତ୍ୟୁ ଘଟଣା ପଛରେ ଥିବା ଡ୍ରଗ୍ସ କାରବାର ଷଡ଼ଯନ୍ତ୍ର ମାମଲାରେ ଶୁକ୍ରବାର ସିଦ୍ଧାର୍ଥ ପିଠାନିଙ୍କୁ ଗିରଫ କରାଯାଇଛି। ନିଶା କାରବାର ମାମଲାର ତଦନ୍ତ କରୁଥିବା ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ସୁଶାନ୍ତଙ୍କ ବନ୍ଧୁ ସିଦ୍ଧାର୍ଥଙ୍କୁ ହାଇଦ୍ରାବାଦରୁ ଗିରଫ କରି ମୁମ୍ବାଇ ଆଣିଛି। ବାନ୍ଦ୍ରା ଫ୍ଲାଟ୍‌ରେ ଉଭୟ ଏକାଠି ରହୁଥିଲେ। ଗତବର୍ଷ ଜୁନ୍ ୧୪ରେ ସୁଶାନ୍ତ ଗଳାରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ସେ ପ୍ରଥମେ ଦେଖିଥିଲେ।

### ହସ୍ପିଟାଲରେ ରହିବେ ଷ୍ଟାନ୍ ସ୍ୱାମୀ: ହାଇକୋର୍ଟ



**ମୁମ୍ବାଇ, ୨୮।୫:** ଏଲ୍‌ଗାର ପରିଷଦ-ମାଓବାଦୀ ଲିଙ୍କ୍ ମାମଲାରେ ଅଭିଯୁକ୍ତ ଥିବା ୮୪ ବର୍ଷୀୟ ପୂଜକ ତଥା କର୍ମୀ ଷ୍ଟାନ୍ ସ୍ୱାମୀଙ୍କୁ ଚିକିତ୍ସା ପାଇଁ ଜେଲ୍‌ରୁ ତୁରନ୍ତ ଏକ ଘରୋଇ ହସ୍ପିଟାଲକୁ ପଠାଇବା ଲାଗି ବମ୍ବେ ହାଇକୋର୍ଟ ଶୁକ୍ରବାର ମହାରାଷ୍ଟ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତାଲୋଜା ଜେଲ୍‌ରେ ଥିବା ଷ୍ଟାନ୍‌ଙ୍କୁ ୧୫ ଦିନ ଚିକିତ୍ସା ନିମନ୍ତେ ବାନ୍ଦ୍ରାସ୍ଥିତ ହୋଲି ଫାମିଲି ହସ୍ପିଟାଲ ପଠାଇବାକୁ ଜଷ୍ଟିସ୍ ଏସ୍.ଏସ୍. ସିନ୍ଦେ ଏବଂ ଏନ୍.ଆର୍. ବୋର୍‌କାରଙ୍କ ଖଣ୍ଡପୀଠ କହିଛନ୍ତି। ଏନେଇ ଜେଲ୍ କର୍ତ୍ତୃପକ୍ଷ ବ୍ୟବସ୍ଥା କରିବା ଲାଗି କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଷ୍ଟାନ୍ ନିଜ ଖର୍ଚ୍ଚରେ ଉକ୍ତ ହସ୍ପିଟାଲରେ ଚିକିତ୍ସିତ ହେବେ।

## 'ଜନ୍ ୱିକ୍'ରେ ରିନା ସ୍ୱୟଂମା



ଜାପାନରେ ଜନ୍ମିତ ବ୍ରିଟିଶ୍ ପପ୍ ସୁପରଷ୍ଟାର ରିନା ସ୍ୱୟଂମା ଗୀତ ଗାଇବା ପରେ ଏବେ ଅଭିନୟ ଜଗତରେ ପାଦ ଥାପିଛନ୍ତି। ତାଙ୍କୁ କେଆନୁ ରିଭେସ୍ ଷ୍ଟାରର୍ 'ଜନ୍ ୱିକ୍: ଚାପ୍ଟର ୪'ରେ ଦେଖିବାକୁ ମିଳିବ। ଏହି ସିରିଜ୍‌ର ପୂର୍ବ ୩ଟି ଚାପ୍ଟର ୨୦୧୪, ୨୦୧୭ ଓ ୨୦୧୯ରେ ରିଲିଜ୍ ହୋଇଥିଲା। ନୂଆ ଫିଲ୍ମରେ ରିନା କେଉଁ ଭୂମିକାରେ ଡେବ୍ୟୁ କରିବେ ତାହା ଗୋପନ ରଖାଯାଇଛି। ଲଣ୍ଡନର କେମ୍ବ୍ରିଜ୍ ୟୁନିଭର୍ସିଟିରେ ରାଜନୀତି, ମନସ୍ତତ୍ତ୍ୱ ଓ ସମାଜବିଜ୍ଞାନରେ ପାଠ ପଢ଼ିବାବେଳେ ଏହି ପପ୍ ଗାୟିକା ଚର୍ଚ୍ଚାକୁ ଆସିଥିଲେ। ଗୀତ ଗାଇବା ପୂର୍ବରୁ ସେ ମଡେଲିଂ ମଧ୍ୟ କରୁଥିଲେ। 'ଜନ୍ ୱିକ୍: ଚାପ୍ଟର ୪'ର ପ୍ରଯୋଜନା ବାସିଲ ଇୱାୟକ୍, ଏରିକା ଲି ଏବଂ ଷ୍ଟାହେଲ୍‌ସ୍କି କରିଛନ୍ତି। ଫ୍ରାନ୍ସ, ଜର୍ମାନୀ ଓ ଜାପାନରେ ଏହାର ଶୁଟିଂ କରାଯିବ ବୋଲି ପ୍ରଡକ୍ସନ ହାଉସ୍ ପକ୍ଷରୁ କୁହାଯାଇଛି।

## କୋଭିଡ୍ ପାଇଁ ମାସେ ଘୁଞ୍ଚିଲା ଓସ୍କାର



କୋଭିଡ୍ ମହାମାରୀ କାରଣରୁ ଓସ୍କାର ଫିଲ୍ମୋତ୍ସବ-୨୦୨୨କୁ ଗୋଟିଏ ମାସ ଘୁଞ୍ଚାଇ ଦିଆଯାଇଛି। ଏକାଡେମୀ ଅଫ୍ ମୋଶନ ପିକ୍‌ଚର ଆର୍ଟ୍ସ ଆଣ୍ଡ୍ ସାଇନ୍ସ (ଏଏମ୍‌ପିଏଏସ୍) ଏହି ନିଷ୍ପତ୍ତି ନେଇଛି। ଏହି ପୁରସ୍କାର ବିତରଣୀ ଉତ୍ସବ ୨୦୨୨ ଫେବୃୟାରୀ ୨୭ରେ ହେବାକୁ ପୂର୍ବରୁ ସ୍ଥିର ହୋଇଥିଲା। ଏବେ ଏହାକୁ ମାର୍ଚ୍ଚ ୨୭ରେ କରିବା ପାଇଁ ଏଏମ୍‌ପିଏଏସ୍ ନିଷ୍ପତ୍ତି ନେଇଥିବା ଏକ ବିବୃତିରେ କୁହାଯାଇଛି। ଏହି ଏକାଡେମୀ ପୁରସ୍କାର ବିବେଚନା ପାଇଁ ଯୋଗ୍ୟତା ସମୟସୀମା ଡିସେମ୍ବର ୩୧ ରଖାଯାଇଛି। ମହାମାରୀ ପାଇଁ ପୂର୍ବ ଏଡିଶନରେ ଯୋଗ୍ୟତା ସମୟସୀମା ୨୦୨୧ ଫେବୃୟାରୀ ୨୮ ରଖାଯାଇଥିଲା। ଫଳରେ 'ଦି ୟୁନାଇଟେଡ୍ ଷ୍ଟେଟ୍ସ ଭର୍ସେସ ବିଲି ହଲିଡେ' ଏବଂ 'ଜୁଡାସ୍ ଆଣ୍ଡ ଦି ବ୍ଲାକ୍ ମେସିହା' ଚଳଚ୍ଚିତ୍ର ପୁରସ୍କାର ଚୟନ ପ୍ରକ୍ରିୟାରେ ସାମିଲ ହୋଇପାରି ନ ଥିଲେ।

# ୪୪ ଦିନରେ ସର୍ବନିମ୍ନ ସଂକ୍ରମଣ

## କଣ୍ଟେନମେଣ୍ଟ କଟକଣା ଜାରି ରଖ: ରାଜ୍ୟଗୁଡ଼ିକୁ କେନ୍ଦ୍ରର ପରାମର୍ଶ

ନୂଆଦିଲ୍ଲୀ, ୨୮।୫(ପି.ଟି.)



ପ୍ରୟାଗରାଜର ଏକ ରେଳଷ୍ଟେଶନରେ ଜଣେ ମହିଳାଙ୍କୁ କୋଭିଡ୍ ଟିକା ଦିଆଯାଉଛି।

ଭାରତରେ ଦୈନିକ କରୋନା ସଂକ୍ରମଣ ଚଳିତ ମାସରେ ଦ୍ୱିତୀୟ ଥର ପାଇଁ ୨ ଲକ୍ଷରୁ କମ୍ ରହିଛି। ଶୁକ୍ରବାର ସକାଳ ସୁଦ୍ଧା ୨୪ ଘଣ୍ଟା ମଧ୍ୟରେ ୧,୮୬,୩୬୪ ପଜିଟିଭ୍ ଚିହ୍ନଟ ହୋଇଛନ୍ତି, ଯାହାକି ଗତ ୪୪ ଦିନ ମଧ୍ୟରେ ସର୍ବନିମ୍ନ। ଗତ ୨୫ ତାରିଖରେ ଦୈନିକ ସଂକ୍ରମଣ ୨ ଲକ୍ଷରୁ କମ୍ ଥିଲା। କ୍ରମାଗତ ୧୫ ଦିନ ହେଲା ସଂକ୍ରମଣ ତୁଳନାରେ ଆରୋଗ୍ୟ ହାର ଅଧିକ ରହିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ଦେଶରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨,୭୫,୫୫,୪୫୭ରେ ପହଞ୍ଚିଥିବାବେଳେ ମୃତ୍ୟୁସଂଖ୍ୟା ୩,୧୮,୮୯୫ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ୩,୬୬୦ କରୋନାରେ ଆଖି ବୁଜିଛନ୍ତି। ଗୁରୁବାର ୨୦,୭୦,୫୦୮ ଜଣ କୋଭିଡ୍ ପରୀକ୍ଷା କରାଇଥିଲେ। ଦୈନିକ ପଜିଟିଭିଟି ହାର ୯ ପ୍ରତିଶତକୁ ହ୍ରାସ ପାଇଛି ଓ ସାପ୍ତାହିକ ପଜିଟିଭିଟି ହାର ୧୦.୪୨ ପ୍ରତିଶତ ରହିଛି। ସକ୍ରିୟ ମାମଲା ସଂଖ୍ୟା ୨୩,୪୩,୧୫୨କୁ ଖସିଆସିଛି, ଯାହା କି ମୋଟ ସଂକ୍ରମଣର ୮.୫୦ ପ୍ରତିଶତ।

କରୋନା ସଂକ୍ରମଣ ରୋକିବା ଲାଗି କଣ୍ଟେନମେଣ୍ଟ କଟକଣା ଜାରି ରଖିବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ନିର୍ଦ୍ଦିଷ୍ଟ ଅଞ୍ଚଳର ସ୍ଥିତିକୁ ଆକଳନ କରି ପର୍ଯ୍ୟାୟକ୍ରମେ କଟକଣା କୋହଳ କରିବା ଲାଗି ଅନୁମତି ଦିଆଯାଇଛି। ଆସନ୍ତା ମାସ ୩୦ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ କଟକଣା ବଢ଼ାଇବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପରାମର୍ଶ ଦେଇଥିବା ସ୍ୱରାଷ୍ଟ୍ର ସଚିବ ଅଜୟ ଭାଲ୍ଲା ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ପତ୍ର ଲେଖି ଜଣାଇ ଦେଇଛନ୍ତି। କଟକଣା କଡ଼ାକଡ଼ି କରାଯିବା ସହ ଅନ୍ୟାନ୍ୟ ପଦକ୍ଷେପ ଯୋଗୁ ଦେଶରେ ନୂଆ ସଂକ୍ରମଣ ହ୍ରାସ ପାଇବା ସହ ସକ୍ରିୟ ମାମଲା କମିଛି। ତେବେ ଦକ୍ଷିଣ ଭାରତର କେତେକ ଅଞ୍ଚଳ ଓ ଉତ୍ତରପୂର୍ବାଞ୍ଚଳରେ ଏବେ ବି ସଂକ୍ରମଣ ବଢ଼ିଚାଲିଛି। ସଂଖ୍ୟା କମିଥିଲେ ମଧ୍ୟ ଏବେ ବି ସକ୍ରିୟ ମାମଲା ଯଥେଷ୍ଟ ଅଧିକ ରହିଛି। ତେଣୁ କଣ୍ଟେନମେଣ୍ଟ ପଦକ୍ଷେପ ଉପରେ ଗୁରୁତ୍ୱ ଦେଇ ଏହାକୁ କଡ଼ାକଡ଼ି ପାଳନ କରିବା ନିମନ୍ତେ ଭାଲ୍ଲା ପରାମର୍ଶ ଦେଇଛନ୍ତି।

### ୩୧ରୁ ଦିଲ୍ଲୀ ଅନ୍‌ଲକ୍ ଆରମ୍ଭ

ସଂକ୍ରମଣ ରୋକିବା ପାଇଁ ଦିଲ୍ଲୀ ପାଖାପାଖି ଦେଢ଼ ମାସ ହେଲା ଲକ୍‌ଡାଉନରେ ରହିଛି। ଏବେ ସଂକ୍ରମଣ କ୍ରମାଗତ ଭାବେ ହ୍ରାସ ପାଇ ଚାଲିଥିବାରୁ ସୋମବାରଠାରୁ ଜାତୀୟ ରାଜଧାନୀରେ ଅନ୍‌ଲକ୍ ପ୍ରକ୍ରିୟା ପର୍ଯ୍ୟାୟକ୍ରମେ ଆରମ୍ଭ ହେବାକୁ ଯାଉଛି। ଶୁକ୍ରବାର ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ଏହା ଘୋଷଣା କରିଛନ୍ତି। ୩୧ରୁ କଳକାରଖାନା ଚାଲିବା ସହ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ। ଗତ ଏପ୍ରିଲରେ ଦିଲ୍ଲୀରେ ଦୈନିକ ସଂକ୍ରମଣ ୨୫,୦୦୦ ଟପିବା ପରେ ସରକାର ସେହି ମାସ ୧୯ରୁ ଲକ୍‌ଡାଉନ ଆରମ୍ଭ କରିଥିଲେ। ଗତ ସପ୍ତାହରେ ଏହାକୁ ମେ' ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ସୋମବାର ସକାଳ ୫ଟାରେ ଏହି ସମୟସୀମା ଶେଷ ହେବା ପରେ ଅନ୍‌ଲକ୍ ପ୍ରକ୍ରିୟା ଆରମ୍ଭ ହେବ। ଦିଲ୍ଲୀରେ ପଜିଟିଭିଟି ହାର ୧.୫ ପ୍ରତିଶତକୁ ହ୍ରାସ ପାଇଥିବା କେଜ୍‌ରିୱାଲ କହିଛନ୍ତି।

## ଭାରତର ସମର୍ଥନ, ନିନ୍ଦା କଲା ଚାଇନା




ନୂଆଦିଲ୍ଲୀ/ୱାଶିଂଟନ,୨୮।୫

### କରୋନା ଉତ୍ପତ୍ତିର ଖୋଳତାଡ଼

ମହାମାରୀ କରୋନା ସଂକ୍ରମଣକୁ ବର୍ଷେରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଏହି ଘାତକ ଭୂତାଣୁର ଉତ୍ପତ୍ତିକୁ ନେଇ ବୈଜ୍ଞାନିକମାନେ କୌଣସି ନିଷ୍କର୍ଷରେ ପହଞ୍ଚିପାରି ନାହାନ୍ତି। ଚାଇନାର ଉହାନ ସହରସ୍ଥିତ ଏକ ଲାବ୍‌ରୁ ନୋଭେଲ କରୋନା ଭାଇରସ୍ ସୃଷ୍ଟି ହୋଇଥିବା ଅନେକେ କହୁଛନ୍ତି। ତେବେ ଏହି ଥିଓରିକୁ ସାବ୍ୟସ୍ତ କରିବା ଭଳି କୌଣସି ପ୍ରାମାଣିକ ତଥ୍ୟ ହସ୍ତଗତ ହୋଇନାହିଁ। ଫଳରେ ଘାତକ କୋଭିଡ୍-୧୯ର ଜନ୍ମ ଏବେ ବି ରହସ୍ୟାବୃତ ହୋଇ ରହିଛି। ଅନ୍ୟପକ୍ଷରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏହାକୁ ନେଇ ତଦନ୍ତ ତ୍ୱରାନ୍ୱିତ କରିବା ଲାଗି ନିର୍ଦ୍ଦେଶ ଦେବା ପରେ ଚାଇନା କଡ଼ା ବିରୋଧ କରିଛି।

ବର୍ଷେ ପୂର୍ବରୁ ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କରୋନାକୁ ଚାଇନା ଭାଇରସ୍ କହି ତାଚ୍ଛଲ୍ୟ କରୁଥିଲେ। ରାଷ୍ଟ୍ରପତି ନିର୍ବାଚନରେ ଟ୍ରମ୍ପ୍‌ଙ୍କ ପରାଜୟର ଅନ୍ୟତମ କାରଣ ରୂପେ କୋଭିଡ୍ ମୁକାବିଲାରେ ତାଙ୍କ ବିଫଳତାକୁ ଦାୟୀ କରାଯାଇଥାଏ। ଟ୍ରମ୍ପ୍ ନିଜ ବିଫଳତା ଲୁଚାଇବା ପାଇଁ ଚାଇନା ବେକରେ ଘଣ୍ଟି ବାନ୍ଧିବାକୁ ଉଦ୍ୟମ କରିଥିବା ବେଜିଂ କହିଛି। ଏବେ ରାଷ୍ଟ୍ରପତି ବାଇଡେନ୍ ମଧ୍ୟ ଚାଇନାରୁ ଏହି ଭାଇରସ୍‌ର ଉତ୍ପତ୍ତି ହୋଇଥିବା ସନ୍ଦେହ କରୁଛନ୍ତି। କାରଣ ୨୦୧୯ ନଭେମ୍ବରରେ ଉହାନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜିର ଅନେକ ଗବେଷକ ଅସୁସ୍ଥ ହୋଇପଡ଼ିଥିବା ନେଇ ଏକ ଗୋଇନ୍ଦା ରିପୋର୍ଟ ପ୍ରକାଶ ପାଇଛି। ଚାରିଆଡୁ ଚାପ ବଢ଼ିବା ପରେ ବାଇଡେନ୍ ଗୋଇନ୍ଦା ଅଧିକାରୀମାନଙ୍କୁ ଜୋର୍‌ଦାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ ଚାଇନା ବହିର୍ବ୍ୟାପାର ମୁଖପାତ୍ର ଝାଓ ଲିଜିଆନ୍ ଶୁକ୍ରବାର କହିଛନ୍ତି, ଆମେରିକା ତଥ୍ୟ ଓ ସତ ସମ୍ପର୍କରେ କହି ନ ଥାଏ। ଏପରି କି ଗମ୍ଭୀର ବୈଜ୍ଞାନିକ ଅଧ୍ୟୟନ ଉପରେ ମଧ୍ୟ ଏହାର ଆଗ୍ରହ ନାହିଁ। ଆମେରିକାର କେବଳ ଗୋଟିଏ ଲକ୍ଷ୍ୟ, ତାହା ହେଉଛି ମହାମାରୀକୁ ନେଇ ରାଜନୀତି ଓ ଦୋଷାରୋପ କରିବା। ଅନ୍ୟପକ୍ଷରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଦ୍ୱାରା କରୋନା ଭାଇରସ୍‌ର ଉତ୍ପତ୍ତି ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ ନେଇ ବିଶ୍ୱବ୍ୟାପୀ ହେଉଥିବା ଦାବିକୁ ଭାରତ ସମର୍ଥନ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅରିନ୍ଦମ ବାଗ୍‌ଚୀ କହିଛନ୍ତି, ଡବ୍ଲ୍ୟୁଏଚ୍‌ଓ ରିପୋର୍ଟକୁ ନେଇ ଫଲୋଅପ୍ କରାଯିବା ଆବଶ୍ୟକ। ଚୂଡ଼ାନ୍ତ ନିଷ୍କର୍ଷରେ ପହଞ୍ଚିବା ପାଇଁ ଅଧିକ ଗବେଷଣା ସକାଶେ ସମସ୍ତଙ୍କ ସହଯୋଗ ଜରୁରୀ।

## କେନ୍ଦ୍ରକୁ ୨୦ ହଜାର କୋଟି ମାଗିଲେ ମମତା

**କୋଲକାତା,୨୮।୫:** ସାମୁଦ୍ରିକ ଝଡ଼ 'ୟାସ୍' ପ୍ରଭାବରେ କ୍ଷତିଗ୍ରସ୍ତ ପଶ୍ଚିମବଙ୍ଗ ପାଇଁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଶୁକ୍ରବାର ୨୦ ହଜାର କୋଟି ଟଙ୍କାର କେନ୍ଦ୍ରୀୟ ସହାୟତା ଦାବି କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆକାଶମାର୍ଗରୁ ବାତ୍ୟା କ୍ଷୟକ୍ଷତି ଅନୁଧ୍ୟାନ କରିବା ପରେ ମମତା ତାଙ୍କ ଆଗରେ ରିପୋର୍ଟ ଉପସ୍ଥାପନ କରି ରାଜ୍ୟର ପୁନଃ ବିକାଶ ନିମନ୍ତେ ଏହି ଦାବି ରଖିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ପଶ୍ଚିମବଙ୍ଗରେ ବାତ୍ୟା ପରବର୍ତ୍ତୀ ସ୍ଥିତିର ସମୀକ୍ଷା କରିଛନ୍ତି। ପଶ୍ଚିମବଙ୍ଗର ଉପକୂଳ ଜିଲାଗୁଡ଼ିକରେ ୟାସ୍ ବ୍ୟାପକ କ୍ଷତି ଘଟାଇଥିବା ଦର୍ଶାଇ ମମତା କେନ୍ଦ୍ର ସରକାରଙ୍କୁ ୨୦,୦୦୦ କୋଟି ଟଙ୍କା ସହାୟତା ଦେବାକୁ କହିଛନ୍ତି। ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ୧୫ ମିନିଟ ଧରି ଆଲୋଚନା ହୋଇଥିଲା। ଇତିମଧ୍ୟରେ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡକୁ ରିଲିଫ୍ କାର୍ଯ୍ୟ ପାଇଁ ତତ୍କାଳ ୫୦୦ କୋଟି ଟଙ୍କା ଆର୍ଥିକ ସହାୟତା ଦିଆଯାଇଥିବା ପିଏମ୍‌ଓ ପକ୍ଷରୁ ସୂଚନା ଦିଆଯାଇଛି।




ବାରାଣସୀ ବିମାନବନ୍ଦରରେ ଥିବା ସ୍ପାଇସ୍‌ଜେଟ୍‌ର ଏକ ବିମାନରେ ବଲିଉଡ୍ ଅଭିନେତା ସୋନୁ ସୁଦ୍‌ଙ୍କ ଫଟୋ ରହିଛି। କୋଭିଡ୍-୧୯ ଲକ୍‌ଡାଉନ୍ ବେଳେ ସୋନୁଙ୍କ ସମାଜ ସେବାକୁ ସମ୍ମାନ ଜଣାଇ ସ୍ପାଇସ୍‌ଜେଟ୍ ଏପରି କରିଛି।

## ଫେରାର ବେଳେ ୨ ଅଭିଯୁକ୍ତଙ୍କୁ ଗୁଳି

ବେଙ୍ଗାଲୁରୁ,୨୮।୫

### ବେଙ୍ଗାଲୁରୁ ଗଣବଳାତ୍କାର



କର୍ଣ୍ଣାଟକ ରାଜଧାନୀ ବେଙ୍ଗାଲୁରୁରେ ଏକ ଗଣବଳାତ୍କାର ମାମଲାରେ ୬ ବାଂଲାଦେଶୀ ଗିରଫ ହୋଇଥିଲେ। ଶୁକ୍ରବାର ପୋଲିସ କ୍ରାଇମ୍ ସିନ୍ ରିକ୍ରିଏଟ୍ ପାଇଁ ଅଭିଯୁକ୍ତମାନଙ୍କୁ ସେମାନେ ରହୁଥିବା ଏକ ଭଡ଼ାଘରକୁ ନେଇଥିଲା। ଏହି ସମୟରେ ସେମାନଙ୍କ ମଧ୍ୟରୁ ୨ ଅଭିଯୁକ୍ତ ପୋଲିସକୁ ଆକ୍ରମଣ କରି ଫେରାର ହେବା ପାଇଁ ଉଦ୍ୟମ କରିଥିଲେ। ପୋଲିସ ସେମାନଙ୍କ ଉପରକୁ ଗୁଳି ଚଳାଇଛି। ଦୁହିଁଙ୍କ ଗୋଡ଼ରେ ଗୁଳି ବାଜିଛି। ଅଭିଯୁକ୍ତ ଦ୍ୱୟ ହେଲେ ହୃଦୟ ଓ ସାଗର। ଉଭୟଙ୍କ ବୟସ ପ୍ରାୟ ୨୦ ବର୍ଷ ହେବ। ପୋଲିସ ଦୁଇଜଣଙ୍କୁ ଧରି ଚିକିତ୍ସା ପାଇଁ ଏକ ସରକାରୀ ହସ୍ପିଟାଲରେ ଭର୍ତ୍ତି କରିଛି।

ପ୍ରକାଶ ଯେ, ବେଙ୍ଗାଲୁରୁ ପୋଲିସ ଗୁରୁବାର ରାମମୂର୍ତ୍ତିନଗରରେ ୬ ବେଆଇନ ବାଂଲାଦେଶୀ ପ୍ରବାସୀଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରେ ୪ ପୁରୁଷ ଓ ୨ ଜଣ ମହିଳା ଅଛନ୍ତି। ୪ ପୁରୁଷ ଜଣେ ଯୁବତୀଙ୍କୁ ବଳାତ୍କାର ପରେ ଅତି ନିର୍ମମ ଭାବେ ଆକ୍ରମଣ କରିବାବେଳର ଦୃଶ୍ୟ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଭିଡିଓ କ୍ଲିପ୍ ଆଧାରରେ ପୋଲିସ ତଦନ୍ତ ଚଳାଇଥିବାବେଳେ ୪ ପୁରୁଷ ଅଭିଯୁକ୍ତ ଫେରାର ହେବାକୁ ଉଦ୍ୟମ କରିଥିଲେ। ପୀଡ଼ିତା ଜଣକ ଏକ ପଡ଼ୋଶୀ ରାଜ୍ୟରେ ଅଛନ୍ତି। ତଦନ୍ତ ଆଗକୁ ବଢ଼ାଇବା ପାଇଁ ପୋଲିସ ତାଙ୍କୁ ଠାବ କରିବା ଲାଗି ବାହାରିଛି। ପୀଡ଼ିତା ମଧ୍ୟ ଜଣେ ବାଂଲାଦେଶୀ। ତାଙ୍କୁ ଚାଲାଣ କରି ଭାରତକୁ ଅଣାଯାଇଥିଲା। ଟଙ୍କା ଭାଗବଣ୍ଟାକୁ ନେଇ ସେମାନଙ୍କ ମଧ୍ୟରେ ବିବାଦ ହେବାରୁ ସେମାନେ ତାଙ୍କୁ ବଳାତ୍କାର କରି ମାଡ଼ ମାରିଥିଲେ। ଏପରି କି ଏକ କାଚ ବୋତଲ ତାଙ୍କ ସମ୍ବେଦନଶୀଳ ଅଙ୍ଗରେ ପୂରାଇଦେଇଥିଲେ। ଏସବୁ ଦୃଶ୍ୟକୁ ଗ୍ୟାଙ୍ଗ୍‌ର ଜଣେ ସଦସ୍ୟ ମୋବାଇଲ କ୍ୟାମେରାରେ କଏଦ୍ କରିଥିଲେ, ଯିଏକି ଏବେ ପୋଲିସ ହାଜତରେ ଅଛନ୍ତି। ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପା ଏହାକୁ ଅତ୍ୟନ୍ତ ଅମାନବୀୟ କାଣ୍ଡ ଭାବେ ଅଭିହିତ କରିଛନ୍ତି।

## କୋଭିଡ୍‌ରେ ଅନାଥ ଶିଶୁଙ୍କୁ ସହାୟତା ଦିଅ

ନୂଆଦିଲ୍ଲୀ, ୨୮।୫

### ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

### ୩୦ ସୁଦ୍ଧା ଏନ୍‌ସିପିସିଆର୍ ୱେବ୍‌ସାଇଟ୍‌ରେ ତଥ୍ୟ ଅପ୍‌ଲୋଡ୍ କର



କରୋନା ମହାମାରୀ ଦେଶରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନେଲାଣି। ଫଳରେ କେତେ ପିଲା ଯେ ସେମାନଙ୍କ ମାଆବାପାଙ୍କୁ ହରାଇ ଅନାଥ ହୋଇଛନ୍ତି, ତାହା କଳ୍ପନା କରାଯାଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତୁରନ୍ତ ଅନାଥ ଶିଶୁମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ସର୍ବୋଚ୍ଚ ଅଦାଲତ ରାଜ୍ୟ ସରକାରମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାମାରୀରେ ମାଆବାପାଙ୍କୁ ହରାଇ ରାସ୍ତାରେ ଖାଲି ପେଟରେ ବୁଲୁଥିବା ପିଲାମାନଙ୍କ ଯନ୍ତ୍ରଣାକୁ ହୃଦୟଙ୍ଗମ କର ଏବଂ କାଳ ବିଳମ୍ବ ନ କରି ତୁରନ୍ତ ସେମାନଙ୍କ ଯତ୍ନ ନେବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦିଅ ବୋଲି ରାଜ୍ୟ ସରକାରଙ୍କୁ ସର୍ବୋଚ୍ଚ ଅଦାଲତ କହିଛନ୍ତି।

ଜିଲା ପ୍ରଶାସନଗୁଡ଼ିକ ସେମାନଙ୍କ ଅଞ୍ଚଳରେ ଥିବା ଅନାଥ ଶିଶୁଙ୍କୁ ଚିହ୍ନଟ କରି ସେମାନଙ୍କ ବିବରଣୀ ଜାତୀୟ ଶିଶୁ ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ୱେବ୍‌ସାଇଟରେ ଶନିବାର ସନ୍ଧ୍ୟା ସୁଦ୍ଧା ଅପ୍‌ଲୋଡ୍ କରିବା ଲାଗି ବିଚାରପତି ଏଲ୍.ଏନ୍. ରାଓ ଏବଂ ଅନିରୁଦ୍ଧ ବୋଷଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ଅନାଥ ଶିଶୁଙ୍କୁ ଚିହ୍ନଟ କରି ସହାୟତା ଯୋଗାଇବା ପାଇଁ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେବା ଲାଗି ଆମିକସ୍ କ୍ୟୁରି ଗୌରବ ଅଗ୍ରୱାଲ୍ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଅନାଥ ଶିଶୁମାନଙ୍କର ସ୍ଥିତି କ'ଣ ଏବଂ ସେମାନଙ୍କୁ ତୁରନ୍ତ ସହାୟତା ଯୋଗାଇବା ଲାଗି ରାଜ୍ୟ ସରକାର କ'ଣ ପଦକ୍ଷେପ ନେଇଛନ୍ତି, ତାହା ରାଜ୍ୟ ସରକାର ଜଣାଇବାକୁ ଖଣ୍ଡପୀଠ କହିଛନ୍ତି।

ମହାରାଷ୍ଟ୍ରରେ ୨,୯୦୦ରୁ ଊର୍ଦ୍ଧ୍ୱ ଶିଶୁ ମହାମାରୀରେ ସେମାନଙ୍କ ମାଆ କିମ୍ବା ବାପା ଅଥବା ଉଭୟଙ୍କୁ ହରାଇଛନ୍ତି। ତେବେ ଦେଶରେ ପ୍ରକୃତରେ କେତେ ଶିଶୁ ଅନାଥ ହୋଇଛନ୍ତି, ତା'ର ପ୍ରକୃତ ସଂଖ୍ୟା କାହା ପାଖରେ ନାହିଁ ବୋଲି ଖଣ୍ଡପୀଠ କହିଥିଲେ। କାରୋନାରେ ମାଆବାପାଙ୍କୁ ହରାଇଥିବା ପିଲାମାନଙ୍କୁ ସୁରକ୍ଷା ଯୋଗାଇଦେବା ଲାଗି କେନ୍ଦ୍ର ସରକାର ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ଆଡଭାଇଜରି ଜାରି କରିଥିଲେ। ଏଭଳି ପିଲାମାନଙ୍କୁ ଚିହ୍ନଟ କରି ସହାୟତା ଯୋଗାଇଦେବା କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ବୋଲି ବାଳ ଅପରାଧ ଆଇନର ବିଭିନ୍ନ ଧାରାର ଉଦାହରଣ ଦେଇ ଖଣ୍ଡପୀଠ କହିଥିଲେ।

## କରୋନା ସଂକ୍ରମଣ ସ୍ଥିତି

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୬,୯୮,୮୯,୮୨୪ | ୩୫,୩୦,୩୪୪ | ୧୫,୧୬,୭୦,୬୧୧ |
| ଭାରତ | ୨,୭୭,୮୦,୬୧୯ | ୩,୨୧,୩୬୩ | ୨,୫୦,୭୬,୩୮୮ |
| ଓଡ଼ିଶା | ୭,୩୯,୯୫୫ | ୨୭୫୧(+୫୩) | ୬,୪୭,୧୩୩ |

ଶୁକ୍ରବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

### ସଂକ୍ଷେପରେ

## ୨-ଡିଜି ଦାମ୍ ୯୯୦ ଟଙ୍କା

ନୂଆଦିଲ୍ଲୀ, ୨୮।୫: ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ)ର ଗବେଷଣାଗାର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ନ୍ୟୁକ୍ଲିୟର ମେଡିସିନ୍ ଆଣ୍ଡ୍ ଆଲାଏଡ୍ ସାଇନ୍ସେସ୍ ଏବଂ ଡ. ରେଡ୍ଡିସ୍ ଲାବରେଟୋରିଜ୍ ମିଳିତ ଭାବେ ବିକଶିତ କରିଥିବା କୋଭିଡ୍ ଔଷଧ ୨-ଡେଓକ୍ସି-ଡି-ଗ୍ଲୁକୋଜ୍ (୨-ଡିଜି)ର ପ୍ରତି ପ୍ୟାକେଟ୍ ଦାମ୍ ୯୯୦ ଟଙ୍କା ରଖାଯାଇଛି। ଏହି ଔଷଧର ଜରୁରୀ ବ୍ୟବହାର ପାଇଁ ପୂର୍ବରୁ ଡିସିଜିଆଇ (ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ) ଅନୁମୋଦନ କରିଥିଲା। ଏହି ଔଷଧ ପାଉଡର ଆକାରରେ ଛୋଟ ପୁଡ଼ିଆରେ ଉପଲବ୍ଧ, ଯାହାକୁ ପାଣିରେ ଗୋଳାଇ କରୋନା ରୋଗୀଙ୍କୁ ଦିଆଯିବ। ଡ. ରେଡ୍ଡିସ୍ ଲାବରେଟୋରି ଉକ୍ତ ଔଷଧ ପୁଡ଼ିଆ ଦାମ୍ ୯୯୦ ଟଙ୍କା ଧାର୍ଯ୍ୟ କରିଛି। ତେବେ ସରକାରୀ ହସ୍ପିଟାଲ, କେନ୍ଦ୍ରୀୟ ଓ ରାଜ୍ୟ ସରକାରଙ୍କୁ ଉକ୍ତ ଔଷଧ ରିହାତି ଦରରେ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ୨-ଡିଜି ଭଲ ପ୍ରଭାବ ରହୁଥିବା ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଗୁରୁବାର କହିଥିଲେ। ଏହାର ୧୦,୦୦୦ ପୁଡ଼ିଆ ବଜାରକୁ ଛଡ଼ାଯାଇଛି। ମଧ୍ୟମରୁ ଗୁରୁତର କରୋନା ରୋଗୀଙ୍କୁ ୨-ଡିଜି ଏକ ସହାୟକ ଚିକିତ୍ସା ଭାବେ ଦିଆଯିବ।

## ବାତ୍ୟା କ୍ଷତିଗ୍ରସ୍ତଙ୍କୁ ସହାୟତା ଦେବାକୁ ଏସ୍‌ଆର୍‌ସିଙ୍କୁ କିଷାନ କଂଗ୍ରେସର ଦାବିପତ୍ର

ଭୁବନେଶ୍ୱର,୨୮।୫(ବ୍ୟୁରୋ): ବାତ୍ୟା, ପ୍ରବଳ ବର୍ଷା ଏବଂ ଜୁଆର ଯୋଗୁ ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଯାଜପୁର ଜିଲାରେ ଖରିଫ ଫସଲର ବ୍ୟାପକ କ୍ଷତି ଘଟିଛି। ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ାର କିଷାନ କଂଗ୍ରେସ କର୍ମକର୍ତ୍ତାଙ୍କ ଦ୍ୱାରା କ୍ଷୟକ୍ଷତି ଅନୁଧ୍ୟାନ କରାଯିବା ପରେ ଶୁକ୍ରବାର ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧକ୍ଷ ଅମିୟ ପଟ୍ଟନାୟକ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆରସି) ପ୍ରଦୀପ ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ଧାନ, ପନିପରିବା, ଫୁଲ, ଫଳ, ପାନଚାଷୀଙ୍କୁ ବିହନ, ପନିପରିବା ମିନିକିଟ୍ସ, ଅଣୁସାର ଓ ଚାରା ମାଗଣାରେ ଯୋଗାଇଦେବା ସହ ପ୍ରାକୃତିକ ବିପର୍ଯ୍ୟୟ ପାଣ୍ଠିରୁ ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ଦିଆଯାଉଥିବା କୃଷି ଇନ୍‌ପୁଟ୍ ସହାୟତାର ୨ ଗୁଣା ବୃଦ୍ଧି, ଗୃହପାଳିତ ପ୍ରାଣୀଙ୍କ ପାଇଁ ୭ଦିନ ମାଗଣା ଗୋ-ଖାଦ୍ୟ ଯୋଗାଣ, ଧାନବିହନ ପାଣିରେ ବୁଡ଼ି ରହିଥିବା ଅଞ୍ଚଳର ଚାଷୀମାନଙ୍କୁ ତୁରନ୍ତ ବିହନ, କ୍ଷତିଗ୍ରସ୍ତ ମତ୍ସ୍ୟଜୀବୀମାନଙ୍କୁ ଜାଲ, ଡଙ୍ଗା, ଅନ୍ୟାନ୍ୟ ସହାୟତା ଏବଂ ମତ୍ସ୍ୟଚାଷୀମାନଙ୍କୁ ମାଗଣାରେ ଉନ୍ନତ ମାଛ ଯାଆଁଳ ଓ କ୍ଷତିପୂରଣ ଯୋଗାଇ ଦେବାକୁ କିଷାନ କଂଗ୍ରେସ ଦାବିପତ୍ରରେ ଦର୍ଶାଇଛି।

## ଉମରକୋଟ ଏସ୍‌ଏନ୍‌ସିୟୁ ରାଜ୍ୟରେ ଶ୍ରେଷ୍ଠ

ଉମରକୋଟ,୨୮।୫(ସ୍ୱ.ପ୍ର.): ନବରଙ୍ଗପୁର ଜିଲା ଉମରକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନବଜାତ ଶିଶୁଙ୍କ ସ୍ୱତନ୍ତ୍ର ଯତ୍ନ ନିମନ୍ତେ ରହିଥିବା ସ୍ପେଶିଆଲ ନ୍ୟୁ ବର୍ନ କେୟାର ୟୁନିଟ୍ (ଏସ୍‌ଏନ୍‌ସିୟୁ) ସମଗ୍ର ରାଜ୍ୟରେ ଶ୍ରେଷ୍ଠ ବିବେଚିତ ହୋଇଛି। ୧୫ଟି ଦିଗରେ ଉନ୍ନତ ପ୍ରଦର୍ଶନକୁ ନେଇ ପ୍ରସ୍ତୁତ ତାଲିକାରେ ଉମରକୋଟ ଶୀର୍ଷରେ ରହିଥିବା ଶୁକ୍ରବାର ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ଏହି ସମୀକ୍ଷା ୩ ମାସରେ ଥରେ ହେଉଥିବାବେଳେ ଗତଥର ଉମରକୋଟ ଦ୍ୱିତୀୟ ସ୍ଥାନରେ ରହିଥିଲା। ୨୦୧୪ରେ ଉମରକୋଟଠାରେ ଆରମ୍ଭ ହୋଇଥିଲା ଏହି ଏସ୍‌ଏନ୍‌ସିୟୁ। ଉମରକୋଟ, ରାଇଘର, ଝରିଗାଁ, ଚନ୍ଦାହାଣ୍ଡି ବ୍ଲକର ଶିଶୁ ଚିକିତ୍ସା ଲାଗି ଏଠାକୁ ଆସିଥାଆନ୍ତି। ସ୍ପେଶିଆଲ ନ୍ୟୁ ବର୍ନ କେୟାର ୟୁନିଟ୍‌ରେ ୧୨ ଶଯ୍ୟା ରହିଥିଲେ ହେଁ ଦୈନିକ ୨୦ରୁ ଉର୍ଦ୍ଧ୍ୱ ଶିଶୁ ଭର୍ତ୍ତି ହେଉଛନ୍ତି। ଜଣ୍ଡିସ୍, ଅଳ୍ପ ଓଜନ, ଶ୍ୱାସକ୍ରିୟାଜନିତ ସମସ୍ୟା ଦେଖାଯାଉଥିବା ନବଜାତକଙ୍କୁ ଏଠାରେ ରଖି ଚିକିତ୍ସା କରାଯାଇଥାଏ। ଏଠାରେ ଶିଶୁଙ୍କ ପାଇଁ ଅମ୍ଳଜାନ, ୱାର୍ମର, ଫଟୋଥେରାପି ଆଦି ସମସ୍ତ ସୁବିଧା ରହିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ବିଭାଗରେ କଙ୍ଗାରୁ ମଦର କେୟାର ୟୁନିଟ୍ ମଧ୍ୟ ରହିଛି, ଯେଉଁଠାରେ ଥରକେ ୭ ମହିଳା ଶିଶୁଙ୍କୁ ସ୍ତନ୍ୟପାନ କରାଇପାରିବେ। ଏବେ ଏହି ଏସ୍‌ଏନ୍‌ସିୟୁରେ ୩ କରୋନା ସଂକ୍ରମିତ ଶିଶୁ ଚିକିତ୍ସାଧୀନ ଅଛନ୍ତି। ସ୍ୱତନ୍ତ୍ର ପ୍ରକୋଷ୍ଠରେ ରଖାଯାଇ ସେମାନଙ୍କ ଚିକିତ୍ସା ଚାଲିଥିବା ବିଭାଗୀୟ ମୁଖ୍ୟ ତଥା ବରିଷ୍ଠ ଶିଶୁରୋଗ ବିଶେଷଜ୍ଞ ଡା. ସନ୍ତୋଷ କୁମାର ପଣ୍ଡା କହିଛନ୍ତି। ଡାକ୍ତର ପଣ୍ଡା ଏବଂ ୧୦ ଷ୍ଟାଫ୍‌ନର୍ସଙ୍କ ନିଷ୍ଠାପର ସେବା ଲାଗି ଉପାନ୍ତ ଅଞ୍ଚଳର ଏହି ୟୁନିଟ ରାଜ୍ୟରେ ଆଦର୍ଶ ପାଲଟିଥିବା ବୁଦ୍ଧିଜୀବୀମାନେ କହିଛନ୍ତି।

# କରୋନା: ମୃତ୍ୟୁ ଭୟ ଘାରୁଛି

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

**ଆଉ ୭,୨୧୬ ପଜିଟିଭ୍ ଚିହ୍ନଟ, ୩୩ ମୃତ**
- ଟେଷ୍ଟିଂ କମିବାରୁ ପଜିଟିଭ୍ ସଂଖ୍ୟା କମିଲା
- ଲକ୍ଷେ ତଳକୁ ଖସିଲେ ସକ୍ରିୟ ସଂକ୍ରମିତ

କରୋନାର ଦ୍ୱିତୀୟ ଲହରରେ ଆସିଥିବା ନୂଆ ଷ୍ଟ୍ରେନ୍ ଦ୍ରୁତ ଗତିରେ ସଂକ୍ରମିତ ହେଉଥିବାବେଳେ ଅଧିକ ଘାତକ ସାଜୁଛି। ପ୍ରଥମ ଲହରରେ କେହି ଆକ୍ରାନ୍ତ ହେଲେ ସୁସ୍ଥ ହୋଇଯିବାର ଅଧିକ ଭରସା ରହୁଥିଲା। ହେଲେ ଏବେ ଆକ୍ରାନ୍ତଙ୍କୁ ମୃତ୍ୟୁ ଭୟ ଘାରୁଛି। ପରିବାର ଲୋକେ ମଧ୍ୟ ଅଧିକ ଚିନ୍ତିତ ରହୁଥିବା ଦେଖିବାକୁ ମିଳୁଛି। କିଛିଦିନ ହେବ ରାଜ୍ୟରେ ମୃତ୍ୟୁ ହାର ହୁହୁ ହୋଇ ବଢୁଥିବାରୁ ଏପରିସ୍ଥିତି ସୃଷ୍ଟି ହୋଇଛି। ରାଜ୍ୟର ବିଭିନ୍ନ ଶ୍ମଶାନରେ ଶବଦାହ ସ୍ଥିତିକୁ ଦେଖି ଲୋକେ ଆହୁରି ଆତଙ୍କିତ ହୋଇପଡୁଛନ୍ତି। କରୋନାରେ ଦୈନିକ ୩୦ରୁ ଉର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟୁଥିବା ସରକାରୀ ତଥ୍ୟ କହୁଥିବାବେଳେ ଏହି ସଂଖ୍ୟା ଢେର୍ ଅଧିକ ବୋଲି କୁହାଯାଉଛି। ଗତ ୨୪ ଘଣ୍ଟାରେ ମଧ୍ୟ ରାଜ୍ୟରେ ଆଉ ୩୩ଜଣଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ମୃତକଙ୍କ ମଧ୍ୟରେ ଅନୁଗୋଳରୁ ସର୍ବାଧିକ ୫ଜଣ ଥିବାବେଳେ ସୁନ୍ଦରଗଡ଼ରୁ ୪, ବୌଦ୍ଧ, କଳାହାଣ୍ଡି, କେନ୍ଦୁଝର, ଖୋର୍ଦ୍ଧାରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି ଗଜପତି, ଝାରସୁଗୁଡ଼ା, ରାୟଗଡ଼ା, କେନ୍ଦ୍ରାପଡ଼ା ଓ କୋରାପୁଟରୁ ୨ଜଣ ଲେଖାଏ, ଢେଙ୍କାନାଳ, ନବରଙ୍ଗପୁରରୁ ଜଣେ ଲେଖାଏ ରହିଛନ୍ତି। ଏମାନଙ୍କ ମଧ୍ୟରେ ୧୦ଜଣ ମହିଳା ଓ ୨୩ଜଣ ପୁରୁଷ ରହିଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ୨,୭୫୧କୁ ବୃଦ୍ଧି ପାଇଛି।

ଅନ୍ୟପକ୍ଷରେ ରାଜ୍ୟରେ ଗତ ଦୁଇଦିନ ହେବ ସଂକ୍ରମଣ ସଂଖ୍ୟା ୧୦ହଜାର ତଳକୁ ରହିଛି। ଟେଷ୍ଟ କମ୍ ହେଉଥିବାରୁ ପଜିଟିଭ୍ ସଂଖ୍ୟା କମିଥିବା ଜଣାପଡ଼ିଛି। ଦୁଇଦିନ ପୂର୍ବରୁ ରାଜ୍ୟରେ ଦୈନିକ ପ୍ରାୟ ୬୬ ହଜାର ଟେଷ୍ଟିଂ ହେଉଥିଲା ଏବଂ ସଂକ୍ରମଣ ସଂଖ୍ୟା ପ୍ରାୟ ୧୧ ହଜାର ରହୁଥିଲା। କିନ୍ତୁ ଗତ ଦୁଇଦିନ ହେବ ବାତ୍ୟା ପାଇଁ ବିଭିନ୍ନ ଜିଲାରେ ଟେଷ୍ଟିଂ କମାଇ ଦେଇଥିବାବେଳେ ଆଉ କେତେକ ଜିଲାରେ ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲା ସ୍ୱାସ୍ଥ୍ୟ ବିଭାଗ। ପ୍ରାୟ ୪୫ହଜାର ଟେଷ୍ଟିଂ କରାଯାଇଥିଲା। ଗତ ୨୪ ଘଣ୍ଟାରେ ମୋଟ ୪୩,୭୬୮ ନମୁନା ପରୀକ୍ଷା କରାଯାଇଥିବାବେଳେ ୭,୨୧୬ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଟକରେ ସର୍ବାଧିକ ୧,୦୯୧ଜଣ ରହିଥିବାବେଳେ ଖୋର୍ଦ୍ଧାରେ ୮୦୯, କେନ୍ଦ୍ରାପଡ଼ା ୪୮୭, ଢେଙ୍କାନାଳ ୪୨୮, ଅନୁଗୋଳରେ ୪୦୯ଜଣ ରହିଛନ୍ତି। ସେହିପରି ବରଗଡ଼ ୩୩୧, ରାୟଗଡ଼ା ଓ ଭଦ୍ରକରେ ୨୪୬ ଲେଖାଏ, ନବରଙ୍ଗପୁର ୨୪୨, ସମ୍ବଲପୁର ଓ ଯାଜପୁରରେ ୨୪୧ ଲେଖାଏ, କୋରାପୁଟ ୨୨୦, ବାଲେଶ୍ୱର ୨୧୫ଜଣ ଚିହ୍ନଟ ହୋଇଥିବାବେଳେ ବାକିସବୁ ଜିଲାରେ ସଂକ୍ରମଣ ସଂଖ୍ୟା ୨ଶହ ତଳକୁ ରହିଛି। ଏବେ ରାଜ୍ୟରେ ମୋଟ ସଂକ୍ରମଣ ୭,୩୯,୯୫୫କୁ ବୃଦ୍ଧି ପାଇଛି।

ସେପଟେ ରାଜ୍ୟରେ ସକ୍ରିୟ ରୋଗୀଙ୍କ ସଂଖ୍ୟା ଲକ୍ଷେ ତଳକୁ ଖସିଛି। ରାଜ୍ୟରୁ ଆଉ ୧୧,୯୫୪ ଆକ୍ରାନ୍ତ କରୋନାରୁ ସୁସ୍ଥ ହେବାରୁ ଆରୋଗ୍ୟ ସଂଖ୍ୟା ୬,୪୭,୧୩୩କୁ ବୃଦ୍ଧି ପାଇଛି। ବର୍ତ୍ତମାନ ସକ୍ରିୟ ରୋଗୀଙ୍କ ସଂଖ୍ୟା ୯୦,୧୧୮କୁ ଖସି ଆସିଛି। ବର୍ତ୍ତମାନ ରେଡ୍ ଜୋନ୍‌ରେ ୨୪ଟି ଓ ୟେଲୋ ଜୋନ୍‌ରେ ୬ଟି ଜିଲା ରହିଥିବା ସ୍ୱାସ୍ଥ୍ୟ ବିଭାଗର ତଥ୍ୟରୁ ଜଣାପଡିଛି।



ଚନ୍ଦନଯାତ୍ରାର ୧୪ତମ ଦିବସରେ ଶୁକ୍ରବାର ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଚାପଖେଳର ଦୃଶ୍ୟ।

## ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ୭ ଦିନ ଘୁଞ୍ଚିଲା

ଭୁବନେଶ୍ୱର,୨୮।୫(ବ୍ୟୁରୋ)

**ବିଶ୍ୱ ବଜାରରୁ କୋଭିଡ୍ ଟିକା କ୍ରୟ**

କରୋନା ଟିକା କିଣିବା ଲାଗି ଡକାଯାଇଥିବା ଗ୍ଲୋବାଲ ଟେଣ୍ଡରକୁ ରାଜ୍ୟ ସରକାର ଆଉ ଗୋଟିଏ ସପ୍ତାହ ପାଇଁ ଘୁଞ୍ଚାଇ ଦେଇଛନ୍ତି। ଶୁକ୍ରବାର ଟେଣ୍ଡର ଖୋଲିବା ପ୍ରକ୍ରିୟା ବନ୍ଦ କରାଯାଇଛି। ଫଳରେ ଆସନ୍ତା ଜୁନ୍ ୪କୁ ଏହା ଘୁଞ୍ଚାଇ ଦିଆଯାଇଛି। କୋଭିଡ୍ ମହାମାରୀରୁ ଲୋକମାନଙ୍କୁ ସୁରକ୍ଷା ଯୋଗାଇବା ପାଇଁ ରାଜ୍ୟ ସରକାର ବିଶ୍ୱ ବଜାରରୁ ଟିକା କିଣିବା ଲାଗି ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ଏଥିରେ ବିଦେଶର ଅନେକ ଟିକା ଉତ୍ପାଦନକାରୀ କମ୍ପାନୀ ଅଂଶଗ୍ରହଣ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ୧୧ଟାରେ ଟେକ୍ନିକାଲ୍ ବିଡ୍ ଖୋଲାଯିବାର ଥିଲା। ଏହା ପରେ ଫାଇନାନ୍ସିଆଲ୍ ବିଡ୍ ଖୋଲା ଯାଇଥାଆନ୍ତା। ହେଲେ ସରକାରଙ୍କ ପକ୍ଷରୁ ଏହାକୁ ଆଉ ୭ ଦିନ ପାଇଁ ଘୁଞ୍ଚାଇ ଦିଆଯାଇଛି। ଆସନ୍ତା ଜୁନ୍ ୪ ତାରିଖ ପୂର୍ବାହ୍ନ ୧୦ଟା ଯାଏ ଅନ୍‌ଲାଇନ ବିଡ୍ ଦାଖଲ କରାଯାଇ ପାରିବ। ୧୧ଟା ୩୦ ମିନିଟ୍‌ରେ ଟେକ୍ନିକାଲ ବିଡ୍ ଖୋଲାଯିବ। ଅପରାହ୍ନ ୫ଟାରେ ଟେଣ୍ଡର ମୂଲ୍ୟ ନିର୍ଦ୍ଧାରଣ ବିଡ୍ ଖୋଲାଯିବ।

ଦେଶରେ ଉତ୍ପାଦନ ହେଉଥିବା କୋଭାକ୍ସିନ ଓ କୋଭିଶିଲ୍ଡ ଆବଶ୍ୟକ ପରିମାଣର ମିଳି ପାରୁ ନ ଥିବାରୁ ଗ୍ଲୋବାଲ୍ ଟେଣ୍ଡର ଜରିଆରେ ରାଜ୍ୟ ସରକାର ଟିକା କିଣି ଲୋକଙ୍କୁ ଦେବା ଲାଗି ଯୋଜନା କରିଛନ୍ତି। ରାଜ୍ୟ ସରକାର ନିଜ ଖର୍ଚ୍ଚରେ ୧୮ରୁ ୪୪ ବର୍ଷର ଲୋକଙ୍କୁ ମାଗଣାରେ ଟିକା ଦେବେ ବୋଲି ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି। ସୂଚନାଯୋଗ୍ୟ ଯେ ମେ ୧୫ରେ ଓଡ଼ିଶା ଔଷଧ ନିଗମ(ଓଏମ୍‌ସି) ପକ୍ଷରୁ ୩.୮୦ କୋଟି କରୋନା ଟିକା କ୍ରୟ ପାଇଁ ଗ୍ଲୋବାଲ ଇ- ଟେଣ୍ଡର ଡକାଯାଇଛି।

## ଭାରତୀୟ ନାଗରିକତ୍ୱ ପାଇଁ ଅଣମୁସଲମାନ ଶରଣାର୍ଥୀଙ୍କଠାରୁ ଦରଖାସ୍ତ ଆହ୍ୱାନ

ନୂଆଦିଲ୍ଲୀ, ୨୮।୫(ପି.ଟି.)

ଆଫଗାନିସ୍ତାନ, ବାଂଲାଦେଶ ଏବଂ ପାକିସ୍ତାନରୁ ଆସି ଭାରତର ୧୩ ଜିଲାରେ ଶରଣାର୍ଥୀ ଭାବେ ରହିଥିବା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ ଆଦି ଅଣମୁସଲମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ ଲାଗି କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ଦରଖାସ୍ତ ଆହ୍ୱାନ କରାଯାଇଛି। ଗୁଜରାଟର ମୋର୍ବି, ରାଜକୋଟ, କଟନ ଏବଂ ଭଦୋଦରା, ଛତିଶଗଡ଼ର ଦୁର୍ଗ ଓ ବଲୋଡବଜାର, ରାଜସ୍ଥାନର ଜଲୋର, ଉଦୟପୁର, ପାଲି, ବାରମେର ଏବଂ ସିରୋହି, ହରିୟାଣାର ଫରିଦାବାଦ ଏବଂ ପଞ୍ଜାବର ଜଲନ୍ଧର ଜିଲାରେ ରହୁଥିବା ଅଣମୁସଲମାନମାନେ ଭାରତୀୟ ନାଗରିକତ୍ୱ ପାଇଁ ଆବେଦନ କରିପାରିବେ। ଜିଲାସ୍ତରରେ ଜିଲାପାଳ ଏବଂ ରାଜ୍ୟ ସ୍ତରରେ ଗୃହ ସଚିବ ଉକ୍ତ ଆବେଦନଗୁଡ଼ିକ ଯାଞ୍ଚ କରି ଅନ୍‌ଲାଇନ ପୋର୍ଟାଲରେ କେନ୍ଦ୍ରକୁ ରିପୋର୍ଟ କରିବେ। ଆବଶ୍ୟକ ଅନୁଭବ କଲେ ଜିଲାପାଳ ଓ ସଚିବ ତଦନ୍ତ କରିପାରିବେ। ଆବେଦନକାରୀ ନାଗରିକତ୍ୱ ପାଇଁ ଉପଯୁକ୍ତ ବୋଲି ହୃଦ୍‌ବୋଧ କଲାପରେ ଜିଲାପାଳ କିମ୍ବା ସଚିବ ସେମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରିବେ। ଏନେଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏକ ସାର୍ଟିଫିକେଟ ଇସ୍ୟୁ କରାଯିବ। ନାଗରିକତ୍ୱ ଆଇନ,୧୯୫୫ ତଥା ୨୦୦୯ରେ ଉକ୍ତ ଆଇନ ଅଧୀନରେ ପ୍ରଣୀତ ନିୟମାବଳୀ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ତେବେ ୨୦୧୯ରେ କାର୍ଯ୍ୟକାରୀ ହୋଇଥିବା ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଅଧୀନରେ ନିୟମାବଳୀ ଏପର୍ଯ୍ୟନ୍ତ ପ୍ରଣୟନ ହୋଇନାହିଁ।

ସିଏଏ ଅନୁଯାୟୀ ପାକିସ୍ତାନ, ବାଂଲାଦେଶ ଏବଂ ଆଫଗାନିସ୍ତାନରୁ ୨୦୧୪ ଡିସେମ୍ବର ୩୧ ସୁଦ୍ଧା ଭାରତ ଆସିଥିବା ସଂଖ୍ୟାଲଘୁ ଅଣମୁସଲମାନ ଯଥା ହିନ୍ଦୁ, ଶିଖ୍, ଜୈନ, ବୌଦ୍ଧ, ପାର୍ସି ଓ ଖ୍ରୀଷ୍ଟିଆନ୍‌ମାନଙ୍କୁ ଭାରତୀୟ ନାଗରିକତ୍ୱ ପ୍ରଦାନ କରାଯିବ। ୨୦୧୯ରେ ସିଏଏ କାର୍ଯ୍ୟକାରୀ ହେବା ପରେ ଏହାକୁ ବିରୋଧ କରି ଦେଶର ବିଭିନ୍ନ ସ୍ଥାନରେ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା।

## ଅନୁବାଦକ ଶୁଭେନ୍ଦୁ ମୁଣ୍ଡଙ୍କ ପରଲୋକ

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

**ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କ ଶୋକ**



ଡ. ଶୁଭେନ୍ଦୁ ମୁଣ୍ଡ।

ବିଶିଷ୍ଟ କବି, ସାହିତ୍ୟିକ, ସମାଲୋଚକ, ଅନୁବାଦକ ଓ ଭାଷାବିତ୍ ଡ. ଶୁଭେନ୍ଦୁ ମୁଣ୍ଡଙ୍କ ଶୁକ୍ରବାର ପରଲୋକ ହୋଇଯାଇଛି। ତାଙ୍କୁ ୭୦ବର୍ଷ ହୋଇଥିଲା। ୧୯୫୧ରେ କଳାହାଣ୍ଡି ଜିଲାର ଭବାନୀପାଟଣାରେ ଜନ୍ମ ଗ୍ରହଣ କରିଥିବା ଶୁଭେନ୍ଦୁ ୧୯୭୩ରେ ଶିକ୍ଷା କ୍ଷେତ୍ରରେ ଯୋଗଦାନ କରିଥିଲେ। ଦୀର୍ଘ ୩୬ବର୍ଷ ଧରି ଅଧ୍ୟାପନା ସହ ଶିକ୍ଷାନୁଷ୍ଠାନ ପରିଚାଳନା କରିଥିଲେ। ୨୦୦୯ରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାବିଦ୍ୟାଳୟ ଅଧକ୍ଷ ଭାବେ ଅବସର ଗ୍ରହଣ କରିଥିଲେ। ତେବେ ଚାକିରି ଜୀବନ ଆରମ୍ଭ ପୂର୍ବରୁ ସେ ୧୯୬୮ରୁ ଲେଖାଲେଖି ଆରମ୍ଭ କରିଥିଲେ। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ଅଜସ୍ର କବିତା, ଗଳ୍ପ, ପ୍ରବନ୍ଧ ସହିତ ବହୁ ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ସେଥିମଧ୍ୟରୁ କବିତା ସଂକଳନ 'ଶବ୍ଦ ନିଶବ୍ଦ', 'ମୁହୂର୍ତ୍ତଟିଏ, ମୋହିନି', 'ସ୍ୱପ୍ନାବର୍ତ୍ତ', 'ସ୍ଥିର ଉଡାଣ', 'ଛକ', ଗଳ୍ପ ସଂକଳନ– 'ଛକ', 'ସୀମାବଦ୍ଧ', ପ୍ରବନ୍ଧ/ ସମାଲୋଚନା ପୁସ୍ତକ 'କବି ପଦ୍ମଚରଣ ପଟ୍ଟନାୟକ', 'ନାଟକ ଜିଜ୍ଞାସା', 'ଓଡ଼ିଆ ସାହିତ୍ୟ ଓ ସାହିତ୍ୟିକ', ଅନୁବାଦ ପୁସ୍ତକ 'ଲୋଭୀ ବାଛୁରୀ', 'ତ୍ୟାଗରାଜ', ଭ୍ରମଣ ସାହିତ୍ୟ 'ଦେଶ ଦେଶ ମଣିଷ ମଣିଷ', ଇଂଲିଶ ପୁସ୍ତକ 'ଓଡ଼ିଆ ପୋଏଟ୍ରି ଟୁଡେ', 'ଦି ଇଣ୍ଡିଆନ୍ ନୋବେଲ୍ ଇନ୍ ଇଂଲିଶ', 'ଜେଷ୍ଟ ଅଫ୍ ଲାଇଫ୍', 'ମେକର୍ସ ଅଫ୍ ଦି ମଡର୍ନ ୱାର୍ଲ୍ଡ', 'ଗ୍ରେଟ୍ ଟେଲ୍‌ସ ଅଫ୍ ଓଡ଼ିଶା' ଅନ୍ୟତମ। ଅନେକ ଆଭିଧାନିକ ତଥା ଓଡ଼ିଆ ଭାଷା ସମ୍ପର୍କିତ କାର୍ଯ୍ୟରେ ମଧ୍ୟ ସେ ସମ୍ପୃକ୍ତ ଥିଲେ। ଭାରତୀୟ ଇଂଲିଶ ସାହିତ୍ୟ, ଓଡ଼ିଆ ସାହିତ୍ୟ ତଥା ସଂସ୍କୃତି ଅଧ୍ୟୟନର ଗବେଷଣା ତଥା ପ୍ରକାଶନରେ ଡ. ମୁଣ୍ଡ ବିଶ୍ୱସ୍ତରରେ ଜଣେ ସୁପରିଚିତ ଗବେଷକ। ତାଙ୍କ ବିୟୋଗରେ ସାହିତ୍ୟିକ ମହଲରେ ଶୋକର ଛାୟା ଖେଳାଇ ଦେଇଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକ ପ୍ରକାଶ କରିଛନ୍ତି। ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ସାହିତ୍ୟ ଏକାଡେମୀରେ ନୂଆ ସଚିବଙ୍କ ଯୋଗଦାନ



ଦାୟିତ୍ୱ ଗ୍ରହଣ କରିବା ଅବସରରେ ପ୍ରବୋଧ କୁମାର ରାଉତ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଥିବା ଓଡ଼ିଶା ସାହିତ୍ୟ ଏକାଡେମୀର ନୂତନ ସଚିବ ଭାବେ ପ୍ରଶାସନିକ ଅଧିକାରୀ ତଥା କଥାକାର ପ୍ରବୋଧ କୁମାର ରାଉତ ଶୁକ୍ରବାର ଯୋଗଦାନ କରିଛନ୍ତି। ଗୀତ, କବିତା, ଗଳ୍ପ ତଥା ନାଟକ ରଚନା କ୍ଷେତ୍ରରେ ନିଜକୁ ସାମିଲ କରିଥିବା ରାଉତଙ୍କୁ ଏକାଡେମୀର ପୂର୍ବତନ ସଚିବ ଶୁଚିସ୍ମିତା ମନ୍ତ୍ରୀ ପୁଷ୍ପଗୁଚ୍ଛ ଦେଇ ଅଭିନନ୍ଦନ ଜଣାଇଥିଲେ। ଏହି ଅବସରରେ ଏକାଡେମୀର ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଭାକ୍ସିନ ଟିକସ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୨୮।୫

**୪୩ତମ ଜିଏସ୍‌ଟି ପରିଷଦ ବୈଠକ**
- ବ୍ଲାକ୍ ଫଙ୍ଗସ୍ ଡ୍ରଗ ଉପରୁ ସମନ୍ୱିତ ଜିଏସ୍‌ଟି ଛାଡ଼
- ଭାକ୍ସିନ, ମେଡିକାଲ ସପ୍ଲାଇ ଟିକସ ଢାଞ୍ଚା ନିର୍ଦ୍ଧାରଣ ହେବ
- ଜିଏସ୍‌ଟି ଦେୟ ମିସିଂରେ ଆମନେଷ୍ଟି ସ୍କିମ୍




ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ୪୩ତମ ବୈଠକ ଭର୍ଚୁଆଲରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କରୋନା ମହାମାରୀ ଯୋଗୁ ଦେଶ ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଥିବାବେଳେ ଲୋକଙ୍କୁ ଆଶ୍ୱସ୍ତି ହେବା ଭଳି କେତେକ ନିଷ୍ପତ୍ତି ବୈଠକରେ ଗ୍ରହଣ କରାଯାଇଛି। ଏହି ଅବସରରେ ସୀତାରାମନ କହିଛନ୍ତି, ବ୍ଲାକ୍ ଫଙ୍ଗସ୍ ଚିକିତ୍ସା ଲାଗି ବ୍ୟବହାର ହେଉଥିବା ଆମ୍ଫୋଟେରିସିନ-ବି ଡ୍ରଗ୍‌ରୁ ସମନ୍ୱିତ ଜିଏସ୍‌ଟି ଛାଡ଼ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିଭଳି ରିଲିଫ ସାମଗ୍ରୀ ଆମଦାନୀ ଉପରେ ଚଳିତବର୍ଷ ଅଗଷ୍ଟ ଶେଷ ଯାଏ ଟିକସ ଛାଡ଼ କରିବାକୁ ସହମତି ପ୍ରକାଶ ପାଇଛି। ବିଶେଷକରି ରାଜ୍ୟ ସରକାରଗୁଡ଼ିକୁ ଏଭଳି ସାମଗ୍ରୀ ଦାନ କରିବାକୁ ଥିଲେ ଛାଡ଼ ସୁବିଧା ଉପଲବ୍ଧ ହେବ। ଅପରପକ୍ଷରେ କୋଭିଡ୍-୧୯ ଭାକ୍ସିନ ଏବଂ ମେଡିକାଲ ସପ୍ଲାଇ ଟିକସ କ୍ଷେତ୍ରରେ କୌଣସି ପରିବର୍ତ୍ତନ କରାଯାଇନାହିଁ। ବର୍ତ୍ତମାନ ଭାକ୍ସିନ ଉପରେ ୫% ଜିଏସ୍‌ଟି ଲାଗୁଛି। ସେହିଭଳି କୋଭିଡ୍ ଡ୍ରଗ୍ ଏବଂ ଅକ୍ସିଜେନ କନସେନ୍‌ଟ୍ରେଟର ଉପରେ ୧୨% ଟିକସ ଦେବାକୁ ପଡୁଛି। ଭାକ୍ସିନ ଏବଂ ମେଡିକାଲ ସପ୍ଲାଇ ଉପରେ ଟିକସର ଢାଞ୍ଚା କ'ଣ ରହିବ ସେ ସମ୍ପର୍କରେ ମନ୍ତ୍ରୀସ୍ତରୀୟ ଗୋଷ୍ଠୀ ବିଚାର କରିବ ବୋଲି ସୀତାରାମନ ସ୍ପଷ୍ଟ କରିଛନ୍ତି।

ଜିଏସ୍‌ଟି ଦେୟ ପ୍ରଦାନ କରି ପାରି ନ ଥିବା ବ୍ୟକ୍ତିବିଶେଷଙ୍କ ଲାଗି ସୀତାରାମନ ଆମନେଷ୍ଟି ସ୍କିମ୍ ଘୋଷଣା କରିଛନ୍ତି। ଗତ ଅବଧି ଲାଗି ବିଳମ୍ବ ଦେୟ(ଲେଟ୍ ଫି) ହ୍ରାସ କରାଯାଇଛି। କ୍ଷୁଦ୍ର ଟିକସଦାତାଙ୍କ ଲାଗି ଅନ୍ୟ କିଛିଟା କୋହଳ ବ୍ୟବସ୍ଥା ମଧ୍ୟ କରାଯାଇଛି। ଏହାବାଦ ଜିଏସ୍‌ଟି କ୍ଷତିପୂରଣ ବାବଦରେ ରାଜ୍ୟଗୁଡ଼ିକ ଲାଗି କେନ୍ଦ୍ର ୧.୫୮ ଲକ୍ଷ କୋଟି ଟଙ୍କା ଋଣ କରିବ। ଏହାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ହସ୍ତାନ୍ତର କରିବ। ସେହିଭଳି ୨୦୨୨ ପରେ ଜିଏସ୍‌ଟି କ୍ଷତିପୂରଣ ବାବଦ ପ୍ରସଙ୍ଗ ଉପରେ ଆଲୋଚନା କରିବା ଲାଗି ଏକ ସ୍ୱତନ୍ତ୍ର ଅଧିବେଶନ ଶୀଘ୍ର ଡାକିବା ଲାଗି ସହମତି ପ୍ରକାଶ ପାଇଥିବା ସୀତାରାମନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ୮ ମାସ ପରେ ଜିଏସ୍‌ଟି ପରିଷଦ ବୈଠକ ବସିଛି। ଚଳିତ ସପ୍ତାହରେ ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ ସିଂ ବାଦଲ ସୀତାରାମନଙ୍କୁ ଚିଠି ଲେଖି କୋଭିଡ୍ ସାମଗ୍ରୀ ଉପରେ ଲାଗୁ ଥିବା ବୃହତ୍ ପରିମାଣର ଟିକସ ସମ୍ପର୍କରେ ଅବଗତ କରାଇଥିଲେ। କେତେକ ସାମଗ୍ରୀ ଉପରେ ୨୦% ସୀମା ଶୁଳ୍କ ଏବଂ ୧୮% ଜିଏସ୍‌ଟି ବାଦ୍ ୧୦% ସାମାଜିକ କଲ୍ୟାଣକାରୀ ସେସ୍ ଲାଗୁ ହେଉଛି। ଫଳରେ ଲୋକଙ୍କୁ ଅତିରିକ୍ତ ବୋଝ ପଡୁଥିବା ଚିଠିରେ ବାଦଲ କହିଥିଲେ। ସେହିଭଳି ଗତ ମାସରେ ସୀତାରାମନ କହିଥିଲେ, କୋଭିଡ୍ ମେଡିସିନ ଏବଂ ଅନ୍ୟ ସାମଗ୍ରୀ ଉପରେ ଟିକସ କମିବା ଦ୍ୱାରା ଏହାର ଦର ମହଙ୍ଗା ହୋଇଯିବ।

# 'ଋତୁସ୍ରାବ ସମୟରେ ନେଇପାରିବେ କୋଭିଡ୍ ଟିକା'

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

**ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ**



କୁପୋଷଣରୁ କିଶୋରୀଙ୍କ ନିକଟରେ ରକ୍ତହୀନତା ଦେଖାଦେଇଥାଏ। ଅନେକ ସମୟରେ ଗର୍ଭାଶୟରେ ମଧ୍ୟ ଗୁରୁତର ସଂକ୍ରମଣ ହୋଇଥାଏ। ତେଣୁ ଉପଯୁକ୍ତ ପୁଷ୍ଟିସାଧନ ସହିତ ଋତୁସ୍ରାବ ସମୟରେ ପରିଚ୍ଛନ୍ନତା ରକ୍ଷା ଉପରେ କିଶୋରୀମାନଙ୍କୁ ଗୋଷ୍ଠୀସ୍ତରରେ ବ୍ୟାପକ ଭାବେ ସଚେତନ କରିବା ଆବଶ୍ୟକ। ଏହାକୁ ଜୀବନଶୈଳୀ ଭାବରେ ଗ୍ରହଣ କରିବାକୁ ହେବ ବୋଲି ବରିଷ୍ଠ ସ୍ତ୍ରୀରୋଗ ବିଶେଷଜ୍ଞ ତଥା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପୂର୍ବତନ ନିର୍ଦ୍ଦେଶିକା ଡା. ସେବା ମହାପାତ୍ର କହିଛନ୍ତି। ଶୁକ୍ରବାର ବିଶ୍ୱ ଋତୁସ୍ରାବ ପରିଚ୍ଛନ୍ନତା ଦିବସ ଅବସରରେ ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଏବଂ ୟୁନିସେଫ୍ ପକ୍ଷରୁ 'ଋତୁସ୍ରାବଜନିତ ପରିଚ୍ଛନ୍ନତା ପରିଚାଳନା' ଶୀର୍ଷକ ସଚେତନତା ୱେବିନାର ଆୟୋଜିତ ହୋଇଥିଲା। ଏଥିରେ ଡା. ମହାପାତ୍ର ଯୋଗଦେଇ ଋତୁସ୍ରାବ ସମୟରେ ମଧ୍ୟ ୧୮ ବର୍ଷରୁ ଉର୍ଦ୍ଧ୍ୱ ଯେକୌଣସି ସମ୍ପୂର୍ଣ୍ଣ ସୁସ୍ଥ କିଶୋରୀ ଏବଂ ମହିଳା କୋଭିଡ୍ ଟିକା ନେଇପାରିବେ ବୋଲି କହିଛନ୍ତି। ଏଥିସହ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀ ଟିକା ନେଇ ନିଜକୁ ସୁରକ୍ଷିତ ରଖିବାକୁ ସେ ପରାମର୍ଶ ଦେଇଛନ୍ତି।

ବିଭାଗୀୟ ଯୁଗ୍ମ ଶାସନ ସଚିବ ରେଖା ଗୀତାରାଣୀ ପଟ୍ଟନାୟକ କିଶୋରୀଙ୍କୁ ଋତୁସ୍ରାବ ସ୍ୱଚ୍ଛତା ରକ୍ଷା ପାଇଁ ଆଦ୍ୱିକା ଗ୍ରୁପ୍ ମାଧ୍ୟମରେ ସଚେତନ କରାଯିବା ସମ୍ପର୍କରେ ସୂଚନା ଦେଇଥିଲେ। ୟୁନିସେଫ୍‌ର ଜଳ ଏବଂ ପରିମଳ ବିଶେଷଜ୍ଞ ସିପ୍ରା ସାକ୍‌ସେନା କହିଲେ, ଦୀର୍ଘଦିନ ଧରି ଲକ୍‌ଡାଉନ୍ ସ୍ଥିତି ଲାଗି ରହୁଥିବାରୁ ମହିଳାଙ୍କ ନିମନ୍ତେ ସାନିଟାରି ନାପକିନ୍ ପାଇବା କଷ୍ଟକର ହୋଇପଡୁଛି। ମହାମାରୀ ସଂକ୍ରମଣର ଭୟ ସହ ଋତୁସ୍ରାବଜନିତ ପରିଚ୍ଛନ୍ନତା ପାଇଁ ରାଜ୍ୟର କିଶୋରୀଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି ବିଭାଗର ଏଭଳି କାର୍ଯ୍ୟକ୍ରମ ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ କହିଥିଲେ। ୟୁଏନ୍‌ଏଫ୍‌ପିଏର ପ୍ରୋଗ୍ରାମ ଅଫିସର ଡ. ଚୟନିକା ମିଶ୍ର, ସାମାଜିକ କର୍ମୀ ଘାସିରାମ ପଣ୍ଡା, ୟୁନିସେଫ୍‌ର ଶିଶୁ ସୁରକ୍ଷା ଅଧିକାରୀ ନେହା ନାଇଡୁ ପ୍ରମୁଖ ବୈଷୟିକ ଅଧିବେଶନରେ ଯୋଗଦେଇ ମାସିକ ଋତୁସ୍ରାବର ସମୟ, ଶାରୀରିକ ପ୍ରଭାବ, ଏହି ସମୟରେ ପରିବାରର ଦାୟିତ୍ୱ, ଜୀବନକୌଶଳ ଆହରଣ, ବାଲ୍ୟବିବାହ ଏବଂ ଋତୁସ୍ରାବ ପରିଚ୍ଛନ୍ନତା, ଉତ୍ତମ ଅଭ୍ୟାସ, ମହାମାରୀ ସମୟର ସତର୍କତା ଆଦି ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ବିଭାଗର ୟୁନିସେଫ୍ କନ୍‌ସଲଟାଣ୍ଟ ଅନୁପମା ସାହୁ ୱେବିନାର ସଞ୍ଚାଳନ କରିଥିଲେ।

**ଆଜିର ମନ୍ତବ୍ୟ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ଇଭେଣ୍ଟ ମ୍ୟାନେଜର। ତାଙ୍କର କୌଣସି ଟିକା ରଣନୀତି ନାହିଁ। ସେ ଥରକେ କେବଳ ଗୋଟିଏ ଇଭେଣ୍ଟ କଥା ଚିନ୍ତା କରନ୍ତି। **-ରାହୁଲ ଗାନ୍ଧୀ, କଂଗ୍ରେସ ନେତା**


## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ:..................................

ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ମୃତ ଖବରଦାତାଙ୍କ ପରିବାରକୁ ଅନୁକମ୍ପା ରାଶି ପ୍ରଦାନ

**ଭୁବନେଶ୍ୱର, ୨୮।୫(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ୩ଜଣ ମୃତ କର୍ମଜୀବୀ ଖବରଦାତାଙ୍କ ପରିବାରକୁ ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଅନୁକମ୍ପା ରାଶି ଓ ଆର୍ଥିକ ସହାୟତା ବାବଦକୁ ୪୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କରୋନାରେ ମୃତ୍ୟୁ ପାଇଁ 'ମନ୍ଥନ' ଖବରକାଗଜର ଯାଜପୁର ଜିଲା ପ୍ରତିନିଧି ସ୍ୱର୍ଗତ ଅଶୋକ କୁମାର ସାହୁଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା, କେନ୍ଦୁଝର ଜିଲାରେ କାର୍ଯ୍ୟରତ 'ଓଡ଼ିଶା ଭାସ୍କର'ର ବରିଷ୍ଠ ଖବରଦାତା ସ୍ୱର୍ଗତ ଧୀରେନ୍ଦ୍ର ରାଉତଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କା ଓ ବାଲେଶ୍ୱର ଜିଲାରେ କାର୍ଯ୍ୟରତ 'ଇ.ପି.ଏ. ୱିକ୍‌ଲି'ର ପ୍ରତିନିଧି ସ୍ୱର୍ଗତ ସୋଲୋମାନ୍ ସାହୁଙ୍କ ପରିବାରକୁ ମଧ୍ୟ ୧୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଛି। ସେହିଭଳି ପୂର୍ବରୁ ମଧ୍ୟ ରାଜ୍ୟ ସରକାର କୋଭିଡ୍‌ରେ ମୃତ ୬ଜଣ ଖବରଦାତାଙ୍କ ପରିବାରଙ୍କୁ ୧୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପା ରାଶି ପ୍ରଦାନ କରିଛନ୍ତି। ଏଥିସହ ଭୁବନେଶ୍ୱରଠାରେ କାର୍ଯ୍ୟରତ 'ନିତିଦିନ'ର ପ୍ରତିନିଧି ସ୍ୱର୍ଗତ ରାଧାନାଥ ମହାପାତ୍ର ଓ 'ପ୍ରତିଦିନ'ର ପ୍ରତିନିଧି ସ୍ୱର୍ଗତ ପ୍ରଭାତ କୁମାର ଦାସଙ୍କ ମୃତ୍ୟୁ ପରେ ସେମାନଙ୍କ ପରିବାରକୁ ୪ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ଅର୍ଥରାଶି ପ୍ରଦାନ କରାଯାଇଛି। ଏହାବାଦ ଭୁବନେଶ୍ୱରଠାରେ ଫ୍ରିଲାନ୍ସ ଜର୍ନାଲିଷ୍ଟ ଭାବେ କାର୍ଯ୍ୟରତ ବରିଷ୍ଠ ସାମ୍ବାଦିକ ଅମ୍ବିକା ପ୍ରସାଦ କାନୁନ୍‌ଗୋଙ୍କ ଚିକିତ୍ସା ଖର୍ଚ୍ଚ ବାବଦକୁ ୨ ଲକ୍ଷ ଟଙ୍କା ଓ ଝାରସୁଗୁଡ଼ା ଜିଲାର ସମାଜ ପ୍ରତିନିଧି ଗଜେନ୍ଦ୍ର ମହାନ୍ତିଙ୍କୁ ତାଙ୍କ ସ୍ତ୍ରୀଙ୍କ ଚିକିତ୍ସା ପାଇଁ ୫୦ ହଜାର ଟଙ୍କାର ଆର୍ଥିକ ସହାୟତା ରାଜ୍ୟ ସରକାର ପ୍ରଦାନ କରିଛନ୍ତି। ବର୍ତ୍ତମାନ କୋଭିଡ୍ ଦ୍ୱିତୀୟ ଲହରରେ ଜିଲାସ୍ତରରେ ବହୁ କର୍ମଜୀବୀ ଖବରଦାତା କୋଭିଡ୍‌ରେ ଆକ୍ରାନ୍ତ ହୋଇ ମୃତ୍ୟୁ ଘଟୁଥିବା ଖବର ସରକାରଙ୍କ ଦୃଷ୍ଟିକୁ ଆସିଛି। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ ଯୋଗ୍ୟ ଖବରଦାତାଙ୍କୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ନିମନ୍ତେ ଆବଶ୍ୟକ ତଥ୍ୟ ସଂଗ୍ରହ କରି ଜିଲାପାଳଙ୍କ ସୁପାରିଶ ସହ ତୁରନ୍ତ ପ୍ରେରଣ କରିବା ପାଇଁ ବିଭାଗର ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ସମସ୍ତ ଜିଲାର ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ସ୍ଥିତି ସ୍ୱାଭାବିକ ହେଉଛି: ରଣେନ୍ଦ୍ର

**ଭୁବନେଶ୍ୱର,୨୮।୫(ବ୍ୟୁରୋ)**

ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଶୁକ୍ରବାର ମୟୂରଭଞ୍ଜର ବାରିପଦାଠାରେ ବାତ୍ୟା ପରବର୍ତ୍ତୀ ସ୍ଥିତି ସହିତ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସମୀକ୍ଷା କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାପାଳ ଭୀନିତ ଭରଦ୍ୱାଜଙ୍କ ସମେତ ଜିଲ୍ଲାର ବରିଷ୍ଠଅଧିକାରୀମାନେ ଉପସ୍ଥିତ ରହି ବିଭିନ୍ନ ବିଭାଗ ପକ୍ଷରୁଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ପ୍ରଦାନ ଦେଇଥିଲେ। ଜିଲ୍ଲାରେ ହୋଇଥିବା କ୍ଷୟକ୍ଷତିର ଅନୁଧ୍ୟାନ କରାଯାଉଛି। ସ୍ଥିତି ଖୁବ୍‌ଶୀଘ୍ର ସ୍ୱାଭାବିକ ହେବ ବୋଲି ଆଶାପ୍ରକାଶ କରିଛନ୍ତି। ହିତାଧିକାରୀଙ୍କୁ ୨ମାସର ପିଡିଏସ୍ ରାସନ ସାମଗ୍ରୀ ଯୋଗାଣ କ୍ଷେତ୍ରରେ ଜିଲ୍ଲା ଆଗୁଆ ରହିଛି। ମନ୍ତ୍ରୀ ରବିଧାନ ସଂଗ୍ରହର ସ୍ଥିତି ସମ୍ପର୍କରେ ମଧ୍ୟ ସମୀକ୍ଷା କରିଥିଲେ।

# ଚୋକ୍‌ସିଙ୍କ ସ୍ଥାନାନ୍ତର ଉପରେ ରୋକ ଲଗାଇଲେ ଡୋମିନିକା କୋର୍ଟ

**ନୂଆଦିଲ୍ଲୀ,୨୮।୫**

ମେହୁଲ ଚୋକ୍‌ସି ମାମଲାରେ ଶୁକ୍ରବାର ଏକ ନୂଆ ମୋଡ ଦେଖିବାକୁ ମିଳିଛି। ଡୋମିନିକା କୋର୍ଟ ଚୋକ୍‌ସିଙ୍କ ସ୍ଥାନାନ୍ତରକୁ ରୋକି ଦେଇଥିବା ଜଣାପଡିଛି। ପରବର୍ତ୍ତୀ ନିର୍ଦ୍ଦେଶ ନ ଆସିବା ଯାଏ ଚୋକସିଙ୍କୁ ଡୋମିନିକାରେ ହିଁ ରହିବାକୁ ପଡ଼ିବ। ତାଙ୍କ ଓକିଲ ଡୋମିନିକା କୋର୍ଟର ଦ୍ୱାରସ୍ଥ ହେବା ପରେ କୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିବା ଜଣାପଡିଛି। ଚୋକସିଙ୍କୁ ଭେଟିବାକୁ ସୁବିଧା ଦିଆଯାଇ ନଥିବା ବେଳେ ତାଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁଣ୍ଣ କରାଯାଇଥିବା ଓକିଲ ବିଜୟ ଅଗ୍ରୱାଲ କହିଛନ୍ତି। ଚୋକସି ଯେଉଁଭଳି ଭାବେ ଆଣ୍ଟିଗୁଆରୁ ନିଖୋଜ ହେଲେ ଏବଂ ଡୋମିନିକାରେ ତାଙ୍କୁ ଅଟକ ରଖାଗଲା ସେ ନେଇ ଓକିଲ ସନ୍ଦେହ ପ୍ରକଟ କରିଛନ୍ତି। ଡୋମିନିକାରେ ଚୋକ୍‌ସିଙ୍କ ଲାଗି ମାମଲା ଲଢୁଥିବା ଓକିଲ ୱେନ ମାର୍ସ ଏକ ସାକ୍ଷାତକାରରେ କହିଛନ୍ତି, ତାଙ୍କ କ୍ଲାଏଣ୍ଟଙ୍କୁ ଆଣ୍ଟିଗୁଆ ଜଲି ହାର୍ବରରୁ ଭାରତୀୟ ଏବଂ ଆଣ୍ଟିଗୁଆ ବାସିନ୍ଦାଙ୍କ ଭଳି ଦେଖାଯାଉଥିବା କିଛି ବ୍ୟକ୍ତିବିଶେଷ ଏକ ଜାହାଜରେ ନେଇଯାଇଥିଲେ। ଶେଷ ଥର ପାଇଁ ତାଙ୍କୁ ରବିବାର ଆଣ୍ଟିଗୁଆରେ ତାଙ୍କ କାରରେ ବୁଲୁଥିବାର ଦେଖାଯାଇଥିଲା। ତାଙ୍କୁ ଯଦି ସ୍ଥାନାନ୍ତର କରାଯାଏ ତେବେ ଆଣ୍ଟିଗୁଆକୁ ହିଁ ସେ ଆସିବେ ବୋଲି ସେଠାକାର ଏକ ଗଣମାଧ୍ୟମ ରିପୋର୍ଟରେ ପ୍ରକାଶ ପାଇଛି।

## ପ୍ରଥମ ପୃଷ୍ଠାରୁ...

# କିଛି ମାଗିଲେନି, କେବଳ ...




ହେଉଥିବାରୁ ଉପକୂଳ ଅଞ୍ଚଳରେ ଭିତ୍ତିଭୂମିକୁ କିପରି ବାତ୍ୟା ନିରୋଧ କରିହେବ, ସେ ନେଇ କେନ୍ଦ୍ର ନିକଟରେ ଦାବି କରାଯାଇଛି। ବାତ୍ୟା ଅଞ୍ଚଳ ପରିଦର୍ଶନ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅନୁଷ୍ଠିତ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଏଥିରେ ଓଡ଼ିଶା ପକ୍ଷରୁ କୌଣସି ଦାବିପତ୍ର ଦିଆଯାଇ ନ ଥିଲା। ବାତ୍ୟା 'ୟାସ୍' ପରେ ଓଡ଼ିଶା ଗସ୍ତ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଧନ୍ୟବାଦ ଜଣାଇବା ସହିତ ସେ ବାତ୍ୟା ଦ୍ୱାରା ହୋଇଥିବା କ୍ଷୟକ୍ଷତି ଏବଂ ଏହା ପୂର୍ବରୁ ଓ ପରେ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ବିଷୟରେ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ଦେଶ କୋଭିଡ୍-୧୯ ମହାମାରୀର ଶିଖରରେ ଥିବାରୁ ଆମେ କେନ୍ଦ୍ର ସରକାରଙ୍କ ଉପରେ ଅଧିକ ଚାପ ଦେଇ କୌଣସି ଆର୍ଥିକ ସହାୟତା ଲୋଡୁନାହୁଁ । ବାତ୍ୟା ବିପର୍ଯ୍ୟୟରୁ ମୁକୁଳିବା ପାଇଁ ନିଜ ସମ୍ବଳ ମାଧ୍ୟମରେ ପରିଚାଳନା କରିବାକୁ ଚାହୁଁଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅଳ୍ପ କିଛି ସହାୟତା ବଦଳରେ ବାତ୍ୟାକୁ ସମ୍ଭାଳି ପାରୁଥିବା ବିଦ୍ୟୁତ୍ ଭିତ୍ତିଭୂମି ବ୍ୟବସ୍ଥା କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦାବି କରାଯାଇଛି। ଏଥିପାଇଁ ଉନ୍ନତ ବୈଷୟିକ ଜ୍ଞାନକୌଶଳର ଉପଯୋଗ କରି ଭୂତଳରେ ବିଦ୍ୟୁତ୍ ତାର ବିଛାଇବା ଆବଶ୍ୟକ। ସେହିପରି ଉପକୂଳର ସୁରକ୍ଷା ପାଇଁ ଦୀର୍ଘକାଳୀନ ବ୍ୟବସ୍ଥା କରିବା ମଧ୍ୟ ଦରକାର। ବାତ୍ୟା ସମୟରେ ୭/୮ ମିଟର ପର୍ଯ୍ୟନ୍ତ ଜୁଆର ଉଠୁଥିବାରୁ ଉପକୂଳରେ ଲୁଣାପାଣି ବହୁ ଜନବସତିରେ ପଶି ଯାଉଛି। ଏହାକୁ ରୋକିବା ଲାଗି ଦୀର୍ଘସ୍ଥାୟୀ ବାତ୍ୟା ନିରୋଧୀ ବନ୍ଧ ବ୍ୟବସ୍ଥା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ ଦାବି କରିଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ପ୍ରଦୀପ ଜେନା ଗଣମାଧ୍ୟମକୁ କହିଛନ୍ତି।

ଅନ୍ୟପକ୍ଷରେ ବାତ୍ୟା ୟାସ୍ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧ ହଜାର କୋଟି ଟଙ୍କା ସହାୟତା ଘୋଷଣା କରିଛନ୍ତି। ସେଥିରୁ ଓଡ଼ିଶା ପାଇଁ ୫୦୦ କୋଟି ଟଙ୍କାର ସହାୟତା ଘୋଷଣା କରାଯାଇଛି। ବାକି ୫୦୦ କୋଟି ଟଙ୍କାରୁ ପଶ୍ଚିମବଙ୍ଗ ପାଇଁ ୨୫୦ କୋଟି ଏବଂ ଝାଡ଼ଖଣ୍ଡକୁ ୨୫୦ କୋଟି ଟଙ୍କାର ସହାୟତା ରାଶି ଘୋଷଣା କରାଯାଇଛି । ଏଥିସହିତ ବାତ୍ୟାରେ ମୃତକଙ୍କ ପରିବାରକୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ଏବଂ ଗୁରୁତର ଆହତଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଦେବାକୁ ଘୋଷଣା କରାଯାଇଛି।

ବାତ୍ୟା ଯୋଗୁ ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବିଶେଷକରି ବାଲେଶ୍ୱର ଓ ଭଦ୍ରକ ଜିଲା ଅଧିକମାତ୍ରାରେ ପ୍ରଭାବିତ ହୋଇଛି। ବାତ୍ୟାର କ୍ଷୟକ୍ଷତି ଆକଳନ କରିବାକୁ ଖୁବ୍‌ଶୀଘ୍ର ଏକ କେନ୍ଦ୍ରୀୟ ଟିମ୍ ଆସିବ । ଆନ୍ତଃମନ୍ତ୍ରୀସ୍ତରୀୟ ଟିମ୍‌ର ରିପୋର୍ଟ ଆଧାରରେ ପରବର୍ତ୍ତୀ ସହାୟତା ରାଶି ଘୋଷଣା କରାଯିବ । ୟାସ୍ ଯୋଗୁ କ'ଣ କ'ଣ କ୍ଷୟକ୍ଷତି ହୋଇଛି, ସେ ନେଇ ୮ ମିନିଟର ଭିଡିଓ ଏବଂ ବାତ୍ୟା ଅଞ୍ଚଳର ଚିତ୍ର ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା । ଗଣମାଧ୍ୟମକୁ ସୂଚନା ଦେଇ ଏସ୍‌ଆର୍‌ସି କହିଛନ୍ତି ଯେ ବାତ୍ୟା କ୍ଷୟକ୍ଷତି ଆକଳନ କରାଯାଉଛି। ଆସନ୍ତା ୨ ଦିନ ମଧ୍ୟରେ କେନ୍ଦ୍ର ସରକାରଙ୍କୁ ରିପୋର୍ଟ ଦିଆଯିବ। ସମୀକ୍ଷା ବୈଠକରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦୁଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ପ୍ରତାପ ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର, ପୋଲିସ ମହାନିର୍ଦ୍ଦେଶକ ଅଭୟ ଓ ସ୍ୱତନ୍ତ୍ର ରିଲିଫ୍ କମିଶନର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ପ୍ରଧାନମନ୍ତ୍ରୀ ଭଦ୍ରକ, ବାଲେଶ୍ୱର ଜିଲାର ବାତ୍ୟା କ୍ଷତିଗ୍ରସ୍ତ ଅଞ୍ଚଳକୁ ଆକାଶମାର୍ଗରୁ ଅନୁଧ୍ୟାନ କରିଛନ୍ତି।

# ଡେରିରେ ଆସିଲେ, ଅଧାରୁ ...

ପଶ୍ଚିମ ମେଦିନୀପୁର ଜିଲା ଖଡ଼ଗପୁରସ୍ଥିତ କଲାଇକୁଣ୍ଡାରେ ପ୍ରଧାନମନ୍ତ୍ରୀଙ୍କ ସମୀକ୍ଷା ବୈଠକ ହୋଇଥିଲା। ସେଠାରେ ପଶ୍ଚିମବଙ୍ଗ ରାଜ୍ୟପାଳ ଜଗଦୀପ ଧନକରଙ୍କ ସମେତ ଆଉ କେତେଜଣ ଅଧିକାରୀ ଉପସ୍ଥିତ ଥିଲେ। ମମତା ସେଠାରେ ୩୦ ମିନିଟ ବିଳମ୍ବରେ ପହଞ୍ଚିଥିଲେ। ସେ ପ୍ରଧାନମନ୍ତ୍ରୀଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେଇ ଅନ୍ୟ ବୈଠକରେ ଯୋଗଦେବା ପାଇଁ ଚାଲିଯାଇଥିଲେ। ଏନେଇ ରାଜ୍ୟପାଳ ଟୁଇଟ୍ କରି କହିଛନ୍ତି, ମୁଖ୍ୟମନ୍ତ୍ରୀ ମମତା ପ୍ରଧାନମନ୍ତ୍ରୀ ମୋଦିଙ୍କ ସମୀକ୍ଷା ବୈଠକରେ ସାମିଲ ହୋଇ ଆଲୋଚନା କରିଥିଲେ ରାଜ୍ୟବାସୀଙ୍କ ସ୍ୱାର୍ଥରକ୍ଷା ହୋଇଥାଆନ୍ତା। ଏଭଳି ମୁହାଁମୁହିଁ ଆଭିମୁଖ୍ୟ ରାଜ୍ୟ ଓ ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ ବୋଲି ରାଜ୍ୟପାଳ ସମାଲୋଚନା କରିଛନ୍ତି।

# ଅଲପନଙ୍କୁ ଦିଲ୍ଲୀ ଡାକିଲା କେନ୍ଦ୍ର

ନୂଆଦିଲ୍ଲୀ,୨୮।୫: କେନ୍ଦ୍ର ସରକାର ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ଅଲପନ ବନ୍ଦୋପାଧ୍ୟାୟଙ୍କୁ ଶୁକ୍ରବାର ଦିଲ୍ଲୀକୁ ଡକାଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଘନିଷ୍ଠ ଏହି ବରିଷ୍ଠ ଅଧିକାରୀଙ୍କୁ ତୁରନ୍ତ ରିଲିଭ୍ କରିବା ପାଇଁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଗତବର୍ଷ ସେପ୍ଟେମ୍ବରରେ ପଶ୍ଚିମବଙ୍ଗ ମୁଖ୍ୟ ଶାସନ ସଚିବ ରାଜୀବ ସିହ୍ନା ଅବସର ନେବା ପରେ ତାଙ୍କ ସ୍ଥାନରେ ଅଲପନ ବନ୍ଦୋପାଧ୍ୟାୟ(୬୦)ଙ୍କୁ ରାଜ୍ୟ ସରକାର ଅବସ୍ଥାପିତ କରିଥିଲେ। ୧୯୮୭ ବ୍ୟାଚ୍‌ର ଭାରତୀୟ ପ୍ରଶାସନିକ ସେବା (ଏଆଇଏଏସ୍) ଅଫିସର ଅଲପନ ନିଜ ଚାକିରିରୁ ମେ' ୩୧ରେ ଅବସର ନେଇଥାଆନ୍ତେ। କିନ୍ତୁ ସୋମବାର ମମତା ତାଙ୍କ କାର୍ଯ୍ୟକାଳ ଆଉ ୩ ମାସ ବଢ଼ାଇଛନ୍ତି। କୋଭିଡ୍-୧୯ ମୁକାବିଲାରେ ଅଲପନଙ୍କ ଅଭିଜ୍ଞତା ଦୃଷ୍ଟିରୁ ତାଙ୍କ କାର୍ଯ୍ୟକାଳ ଅନ୍ୟୁନ ୬ ମାସ ବଢ଼ାଇବା ପାଇଁ ମେ' ୧୨ରେ ମମତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖି ଅନୁରୋଧ କରିଥିଲେ। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଶୁକ୍ରବାର ପଶ୍ଚିମବଙ୍ଗ ଗସ୍ତକରି ବାତ୍ୟା 'ୟାସ୍' କ୍ଷୟକ୍ଷତି ସମୀକ୍ଷା କରିଥିଲେ। ଉକ୍ତ ବୈଠକକୁ ମମତାଙ୍କ ସହ ଅଲପନ ୩୦ ମିନିଟ ବିଳମ୍ବରେ ଆସିଥିଲେ। ଏହା ପରେ ରାତିରେ କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ଅଲପନଙ୍କୁ ରିକଲ୍ କରାଯାଇଛି। ନୂଆଦିଲ୍ଲୀର ନର୍ଥ ବ୍ଲକ୍‌ସ୍ଥିତ ଉକ୍ତ ବିଭାଗରେ ମେ' ୩୧ ପୂର୍ବାହ୍ନ ୧୦ଟାରେ ରିପୋର୍ଟ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ନିୟମ ଅନୁସାରେ ଅଲପନଙ୍କୁ କେନ୍ଦ୍ର ସରକାରଙ୍କ ଅଧୀନ କୌଣସି ବିଭାଗରେ ରଖାଯାଇପାରେ କିମ୍ବା ଅନ୍ୟ ରାଜ୍ୟକୁ ଡେପୁଟେଶନରେ ପଠାଯାଇପାରେ।

# ବିଷାକ୍ତ ମଦ ପିଇ ...

ମାଜିଷ୍ଟ୍ରେଟ୍ ସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଆଲିଗଡ଼ ଅତିରିକ୍ତ ଜିଲାପାଳ ବିଧାନ ଜୟସ୍ୱାଲ କହିଛନ୍ତି, କାର୍ସିଆର ଜଣେ ଲାଇସେନ୍ସପ୍ରାପ୍ତ ମଦ ଦୋକାନୀଙ୍କଠାରୁ ଗୁରୁବାର କେତେଜଣ ବ୍ୟକ୍ତି ମଦ କିଣି ପିଇଥିଲେ। ମଦ ପିଇବା ପରେ ସେମାନଙ୍କ ମଧ୍ୟରୁ ୧୫ ଜଣଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୧୬ ଜଣଙ୍କୁ ଗୁରୁତର ଅବସ୍ଥାରେ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମୃତକମାନେ ଲୋଧା, ଖଇର ଓ ଯୱାନ ଥାନା ଅଧୀନ ଗ୍ରାମଗୁଡ଼ିକର ବାସିନ୍ଦା। ଅନ୍ୟପକ୍ଷେ ମୃତକମାନଙ୍କ ପରିବାର ଲୋକଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ଦେବା ପାଇଁ ଜିଲାପାଳ ଚନ୍ଦ୍ର ଭୂଷଣ ସିଂ ସୂଚନା ଦେଇଛନ୍ତି। ସେ କହିଛନ୍ତି, ତଦନ୍ତ ଶେଷ ହେବା ପରେ ଯେଉଁମାନେ ଦୋଷୀ ସାବ୍ୟସ୍ତ ହେବେ ସେମାନଙ୍କ ବିରୋଧରେ ଜାତୀୟ ନିରାପତ୍ତା ଆଇନ (ଏନ୍‌ଏସ୍‌ଏ) ବଳରେ ମାମଲା ଚାଲିବ। ଏବେ ଜଣେ ଅତିରିକ୍ତ ଜିଲାପାଳସ୍ତରୀୟ ଅଧିକାରୀଙ୍କୁ ଏହାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ସେହିପରି ଡିଆଇଜି ଦୀପକ କୁମାର କହିଛନ୍ତି, କାର୍ସିଆରେ ମଦ କିଣି ପିଇଥିବା ୨ ଜଣଙ୍କ ମୃତ୍ୟୁ ଘଟିଥିବା ନେଇ ଶୁକ୍ରବାର ସକାଳେ ଲୋଧା ଥାନାରେ ଏତଲା ଦିଆଯାଇଥିଲା। ମୃତକମାନେ ହେଉଛନ୍ତି ଟ୍ରକ୍ ଡ୍ରାଇଭର। ସେମାନେ ଆଲିଗଡ଼-ତପାଲ ରାଜପଥରେ ଥିବା ଏକ ଗ୍ୟାସ୍ ଗୋଦାମରେ କାମ ପାଇଁ ଅଟକିଥିଲେ। ମୃତ୍ୟୁ ଖବର ପାଇ ଜିଲାର ବରିଷ୍ଠ ପୋଲିସ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଥିବାବେଳେ କାର୍ସିଆ ଓ ପାଖ ଗ୍ରାମର ଆଉ ୬ ଜଣ ବିଷାକ୍ତ ମଦ ପିଇ ପ୍ରାଣ ହରାଇଥିବା ଜାଣିବାକୁ ପାଇଥିଲେ। ମୃତଦେହଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଇତିମଧ୍ୟରେ ଅନ୍ୟ ୭ ଜଣଙ୍କ ମଧ୍ୟ ମୃତ୍ୟୁ ଘଟିଥିବା ସୂଚନା ରହିଛି। ଅସୁସ୍ଥ ହୋଇପଡ଼ିଥିବା ଅନ୍ୟମାନଙ୍କୁ ଜିଲା ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ସେମାନଙ୍କ ମଧ୍ୟରୁ କେତେଜଣଙ୍କୁ ଜବାହରଲାଲ ନେହେରୁ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଉକ୍ତ ମଦ ଦୋକାନକୁ ସିଲ୍ କରାଯାଇଛି। ସେଠାରୁ ମଦର ନମୁନା ସଂଗ୍ରହ କରି ଲାବ୍‌କୁ ପରୀକ୍ଷା ପାଇଁ ପଠାଯାଇଛି। ମଦ ଦୋକାନର ମାଲିକଙ୍କ ସମେତ ୪ ଜଣଙ୍କୁ ଗିରଫ କରାଯାଇଥିବା ଅବକାରୀ ବିଭାଗ ଡେପୁଟି କମିଶନର ଡି. ଶର୍ମା କହିଛନ୍ତି।

# ସୁବର୍ଣ୍ଣରେଖାରେ ...

ଯୋଗୁ ୪ ବ୍ଲକର ୧୦୧ ଗ୍ରାମର ୨୫,୦୩୩ ଲୋକ ପ୍ରଭାବିତ ହୋଇଥିବାବେଳେ ୭୬ ଗ୍ରାମର ୧୩,୭୦୫ ଲୋକ ଜଳବନ୍ଦୀ ହୋଇଥିବା ସରକାରୀ ଭାବେ କୁହାଯାଇଛି। ତେବେ ବର୍ଷା କମିଥିବାରୁ ବୈତରଣୀରେ ଜଳସ୍ତର ହ୍ରାସ ପାଉଛି। କିନ୍ତୁ ଆଖୁଆପଦାଠାରେ ବିପଦ ସଙ୍କେତ ୧୭.୮୩ ମିଟର ଥିବା ବେଳେ ଶୁକ୍ରବାର ରାତି ୭ଟା ସୁଦ୍ଧା ୧୭.୯୪ମିଟର ଜଳ ପ୍ରବାହିତ ହେଉଥିବା ସୂଚନା ମିଳିଛି। ଉପରମୁଣ୍ଡର ବିଭିନ୍ନ ଜଳାଧାରରୁ ଉଦ୍‌ବୃତ୍ତ ବର୍ଷା ପାଣି ସୁବର୍ଣ୍ଣରେଖାରେ ଛଡ଼ାଯିବାରୁ ବାଲେଶ୍ୱର ଜିଲାରେ ବନ୍ୟା ଆଶଙ୍କା ଦେଖାଦେଇଛି। ଗାଲୁଡିହି ଜଳାଧାରରୁ ସେକେଣ୍ଡକୁ ୩ଲକ୍ଷ କ୍ୟୁସେକ୍ ପାଣି ସୁବର୍ଣ୍ଣରେଖାରେ ନିଷ୍କାସନ ହେଉଥିବା ବେଳେ ଜାମୁଶୂଳା ଘାଟରେ ବନ୍ୟା ପାଣି ବିପଦ ସଙ୍କେତ ଉପରେ ବହୁଛି। ରାଜଘାଟଠାରେ ସୁବର୍ଣ୍ଣରେଖା ସତର୍କ ସୂଚନା ୯.୪୫ମି. ଥିବାବେଳେ ବିପଦ ସଙ୍କେତ ୧୦.୩୬ମି. ରହିଛି। ରାତି ୯ଟା ସୁଦ୍ଧା ଜଳସ୍ତର ବୃଦ୍ଧି ପାଇ ୮.୭୦ ମି. ଊର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ତେବେ ସୁବର୍ଣ୍ଣରେଖା ଉଛୁଳିଲେ ଭୋଗରାଇ, ବାଲିଆପାଳ, ବସ୍ତା ଓ ଜଳେଶ୍ୱର ବ୍ଲକ ପ୍ରଭାବିତ ହେବ ବୋଲି ସେଚ ବିଭାଗ ଆକଳନ କରୁଛି। ଭୋଗରାଇ ଓ ବାଲିଆପାଳ ତଳି ଅଞ୍ଚଳରେ ବାସ କରୁଥିବା ଜନସାଧାରଣଙ୍କୁ ବାତ୍ୟା ଆଶ୍ରୟସ୍ଥଳୀକୁ ଚାଲିଯିବାକୁ ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ସତର୍କ କରାଯାଉଛି। ବୈତରଣୀ, ସୁବର୍ଣ୍ଣରେଖା ଓ ବୁଢ଼ାବଳଙ୍ଗ ଅବବାହିକା ମୁଖ୍ୟଯନ୍ତ୍ରୀ ପ୍ରଭାତ ରଞ୍ଜନ ରାଉତଙ୍କ ସୂଚନା ଅନୁସାରେ ସୁବର୍ଣ୍ଣରେଖାରେ ଜଳସ୍ତର ବଢୁଛି। ତେଣୁ ମଧ୍ୟମ ଧରଣର ବନ୍ୟା ହେବାର ଆଶଙ୍କା ରହିଛି। ଭୋଗରାଇ ବ୍ଲକ କୁମ୍ଭୀରୀଗଡ଼ି ଗ୍ରାମର ଚାଷୀ ପ୍ରଭାକର ଗିରି କୁହନ୍ତି, ବାତ୍ୟା 'ୟାସ' ପ୍ରଭାବରେ ଧାନଚାଷ ନଷ୍ଟ ହୋଇଯାଇଥିବା ବେଳେ ଏଯାଏ ଲୁଣି ପାଣି ଛାଡ଼ିନାହିଁ। ପୁଣି ବନ୍ୟା ଆସିବା ନେଇ ସୂଚନା ମିଳୁଥିବାରୁ ଆମେ ଭୟଭୀତ ଅବସ୍ଥାରେ ରହିଛୁ। ଯଦି ବନ୍ୟା ହୁଏ, ତାହାହେଲେ ଆମ ଜୀବନଜୀବିକା ଉପରେ ପ୍ରଭାବ ପଡ଼ିବ। ଅପରପକ୍ଷରେ ବୁଢ଼ାବଳଙ୍ଗ ଓ ଗଙ୍ଗାହାର ନଦୀରେ ଜଳପତ୍ତନ ହ୍ରାସ ପାଇ ବନ୍ୟା ଆଶଙ୍କା ଟଳିଛି।

# ନୂଆ ଆଇଟି ନିୟମ ...

କେନ୍ଦ୍ର ନିୟମର ସମ୍ପୂର୍ଣ୍ଣ ଅନୁପାଳନ ବୋଲି ବିଚାର କରିନାହିଁ। କାରଣ କୁ, ଶେୟାରଚାର୍ଟ, ଟେଲିଗ୍ରାମ, ଲିଙ୍କଡ୍‌ଇନ୍, ଗୁଗଲ, ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍ ଭଳି ଅଧିକାଂଶ ପ୍ଲାଟଫର୍ମ ନିଜ ନିଜ ନୋଡାଲ ଓ ଗ୍ରିଭାନ୍ସ ଅଧିକାରୀମାନଙ୍କ ଆବଶ୍ୟକ ବିବରଣୀ ଶେୟାର କରି ନିୟମ ଅନୁପାଳନ କରିବା ପାଇଁ ସହମତି ପ୍ରକାଶ କରିଛନ୍ତି। ଟୁଇଟର କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଦେଇଛି।

# ଠଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଠ୍ କହିଲେ ଉଠିବା, ବସ୍ କହିଲେ ବସିବା।**

ଭୃତ୍ୟ ଶ୍ରେଣୀୟ ବ୍ୟକ୍ତି ମାଲିକଙ୍କ କଥାରେ ଉଠ ବସ ହୋଇଥାନ୍ତି। ମାଲିକଙ୍କର ବରାଦ ଅନୁସାରେ କାମ କରିବାକୁ ବାଧ ହୋଇଥାନ୍ତି। ଏକାନ୍ତ ଆଜ୍ଞାନୁବର୍ତ୍ତୀ ବ୍ୟକ୍ତି। ଅନ୍ୟର ଇଙ୍ଗିତରେ ପରିଚାଳିତ ହେବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ


# classifieds Everyday

0674-2580101, 2549302



**SALE**

**Ready to move commercial shops for sale at DHPL Sahoo Residency, Near Mancheswar Railway Station. Contact: 9937059891.**
D-20685

A Hostel (3500sqft. land with 16rooms) and a Duplex (1300sqft. land with 1600sqft. built-up) to sale near VSS Nagar, Bhubaneswar. Duplex 90L and Hostel 1.5cr. Contact: 9438874333, 9437513333. D-20793

**1/2/3 BHK ready to move apartment for sale at DHPL Enclave 2 Kalarahanga. Contact 9937059891.**
D-20642



Contact for House Construction and InteriorDesign(Modular Kitchen/TV Unit/ Wardrobe) from the experts -7008550473.
D-20795



Monalisa massage club : All types body massage with hiprofile smart lady rooms service available 9708545108. D-20791

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜିର ଯାତ୍ରା, ବାଣିଜ୍ୟ, ବ୍ୟବସାୟ, ଅଧ୍ୟୟନ, ଅଧ୍ୟାପନା, କଳା, ସାହିତ୍ୟ ଓ ରଚନାତ୍ମକ କାମରେ ପ୍ରଶଂସିତ ହେବେ। ପାରିବାରିକ ସ୍ତରରେ ପିଲାଙ୍କ କଥାକୁ ନେଇ ମାନସିକ ସ୍ଥିତି ବିପନ୍ନ ହେବ। ନୂତନ ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିପାରନ୍ତି। ତରବରିଆ ଭାବରେ ନୂତନ କର୍ମାରମ୍ଭ, ସ୍ୱାସ୍ଥ୍ୟ ସମସ୍ୟା ସକାଶେ ଚିନ୍ତା ପ୍ରକଟ କରିପାରନ୍ତି।

**ବୃଷ**
ଆପଣଙ୍କ ଭୁଲ୍ ନିଷ୍ପତ୍ତି କାମରେ ଦ୍ୱନ୍ଦ୍ୱ, ପରିବାରରେ ଅଶାନ୍ତି ଓ ଅର୍ଥପ୍ରାପ୍ତିରେ ସମସ୍ୟା ସୃଷ୍ଟି କରିପାରେ। ଇଚ୍ଛା ନ ଥିଲେ ମଧ୍ୟ ଆଜି ଘର କାମ ଛାଡ଼ି ବାହାର କାମରେ ବେଶି ସମୟ କଟାଇବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣରୁ ନିବୃତ୍ତ ରହିବା ଭଲ ହେବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ପାରିବାରିକ କଳହ କାରଣରୁ ବିଭିନ୍ନ ପ୍ରକାରର ଦୁଶ୍ଚିନ୍ତାରେ ମନ ଉଦ୍‌ସନ୍ନ ରହିବ। କିନ୍ତୁ ବହୁତ ଦିନ ହେଲା ଖୋଜୁଥିବା ଜିନିଷ ସୁବିଧାରେ ପାଇଯିବେ। ଆଜିର ମନୋରଞ୍ଜନ ପ୍ରୀତିପ୍ରଦ ହେବା ସଙ୍ଗକୁ ମିତ୍ରମାନେ ପ୍ରଶଂସା ଗାଇ ବୁଲିବେ। ସାମାଜିକ ସ୍ତରରେ ପରିସ୍ଥିତିକୁ ଦେଖି ସବୁ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ**
ବିଭିନ୍ନ ନକାରାତ୍ମକ ଭାବନା ମନକୁ ବିଷାକ୍ତ କରିପାରେ। ଫଳତଃ ବହୁ ପୂର୍ବରୁ ଚିନ୍ତା କରିଥିବା ଓ ଗତକାଲିର ଯୋଜନା ଠିକ୍ ଭାବରେ ବଦଳାଇବା ପାଇଁ କଷ୍ଟକର ହେବ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି। ଆକସ୍ମିକ ଆବଶ୍ୟକତା ପୂରଣ ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ।

**ସିଂହ**
ପରିସ୍ଥିତିର ଭାରସାମ୍ୟ ରକ୍ଷା କରିବାକୁ ମିଥ୍ୟାଳାପ କରିବାକୁ ପଡିପାରେ। ଫଳରେ ଖଳ ଲୋକଙ୍କ କଥାରେ ପ୍ରଭାବିତ ହୋଇ ଭଲ ସମ୍ପର୍କ ଥିବା ବ୍ୟକ୍ତିଟି ଭୁଲ୍ ଧାରଣା ପୋଷଣ କରିବ। କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ଶିଳ୍ପ , ଏଜେନ୍ସିପ୍ ସାମ୍ବାଦିକତାରୁ ଖୁସି ରହିବେ। ବ୍ୟବସାୟ ଓ ପରିବହନରେ ସମସ୍ୟା ବଢ଼ିଯିବ।

**କନ୍ୟା**
ଆଜି ଯିଏ ଯେତେ ଶତ୍ରୁତା କଲେ ମଧ୍ୟ କିଛି କରିପାରିବେ ନାହିଁ। ଅଟକି ରହିଥିବା ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ସାମୟିକ ମାନସିକ ଅସ୍ଥିରତା ଦେଖାଦେବ। ନିକଟ ସମ୍ପର୍କୀୟମାନେ ସମ୍ମୁଖରେ ଭଲ ଭଲ କଥା କହି ପରୋକ୍ଷ ଶତ୍ରୁତା କରିବା ଯୋଗୁଁ ବିଚଳିତବୋଧ କରିବେ।

**ତୁଳା**
ଆଜି ଆପଣଙ୍କ ସକାଶେ ଏକ ସ୍ମରଣୀୟ ଦିବସ କହିଲେ ଅତ୍ୟୁକ୍ତି ହେବ ନାହିଁ। ଯଦି କିଛି ଅସୁବିଧା ପରିଲକ୍ଷିତ ହୁଏ ତାହା ନିଜ ଦୋଷରୁ ହିଁ ହେବାର ଆଶଙ୍କା ରହିଛି। ଘର ପାଇଁ ମୂଲ୍ୟବାନ ଜିନିଷ କିଣିବା ସକାଶେ ମନ ବଳାଇ ପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
ଆଜି ଆକସ୍ମିକ ଭାବରେ ଦୂରଯାତ୍ରା କରିବାକୁ ବାଧ ହେବେ। କିନ୍ତୁ ତରବରିଆ ଭାବେ କୌଣସି କାମ କଲେ ସବୁ ଓଲଟ ପାଲଟ ହୋଇଯାଇପାରେ। କିନ୍ତୁ ଚେଷ୍ଟା ଅବ୍ୟାହତ ରଖିବା ଫଳରେ ବିଳମ୍ବରେ ସଫଳତା ପାଇବେ। ସେବା ଓ ପରୋପକାର ହେତୁ ନିଜ ପରିସରରେ ପ୍ରତିଷ୍ଠିତ ହେବେ।

**ଧନୁ**
ଦିନଭରି ମନ ପ୍ରଫୁଲ୍ଲ ରହିବ ଓ ଯାହା ଚାହୁଁଛନ୍ତି ପାଇବାରେ ଅସୁବିଧା ହେବ ନାହିଁ। ଜାଣିଶୁଣି କେତେକ ବ୍ୟକ୍ତି ସମସ୍ୟା ସୃଷ୍ଟି କରିପାରନ୍ତି। ମତାନ୍ତର ଜନିତ ପାରିବାରିକ ସ୍ତରରେ ଟେନସନ୍ କିଛି ମାତ୍ରାରେ ବଢିଯିବ। କର୍ମକ୍ଷେତ୍ରରେ ମନର ବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହିବେ।

**ମକର**
ଆଜିର କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ସ୍ୱାଭାବିକ ରହିବ। କୌଣସି ପରିସ୍ଥିତିରେ ମଧ୍ୟ ତରବରିଆ ପଦକ୍ଷେପ ନିଅନ୍ତୁ ନାହିଁ, ଅସୁବିଧାରେ ପଡ଼ି ପାରନ୍ତି। ବନ୍ଧୁମାନଙ୍କ ସହ ଭୁଲ୍ ବୁଝାମଣା କାରଣରୁ ସମ୍ପର୍କ ହାନି ଘଟିପାରେ। ଘର କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରି ପର କ୍ଷଣରେ ଅନୁତପ୍ତ ହେବେ।

**କୁମ୍ଭ**
ବନ୍ଧୁଙ୍କୁ ସାହାଯ୍ୟ କରି ଆତ୍ମତୃପ୍ତି ଲଭିବେ। ସଭା ସମିତିରେ, ବନ୍ଧୁ ଗହଣରେ ଗାମ୍ଭୀର୍ଯ୍ୟ ରକ୍ଷାକଲେ ତାହା ବ୍ୟକ୍ତିତ୍ୱ ବିକାଶରେ ସହାୟକ ହେବ। କେତେକ କ୍ଷେତ୍ରରେ ନିଜେ କଷ୍ଟ ଅନୁଭବ କଲେ ମଧ୍ୟ କର୍ମକ୍ଷେତ୍ରରେ ପ୍ରିୟ କଥା କହି ସମସ୍ୟା ସୁଧାରି ନେବେ। ନିଜ ଫାଇଦା ହାସଲ ସକାଶେ ବନ୍ଧୁ ଅସୁବିଧାରେ ପକାଇପାରନ୍ତି।

**ମୀନ**
ଆଜି ଆପଣଙ୍କୁ ଅର୍ଥପ୍ରାପ୍ତି, ସୌଜନ୍ୟତା, ମଧୁର ବ୍ୟବହାର ଦ୍ୱାରା ବନ୍ଧୁମାନଙ୍କୁ ଆପ୍ୟାୟିତ କରି ପ୍ରଶଂସିତ ହେବେ। ସ୍ୱାସ୍ଥ୍ୟ ଭଲ ରହି ନ ପାରେ ଏବଂ ମାନସିକ ସ୍ତରରେ ଦୁର୍ଭାବନା ବଢିଚାଲିବ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରି ପାରିବେନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ।

ଆଜି ଜ୍ୟେଷ୍ଠ କୃଷ୍ଣ ଚତୁର୍ଥୀ ଶନିବାର, ମେ ୨୯ ତାରିଖ, ରାଶି ନକ୍ଷତ୍ର-ପୂର୍ବାଷାଢା/ଧନୁ, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ୦୧.୫୫ମି. ଗତେ ଘ.୦୩.୩୯ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୫.୧୧ମି. ଗତେ ଘ.୦୬.୦୩ମି. ମଧ୍ୟେ, ଘ.୦୯.୩୩ମି. ଗତେ ଘ.୧୨.୧୦ମି. ମଧ୍ୟେ ମାହେନ୍ଦ୍ର ବେଳା। ସକାଳ ଘ.୦୮.୨୭ମି. ଗତେ ଘ.୧୦.୦୫ମି. ମଧ୍ୟେ ରାହୁକାଳ।

# ଖବରଦାତାଙ୍କୁ ପୋଲିସ ଆକ୍ରମଣ
# ବିଭିନ୍ନ ମହଲରୁ ପ୍ରତିବାଦ

ପୁରୀରେ ଜଣେ ପରିବା ବ୍ୟବସାୟୀଙ୍କୁ ପୋଲିସର ନିର୍ଘାତ ମାଡ଼ ସମ୍ପର୍କରେ ଖବର ସଂଗ୍ରହ କରିବାକୁ ଯାଇଥିବା ଧରିତ୍ରୀର ଜିଲା ପ୍ରତିନିଧି ଦତ୍ତାତ୍ରେୟ ନାୟକଙ୍କୁ ଯେଉଁଭଳି ଭାବେ ଆକ୍ରମଣ କରାଗଲା, ତାହାକୁ ବିଭିନ୍ନ ବର୍ଗର ବ୍ୟକ୍ତି ନିନ୍ଦା କରୁଛନ୍ତି। ଜଣେ କର୍ତ୍ତବ୍ୟରତ ଖବରଦାତାଙ୍କ ଉପରେ ପୋଲିସର ଦମନଲୀଳାକୁ ଘୋର ପ୍ରତିବାଦ କରାଯାଉଛି। କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ଖବରଦାତାଙ୍କୁ ଆକ୍ରମଣ କରିଥିବା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ସବୁ ମହଲରୁ ଦାବି ହେଉଛି।

## ନିନ୍ଦା କରୁଛି



କର୍ତ୍ତବ୍ୟରତ ଖବରଦାତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ଠିକ୍ ହୋଇନାହିଁ। ଏଭଳି ଆଦୌ ହେବା କଥା ନୁହେଁ। ଏହାକୁ ନିନ୍ଦା କରୁଛି।

**- ଟୁକୁନି ସାହୁ, ମନ୍ତ୍ରୀ, ବଲାଙ୍ଗୀର ଜିଲା ବିଜେଡି ସଭାପତି**

## ପୋଲିସ ପଦବୀର ଅପବ୍ୟବହାର କରୁଛି



ଗଣମାଧ୍ୟମକୁ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ କୁହାଯାଏ। ରାଜ୍ୟ ସରକାର ସାମ୍ବାଦିକଙ୍କୁ କରୋନା ଯୋଦ୍ଧାର ମାନ୍ୟତା ଦେଇଛନ୍ତି। କରୋନା ସମୟରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ପରିବେଷଣ କରୁଛନ୍ତି। ଏଭଳି ସ୍ଥଳେ ପୁରୀରେ କାର୍ଯ୍ୟରତ ଜଣେ ଖବରଦାତାଙ୍କୁ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ପୋଲିସ ନିଜ ପଦବୀର ଅପବ୍ୟବହାର କରୁଛି। ଏଥିପ୍ରତି ସରକାର ଦୃଷ୍ଟି ଦେବା ଜରୁରୀ। ଏହି ଘଟଣାର ନିରପେକ୍ଷ ତଦନ୍ତ କରାଯାଉ।

**- ସୁରେଶ କୁମାର ରାଉତରାୟ, ବିଧାୟକ, ଜଟଣୀ**

## ନିରପେକ୍ଷ ତଦନ୍ତ ଆବଶ୍ୟକ



ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ଆକ୍ରମଣ କରିବା ନିନ୍ଦନୀୟ। ଏହାର ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କରୋନା ଯୋଦ୍ଧା ଆଖ୍ୟା ଦେଇଛନ୍ତି। ଖବରଦାତାମାନେ ନିଜ ଜୀବନକୁ ପାଣି ଛଡ଼ାଇ ଜନସାଧାରଣଙ୍କୁ ସତର୍କ କରାଉଛନ୍ତି। ପୋଲିସ ଆଇନଶୃଙ୍ଖଳା ଭିତରେ ରହି କାର୍ଯ୍ୟ କରିବା ଦରକାର।

**- ଇଂ. ରବୀନ୍ଦ୍ର କୁମାର ଜେନା, ପୂର୍ବତନ ଏମ୍‌ପି, ବାଲେଶ୍ୱର**

## ସାମ୍ବାଦିକ ସମ୍ମାନର ଯୋଗ୍ୟ



ସାମ୍ବାଦିକମାନେ ସର୍ବଦା ସମ୍ମାନର ଯୋଗ୍ୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର ସାମ୍ବାଦିକମାନଙ୍କୁ କରୋନା ଯୋଦ୍ଧା ଭାବେ ଘୋଷଣା କରିସାରିଛନ୍ତି। ତେଣୁ ସବୁକ୍ଷେତ୍ରରେ ସେମାନଙ୍କୁ ସମ୍ମାନ ପ୍ରଦର୍ଶନ କରାଯିବା ଉଚିତ।

**- ସୁଧୀର କୁମାର ସାମଲ, ଢେଙ୍କାନାଳ ବିଧାୟକ**

## ସମସ୍ତ ଦୋଷୀଙ୍କୁ ଦଣ୍ଡ ଦିଆଯାଉ



ଓଡ଼ିଶାରେ ଆଇନ୍‌ଶୃଙ୍ଖଳା ବୋଲି କିଛି ନାହିଁ। ସାଧାରଣ ଲୋକଙ୍କ ଉପରେ ପୋଲିସ ଏଠି ଅତ୍ୟାଚାର କରୁଛି। କରୋନା କାଳରେ ପେଟପାଟଣା ପାଇଁ ପୁରୀରେ ଜଣେ ପରିବା ବିକୁଥିବାବେଳେ ପୋଲିସ ତାଙ୍କୁ ବର୍ବରୋଚିତ ଆକ୍ରମଣ କରିଥିଲା। ସେତିକିରେ ପୋଲିସ ଚୁପ୍ ରହି ନ ଥିଲା। ସେଠାକୁ ଖବର ସଂଗ୍ରହ ପାଇଁ ଯାଇଥିବା ଧରିତ୍ରୀ ଖବରଦାତାଙ୍କ ଉପରେ ମଧ୍ୟ ଏସ୍‌ଡିପିଓ, ଆଇଆଇସିଙ୍କ ଉପସ୍ଥିତିରେ ପୋଲିସ ଆକ୍ରମଣ ହୋଇଥିଲା। ଘଟଣାକୁ ସପ୍ତାହେ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାର ନୀରବ ରହିଛନ୍ତି। ତାହା ଆହୁରି ଦୁର୍ଭାଗ୍ୟଜନକ। ଏଥିରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦିଆଯାଉ।

**- ଅଶ୍ୱିନୀ ଷଡ଼ଙ୍ଗୀ, ବରଗଡ଼ ଜିଲା ଭାଜପା ସଭାପତି**

## ସରକାର ଚୁପ୍ କାହିଁକି



ପୋଲିସ ଯଦି ଖବରଦାତାଙ୍କୁ ଏପରି ଆକ୍ରମଣ କରେ, ତେବେ ଗାଁଗହଳିର କଥା ବାହାରକୁ ଆସିପାରିବ ନାହିଁ। ପୋଲିସର ଏପରି ଆଚରଣ ପରେ ସରକାର କାହିଁକି ଚୁପ୍ ରହିଛନ୍ତି। ଏହାଦ୍ୱାରା ରାଜ୍ୟ ସରକାର ତଳସ୍ତରର ଲୋକଙ୍କୁ ପୋଲିସ ଦ୍ୱାରା ଦମନ ନୀତି ଚଳାଇବା ପାଇଁ ପ୍ରୋତ୍ସାହିତ କରୁଛନ୍ତି। ଏହା ନିହାତି ଦୁର୍ଭାଗ୍ୟଜନକ। ତୁରନ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ଅଂଶୁମାନ୍ ମହାନ୍ତି, କେନ୍ଦ୍ରାପଡ଼ା ଜିଲା କଂଗ୍ରେସ ସଭାପତି**

## ମାଡ଼ ମରାଯିବା ଗ୍ରହଣୀୟ ନୁହେଁ



ସାମ୍ବାଦିକମାନେ ଗଣତନ୍ତ୍ରର ୪ର୍ଥ ସ୍ତମ୍ଭ। ସ୍ୱାଧୀନ ଭାବେ କାର୍ଯ୍ୟ କରିବାର ଅଧିକାର ସେମାନଙ୍କର ରହିଛି। କାର୍ଯ୍ୟକ୍ଷେତ୍ରରେ ସାମ୍ବାଦିକଙ୍କୁ ମାଡ଼ ମରାଯିବା ଗ୍ରହଣୀୟ ନୁହେଁ। ମାତ୍ରାଧିକ ପ୍ରଶାସନିକ କାର୍ଯ୍ୟକଳାପ ଆଦୌ ଠିକ୍ ନୁହେଁ।

**- କୃଷ୍ଣଚନ୍ଦ୍ର ପାତ୍ର, ପୂର୍ବତନ ବିଧାୟକ, ଢେଙ୍କାନାଳ**

## ପୋଲିସ ଉପରେ ଲଗାମ ନାହିଁ



ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ସୁରକ୍ଷା ପ୍ରତି ଦୃଷ୍ଟି ନ ଦେଇ ନିଜକୁ ସୁହାଇଲା ଭଳି କାର୍ଯ୍ୟ କରୁଛନ୍ତି। ଏକଚ୍ଛତ୍ରବାଦ ଶାସନ ଚାଲିଛି। ପୋଲିସ ଉପରେ ସରକାରଙ୍କ ଲଗାମ ନାହିଁ। ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ପୋଲିସ ମାଡ଼ ମାରିବା ଗ୍ରହଣୀୟ ନୁହେଁ।

**- ନବୀନଚନ୍ଦ୍ର ନାରାୟଣ ଦାସ, ପୂର୍ବତନ ମନ୍ତ୍ରୀ, ଢେଙ୍କାନାଳ**

## ତୀବ୍ର ନିନ୍ଦା କରୁଛି



ପୁରୀରେ ଧରିତ୍ରୀର ଖବରଦାତାଙ୍କୁ ଆକ୍ରମଣ ଘଟଣାକୁ ନେଇ ଦୁଃଖ ପ୍ରକାଶ କରୁଛି। ସମସ୍ତ ପୋଲିସ ଖରାପ ନୁହନ୍ତି। ଯେଉଁମାନେ ଏହି ଘଟଣାର ସାମିଲ, ସେମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆବଶ୍ୟକ। ମାତ୍ର ଘଟଣାକୁ ତୀବ୍ର ନିନ୍ଦା କରୁଛି।

**- ସରୋଜ କର୍ଣ୍ଣ, ଜିଲା ବିଜେଡି ସଭାପତି, କନ୍ଧମାଳ**

## କାର୍ଯ୍ୟାନୁଷ୍ଠାନ ନିଆଯାଉ



ଖବରଦାତାଙ୍କ ଉପରେ ପୋଲିସର ଏଭଳି ବର୍ବରତା ନିନ୍ଦନୀୟ। ମହାମାରୀ ସମୟରେ ଗଣମାଧ୍ୟମ ପ୍ରତିନିଧି ଜନସାଧାରଣଙ୍କୁ ଠିକ୍ ତଥ୍ୟ ଦେଉଥିବା ବେଳେ ତାଙ୍କ ଉପରେ ଆକ୍ରମଣ କରି ସ୍ୱାଧୀନତା ଓ ଅଧିକାରକୁ କ୍ଷୁଣ୍ଣ କରାଯାଇଛି। ଆକ୍ରମଣକାରୀଙ୍କ ବିରୋଧରେ ଯଦି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ତେବେ ଗଣତନ୍ତ୍ର ପ୍ରତି ଏହା ଏକ ଉପହାସ। ଆକ୍ରମଣକାରୀ ପୋଲିସଙ୍କ ବିରୋଧରେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ।

**- ବିଭୂତି ଭୂଷଣ ଜେନା, ଜିଲା ଭାଜପା ସଭାପତି, ଗଞ୍ଜାମ**

## ଆକ୍ରମଣ ନିନ୍ଦନୀୟ



ଗଣମାଧ୍ୟମ ପ୍ରତିନିଧିଙ୍କ ଭୂମିକା ସମାଜରେ ଅତି ଗୁରୁତ୍ୱପୂର୍ଣ୍ଣ। ସେମାନଙ୍କୁ ଯଦି ଆକ୍ରୋଶମୂଳକ ଭାବେ ଆକ୍ରମଣ କରାଯାଏ, ତାହା ଗ୍ରହଣୀୟ ନୁହେଁ। ଏଭଳି ପରିସ୍ଥିତିରେ କାର୍ଯ୍ୟରତ ଧରିତ୍ରୀ ପୁରୀ ପ୍ରତିନିଧିଙ୍କୁ ପୋଲିସ ଯେଉଁଭଳି ଆକ୍ରମଣ କରିଛି ତାହା ନିନ୍ଦନୀୟ ଏବଂ ତଦନ୍ତ କରି ଉକ୍ତ ପୋଲିସ କର୍ମଚାରୀମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅନୁରୋଧ।

**- ରୋମାଞ୍ଚରଞ୍ଜନ ବିଶାଳ, ଦେବଗଡ଼ ଜିଲା ବିଜେଡି ସଭାପତି**

## ଯେତେ ନିନ୍ଦା କଲେ କମ୍ ହେବ



ଖବର ସଂଗ୍ରହ କରୁଥିବା ବେଳେ ଖବରଦାତାଙ୍କୁ ପୋଲିସର ମାଡ଼ ଅତ୍ୟନ୍ତ ନିନ୍ଦନୀୟ। ଏଭଳି ଆକ୍ରମଣ ସମାଜ ପାଇଁ ଶୁଭଙ୍କର ନୁହେଁ। ଏହି ଘଟଣାକୁ ଯେତେ ନିନ୍ଦା କଲେ ମଧ କମ୍ ହେବ। ଏହା କ୍ଷମତାର ଅପବ୍ୟବହାର ଓ ଅମାନବୀୟ। ତଦନ୍ତ ଶୀଘ୍ର ସମ୍ପୂର୍ଣ୍ଣ କରି ଘଟଣାରେ ସମ୍ପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ସରୋଜ କୁମାର କର୍ମ, ବିଜେଡି ସଭାପତି, ସୁବର୍ଣ୍ଣପୁର**

## ଅମାନବୀୟ କାର୍ଯ୍ୟ



ମହାମାରୀ କରୋନା ସମୟରେ ଖବରଦାତାମାନେ ନିଜ ଜୀବନକୁ ବାଜି ଲଗାଇ ଖବର ସଂଗ୍ରହକରି ଲୋକଲୋଚନକୁ ଆଣୁଛନ୍ତି। ଏଥିପାଇଁ ସରକାର ଖବରଦାତାଙ୍କୁ ଆଗଧାଡ଼ିର କରୋନା ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ କାର୍ଯ୍ୟରତ ଧରିତ୍ରୀ ଖବରଦାତାଙ୍କୁ ପୁରୀ ପୋଲିସ ଆକ୍ରମଣ କରିଛି। ଯଦି ରାଜ୍ୟରେ ଖବରଦାତା ସୁରକ୍ଷିତ ନୁହନ୍ତି ତା'ହେଲେ ସାଧାରଣ ଲୋକ କେମିତି ସୁରକ୍ଷିତ ରହିବେ ବୋଲି ପ୍ରଶ୍ନ ଉଠୁଛି। ପୁରୀ ପୋଲିସର ଅମାନବୀୟ କାର୍ଯ୍ୟକୁ ଜିଲା କଂଗ୍ରେସ କମିଟି ଦୃଢ଼ ନିନ୍ଦା କରିବା ସହ ସମ୍ପୃକ୍ତ ପୋଲିସ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି।

**- ଭରତ ଅଗସ୍ତି, ଝାରସୁଗୁଡ଼ା ଜିଲା କଂଗ୍ରେସ ସଭାପତି**

## ପୋଲିସ ଆକ୍ରମଣ ନିନ୍ଦନୀୟ



କରୋନା କଟକଣା ମଧ୍ୟରେ ସାମ୍ବାଦିକମାନେ ନିଜ ଜୀବନକୁ ବାଜି ଲଗାଇ ବିଭିନ୍ନ ଖବର ପରିବେଷଣ କରୁଛନ୍ତି। ଏଥିପାଇଁ ରାଜ୍ୟ ସରକାର ସେମାନଙ୍କୁ ସମ୍ମୁଖ ଯୋଦ୍ଧା ଭାବେ ଘୋଷଣା କରିଛନ୍ତି। ଏଭଳି ସ୍ଥିତିରେ ଜଣେ କର୍ତ୍ତବ୍ୟରତ ସାମ୍ବାଦିକଙ୍କୁ ପୋଲିସର ଆକ୍ରମଣ ଅତି ନିନ୍ଦନୀୟ। ସଂପୃକ୍ତ ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

**- ସରୋଜ କୁମାର ମହାପାତ୍ର, ଯାଜପୁର ଜିଲା ବିଜେଡି ସଭାପତି**

## ରାଜ୍ୟ ସରକାର ସ୍ପଷ୍ଟୀକରଣ ଦିଅନ୍ତୁ



ପୁରୀରେ ସାମ୍ବାଦିକଙ୍କୁ ପୋଲିସର ଆକ୍ରମଣକୁ ନିନ୍ଦା କରୁଛୁ। ସଂପୃକ୍ତ ପୋଲିସ ଅଧିକାରୀଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଥିରୁ ସରକାରଙ୍କ ସାମ୍ବାଦିକମାନଙ୍କ ପ୍ରତି କେତେ ସହାନୁଭୂତି ଅଛି ସ୍ପଷ୍ଟ ଅନୁମେୟ। ରାଜ୍ୟ ସରକାର ଏ ସମ୍ପର୍କରେ ସ୍ପଷ୍ଟୀକରଣ ଦେବା ଦରକାର।

**- ମନୋଜ କୁମାର ରାଉତ, ଯାଜପୁର ଜିଲା କଂଗ୍ରେସ ସଭାପତି**

## ନିରପେକ୍ଷ ତଦନ୍ତ ହେଉ



ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କୁ ପୋଲିସର ଆକ୍ରମଣ ଆଜିର ସଭ୍ୟ ସମାଜରେ ଆଦୌ ଗ୍ରହଣୀୟ ନୁହେଁ। ଏହି ଘଟଣାର ନିରପେକ୍ଷ ତଦନ୍ତ ହେଉ। ଏଥିରେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆମେ ଦାବି କରୁଛୁ।

**- ଗୌତମ ରାୟ, ଯାଜପୁର ଜିଲା ଭାଜପା ସଭାପତି**

## ଖବରଦାତାଙ୍କୁ ସମ୍ମାନ, ସୁରକ୍ଷା ଆବଶ୍ୟକ



ସରକାର ଖବରଦାତାଙ୍କୁ ସମ୍ମାନ ଓ ସୁରକ୍ଷା ଦେବା ଆବଶ୍ୟକ। ସୁରକ୍ଷା ଦେଇ ନ ପାରିଲେ ଶାସନ ଗାଦିରେ ବସିବାର କୌଣସି ଅଧିକାର ନାହିଁ। ତେଣୁ ପୁରୀରେ ଆକ୍ରମଣର ଶିକାର ହୋଇଥିବା ଖବରଦାତାଙ୍କୁ ନ୍ୟାୟ ମିଳୁ।

**- ଶିବ ପଟ୍ଟନାୟକ, ରାୟଗଡ଼ା ଜିଲା ଭାଜପା ସଭାପତି**

## ସରକାର ସ୍ଥାଣୁ ପାଲଟିଯାଇଛନ୍ତି



ଖବରଦାତାଙ୍କୁ ପୋଲିସର ଆକ୍ରମଣ ନିନ୍ଦନୀୟ। ସରକାରଙ୍କୁ ପୋଲିସ ଭୟ କରୁନି। ରାଜ୍ୟ ସରକାର ସ୍ଥାଣୁ ପାଲଟିଯିବା ଯୋଗୁ ପୋଲିସର ଉତ୍ପାତ ଚାଲିଛି। ଏଥିରେ ଜନସାଧାରଣ ଅତିଷ୍ଠ ହେଲେଣି। ଲୋକ ପ୍ରତିନିଧିଙ୍କ କଥାକୁ ଗୁରୁତ୍ୱ ଦିଆଯାଉ ନ ଥିବାରୁ ଲୋକେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ବିରୋଧରେ ଲୋକ ପ୍ରତିନିଧିଙ୍କ ନିକଟରେ ପାଟି ଖୋଲୁନାହାନ୍ତି। ସରକାର ମାନସ ମନ୍ଥନ କରନ୍ତୁ।

**- ମୁନା ତ୍ରିପାଠୀ, ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି**

## ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ



କରୋନା ଲଢ଼େଇର ସମ୍ମୁଖ ଯୋଦ୍ଧା ତଥା ଧରିତ୍ରୀର ପୁରୀ ଜିଲା ପ୍ରତିନିଧିଙ୍କ ଉପରେ ପୋଲିସର ଆକ୍ରମଣ ଅତ୍ୟନ୍ତ ନିନ୍ଦନୀୟ। ଏପରି ଘଟଣାର ବହୁଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନ ହେବା ଓ ସରକାର ଚୁପ୍ ରହିବା ଦୁର୍ଭାଗ୍ୟଜନକ। ଏଭଳି ନୀରବତା ପୋଲିସ ଅତ୍ୟାଚାରକୁ ବଢ଼ାଇବ।

**- ଲାଲା ମନୋଜ ରାୟ, ନୟାଗଡ଼ ଜିଲା ଭାଜପା ସଭାପତି**

## କ୍ଷୋଭର କଥା



ଖବରଦାତାଙ୍କ ଉପରେ ସମସ୍ତେ ନିର୍ଭର କରିଥାନ୍ତି। କାରଣ ସେମାନେ ବିଭିନ୍ନ ଘଟଣାବଳୀ ଲୋକ ଲୋଚନକୁ ଆଣିଥାନ୍ତି। ତେଣୁ ଖବରଦତାଙ୍କ ଉପରେ ପୋଲିସ ଦୁର୍ବ୍ୟବହାର କ୍ଷୋଭର କଥା। ଯେଉଁମାନେ ଧରିତ୍ରୀ ପୁରୀ ଜିଲା ପ୍ରତିନିଧିଙ୍କୁ ମାଡ଼ ମାରିଛନ୍ତି ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ।

**- ନଟବର ବାରିକ, ଜଗତ୍‌ସିଂହପୁର ଜିଲା କଂଗ୍ରେସ ସଭାପତି**



ଖବରଦାତାଙ୍କୁ ପୋଲିସ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ବୁଧବାର କଳାହାଣ୍ଡି ଜିଲା ମ.ରାମପୁର ସାମ୍ବାଦିକ ସମନ୍ୱୟ ସମିତି ଏବଂ ଓଡ଼ିଶା ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମ.ରାମପୁର ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।



ଗଞ୍ଜାମ ଜିଲାର ଦିଗପହଣ୍ଡି ସାମ୍ବାଦିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁଙ୍କୁ ଦାବିପତ୍ର ପ୍ରଦାନ।



କାର୍ଯ୍ୟାନୁଷ୍ଠାନ ଦାବିରେ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ନୂଆପଡା ଜିଲା ସିନାପାଲି ସାମ୍ବାଦିକ ସଂଘ ସିନାପାଲି ତହସିଲଦାର ଲୋକନାଥ ଶବରଙ୍କୁ ଦାବିପତ୍ର ଦିଆଯାଇଛି।



ପୁରୀ ଜିଲା ଧରିତ୍ରୀ ଖବରଦାତାଙ୍କୁ ପୋଲିସ ଆକ୍ରମଣ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବିରେ ଗୁରୁବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସାମ୍ବାଦିକ ସଂଘ ପକ୍ଷରୁ କଣ୍ଟାବାଞ୍ଜି ତହସିଲଦାର ଅଶୋକ ମାଝିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।



ତାଳଚେର ୱାର୍କିଂ ଜର୍ନାଲିଷ୍ଟ ଆସୋସିଏଶନ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ତାଳଚେର ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଉଛି।

## ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ



ପୁରୀରେ ଜଣେ କାର୍ଯ୍ୟରତ ଖବରଦାତାଙ୍କୁ ପୋଲିସ ଯେପରି ମାଡ଼ ମାରିଛି, ତାହାକୁ ମୁଁ ନିନ୍ଦା କରୁଛି। ଏପର୍ଯ୍ୟନ୍ତ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ନ ହେବା ଆଶ୍ଚର୍ଯ୍ୟ ଲାଗୁଛି। ଏଥିରୁ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ସ୍ପଷ୍ଟ ହେଉଛି। ଯେଉଁ ପୋଲିସ କର୍ମଚାରୀମାନେ ଖବରଦାତାଙ୍କୁ ମାଡ଼ ମାରିଛନ୍ତି ସେମାନଙ୍କ ବିରୋଧରେ ସରକାର ତୁରନ୍ତ ପଦକ୍ଷେପ ନେବାକୁ ମୁଁ ଅନୁରୋଧ କରୁଛି।

**- ଆଦିତ୍ୟ ମାଢି, ମାଲକାନଗିରି ଜିଲା ଭାଜପା ସଭାପତି**

## କ୍ଷମତାର ଅପବ୍ୟବହାର



ଇଂରେଜ ଶାସନଠୁ ବଳିପଡ଼ିଛି ରାଜ୍ୟ ପୋଲିସର ବର୍ବରତା। ଖବରଦାତାଙ୍କୁ ସୁରକ୍ଷା ଯୋଗାଇ ଦେବା ପରିବର୍ତ୍ତେ କ୍ଷମତାର ଅପବ୍ୟବହାର କରାଯାଉଛି। ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଆକ୍ରମଣକାରୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

**- ହେମନ୍ତ ଦାସ, ମୟୂରଭଞ୍ଜ ଜିଲା କଂଗ୍ରେସ ସଭାପତି**

## ବିଚାର ବିଭାଗୀୟ ତଦନ୍ତ ହେଉ



ପୁରୀରେ ଧରିତ୍ରୀର ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣ ନିନ୍ଦନୀୟ। ଖବର ସଂଗ୍ରହ ପ୍ରତ୍ୟେକ ଖବରଦାତାଙ୍କ ଅଧିକାର। ଏହି ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବା ପାଇଁ ଦାବି କରୁଛି।

**- ବିପ୍ର ଚରଣ ମହାନ୍ତି, ବୌଦ୍ଧ ଜିଲା ଭାଜପା ସଭାପତି**

## ଆକ୍ରମଣ ଶୋଭନୀୟ ନୁହେଁ



ପୁରୀରେ ଧରିତ୍ରୀ ଖବରଦାତାଙ୍କ ଉପରେ ପୋଲିସର ଆକ୍ରମଣ ଆଦୌ ଶୋଭନୀୟ ନୁହେଁ। ମୁଁ ଏହାର ଦୃଢ଼ ନିନ୍ଦା କରୁଛି। ଘଟଣାର ଉପଯୁକ୍ତ ତଦନ୍ତ କରି ଦୋଷୀ ପୋଲିସ ଅଧିକାରୀଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରୁଛି।

**- ଈଶ୍ୱର ପାଣିଗ୍ରାହୀ, କୋରାପୁଟ ଜିଲା ବିଜେଡି ସଭାପତି**

> ପ୍ରକୃତ ଗୁଣବାନ ଓ ବୁଦ୍ଧିମାନ ମଣିଷଟିଏ– ଅଥବା ସଭ୍ୟ ଓ ମାର୍ଜିତ ମଣିଷଟିଏ ତା'ନିଜର ମନଟିକୁ ଏପରି ଭାବେ ସଂଗଠିତ କରିଥାଏ ଯେ, ସେ ଯେଉଁ ପରିସ୍ଥିତିରେ ବାସକରେ, ସେହି ପରିସ୍ଥିତିରେ ମହାନ୍ ଆଦର୍ଶ ସଙ୍ଗେ ସେ ନିଜର ସଙ୍ଗତି ରକ୍ଷା କରି ଚଳିପାରିବାର ଦକ୍ଷତା ଅର୍ଜନ କରିଥାଏ। –ଶ୍ରୀମା



# କେତେ ଠିକ୍



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

କୋଭିଡ୍–୧୯ ମହାମାରୀ ବିରୋଧୀ ଲଢ଼େଇରେ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ମାନଙ୍କୁ ସାହସ ଦେବା ତଥା ଉତ୍ସାହିତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ଅନ୍‌ଲାଇନ ବୈଠକ କରିଥିଲେ। ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍‌ଙ୍କ ସହ ଅନ୍ୟ ଅଧିକାରୀମାନଙ୍କୁ ଏଥିରେ ସାମିଲ କରାଯାଇଥିଲା। ଯେଉଁ ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ସେମାନଙ୍କ ବିଭାଗୀୟ ମନ୍ତ୍ରୀମାନଙ୍କୁ ଉପେକ୍ଷା କରାଯାଇ ସିଧାସଳଖ ଆଲୋଚନା କରାଯାଇଥିଲା। ଏଭଳି ଆଲୋଚନା କେତେ ଦୂର ଠିକ୍ ତାହାକୁ ନେଇ ଏବେ ବିବାଦ ଦେଖାଦେଇଛି। ତେବେ କିଛି ସପ୍ତାହ ପୂର୍ବେ ମୋଦି ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ୍‌ଙ୍କ ମଧ୍ୟରେ ହୋଇଥିବା ବୈଠକକୁ କେଜରିୱାଲ୍ ସିଧାସଳଖ ପ୍ରସାରଣ କରିବା ଯୋଗୁ କେନ୍ଦ୍ର ଏହାର ତୀବ୍ର ବିରୋଧ କରିଥିଲେ ମଧ୍ୟ ଏବେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି। ପ୍ରଧାନମନ୍ତ୍ରୀ ଯେତେବେଳେ ଚାହିଁବେ ସରକାରୀ ଅଧିକାରୀମାନଙ୍କ ସହ ଆଲୋଚନା କରିବାରେ କୌଣସି ଭୁଲ୍ ନାହିଁ। କିନ୍ତୁ ପ୍ରାଥମିକତା ଏବଂ ସଂଘୀୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠୁଛି। ଜିଲା ଅଧିକାରୀମାନେ ନିର୍ବାଚିତ ରାଜ୍ୟ ସରକାର ଏବଂ ମୁଖ୍ୟମନ୍ତ୍ରୀମାନଙ୍କ ଅଧୀନରେ କାର୍ଯ୍ୟ କରିଥାଆନ୍ତି ଓ ସେମାନଙ୍କୁ ରିପୋର୍ଟ ମଧ୍ୟ କରନ୍ତି। କିନ୍ତୁ ଏ କ୍ଷେତ୍ରରେ ରାଜ୍ୟ ସରକାରଗୁଡ଼ିକୁ ବାଦ୍‌ଦିଆଯାଇଛି। ଏଥିରୁ ସୂଚିତ ହେଉଛି କି,ସଂଘୀୟ ବ୍ୟବସ୍ଥା ପ୍ରତି ସମ୍ମାନ ପ୍ରଦର୍ଶନ କରାଯାଇ ନାହିଁ ଓ ଏଥିପାଇଁ ସମସ୍ୟା ସୃଷ୍ଟି ହୋଇଛି ବୋଲି କୁହାଯାଉଛି। କୌତୂହଳର ବିଷୟ, ମୋଦିଙ୍କ ଆଲୋଚନା ପରେ ସମାନ ପ୍ରକାର ବୈଠକ କେନ୍ଦ୍ର ଶିକ୍ଷାମନ୍ତ୍ରୀ ରମେଶ ପୋଖରିୟାଲଙ୍କ ଦ୍ୱାରା କରାଯାଇଥିଲା। ଏଥିରେ ସେ ରାଜ୍ୟଗୁଡ଼ିକର ଶିକ୍ଷାମନ୍ତ୍ରୀମାନଙ୍କୁ ବାଦ୍‌ଦେଇ ଶିକ୍ଷା ସଚିବମାନଙ୍କ ସହ ଆଲୋଚନା କରିଥିଲେ। ଏହି କାରଣରୁ ତାମିଲନାଡୁ ସରକାର ଉକ୍ତ ବୈଠକକୁ ପ୍ରତ୍ୟାଖ୍ୟାନ କରିଥିଲେ।

### ମେଡିକାଲ ସ୍କିଲ୍‌ର ଉପଯୋଗ

ଗତବର୍ଷ କୋଭିଡ୍ ମହାମାରୀର ପ୍ରଥମ ଲହରରେ ମେଡିକାଲ ଡିଗ୍ରୀଧାରୀ ଆଇଏଏସ୍ ଏବଂ ଆଇପିଏସ୍ ଅଧିକାରୀମାନଙ୍କୁ ଗୁଜରାଟ ସରକାର କାର୍ଯ୍ୟରେ ଲଗାଇଥିବାର ସୂଚନା ପାଇ ହରିୟାଣା ସରକାର ଏବେ ଦ୍ୱିତୀୟ ଲହରରେ ସମାନ ପନ୍ଥା ଅବଲମ୍ବନ କରିଛନ୍ତି। ଏମ୍‌ବିବିଏସ୍ ଡିଗ୍ରୀଧାରୀ ୫ ଜଣ ହରିୟାଣା କ୍ୟାଡର ଆଇଏଏସ୍ ଏବଂ ୩ ଆଇପିଏସ୍ ଅଧିକାରୀଙ୍କୁ ରାଜ୍ୟରେ କୋଭିଡ୍ ହସ୍ପିଟାଲଗୁଡ଼ିକର ପରିଚାଳନା କରୁଥିବା ମେଡିକାଲ ଟିମ୍‌କୁ ସହଯୋଗ କରିବା ଲାଗି ସରକାର ନିର୍ଦ୍ଦେଶ ଦେଇଛନ୍ତି। ପାନିପଥ ଏବଂ ହିସାରରେ ୫୦୦ ଶଯ୍ୟା ବିଶିଷ୍ଟ କୋଭିଡ୍ ହସ୍ପିଟାଲଗୁଡ଼ିକର ନିର୍ମାଣ ଓ ତା'ର ପ୍ରଶାସନିକ ତଥା ଅନ୍ୟାନ୍ୟ କାର୍ଯ୍ୟରେ ସହଯୋଗ କରିବା ପାଇଁ ଏମାନଙ୍କୁ ପ୍ରତିନିଯୁକ୍ତି ଦିଆଯାଇଛି। ଆଇଏଏସ୍ ଅଧିକାରୀମାନଙ୍କ ମଧ୍ୟରେ ରହିଛନ୍ତି ଡ. ଚନ୍ଦ୍ରଶେଖର ଖାରେ, ଡ.ଆର୍.ଏସ୍.ଧିଲନ, ଡ.ସଙ୍ଗୀତା ଟେଟାରୱାଲ, ଡ.ମନୋଜ କୁମାର ଏବଂ ଡ. ବୈଶାଳୀ ଶର୍ମା। ପ୍ରତିନିଯୁକ୍ତ ଆଇପିଏସ୍ ଅଧିକାରୀମାନେ ହେଲେ,ଡ. ଧୀରଜ କୁମାର, ଡ.ଅଂଶୁ ସିଙ୍ଗଲ ଏବଂ ଡ.ଅର୍ପିତ ଜୈନ। ଏହାବ୍ୟତୀତ ବିଭିନ୍ନ ଜିଲାରେ କୋଭିଡ୍ ମୁକାବିଲାର ପ୍ରସ୍ତୁତି ଉପରେ ନିରୀକ୍ଷଣ କରିବା ପାଇଁ ରାଜ୍ୟ ସରକାର ୨୨ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ପ୍ରତିନିଯୁକ୍ତି ଦେଇଛନ୍ତି। ଏହା ନିଃସନ୍ଦେହ ଯେ, ମହାମାରୀର ଦ୍ୱିତୀୟ ଲହର ବିରୋଧରେ ଲଢ଼େଇ କରିବାକୁ ଏହା ଏକ ଅସ୍ଥାୟୀ ବ୍ୟବସ୍ଥା। ତେବେ ଆଇଏଏସ୍ ,ଆଇପିଏସ୍ ଓ ଅନ୍ୟ ସେବାଗୁଡ଼ିକ ଭଳି ମେଡିକାଲ ଅଧିକାରୀମାନଙ୍କର ଏକ ସ୍ୱତନ୍ତ୍ର ସର୍ବଭାରତୀୟ କ୍ୟାଡର ଗଠନ କରିବା ଲାଗି କେତେ ଜଣ ମେଡିକାଲ ବିଶେଷଜ୍ଞ ଏବଂ ଅନୁଷ୍ଠାନଗୁଡ଼ିକ ଯେଉଁ ଦାବି କରୁଛନ୍ତି ତାହା ସହ ଏହି ବ୍ୟବସ୍ଥା ଅନୁରୂପ ବୋଲି ପ୍ରତୀୟମାନ ହୋଇଛି। ଯଦି ଏହି କାମଚଳା ବ୍ୟବସ୍ଥା ସଫଳ ହୁଏ, ତେବେ ଏକ ସ୍ୱତନ୍ତ୍ର ମେଡିକାଲ ସର୍ଭିସ ପାଇଁ କରାଯାଉଥିବା ଦାବି ଉପରେ ଗମ୍ଭୀରତାର ସହ ବିଚାର କରିବାକୁ ଏହା କେନ୍ଦ୍ରକୁ ନିଶ୍ଚିତ ପ୍ରେରିତ କରିବ।

### ମହାମାରୀରେ ବାବୁଙ୍କ ଲଢ଼େଇ

ହରିୟାଣା ପୋଲିସ୍‌ରେ ଏକ ଆନ୍ତଃ ସେବା ଲଢ଼େଇ ଆରମ୍ଭ ହୋଇଯାଇଛି। ୨୦୦୧ ବ୍ୟାଚ୍ ଆଇପିଏସ୍ ଅଧିକାରୀ ଆଇଜିପି ୱାଇ.ପୁରନ କୁମାର ତାଙ୍କ ପ୍ରତି ରାଜ୍ୟ ପୋଲିସ ମୁଖ୍ୟ ମନୋଜ ଯାଦବ ଭେଦଭାବଗତ ଆଚରଣ ପ୍ରଦର୍ଶନ କରିଥିବା ଅଭିଯୋଗ ଆଣି ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ଯାଦବଙ୍କ ବିରୋଧରେ ପିଟିଶନ ଦାୟର କରିଛନ୍ତି। ଯାଦବଙ୍କ ବିରେଧରେ ପକ୍ଷପାତି ମନୋଭାବ, ଭେଦଭାବପୂର୍ଣ୍ଣ ବ୍ୟବହାର ଏବଂ ସର୍ଭିସ୍ ନିୟମ ଉଲ୍ଲଂଘନର ଅଭିଯୋଗ କରାଯାଇଥିବା ଜଣାପଡ଼ିଛି ଓ ଏହା ଉପରେ ଶୀଘ୍ର ନିଷ୍ପତ୍ତି ନେବା ଲାଗି କୋର୍ଟ ଗୃହ ବିଭାଗର ଯୁଗ୍ମ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ କୁମାର ଅନୁରୋଧ କରିଛନ୍ତି। ଏହି ବିବାଦ ନୂଆ ନୁହେଁ। ଡିଜିପି ସମର୍ଥନ କରୁଥିବା ଜଣେ ଅଧିକାରୀଙ୍କ ବଦଳରେ ଅମ୍ବାଲାରେ କୁମାରଙ୍କୁ ନିଯୁକ୍ତି ଦିଆଯିବା ପରେ ଜୁଲାଇ ୨୦୨୦ରୁ ସେ ଯାଦବଙ୍କ ବିରୋଧରେ ଭୀଷଣ ଅଭିଯୋଗ କରିଆସୁଛନ୍ତି। ରାୟ ପ୍ରକାଶ ନ ପାଇବା ଯାଏ ତାଙ୍କ ବାର୍ଷିକ ପ୍ରଦର୍ଶନ ମୂଲ୍ୟାଙ୍କନ ରିପୋର୍ଟ ଲେଖିବାକୁ ଯାଦବଙ୍କୁ ବାରଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେବାକୁ କୁମାର ମଧ୍ୟ ଅନୁରୋଧ କରିଛନ୍ତି। ରାଜ୍ୟରେ କେନ୍ଦ୍ର ବିରୋଧୀ କୃଷକ ଆନ୍ଦୋଳନ ଚାଲିଥିବା ତଥା କୋଭିଡ୍ ବିରୋଧରେ ଲଢେଇ ଜାରି ରହିଥିବାବେଳେ ଦୁଇ ବରିଷ୍ଠ ପୋଲିସ ଅଧିକାରୀଙ୍କ ଲଢ଼େଇ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଶୁଭଙ୍କର ନୁହେଁ।

Email: dilipcherian@gmail.com

# ଜଳବାୟୁ ନ୍ୟାୟ ଓ ସବୁଜ ପ୍ରତିବଦ୍ଧତା



ଡ. ଚିତ୍ତରଞ୍ଜନ ମିଶ୍ର

ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନ ଜଳବାୟୁ ପରିବର୍ତ୍ତନକୁ ସର୍ବୋଚ୍ଚ ଗ୍ଲୋବାଲ ଏଜେଣ୍ଡା ଭାବେ ବିଶ୍ୱ ପୃଷ୍ଠଭୂମିରେ ଉପସ୍ଥାପନ କରିପାରିଛନ୍ତି। ଏହା ମଧ୍ୟ ଟ୍ରାନ୍ସ–ଆଟଲାଣ୍ଟିକ୍ ସମ୍ପର୍କର ପୁନଃ ପ୍ରତିଷ୍ଠା କ୍ଷେତ୍ରରେ ଏକ ଅମୋଘ ଅସ୍ତ୍ର ଭାବେ ସାବ୍ୟସ୍ତ ହୋଇଛି। ଆମେରିକାର ପୂର୍ବତନ ସେକ୍ରେଟାରୀ ଅଫ୍ ଷ୍ଟେଟ ଓ ସଂପ୍ରତି ଜଳବାୟୁ ପରିବର୍ତ୍ତନ କ୍ଷେତ୍ରରେ ଆମେରିକା ରାଷ୍ଟ୍ରପତିଙ୍କ ସ୍ୱତନ୍ତ୍ର କୂଟନୈତିକ ଦୂତ ଭାବେ ଅବସ୍ଥାପିତ ଜନ୍ କେରୀଙ୍କ ନେତୃତ୍ୱରେ ଏହା ପରିଚାଳିତ ହେଉଅଛି। ଏହି ଟିମ୍‌ର ଅଧିକାଂଶ ସଦସ୍ୟ ପୁରୁଣା ଜଳବାୟୁ ଯୋଦ୍ଧା ଭାବେ ପରିଗଣିତ ହୋଇଥାନ୍ତି ଏବଂ ତନ୍ମଧ୍ୟରୁ ଅଧିକାଂଶ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସମୟରୁ ମଧ୍ୟ କାର୍ଯ୍ୟକରି ଆସୁଛନ୍ତି।

ଆମେରିକା ନିଜର ପ୍ରତିବଦ୍ଧତା ସହ କେବଳ ଜଳବାୟୁ ପରିବର୍ତ୍ତନ ସଂକ୍ରାନ୍ତୀୟ ପ୍ୟାରିସ ରାଜିନାମାରେ ତତ୍‌କାଳୀନ ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମାଙ୍କ ଦସ୍ତଖତର ସଫଳତା ପଛରେ ଲମ୍ଭା ପାହୁଣ୍ଡ ପକାଇ ଚାଲୁନାହିଁ ବରଂ ଏହା ପୂର୍ବତନ ରାଷ୍ଟ୍ରପତି ଜର୍ଜ ଡବ୍ଲ୍ୟୁ ବୁଶ୍‌ଙ୍କ ସମୟର ଅଙ୍ଗୀକାରବଦ୍ଧତାକୁ ମଧ୍ୟ ଅତ୍ୟନ୍ତ ସମ୍ମାନର ସହ ପାଳନ କରୁଅଛି। ମେଜର ଇକୋନୋମିକ ଫୋରମ ବା ପ୍ରମୁଖ ଅର୍ଥନୈତିକ ମଞ୍ଚର ପୁନଃ ଆବାହନ କରିବା ସହ ଜଳବାୟୁ କାର୍ଯ୍ୟକ୍ରମରେ ଏପ୍ରିଲ ୨୨–୨୩, ୨୦୨୧ରେ ବିଶ୍ୱର ୪୦ଟି ଅଗ୍ରଣୀ ରାଷ୍ଟ୍ରମାନଙ୍କର ନେତୃବୃନ୍ଦଙ୍କୁ ନେଇ ଜଳବାୟୁ ଶିଖର ସମ୍ମିଳନୀ ଭର୍ଚୁଆଲ ପ୍ଲାଟଫର୍ମରେ ଆୟୋଜନ କରିବା ଆମେରିକା ରାଷ୍ଟ୍ରପତିଙ୍କ ଜଳବାୟୁ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

'ପ୍ରମୁଖ ଅର୍ଥନୈତିକ ମଞ୍ଚ' ମାର୍ଚ୍ଚ–୨୦୦୯ରେ ଆରମ୍ଭ ହୋଇଥିଲା। ଏହାର ଆଭିମୁଖ୍ୟ ଥିଲା ଜଳବାୟୁକୁ ପ୍ରଦୂଷିତ କରୁଥିବା ମୁଖ୍ୟ ନିର୍ଗମନକାରୀ ରାଷ୍ଟ୍ରମାନଙ୍କୁ ଆଣି ଗୋଟିଏ ମଞ୍ଚରେ ଠିଆ କରାଇବା। ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନ ପାଇଁ ଏହା ଆଗକୁ ପାଦଟିଏ ପକାଇଛି। ଏଥିରେ ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ସମାଧାନର ସୂତ୍ର ଖୋଜି ବାହାର କରିବାକୁ ପଡ଼ିବ। ବିଶ୍ୱରେ ଦୃଶ୍ୟମାନ ଅର୍ଥନୀତିସମ୍ପନ୍ନ ରାଷ୍ଟ୍ରମାନେ ନିଜକୁ ସବୁଜ ଗୃହ ବାଷ୍ପର ମୁଖ୍ୟ ଉତ୍ସର୍ଜନକାରୀ ଭାବେ ନାମିତ କରିବାକୁ ଅନିଚ୍ଛା ପ୍ରକାଶ କରିବା କାରଣରୁ ଏପ୍ରିଲ–୨୦୨୧ର ଶିଖର ବୈଠକକୁ 'ମେଜର ଇକୋନୋମିକ ଫୋରମ' ପରିବର୍ତ୍ତେ 'ମେଜର ଇକୋନୋମିକ ମିଟିଂ' ବୋଲି ପୁନଃ ନାମିତ କରାଗଲା। ଏହା ପଛର ପ୍ରମୁଖ କାରଣଟି ଥିଲା ମୋଟ ଆଭ୍ୟନ୍ତରୀଣ ଉତ୍ପାଦ ସହ ସବୁଜ ଗୃହ ବାଷ୍ପର ସ୍ପଷ୍ଟ ସଂଯୋଗୀକରଣ। ଯଦିଓ ଏହି ମିଟିଂର ଉଦ୍ଦେଶ୍ୟ କାହାକୁ ଅଛପା ନ ଥିଲା ତେବେ ଏହାର ଶିରୋନାମାର ପୁନଃ ନାମକରଣ ବିଶ୍ୱରେ ଅର୍ଥନୀତିସମ୍ପନ୍ନ ରାଷ୍ଟ୍ରମାନଙ୍କୁ ଆଉ ପଛକୁ ଫେରିଆସିବାର କୌଣସି ସମ୍ଭାବନା ନ ଥିଲା।

ଏଥରକ ବିଶ୍ୱର ବିଭିନ୍ନ ରାଷ୍ଟ୍ରଙ୍କୁ ସବୁଜ ଗୃହ ବାଷ୍ପର ନିର୍ଗମନକୁ ହ୍ରାସ କରିବା କ୍ଷେତ୍ରରେ ଉତ୍ସାହିତ କରାଯାଇଛି। ସେମାନଙ୍କୁ କୁହାଯାଇଛି ଯେ ୨୦୫୦ ସୁଦ୍ଧା ସବୁଜ ଗୃହ ବାଷ୍ପର ନିର୍ଗମନକୁ 'ନେଟ ଜିରୋ' ସ୍ତରକୁ ଆଣିବାକୁ ପଡ଼ିବ। ତତ୍‌ସହ ଏହି ଲକ୍ଷ୍ୟ ହାସଲ କରିବା ପାଇଁ ସେମାନଙ୍କୁ ବିଶ୍ୱସନୀୟ ଯୋଜନା ମଧ୍ୟ ପ୍ରସ୍ତୁତ କରିବାକୁ ହେବ। ବାସ୍ତବରେ ଚାଇନା ୨୦୬୦ ସୁଦ୍ଧା 'ନେଟ ଜିରୋ' ସ୍ତରରେ ପହଞ୍ଚିବା ପାଇଁ ସ୍ୱତଃସିଦ୍ଧ ବୋଲି ଗ୍ରହଣ କରିନେଇଛି। ତେବେ ତାକୁ ତାଗିଦ କରି କୁହାଯାଇଛି ଯେ, ୨୦୬୦ସୁଦ୍ଧା ନୁହେଁ ବରଂ ୨୦୫୦ ସୁଦ୍ଧା 'ନେଟ ଜିରୋ' ସ୍ତରରେ ନିଶ୍ଚିତ ରୂପେ ପହଞ୍ଚିବାକୁ ପଡ଼ିବ।

ଆମେରିକାର ନୂଆ ପ୍ରଶାସନର ଇଙ୍ଗିତରେ ମିଳିତ ଜାତିସଂଘର ମହାସଚିବ ବିଭିନ୍ନ ରାଷ୍ଟ୍ରଙ୍କ ସହ କଥା ହୋଇ ସେମାନେ ତୁରନ୍ତ ନିଜ ନିଜ ରାଷ୍ଟ୍ରରେ 'ଜାତୀୟ ଜଳବାୟୁ ଜରୁରୀ ଅବସ୍ଥା' ଘୋଷଣା କରିବାକୁ ଆହ୍ୱାନ ଦେଇଛନ୍ତି। ସମ୍ମିଳିତ ଭାବେ ସେମାନେ କିଭଳି ୨୦୫୦ ସୁଦ୍ଧା 'କାର୍ବନ– ନ୍ୟୁଟ୍ରାଲ ୱାର୍ଲ୍ଡ' ବା ଅଙ୍ଗାରକ ନିରପେକ୍ଷ ବିଶ୍ୱ ପ୍ରତିଷ୍ଠା କରିବେ ସେ ନେଇ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଜିର ଦିନରେ ବିଶ୍ୱ ଅଙ୍ଗାରକାମ୍ଳ ବାଷ୍ପ ନିର୍ଗମନର ପ୍ରାୟ ୬୫ ପ୍ରତିଶତକୁ ପ୍ରତିନିଧିତ୍ୱ କରୁଥିବା ରାଷ୍ଟ୍ରଗୁଡ଼ିକ ଏହି ପ୍ରସ୍ତାବକୁ ଗ୍ରହଣ କରିଛନ୍ତି।

ଏ ସମସ୍ତ ଯୋଜନା ଏବଂ ତାହାର ସଂପାଦନ ଆନ୍ତର୍ଜାତିକ ସମୀକ୍ଷା, ପରୀକ୍ଷା, ସତ୍ୟତାର ନିର୍ଣ୍ଣୟ ଓ ପ୍ରତିପାଦନ ଉପରେ ନିର୍ଭର କରିଥାଏ। କୌଣସି ରାଷ୍ଟ୍ର ପକ୍ଷରେ ଏହାକୁ ଅସ୍ୱୀକାର କରିବା ଏକ ଲଜ୍ଜାଜନକ ବିଷୟ ହେବ । ଏଥିରେ ବିଭେଦୀକରଣର କୌଣସି ସ୍ଥାନ ନାହିଁ ଏବଂ ବିକାଶର ଧାରା ମଧ୍ୟ ଏହାଦ୍ୱାରା ପ୍ରଭାବିତ ହୁଏ ନାହିଁ। ବୃହତ୍ତମ ଅର୍ଥନୀତି ସମୃଦ୍ଧ ରାଷ୍ଟ୍ରର ମାନ୍ୟତା ଲାଭ କରିଥିବା ଭାରତ ଏଭଳି କଥୋପକଥନର ଛକ ରାସ୍ତାରେ ଦଣ୍ଡାୟମାନ ହୋଇଯିବାର ସମ୍ଭାବନାକୁ ଏଡ଼ାଇ ଦିଆଯାଇ ପାରିବନି ଯଦିଓ ଏହାର ମୁଣ୍ଡପିଛା 'କାର୍ବନ ଫୁଟ ପ୍ରିଣ୍ଟ' ବହୁତ କମ୍ ।

ଏହି ପ୍ରସ୍ତାବିତ ଗ୍ଲୋବାଲ ଲକ୍ଷ୍ୟସ୍ଥଳର ଆହ୍ୱାନ ସହିତ ୟୁରୋପୀୟ ୟୁନିୟନର ଅଙ୍ଗାରକ ସୀମା କର ବା ଟିକସ ଲାଗୁ କରିବାର ସ୍ୱତନ୍ତ୍ର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ। ଯେଉଁ ସବୁ ରାଷ୍ଟ୍ର ମାତ୍ରାଧିକ ଅଙ୍ଗାରକ ନିର୍ଗମନ ପରିମାଣର ଟାର୍ଗେଟକୁ ହ୍ରାସ ନ କରିବେ ଅବା ଏ ନେଇ ବିଶ୍ୱ ରାଜିନାମା ପାଳନ ନ କରିବେ ସେହି ସବୁ ରାଷ୍ଟ୍ର ଉପରେ ଏହି ଅଙ୍ଗାରକ ସୀମା କର ଲାଗୁ କରାଯିବ। ଆଜିର ସ୍ଥିତି ଅନୁଯାୟୀ ଆମେରିକା ପ୍ରଶାସନ ଏହି ଅଙ୍ଗାରକ ସୀମା କରକୁ ନେଇ କୌଣସି ନିର୍ଦ୍ଦିଷ୍ଟ ମତ ପୋଷଣ କରୁନାହିଁ। ଏଭଳି ଏକ ଦୃଶ୍ୟପଟରେ ବିଶ୍ୱବାଣିଜ୍ୟ ପ୍ରତିଷ୍ଠାନର ସାଂପ୍ରତିକ ନିୟମ ଅନୁଯାୟୀ ପରିବେଶ ଦୃଷ୍ଟିକୋଣରୁ ଟିକସ ଆଦାୟର କୌଣସି ବ୍ୟବସ୍ଥା ନ ଥିଲେ ମଧ୍ୟ ତହିଁରେ ପରିବର୍ତ୍ତନ କରିବା ମଧ୍ୟ କିଛି ବଡ଼ କଥା ନୁହେଁ।

ଜଳବାୟୁ ଆଲୋଚନାରେ ପୁଞ୍ଜିର ପ୍ରସଙ୍ଗ ବିଶେଷ କରି ପୁଞ୍ଜିର ଅଭାବ ଏକ ଚିରସ୍ଥାୟୀ କଥା। ଏ ପରିପ୍ରେକ୍ଷୀରେ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ନର ରଘୁରାମ ରାଜନ ନିକଟ ଅତୀତରେ ଭାରତବର୍ଷ ପାଇଁ ଏକ ପ୍ରସ୍ତାବ ଉପସ୍ଥାପନା କରିଛନ୍ତି। ତାଙ୍କ ପ୍ରସ୍ତାବ ଅନୁଯାୟୀ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ମୁଣ୍ଡ ପିଛା ହାରାହାରି ୫ଟନ ଅଙ୍ଗାରକ ଉତ୍ସର୍ଜନ ବ୍ୟତିରେକ ଅଧିକ ଅଙ୍ଗାରକ ଉତ୍ସର୍ଜନ କଲେ ସେମାନଙ୍କୁ ଏକ 'ଗ୍ଲୋବାଲ ଫଣ୍ଡ'କୁ ଅର୍ଥ ଦେବାକୁ ପଡ଼ିବ। ଏହା ନିଶ୍ଚିତରୂପେ କୋଇଲାର ବ୍ୟବହାରକୁ ହତୋତ୍ସାହ କରୁଥିଲାବେଳେ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ସାହିତ କରିଥାଏ। ଯେଉଁସବୁ ରାଷ୍ଟ୍ରମାନେ ଅଙ୍ଗାରକ ଉତ୍ସର୍ଜନର ବୈଶ୍ୱିକ ହାରାହାରି ପରିମାଣଠାରୁ ଅଧିକ ଉତ୍ସର୍ଜନ କରିବେ ସେମାନଙ୍କୁ ଏହି 'ଗ୍ଲୋବାଲ ଫଣ୍ଡ'ରେ ଅର୍ଥ ଦେବାକୁ ପଡ଼ିବ ଆଉ ଯେଉଁ ରାଷ୍ଟ୍ରମାନେ ବୈଶ୍ୱିକ ହାରାହାରି ପରିମାଣଠାରୁ କମ୍ ପରିମାଣର ଅଙ୍ଗାରକ ଉତ୍ସର୍ଜନ କରିବେ ସେମାନେ ଏହି ଫଣ୍ଡରୁ ଅର୍ଥ ପାଇବେ। ଯଦିଓ ଏହା କିଛି ପରିମାଣରେ ଯଥାର୍ଥତା ଓ ନିରପେକ୍ଷତା ରଖୁଛି ହେଲେ ଏଭଳି ଚିନ୍ତାଧାରା ବିକଶିତ ରାଷ୍ଟ୍ରଗୁଡ଼ିକ ପକ୍ଷରେ ଗ୍ରହଣୀୟ ହୋଇ ନ ପାରେ। ଭାରତର ପୃଷ୍ଠଭୂମିକୁ ଅନୁଧ୍ୟାନ କଲେ ଜାଣିପାରିବା ଯେ ଏଭଳି ଏକ ପ୍ରସ୍ତାବ ଆକର୍ଷଣୀୟ ହୋଇପାରେ କାରଣ ଆଜିର ଦିନରେ ଭାରତରେ ମୁଣ୍ଡପିଛା ଅଙ୍ଗାରକାମ୍ଳ ବାଷ୍ପର ଉତ୍ସର୍ଜନ ପରିମାଣ ମାତ୍ର ୨ଟନ୍ ଏବଂ ଅଣପାରମ୍ପରିକ ଶକ୍ତି ଉତ୍ସକୁ ପ୍ରୋତ୍ସାହନ ଦେବାରେ ଏହା ବିଶ୍ୱରେ ରେକର୍ଡ ସୃଷ୍ଟି କରିଛି। ତେବେ ଭାରତ ଏଭଳି 'ଗ୍ଲୋବାଲ ଫଣ୍ଡ'ରୁ ଲାଭବାନ ହେବା ଅବା କୌଣସି ରିହାତି ପାଇବା କ୍ଷେତ୍ରରେ ରାଜନୀତି ପ୍ରତିବନ୍ଧକ ସାଜିବନି ତ ? ହେଲେ ଏଭଳି ସମ୍ଭାବନା କ୍ଷୀଣ ଲାଗୁଛି।

ଜଳବାୟୁକୁ ନେଇ ରାଷ୍ଟ୍ର ରାଷ୍ଟ୍ର ମଧ୍ୟରେ ସମାଧାନମୂଳକ ଆଲୋଚନା କେବଳ ପରିବେଶ, ମାନବ ସୁରକ୍ଷା ଏବଂ ଏପରି କି ଶକ୍ତି ଉତ୍ସକୁ ନେଇ ନୁହେଁ ପରନ୍ତୁ ଏହା 'ଗ୍ଲୋବାଲ ଗଭର୍ନାନ୍ସ' ଉପରେ ପର୍ଯ୍ୟବସିତ ; ଯାହା କି ଏବେଠାରୁ ଅତ୍ୟନ୍ତ ବଳିଷ୍ଠ ଭାବରେ ଅଗ୍ରସର ହେବ ଯାହା ଫଳରେ ଭାରତ ଅର୍ଥନୈତିକ ଓ ରାଜନୈତିକ କ୍ଷେତ୍ର ସହ ନିଜର ଯାତ୍ରାପଥକୁ ମଧ୍ୟ ଅତ୍ୟନ୍ତ ଯତ୍ନର ସହ କ୍ରମାଙ୍କନ କରିପାରିବ। ଜଳବାୟୁ ନ୍ୟାୟ ଭାରତ ପାଇଁ ଅତ୍ୟାବଶ୍ୟକ ଓ ବାଧ୍ୟତାମୂଳକ। ଏହା ମାଧ୍ୟମରେ ଭାରତ ନିଜର ସବୁଜ ଓ ପ୍ରକୃତିଧର୍ମୀ ଅଙ୍ଗୀକାରବଦ୍ଧତାକୁ ସ୍ୱତଃସିଦ୍ଧ କରିପାରିବା ସଂଗେ ସଂଗେ ନିଜର ବିକାଶ ଓ ବୈଶ୍ୱିକ ଉଚ୍ଚାଭିଳାଷକୁ ମଧ୍ୟ ଚରିତାର୍ଥ କରିପାରିବ।

ମୋ–୯୩୩୮୨୦୪୯୯୩

# ଶବର ଠିକଣା ହଜିଛି



ଅକ୍ଷୟ କୁମାର ମିଶ୍ର

ମନେପଡୁଛି ଏକ ଲୋକପ୍ରିୟ ଓଡ଼ିଆ ଭଜନର ପ୍ରଥମ ପଦ 'ସ୍ୱର୍ଗଦ୍ୱାର ମୋର ଶେଷ ଠିକଣା।' ମଣିଷ ମରିଗଲେ ତାକୁ ଶବ କହନ୍ତି। ଘରେ ବାହାରେ ଡାକ୍ତରଖାନାରେ ଯେଉଁଠି ବି ମଣିଷ ମରୁ ନା କାହିଁକି ତା'ର ସତ୍କାର କରିବା ପାଇଁ ଶ୍ମଶାନକୁ ନିଆଯାଏ। ଧର୍ମୀୟ ରୀତିନୀତି ଅନୁଯାୟୀ ସେଠାରେ ତାକୁ ଦାହ ଅଥବା କବର ଦିଆଯାଏ। ତାହା ପୁରୀର ସ୍ୱର୍ଗଦ୍ୱାର ହୋଇପାରେ ନଚେତ୍ ଗାଁ ମୁଣ୍ଡ ମଶାଣି ହୋଇପାରେ। ଶବର ଶେଷ ଠିକଣା ଯେ ଶ୍ମଶାନ/କବରଖାନା ଏହା ହିଁ ସତ୍ୟ। କିନ୍ତୁ ଆଜି ସେ ଠିକଣା ହଜି ଯାଇଛି।

କିଛିଦିନ ତଳେ ପ୍ରାୟ ସମସ୍ତ ଗଣମାଧ୍ୟମରେ ଏକ ମର୍ମସ୍ପର୍ଶୀ ତଥା ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଲା। ଗଙ୍ଗା ଯାହାକୁ ଆମ ଦେଶର ପବିତ୍ର ନଦୀ କୁହାଯାଏ ସେହି ନଦୀ ଜଳରେ ଶହ ଶହ ଶବ ଭାସୁଥିବାର ଖବର ପ୍ରକାଶିତ ହେବା ପରେ ବିଭିନ୍ନ ମହଲରେ ଏକାଧିକ ପ୍ରଶ୍ନ ଉଠିଛି। ପ୍ରଥମେ ବିହାରର ବକ୍ସର ଜିଲା ଏବଂ ପରେ ଉତ୍ତରପ୍ରଦେଶର ଘାଜିପୁର ଜିଲା ନିକଟବର୍ତ୍ତୀ ଗଙ୍ଗା ନଦୀ ଜଳରେ ଏ ପ୍ରକାର ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ଶବ କାହାର ? ଏତେ ଗୁଡ଼ାଏ ଶବ ଆସିଲା କେଉଁଠୁ ? କିଏ ଭସାଇଲା ? ଶବଗୁଡ଼ିକର ସତ୍କାର କରିବା ପରିବର୍ତ୍ତେ ନଦୀ ଜଳରେ ଭସାଇ ଦିଆଗଲା କାହିଁକି ? ଏମିତି ଅନେକ ପ୍ରଶ୍ନ ଉଠିବା ସ୍ୱାଭାବିକ। ଗୋଟିଏ ଅଚିହ୍ନା ଶବ ମିଳିଲେ ପୋଲିସ ତନାଘନା ପଚରା ଉଚରା ଆରମ୍ଭ କରିଦିଏ। କିଛି ନ ହେଲେ ଗୋଟିଏ ଅପମୃତ୍ୟୁ ମାମଲା ରୁଜୁ କରେ। ଇଏତ ଏକା ସାଙ୍ଗରେ ଶହ ଶହ ଶବ। ତେବେ କ'ଣ ପ୍ରଶାସନର ଜ୍ଞାତସାରରେ ଏହା ଘଟିଛି?

ସମଗ୍ର ଦେଶରେ ଯେତେବେଳେ ଆତଙ୍କର ବାତାବରଣ, ପ୍ରତିଦିନ କରୋନାରେ ଆକ୍ରାନ୍ତ ହୋଇ ହଜାର ହଜାର ମଣିଷ ମୃତ୍ୟୁବରଣ କରୁଛନ୍ତି ସେତେବେଳେ ଗଙ୍ଗା ଜଳରେ ଧାଡ଼ି ଧାଡ଼ି ଶବର ଶୋଭାଯାତ୍ରା ମଣିଷ ଭିତରେ କୋକୁଆ ଭୟ ସୃଷ୍ଟି କରିଛି। ଗୁଜବ ଉଠିବା ଆରମ୍ଭ ହୋଇଛି ତେବେ କ'ଣ ସରକାର ମୃତ୍ୟୁ ସମ୍ପର୍କରେ ଦୈନିକ ଯେଉଁ ବିବରଣୀ ଦେଶବାସୀଙ୍କ ସମ୍ମୁଖରେ ତୋଳି ଧରୁଛନ୍ତି ତାହା ସମ୍ପୂର୍ଣ୍ଣ ସତ୍ୟ ନୁହଁ କି? ଏସବୁ ଶବ କରୋନା କାରଣରୁ ମୃତ୍ୟୁବରଣ କରିଥିବା ଲୋକର ଶବ ନୁହେଁ ତ? ଯଦି ଏହା ସତ୍ୟ ହୋଇଥାଏ ତେବେ ଏହା ଅତୀବ ସାଂଘାତିକ।

ସଫେଇ ଦିଆଯାଇ ପାରେ ଶବଗୁଡ଼ିକର କେହି ଦାବିଦାର ନ ଥିଲେ। ତେବେ କ'ଣ ବେପରୁଆ ଭାବେ ଏଣେତେଣେ ଫିଙ୍ଗି ଦିଆଯିବ ଶାଗୁଣା, କୁକୁର, ବିଲୁଆର ଭକ୍ଷଣ ପାଇଁ? ଶବଗୁଡ଼ିକୁ କେହି ନେବାକୁ ଆସିଲେନି ବୋଲି ନଦୀ ଜଳରେ ଭସାଇ ଦେବା କେଉଁ ମାନବିକତାର ପରିଚାୟକ। ଏ କ୍ଷେତ୍ରରେ ମାନବାଧିକାର ଉଲ୍ଲଂଘନ ହେଉନାହିଁ କି? ସବୁଠାରୁ ଆପତ୍ତିଜନକ କଥା ହେଉଛି ଯଦି ପ୍ରକୃତରେ କରୋନାରେ ଆକ୍ରାନ୍ତ ହୋଇ ମୃତ୍ୟୁବରଣ କରିଥିବା ଲୋକମାନଙ୍କର ଶବଗୁଡ଼ିକୁ ଏମିତି କରାଯାଇଥାଏ ତେବେ ଏହାଠାରୁ ଅଦୂରଦର୍ଶିତା ବୋଧହୁଏ କିଛି ନାହିଁ। ଏଭଳି ଆତ୍ମଘାତୀ କାର୍ଯ୍ୟକୁ ଯେତେ କଠୋର ଭାଷାରେ ନିନ୍ଦା କଲେ ମଧ୍ୟ କମ୍ ହେବ। ଏହା କେବଳ ନଦୀଜଳକୁ ଦୂଷିତ କରିବ ନାହିଁ ଦ୍ରୁତ ସଂକ୍ରମଣର ସହାୟକ ସାଜିବ। ଏଥିପାଇଁ ଏହି ଦୁଇ ରାଜ୍ୟର ସରକାରକୁ କାଠଗଡ଼ାରେ ଛିଡ଼ା କରାଯାଇପାରେ। ପୁନଶ୍ଚ କେନ୍ଦ୍ର ସରକାରର ଭୂମିକା ମଧ୍ୟ ସନ୍ଦେହ ଘେରରେ। ଘଟଣାଟିକୁ ଛୋଟ ଘଟଣା ଭାବି ଚୁପ ରହିବା ଉଚିତ ହେବ ନାହିଁ। ସତ୍ୟାସତ୍ୟ ଲୋକଲୋଚନକୁ ଆସିବା ଆବଶ୍ୟକ।

ସମସ୍ତେ ଜାଣିଛନ୍ତି ବାରମ୍ବାର ନିଜର ରୂପ ପରିବର୍ତ୍ତନ କରିଚାଲିଥିବା ଅଦୃଶ୍ୟ ଭୂତାଣୁ କରୋନା କେବଳ ଜୀବନ ଓ ଜୀବିକାକୁ ସଂକଟାପନ୍ନ କରିନାହିଁ ମାନବୀୟ ଚେତନା ଉପରେ ଏକ ଶକ୍ତ ଆଘାତ କରିଛି। ସ୍ନେହ, ପ୍ରେମ, ମମତାର ବନ୍ଧନ ଦୁର୍ବଳ ହୋଇଛି। ଚିହ୍ନା ମଣିଷ ଆଜି ଅଚିହ୍ନା ପାଲଟି ଯାଇଛି। ସମାଜର ସହାବସ୍ଥାନ ଆଘାତପ୍ରାପ୍ତ ହୋଇଛି। ସମ୍ପର୍କର ଆକର୍ଷଣ ମଣିଷକୁ ଆକୃଷ୍ଟ କରି ପାରୁନାହିଁ। ସାମାଜିକ ଦୂରତା ନାମରେ ଅସ୍ପୃଶ୍ୟତାର ଆବିର୍ଭାବ ସଭ୍ୟତାକୁ ହତଚକିତ କରିଛି। ମୃତ ଶରୀରକୁ ଦେଖି ଆଖିରୁ ଲୁହ ଝରିବା ପରିବର୍ତ୍ତେ ଅବ୍ୟକ୍ତ ଭୟର ପ୍ରତିଛବି ଉକୁଟି ଉଠୁଛି। ଯେଉଁମାନେ ଶବ ଶବାରିକୁ ନିଜ କାନ୍ଧରେ ଶ୍ମଶାନକୁ ବୋହି ନିଅନ୍ତେ ସେମାନେ ଟାଟି କବାଟ ବନ୍ଦ କରିଦେଉଛନ୍ତି। ଖଇ କଉଡି ପଡୁନାହିଁ। ମୁଖାଗ୍ନି ଦେବାପାଇଁ ଦାବିଦାର ନାହିଁ। ସ୍ଥାନେ ସ୍ଥାନେ ମଶାଣିରୁ ଶବ ଫେରାଇ ଦେବା ଭଳି ଅମାନବୀୟ ଘଟଣା ଘଟୁଛି। ସତେ ଯେମିତି ଭୁଲ୍ ଠିକଣାରେ ଶବଟି ଆସିଯାଇଥିଲା।

କାରୁଣ୍ୟର କାହାଣୀ କହିବସିଲେ ରାତି ପାହିଯିବ ସିନା କଥା ସରିବନି। ସ୍ୱାମୀର ଜୁଇ ନ ଲିଭୁଣୁ ସ୍ତ୍ରୀର ଶବ ଉଠୁଛି। କେଉଁଠି ହୁଏତ ମହିଳା ଜଣକ କରୋନା ସହିତ ସଂଗ୍ରାମ କରି ସୁସ୍ଥ ହୋଇ ଘରକୁ ଫେରି ଶୁଣୁଛି ସ୍ୱାମୀ, ଶାଶୁ, ଶ୍ୱଶୁର ସମସ୍ତେ ତାକୁ ଏକୁଟିଆ କରି ଛାଡ଼ି ଚାଲିଯାଇଛନ୍ତି। ପୁଣି କେଉଁଠି ମାଆ ବଞ୍ଚିଛି କିନ୍ତୁ ତା'ର ଏକମାତ୍ର ସାହା ଭରସା ରୋଜଗାରିଆ ପୁଅର କୋକେଇ ଉଠୁଛି। ଏଭଳି ହୃଦୟ ବିଦାରକ ଦୃଶ୍ୟ ମାନବ ସମାଜ ପାଇଁ ନୂଆ ନୁହେଁ। ଯେତେବେଳେ ବି ମହାମାରୀ ପଡିଛି ସେତେବେଳେ ଏମିତି ରକ୍ତର ଅବା ଭାବର ପ୍ରିୟଜନଙ୍କୁ ହରାଇ ମଣିଷ ନିର୍ବାକ ପାଲଟି ଯାଇଛି। କିନ୍ତୁ ଏବର ଦୁଃସ୍ଥିତି ଅତୀତର ସମସ୍ତ ଦୁରବସ୍ଥାକୁ ଅତିକ୍ରମ କରିଯାଇଛି।

ଗୋଟିଏ ପଟେ କରୋନା ତା'ର ତାଣ୍ଡବ ରଚି ଚାଲିଥିବା ବେଳେ ଅନ୍ୟ ପଟେ ସ୍ୱାସ୍ଥ୍ୟସେବାକୁ ନେଇ ଉଠୁଥିବା ଏକାଧିକ ସଙ୍ଗିନ ଅଭିଯୋଗ ମଣିଷର ବିଶ୍ୱାସର ପିରାମିଡକୁ ଭାଙ୍ଗି ଦେଉଛି। ଲୋକେ କଥା ହେଉଛନ୍ତି କରୋନା ଚିହ୍ନଟ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେବାପରେ ରୋଗୀ ସମ୍ପର୍କରେ ଖବର ମିଳୁନାହିଁ। ଆରୋଗ୍ୟ ହୋଇ ଫେରିଲେ ତ ଭଲ ନ ହେଲେ ଶେଷରେ ମୃତ୍ୟୁ ଖବର ଆସିବ। ଏମିତି ଘଟଣା ମଧ୍ୟ ଘଟୁଛି, ମୃତ୍ୟୁର ଦୁଇ ତିନି ଦିନ ପରେ ଫୋନ ଆସୁଛି 'ଆପଣଙ୍କ ରୋଗୀ ଭଲ ଅଛନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ଘଟୁଛି।' ବେଳେ ବେଳେ ମିଥ୍ୟା ମୃତ୍ୟୁ ଖବର ମଧ୍ୟ ପରିବାର ନିକଟରେ ପହଞ୍ଚୁଛି। ଜୀବିତ ବେଳେ ମୃତ୍ୟୁର ଖବର, ମରିଗଲା ପରେ ବଞ୍ଚିଥିବା ଖବର କେତେ ଯନ୍ତ୍ରଣାଦାୟକ ତାହା କେବଳ ସମ୍ପୃକ୍ତ ପରିବାରର ସଦସ୍ୟମାନେ ହିଁ ଜାଣିଥିବେ। ଏହା ଅକ୍ଷମଣୀୟ।

ସମ୍ପ୍ରତି ସମାଜରେ ଯେଉଁ ସବୁ ବିଲକ୍ଷଣ ଓ ବିକଳ ଦୃଶ୍ୟ ଦେଖିବାକୁ ମିଳୁଛି ତା'ର ମୁଖ୍ୟ କାରଣ ଯେ ପରିଚାଳନାଗତ ତ୍ରୁଟି ଏହାକୁ ନୀତି ନିର୍ଦ୍ଧାରକମାନେ ମାନିବାକୁ ନାରାଜ। ନିଜ ପିଠିକୁ ନିଜେ ଥାପୁଡେଇ ନିଜ ପ୍ରଶସ୍ତି ପତ୍ର ନିଜେ ଲେଖିବାରେ ଆମେ ବ୍ୟସ୍ତ। କରୋନାକୁ ପରାଜିତ କରି ଆମେ ବିଜୟ ହେଲୁ ବୋଲି ଯେଉଁ ବୃଥା ଆସ୍ଫାଳନ କଲୁ ତା'ର କୁପରିଣତି ଆମେ ଭୋଗିବୁ ନାହିଁ ତ ଆଉ କିଏ ଭୋଗିବ ? ବିଶ୍ୱର ଅନ୍ୟାନ୍ୟ ଦେଶ ଯେତେବେଳେ ଦ୍ୱିତୀୟ ଲହରକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହେଉଥିଲେ ଆମେ ସେତେବେଳେ କ'ଣ କରୁଥିଲୁ କାହାକୁ ଅଛପା ନାହିଁ। ଆଉ ଯେତେବେଳେ ପରିସ୍ଥିତି ଅଣାୟତ୍ତ ହେଲା ଚିରାଚରିତ ଢଙ୍ଗରେ କେନ୍ଦ୍ର ରାଜ୍ୟକୁ ରାଜ୍ୟ କେନ୍ଦ୍ରକୁ ଦୋଷ ଦେବାରେ ଲାଗି ପଡିଛନ୍ତି। ଏଣେ ମୃତ୍ୟୁସଂଖ୍ୟା ବଢୁଛି। ଶ୍ମଶାନରେ ଶବର ଲମ୍ବା ଧାଡ଼ି। ଦାହ/କବର ଦେବାକୁ ଜାଗାର ନିଅଣ୍ଟ। ଶେଷରେ ଗଙ୍ଗା ପାଲଟି ଗଲା ଶେଷ ଠିକଣା। ହାୟରେ ମଣିଷ ଜାତି! ବଞ୍ଚି ଥିବାବେଳେ ଯେଉଁ ଚିକିତ୍ସା ଯୋଗାଇବା କଥା ଦେଲୁ ନାହିଁ। ଅକ୍ସିଜେନ ନ ଦେଇ ଛଟପଟ କରି ମାରିଲୁ। ଆଉ ମରିଗଲା ପରେ ବି...। ତୁ ତ କହୁ ମୃତ୍ୟୁ ପରେ ସତ୍କାର ନ କଲେ ତା'ର ଆତ୍ମା ଅତୃପ୍ତ ହୋଇ ରହିଯାଏ ବୋଲି। ତେବେ ଆଜି କାହିଁକି ଏକଥା ? ଲୋକେ ବୋଲିବେ କ'ଣ ?

ସମ୍ପାଦକ, ଦୀନକୃଷ୍ଣ ସାହିତ୍ୟ ସଂସ୍କୃତି ସଂସଦ,
ଜଳେଶ୍ୱର, ବାଲେଶ୍ୱର
ମୋ–୭୦୦୮୦୭୩୫୯୯

## ଏଇ ଭାରତରେ

ସୀମା ରଥେଶ ଜଣେ ଶିକ୍ଷୟିତ୍ରୀ । ନିଜର ଦାୟିତ୍ୱ ନିର୍ବାହ କରିବା ସହ ସେ ୫ ଟନ୍ ତରଭୁଜ ଉତ୍ପାଦନ କରିବା କିଛି କମ୍ କଥା ନୁହେଁ। କେରଳର କସାରଗଡ଼ ଜିଲାର କୁମ୍ବଲାସ୍ଥିତ ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ସେ ଗଣିତ ପଢ଼ାନ୍ତି। ଲକ୍‌ଡାଉନ ସମୟରେ ପିଲାମାନଙ୍କୁ ଅନ୍‌ଲାଇନରେ ପଢ଼ାଇବା ପରେ ସୀମା ତରଭୁଜ ଚାଷରେ ଲାଗି ପଡନ୍ତି। ମା' ଓ ଭାଇଙ୍କ ସହଯୋଗରେ ନଭେମ୍ବର ୨୦୨୦ରେ ସେ ଅଢ଼େଇ ଏକର ଜମିରେ ସୁଗାର କୁଇନ୍ କିସମର ତରଭୁଜ ଚାଷ ଆରମ୍ଭ କରିଥିଲେ। ଏହି ଜମି ଜଙ୍ଗଲ ହୋଇ ପଡ଼ିଥିଲା। ଏହାକୁ ଚାଷଯୋଗ୍ୟ କରିବା ଏବଂ ଚାଷ ଆରମ୍ଭରୁ ଅମଳ ଯାଏ ସେ ୫ ଲକ୍ଷ ଟଙ୍କରୁ ଅଧିକ ଖର୍ଚ୍ଚ କରିଛନ୍ତି। ୨୦୨୧ ଏପ୍ରିଲ ସୁଦ୍ଧା ୫ ଟନ୍ ତରଭୁଜ ଉତ୍ପାଦନ କରି ଖର୍ଚ୍ଚ କରିଥିବା ଟଙ୍କା ପାଇବା ପରେ ୨ ଲକ୍ଷ ଟଙ୍କା ଲାଭ କରିଛନ୍ତି। ସମ୍ପୂର୍ଣ୍ଣ ଜୈବିକ ତଥା ସିଞ୍ଚନ ଜଳସେଚନ ପଦ୍ଧତିରେ ଏହି ଚାଷ କରିଛନ୍ତି। ପ୍ରଥମ ପାଳିରେ ସେ ୩ ଟନ୍ ତରଭୁଜ ଉତ୍ପାଦନ କରିବା ପରେ ତାହାର ବିକ୍ରି ରାଜ୍ୟର ପୂର୍ବତନ ଅର୍ଥମନ୍ତ୍ରୀ ଇ. ଚନ୍ଦ୍ରଶେଖରନଙ୍କ ଦ୍ୱାରା ଶୁଭାରମ୍ଭ କରିଥିଲେ ବୋଲି କୁହନ୍ତି ୪୩ ବର୍ଷୀୟା ସୀମା। ପ୍ରଥମେ କେଜି ୨୫ ଟଙ୍କା ଓ ପରେ ଏହାଠାରୁ କମ୍ ଦରରେ ସେ କସାରଗଡ, କନ୍ନୁର ଏବଂ ଥାଲାସେରୀ ଜିଲାରେ ବିକ୍ରି କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୯ ମେ ୧୯୯୬

- ୟୁକ୍ରେନ ରାଷ୍ଟ୍ରପତି ଲିଓନିଡ୍ କୁଚମା ଦେଶର ପ୍ରଧାନମନ୍ତ୍ରୀ ଇଜ୍‌ଭାରନୀ ମାରର୍ଚୁକଙ୍କୁ ଦେଶର ଅର୍ଥନୈତିକ ସମସ୍ୟା ପାଇଁ ଦାୟୀ କରି ବହିଷ୍କାର କରିଛନ୍ତି।
- ଲୋକସଭାରେ ବିଜେପି ସରକାର ପକ୍ଷରୁ ଧାଡ଼ିକିଆ ଆସ୍ଥା ପ୍ରସ୍ତାବ ଉପରେ ଦୁଇଦିନ ଧରି ସରଗରମ ଆଲୋଚନା ହେବା ପରେ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ତାଙ୍କ ୧୩ ଦିନିଆ ବିଜେପି –ଶିବସେନା ମେଣ୍ଟ ସରକାରର ଇସ୍ତଫା ଘୋଷଣା କରିଛନ୍ତି।
- ପ୍ରଥମ ଥର ପାଇଁ ସ୍ଥାନୀୟ ତିହାର ଜେଲ ଭିତରେ କଏଦୀମାନଙ୍କୁ ନେଇ ୧୨ ଦିନିଆ କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହୋଇଛି।

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | 7 | | | | 8 | 1 | 4 |
| | | | | | | | | |
| | 6 | | | 5 | | | | 7 |
| | | | | | 1 | | 3 | 5 |
| 4 | | | 3 | | 5 | | | |
| | 7 | | | | 9 | | | |
| | | | | 8 | | 7 | | |
| | | | | 1 | 3 | 5 | 6 | |
| | 8 | 9 | | | | | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 5 | 3 | 2 | 1 | 8 | 7 | 9 |
| 9 | 1 | 8 | 6 | 7 | 4 | 3 | 5 | 2 |
| 7 | 3 | 2 | 5 | 9 | 8 | 4 | 1 | 6 |
| 6 | 8 | 9 | 4 | 1 | 2 | 7 | 3 | 5 |
| 1 | 5 | 3 | 9 | 6 | 7 | 2 | 4 | 8 |
| 2 | 4 | 7 | 8 | 5 | 3 | 6 | 9 | 1 |
| 8 | 7 | 6 | 1 | 4 | 5 | 9 | 2 | 3 |
| 5 | 9 | 4 | 2 | 3 | 6 | 1 | 8 | 7 |
| 3 | 2 | 1 | 7 | 8 | 9 | 5 | 6 | 4 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଟିକାକରଣରେ ଅବ୍ୟବସ୍ଥା

ମହାଶୟ,

ପୁରୀ ଜିଲା ସାକ୍ଷୀଗୋପାଳ (ସତ୍ୟବାଦୀ) ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍‌ଲାଇନ୍ ବ୍ୟବସ୍ଥା ବିଫଳ ଯୋଗୁ ଦୈନନ୍ଦିନ ଟିକାକରଣରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେଇଛି। ରାଜ୍ୟ ସରକାର ବାରମ୍ବାର ଘୋଷଣା କରୁଛନ୍ତି ଅନ୍‌ଲାଇନ୍‌ରେ ସୂଚନା ନ ପାଇଲେ ଅଯଥାରେ ଟିକାକରଣ କେନ୍ଦ୍ରକୁ ଆସନ୍ତୁ ନାହିଁ। ମାତ୍ର ସାକ୍ଷୀଗୋପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବରିଷ୍ଠ ନାଗରିକ ଟିକାକରଣ ଆରମ୍ଭ ହେବା ଦିନଠାରୁ ଅଦ୍ୟାବଧି ଅନ୍‌ଲାଇନ୍ ବ୍ୟବସ୍ଥା ଆଦୌ କାର୍ଯ୍ୟ କରୁନାହିଁ। ତେଣୁ ଟିକାକରଣ ପାଇଁ ପଞ୍ଜୀକରଣ ହୋଇପାରିନାହିଁ। ଟିକାକରଣ ପାଇଁ ଲୋକମାନେ ଏଠାରେ ପ୍ରବଳ ଭିଡ଼ ଜମାଉଥିବା ଦେଖାଯାଉଛି। ଏଥିଯୋଗୁ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଟିକା ନେବାକୁ ଆସୁଥିବା ବ୍ୟକ୍ତିଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଟିକାକରଣକୁ ବ୍ୟାପକ କରାଯିବା ପାଇଁ ଉପଯୁକ୍ତ ପଦକ୍ଷେପ ନିଆଯାଉ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ସରକାରୀ କଟକଣାକୁ ଉଲ୍ଲଂଘନ କରି ଦଲାଲମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇବା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି।

–ଦେବତିକ୍ତ ମିଶ୍ର, ଦେବଭବନ, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

### ଚିରନ୍ତନୀ

କିପାଇଁ ଆମ ଜନମ ଭଲା
ନ ହେଲା କାହିଁ ବୁଝି
କୋଟିଏ ଯୁଗ ଗଲାଣି ଏବେ ବିତି,
କୋଟିଏ ଯୁଗ ବଞ୍ଚିବାକୁ
ମରଣ–ରଣେ ଯୁଝି
ଜୀବନ ତିଳେ ପାରିଲା କାହିଁ ଜିତି ?
–(ଅମର ଆଶା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ରେକର୍ଡ ସ୍ତରରେ ବିଦେଶୀ ମୁଦ୍ରା ଭଣ୍ଡାର** | ଦେଶର ବିଦେଶୀ ମୁଦ୍ରା ଭଣ୍ଡାର ୨.୮୬୫ ବିଲିୟନ ଡଲାର ବୃଦ୍ଧି ଘଟି ସର୍ବକାଳୀନ ରେକର୍ଡ ସ୍ତର ୫୯୨.୮୯୪ ବିଲିୟନ ଡଲାର ଛୁଇଁଛି। ଏହା ପୂର୍ବରୁ ଚଳିତ ବର୍ଷ ଜାନୁୟାରୀ ୨୯ରେ ମୁଦ୍ରା ଭଣ୍ଡାର ୫୯୦.୧୮୫ ବିଲିୟନ ଡଲାର ରହିଥିଲା।



## ସଂକ୍ଷେପରେ

### ମାଲ୍ୟାଙ୍କ ୟୁବିଏଲ୍ ଶେୟାର ବିକିବେ ବ୍ୟାଙ୍କ

**ନୂଆଦିଲ୍ଲୀ,୨୮।୫:** ଏସ୍‌ବିଆଇ ନେତୃତ୍ୱାଧୀନ ବ୍ୟାଙ୍କଗୁଡିକ ବିଜୟ ମାଲ୍ୟାଙ୍କ ୟୁନାଇଟେଡ୍‌ର ବ୍ରେୱେରିଜ ଲିମିଟେଡ୍‌ରେ ରହିଥିବା ପ୍ରାୟ ୧୬.୧୫% ଶେୟାର ବିକ୍ରି କରିବେ। ବେଆଇନ ଅର୍ଥ କାରବାର ନିରୋଧୀ ଆଇନ (ପିଏମ୍ଏଲ୍ଏ) ଅଦାଲତ ଏ ନେଇ ବ୍ୟାଙ୍କ ସମୂହଙ୍କୁ ଗ୍ରୀନ୍ ସିଗ୍‌ନାଲ ଦେଇଛନ୍ତି। ମାଲ୍ୟା ବର୍ତ୍ତମାନ ପଳାତକ ଘୋଷିତ ହୋଇଥିବା ବେଳେ ବ୍ୟାଙ୍କଗୁଡ଼ିକର ବୃହତ୍ ଋଣ ଖିଲାପ କରି ଲଣ୍ଡନରେ ରହୁଛନ୍ତି। ତାଙ୍କ ବିରୋଧରେ ଇଡି ପକ୍ଷରୁ ମାମଲା ଜାରି ରହିଛି। ୟୁନାଇଟେଡ୍ ବ୍ରେୱେରିଜ ଲିମିଟେଡ୍‌ରେ ମାଲ୍ୟାଙ୍କ ଶେୟାର ବିକ୍ରି ହେଲେ ବ୍ୟାଙ୍କଗୁଡ଼ିକ ପ୍ରାୟ ୫,୫୦୦ କୋଟି ଟଙ୍କା ଫେରିପାଇବେ ବୋଲି ଆକଳନ କରାଯାଇଛି। ଏହାକୁ ବ୍ଲକ ଡିଲ୍ ଦ୍ୱାରା ବିକ୍ରି କରିବା ଲାଗି ଯୋଜନା କରାଯାଉଛି। ଉଲ୍ଲେଖଯୋଗ୍ୟ, ଇଡି ମାଲ୍ୟାଙ୍କର ପ୍ରାୟ ୯ ହଜାର କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ପିଏମ୍ଏଲ୍ଏ କୋର୍ଟଙ୍କ ନିର୍ଦ୍ଦେଶ ପରେ ଇଡି ଏହି ସମ୍ପତ୍ତି ରିଲିଜ କରିବ। ଫଳରେ ବ୍ୟାଙ୍କଗୁଡିକ ସେମାନଙ୍କ ଅର୍ଥ ଫେରିପାଇବା ଲାଗି ପ୍ରକ୍ରିୟା ଜାରି କରିପାରିବେ। ଉଲ୍ଲେଖଯୋଗ୍ୟ, ମାଲ୍ୟାଙ୍କ କିଙ୍ଗଫିସର ଏୟାରଲାଇନ ଋଣ ଖିଲାପ କରିବା ପରେ ଇଡ଼ି ତାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିଥିଲା।

### ବିଗ୍ ବାସ୍କେଟ୍‌ରେ ସିଂହଭାଗ ଅଂଶଧନ ହାସଲକଲା ଟାଟା

**ନୂଆଦିଲ୍ଲୀ,୨୮।୫:** ଅନ୍‌ଲାଇନ ଗ୍ରସେରି ସେଲ୍‌ର ବିଗ୍ ବାସ୍କେଟ୍‌ର ସିଂହଭାଗ ଅଂଶଧନକୁ ଟାଟା ଗ୍ରୁପ୍ ହାସଲ କରିଛି। ଟାଟା ଡିଜିଟାଲ ଲିମିଟେଡ୍ ପକ୍ଷରୁ ଏହା କ୍ରୟ ହୋଇଛି। କେତେ ଟଙ୍କାରେ ଏହି ଡିଲ୍ ହୋଇଛି ସେ ନେଇ ବର୍ତ୍ତମାନ ସୁଦ୍ଧା କିଛି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରିନାହିଁ। ଏହା ଟାଟା ସନ୍ସର ଏକ ୟୁନିଟ। ଏଭଳି ଯୋଜନା ମୁକେଶ ଅମ୍ବାନୀଙ୍କ ଜିଓ ମାର୍ଟ ଏବଂ ଆମାଜନ ସହ କଡ଼ା ଟକ୍କର ଦେବ ବୋଲି କୁହାଯାଉଛି। ବିଗ୍ ବାସ୍କେଟ୍‌ରୁ ଟାଟା ଡିଜିଟାଲ ଦ୍ୱାରା ୫୪.୩ ଅଂଶଧନ ହାସଲ ପ୍ରସ୍ତାବକୁ କମ୍ପିଟିଶନ କମିଶନ ଅଫ୍ ଇଣ୍ଡିଆ(ସିସିଆଇ) ମାର୍ଚ୍ଚରେ ମଞ୍ଜୁରୀ ପ୍ରଦାନ କରିଥିଲା। ବିଗ୍ ବାସ୍କେଟରେ ଚାଇନାର ଆଲିବାବା ଗ୍ରୁପ୍ ନିବେଶ କରିଛି।

# ୫ଜି ପରୀକ୍ଷଣ ରାସ୍ତା ଖୋଲିଲା

**ନୂଆଦିଲ୍ଲୀ,୨୮।୫**

### ଟେଲିକମ୍ କମ୍ପାନୀଙ୍କୁ ଡିଓଟିର ସ୍ପେକ୍ଟ୍ରମ ଆବଣ୍ଟନ




ଦେଶ ମଧ୍ୟରେ ୫ଜି ଟେକ୍ନୋଲୋଜି ପରୀକ୍ଷଣ କରିବା ଲାଗି ରାସ୍ତା ଖୋଲିଛି। ଟେଲିକମ୍ ବିଭାଗ(ଡିଓଟି) ପକ୍ଷରୁ ବିଭିନ୍ନ କମ୍ପାନୀଙ୍କୁ ଏଥିଲାଗି ସ୍ପେକ୍ଟ୍ରମ ଆବଣ୍ଟନ କରାଯାଇଥିବା ବିଶେଷ ସୂତ୍ରରୁ ଜଣାପଡ଼ିଛି। ଦିଲ୍ଲୀ, ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ, ଗୁଜରାଟ, ହାଇଦ୍ରାବାଦ ଭଳି ଦେଶର ଅନ୍ୟ କିଛି ସ୍ଥାନରେ ଏହି ପରୀକ୍ଷଣ ଶୀଘ୍ର ଆରମ୍ଭ କରାଯିବ ବୋଲି ଜଣେ ଶିଳ୍ପ ପ୍ରତିନିଧି କହିଛନ୍ତି। ଟେଲିକମ୍ କମ୍ପାନୀଗୁଡିକୁ ୭୦୦ ମେଗାହର୍ଜ, ୩.୩–୩.୬ ଗିଗାହର୍ଜ ବ୍ୟାଣ୍ଡ, ୨୪.୨୫ –୨୮.୫ ଗିଗାହର୍ଜ ବ୍ୟାଣ୍ଡ ବିଭିନ୍ନ ସ୍ଥାନ ଲାଗି ପ୍ରଦାନ କରାଯାଉଛି ବୋଲି ଟେଲିକମ୍ କମ୍ପାନୀର ଜଣେ ଅଧିକାରୀ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଚଳିତ ମାସ ୪ରେ ଡିଓଟି, ରିଲାଏନ୍ସ ଜିଓ, ଭାରତୀ ଏୟାରଟେଲ, ଭୋଡାଫୋନ–ଆଇଡିଆ, ଏମ୍‌ଟିଏନ୍ଏଲ୍ ଭଳି କମ୍ପାନୀ ଏଥି ସଂକ୍ରାନ୍ତ ଆବେଦନକୁ ମଞ୍ଜୁର ପ୍ରଦାନ କରିଥିଲେ। ଚାଇନା କମ୍ପାନୀଗୁଡ଼ିକର ଟେକ୍ନୋଲୋଜି ବ୍ୟବହାର ନ କରିବାକୁ ସରକାର କମ୍ପାନୀଗୁଡିକୁ କହିଛନ୍ତି। ଏରିକ୍‌ସନ, ନୋକିଆ, ସାମ୍‌ସଙ୍ଗ, ସି–ଡଟ୍ ଏବଂ ରିଲାଏନ୍ସର ସ୍ୱଦେଶୀ ଟେକ୍ନୋଲୋଜି ବ୍ୟବହାରକୁ ଡିଓଟି ମଞ୍ଜୁର ପ୍ରଦାନ କରିଛି। ଡିଓଟି ସୂଚନା ମୁତାବକ, ୫ଜି ଟେକ୍ନୋଲୋଜି ଦ୍ୱାରା ଗ୍ରାହକମାନେ ଉନ୍ନତ ସେବା ଲାଭ କରିପାରିବେ। ୪ଜି ତୁଳନାରେ ୧୦ ଗୁଣା ଡାଉନଲୋଡ୍ ସ୍ପିଡ୍ ଏବଂ ୩ ଗୁଣା ସ୍ପେକ୍ଟ୍ରମ ଏଫିସିଏନ୍ସି ମିଳିପାରିବ ବୋଲି ଏହା ସ୍ପଷ୍ଟ କରିଛି।

୫ଜିର ଇଣ୍ଡିଆନ ସେଟିଂକୁ ପରୀକ୍ଷଣ କରାଯିବା କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ଟେଲିମେଡିସିନ, ଟେଲି ଏଜୁକେଶନ, ଡ୍ରୋନ ଭିତ୍ତିକ କୃଷି କାର୍ଯ୍ୟ ତଦାରଖ ଭଳି ଅନ୍ୟ ପ୍ରମୁଖ ଦିଗ ସାମିଲ ରହିଛି। ଟେଲିକମ୍ ଅପରେଟରମାନେ ସେମାନଙ୍କ ନେଟ୍‌ୱର୍କରେ ବିଭିନ୍ନ ୫ଜି ଡିଜାଇସ୍‌କୁ ପରୀକ୍ଷଣ କରାଇବାରେ ସକ୍ଷମ ହେବେ। ପରୀକ୍ଷଣର ଅବଧି ୬ ମାସ ରହିବ। ଏଥିଲାଗି ବିଭିନ୍ନ ଯନ୍ତ୍ରାଂଶ ସଂଗ୍ରହ ଏବଂ ଏହାର ସ୍ଥାପନା ଲାଗି ୨ ମାସ ସମୟ ଅବଧି ସାମିଲ ରହିଛି। କମ୍ପାନୀଗୁଡ଼ିକ ଉଭୟ ଗ୍ରାମାଞ୍ଚଳ ଏବଂ ଅର୍ଦ୍ଧ ସହରାଞ୍ଚଳ ସେଟିଂ ସହ ସହରାଞ୍ଚଳରେ ସେଟିଂ ଉପରେ କାର୍ଯ୍ୟ କରିବେ। ପଞ୍ଜାବ,ହରିୟାଣା ଏବଂ ଚଣ୍ଡିଗଡ଼ ପାଇଁ କୌଣସି କମ୍ପାନୀ ସ୍ପେକ୍ଟ୍ରମ ଲାଭ କରି ନ ଥିବା ଅଧିକାରୀ ଜଣକ କହିଛନ୍ତି।

# ବାତ୍ୟା କ୍ଷତିଗ୍ରସ୍ତଙ୍କୁ ଶ୍ୟାମ ଷ୍ଟିଲ୍ ପକ୍ଷରୁ ରିଲିଫ ବଣ୍ଟନ



**ଭୁବନେଶ୍ୱର,୨୮।୫**

ଦେଶର ଅଗ୍ରଣୀ ଟିଏମ୍‌ଟି ବାର୍ ଉତ୍ପାଦନକାରୀ କମ୍ପାନୀ ଶ୍ୟାମ ଷ୍ଟିଲ୍ ପକ୍ଷରୁ ବାତ୍ୟା ୟାସ୍ ପ୍ରଭାବରେ କ୍ଷତିଗ୍ରସ୍ତ ହୋଇଥିବା ଲୋକମାନଙ୍କୁ ରିଲିଫ ବଣ୍ଟନ କରାଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀ ଉଭୟ ବାଲେଶ୍ୱର ଓ ଭଦ୍ରକ ଜିଲାର ବିଭିନ୍ନ ଅଞ୍ଚଳରେ ଚାଉଳ , ଚୁଡା, ଗୁଡ଼, ବିସ୍କୁଟ, ପାଣି ବୋତଲ,ମହମବତି, ଦିଆସିଲ ଓ ଜରିପାଲ ଥିବା ପୁଡ଼ିଆ ବଣ୍ଟନ କରାଯାଇଥିଲା। ସେହିପରି ବଙ୍ଗାଳୀସାହି, କରଞ୍ଜଗାଡିଆ ଓ ଚାନ୍ଦିମାଳ ଭଳି ଅଞ୍ଚଳରେ କମ୍ପାନୀ ପକ୍ଷରୁ କ୍ୟାମ୍ପ କରାଯାଇଛି। ବାତ୍ୟା ଯୋଗୁ ପରିବହନ ଓ ଜଳବନ୍ଦୀ ଥିବାରୁ ଏହି ସବୁ ଅଞ୍ଚଳରେ ପରବର୍ତ୍ତୀ ସମୟରେ ରିଲିଫ ବଣ୍ଟନ ହେବା କାର୍ଯ୍ୟକ୍ରମ ରହିଛି। ଏ ସମ୍ପର୍କରେ ଶ୍ୟାମ ଷ୍ଟିଲ୍‌ର ନିର୍ଦ୍ଦେଶକ ଲଳିତ ବେରିୱାଲା କହିଛନ୍ତି, ବାତ୍ୟାରେ ବ୍ୟାପକ କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳବାସୀଙ୍କୁ ସମବେଦନା ଜଣାଇବା ସହ ସେମାନଙ୍କ ନିକଟରେ କମ୍ପାନୀ ପକ୍ଷରୁ ରିଲିଫ ଯୋଗାଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରିବହନ ସୁବିଧା ଥିବା ଅଞ୍ଚଳରେ ରିଲିଫ ପ୍ରାଥମିକତା ଭିତ୍ତିରେ ଦିଆଯାଉଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଜୁନ୍ ୩୦ ଯାଏ ଅନ୍ତର୍ଜାତୀୟ ବିମାନ ବାତିଲ



**ନୂଆଦିଲ୍ଲୀ,୨୮।୫**

କରୋନା ସ୍ଥିତି ବର୍ତ୍ତମାନ ଠିକ୍ ହୋଇ ନ ଥିବାରୁ ସରକାର ଅନ୍ତର୍ଜାତୀୟ ବିମାନ ସେବାକୁ ଜୁନ୍ ୩୦ ଯାଏ ବାତିଲ କରିଛନ୍ତି। ଶୁକ୍ରବାର ଏ ନେଇ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ(ଡିଜିସିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ଏହାବାଦ କିଛି ନିର୍ଦ୍ଦିଷ୍ଟ କ୍ଷେତ୍ରରେ ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ଅନ୍ତର୍ଜାତୀୟ ବିମାନ ସେବାକୁ ଅନୁମତି ମିଳିପାରେ। ଏଥିଲାଗି କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ଲୋଡ଼ା ପଡିବ। ଭାରତରେ କରୋନା ମହାମାରୀଜନିତ ସଂକ୍ରମଣ ବଢ଼ିବାରୁ ୨୦୨୦ ମାର୍ଚ୍ଚ ୨୩ରୁ ଅନ୍ତର୍ଜାତୀୟ ବିମାନ ସେବାକୁ ବାତିଲ କରାଯାଇଛି। ଏଭଳି ସ୍ଥଳେ ବନ୍ଦେ ଭାରତ ମିଶନ ଅଧୀନରେ ସ୍ପେଶାଲ ଅନ୍ତର୍ଜାତୀୟ ବିମାନ ୨୦୨୦ ମେ ପରଠାରୁ ଚଳାଚଳ କରୁଛି। ଜୁଲାଇ ପରଠାରୁ ବିଭିନ୍ନ ଦେଶ ସହ ଦ୍ୱିପାକ୍ଷିକ ଏୟାର ବବଲ୍ ଚୁକ୍ତି ଦ୍ୱାରା ସରକାର ଏଭଳି ସେବାର ବ୍ୟବସ୍ଥା କରିଛନ୍ତି।

ବର୍ତ୍ତମାନ ସୁଦ୍ଧା ପ୍ରାୟ ୨୭ ଦେଶ ସହିତ ସରକାର ଭାରତ ସରକାର ଏୟାର ବବଲ୍ ଚୁକ୍ତିରେ ସାମିଲ ହୋଇଛନ୍ତି। ଏହା ମଧ୍ୟରେ ଆମେରିକା, ୟୁନାଇଟେଡ୍ ଆରବ ଏମିରେଟସ୍, କେନିଆ, ଭୁଟାନ ଏବଂ ଫ୍ରାନ୍ସ ଭଳି ଦେଶ ରହିଛନ୍ତି। କଟକଣା ବଢ଼ାଯାଇଥିବା ବେଳେ ଏହାର ପ୍ରଭାବ ମାଲ୍ ପରିବହନ କରୁଥିବା ବିମାନ ଉପରେ ପଡିବ ନାହିଁ ବୋଲି ଡିଜିସିଏ କହିଛି।

### ଏଚ୍‌ଡିଏଫ୍‌ସିକୁ ୧୦କୋଟି ଜରିମାନା

**ନୂଆଦିଲ୍ଲୀ,୨୮।୫**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ପକ୍ଷରୁ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ଉପରେ ଶୁକ୍ରବାର ୧୦ କୋଟି ଟଙ୍କାର ଜରିମାନା ଲାଗୁ କରାଯାଇଛି। ବ୍ୟାଙ୍କିଙ୍ଗ ନିୟମାବଳୀ ୧୯୪୯ର ଧାରା ୬(୨) ଏବଂ ଧାରା ୮ର ଉଲ୍ଲଂଘନ ନଜରକୁ ଆସିବା ପରେ ଆର୍‌ବିଆଇ ପକ୍ଷରୁ ଏଭଳି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଏହି ବ୍ୟାଙ୍କ ନିୟାମକ ଅବମାନନା ସହ କେତେକ ତଥ୍ୟର ତାଳମେଳ ନ ରହିବାରୁ ହ୍ୱିସିଲ ବ୍ଲୋୟରଙ୍କ ଅଭିଯୋଗ ପରେ କେନ୍ଦ୍ରୀୟ ବ୍ୟାଙ୍କ ଏ ନେଇ ଯାଞ୍ଚ କରିଥିଲା। ବ୍ୟାଙ୍କର ଏଭଳି କାରସାଦି ଜଣାପଡିବାରୁ ଆର୍‌ବିଆଇ ପକ୍ଷରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ଟିପିସିଓଡିଏଲ୍‌ର ବିଦ୍ୟୁତ୍ ପୁନରୁଦ୍ଧାର କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୮।୫**

ବାତ୍ୟା 'ୟାସ୍' ଯୋଗୁ ଉପକୂଳ ଓଡ଼ିଶାରେ ବ୍ୟାପକ ଇଲେକ୍ଟ୍ରିକାଲ୍ ନେଟ୍‌ୱର୍କ କ୍ଷତିଗ୍ରସ୍ତ ହୋଇଛି। ଟିପିସିଓଡିଏଲ୍ ପକ୍ଷରୁ ଏହାର ମୁକାବିଲା ଲାଗି ଅଗ୍ରିମ ବିପର୍ଯ୍ୟୟ ପରିଚାଳନା ଯୋଜନା (ଡିଏମ୍‌ପି) ପ୍ରସ୍ତୁତ କରାଯାଇଥିଲା। କମ୍ପାନୀ ପକ୍ଷରୁ ନିର୍ଦ୍ଧାରିତ ଡିଏମ୍‌ପି ଅନୁସାରେ ପ୍ରଭାବିତ ହେବାକୁ ଥିବା ଅଞ୍ଚଳଗୁଡିକରେ ପୁନରୁଦ୍ଧାର କାର୍ଯ୍ୟ ଲାଗି ପ୍ରାୟ ୧୦,୦୦୦ ମାନବ ସମ୍ବଳ ସହିତ ପର୍ଯ୍ୟାପ୍ତ ପରିମାଣର ଉପକରଣ ଓ ମେଶିନ ମୁତୟନ କରାଯାଇଥିଲା। ବାତ୍ୟା ଯୋଗୁ କେନ୍ଦ୍ରାପଡ଼ାର ଆଳି, ରାଜକନିକା, ରାଜନଗର–୨, ବାବର, ମହାକାଳପଡ଼ା, ପାରାଦୀପର ଚଟୁଆ ଏବଂ ଜଗତ୍‌ସିଂହପୁର ବାଲିକୁଦା–୨ ଭଳି ସେକ୍ସନରେ ପୁନରୁଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରାଯାଇଛି। ପ୍ରାୟ ୨ ଘଣ୍ଟା ମଧ୍ୟରେ ଏହି ସମସ୍ତ ଜିଲାର ହସ୍ପିଟାଲ୍, କୋଭିଡ୍ କେୟାର ସେଣ୍ଟର, ଆଇସିୟୁ ୟୁନିଟ୍ ଓ ଅକ୍ସିଜେନ୍ ପ୍ଲାଣ୍ଟକୁ ବିଦ୍ୟୁତ୍ ସେବା ଯୋଗାଇ ଦିଆଯାଇଥିଲା। ଏ ସମ୍ପର୍କରେ ଟିପିସିଓଡିଏଲ୍‌ର ସିଇଓ ଏମ୍. ସେନ୍‌ବାଗମ୍ କହିଛନ୍ତି, ବାତ୍ୟା କ୍ଷୟକ୍ଷତିର ପୁନରୁଦ୍ଧାର ସହ ଓ ଜରୁରିକାଳୀନ ଭିତ୍ତିରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ବିଦ୍ୟୁତ୍ ଯୋଗାଣ, ଗଛ କାଟିବା, ସମ୍ବେଦନଶୀଳ ହଟ୍‌ସ୍ପଟ୍‌କୁ ଚିହ୍ନଟକରି ସେଥିରେ ସୁଧାର ଏବଂ ଟ୍ରାନ୍ସଫର୍ମର୍ ଇତ୍ୟାଦିର ରକ୍ଷଣାବେକ୍ଷଣ ବିଭିନ୍ନ କାର୍ଯ୍ୟ ହାତକୁ ନିଆଯାଇଛି।

## ଖେଳ ଖବର

# ଭାରତୀୟ ମହିଳା କ୍ରିକେଟର ନେଲେ ପ୍ରଥମ ଡୋଜ୍ ଟିକା



ଟିକା ନେବା ଅବସରରେ ଦୀପ୍ତି ଶର୍ମା।

**ନୂଆଦିଲ୍ଲୀ,୨୮।୫(ପି.ଟି.):** ଇଂଲଣ୍ଡ ଗସ୍ତରେ ଯିବାକୁ ଥିବା ଭାରତୀୟ ମହିଳା କ୍ରିକେଟ ଦଳର ସବୁ ସଦସ୍ୟ କୋଭିଡ୍–୧୯ ଟିକାର ପ୍ରଥମ ଡୋଜ୍ ନେଇଛନ୍ତି। ଜୁନ୍ ୧୬ରୁ ଇଂଲଣ୍ଡ ବିପକ୍ଷରେ ଭାରତୀୟ ମହିଳା ସିରିଜ ଖେଳିବା ଆରମ୍ଭ କରିବେ। ଭାରତୀୟ ଦଳ ଏବେ ମୁମ୍ବାଇରେ କ୍ୱାରାଣ୍ଟାଇନ୍‌ରେ ରହିଛନ୍ତି। ଜୁନ୍ ୧୬ରୁ ବ୍ରିଷ୍ଟଲରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ଏକମାତ୍ର ଟେଷ୍ଟ ଆରମ୍ଭ ହେବ। ଏହାପରେ ନର୍ଥହାମ୍ପଟନରେ ଦୁଇଟି ଟି୨୦ ମ୍ୟାଚ୍ ଜୁନ୍ ୯ ଓ ୧୧ ତାରିଖରେ ଆୟୋଜନ ହେବ। ଏହାପରେ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ ମଧ୍ୟ ଖେଳାଯିବ। ଜୁନ୍ ୨୭ରୁ ଏହି ଦିନିକିଆ ସିରିଜ ଆରମ୍ଭ ହେବ।

ଭାରତୀୟ ମହିଳା ଦଳର ଅଧିକାଂଶ ଖେଳାଳି ସେମାନଙ୍କ ଘରୋଇ ସହରରେ ଏହି ଟିକା ନେଇଥିଲେ। ଅନ୍ୟ କେତେଜଣ ଗୁରୁବାର ମମ୍ବାଇରେ ପ୍ରଥମ ଡୋଜ୍ ନେଇଛନ୍ତି ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ କୁହାଯାଇଛି। ସ୍ପିନ ଅଲରାଉଣ୍ଡର ଦୀପ୍ତି ଶର୍ମା ଟିକା ନେବାର ଫଟୋ ଗୁରୁବାର ଟୁଇଟରରେ ଶେୟାର କରିଛନ୍ତି। ପ୍ରାୟ ସବୁ ଖେଳାଳି କୋଭିଶିଲ୍ଡ ଭ୍ୟାକ୍‌ସିନ ନେଇଛନ୍ତି। ତେବେ ଖେଳାଳିମାନେ ଦ୍ୱିତୀୟ ଡୋଜ୍ ଇଂଲଣ୍ଡରେ ନେବେ। ୟୁନାଇଟେଡ କିଙ୍ଗଡମ୍ (ୟୁକେ) ସ୍ୱାସ୍ଥ୍ୟ ବିଭାଗ ଖେଳାଳିମାନଙ୍କୁ ଟିକାର ଦ୍ୱିତୀୟ ଡୋଜ୍ ଦେବାର ବ୍ୟବସ୍ଥା କରିବ।

ଜୁନ୍ ୨ ତାରିଖରେ ଭାରତୀୟ ମହିଳା ଦଳ ବିରାଟ କୋହଲିଙ୍କ ନେତୃତ୍ୱରେ ପୁରୁଷ ଦଳ ସହ ଏକ ଚାର୍ଟାର୍ଡ ଫ୍ଲାଇଟ୍ ଜରିଆରେ ୟୁକେ ଗସ୍ତ କରିବ। କୋହଲିଙ୍କ ସମେତ ମହମ୍ମଦ ସାମି, ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରା, ଉମେଶ ଯାଦବ, ଈଶାନ୍ତ ଶର୍ମା, ଯଶପ୍ରୀତ ବୁମ୍‌ରା ଓ ରିଷଭ ପନ୍ତ କୋଭିଡ୍–୧୯ ଭ୍ୟାକ୍ସିନର ପ୍ରଥମ ଡୋଜ୍ ନେଇସାରିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲରେ ଭାରତ ଓ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବେ। ଜୁନ୍ ୧୮ ତାରିଖରେ ସାଉଥାମ୍ପଟନରେ ମ୍ୟାଚ ଆରମ୍ଭ ହେବ।

# ଷ୍ଟେଟ୍ ଏମର୍ଜେନ୍ସି ଆଉ ୨୦ ଦିନ ବଢ଼ିଲା

**ଟୋକିଓ,୨୮।୫(ଏ.ପି.)**



ଟୋକିଓ ଅଲିମ୍ପିକ୍ସ ଆୟୋଜନ ହେବାକୁ ଆଉ ୫୦ ଦିନରୁ କିଛି ଦିନ ଅଧିକ ବାକି ରହିଛି। ଜାପାନ ସରକାର ରାଜଧାନୀ ଟୋକିଓ ସମେତ ଅନ୍ୟ ଅଞ୍ଚଳଗୁଡିକରେ ଜାରି ହୋଇଥିବା ଷ୍ଟେଟ୍ ଇମର୍ଜେନ୍ସିକୁ ବୃଦ୍ଧି କରିବାକୁ ନିଷ୍ପତ୍ତି ନେଇଛନ୍ତି। କୋଭିଡ୍–୧୯ ସଂକ୍ରମଣରେ କୌଣସି ମନ୍ଥରତା ଦେଖିବାକୁ ମିଳି ନ ଥିବାରୁ ଜାପାନ ସରକାର ଶୁକ୍ରବାର ଜାରି ରହିଥିବା ଇମର୍ଜେନ୍ସିକୁ ଆଉ ୨୦ ଦିନ ବୃଦ୍ଧି କରିଛନ୍ତି।

ଟୋକିଓ ଓ ଓସାକାରେ ଲୋକେ ଏବେ ମଧ୍ୟ ବୁଲୁଛନ୍ତି। ଏପରିସ୍ଥଳେ ଇମର୍ଜେନ୍ସି ଉଠାଇ ଦେଲେ ପରିସ୍ଥିତି ଆହୁରି ଭୟଙ୍କର ହେବ ବୋଲି ଜାପାର ଇକୋନୋମି ରିଭାଇଟାଲାଇଜେଶନ ମନ୍ତ୍ରୀ ୟାସୁତୋସୀ ନିଶିମୁରା କହିଛନ୍ତି। ଟୋକିଓ ସମେତ ଅନ୍ୟ ୮ଟି ମେଟ୍ରୋପଲିଟାନ ସହରରେ ଜାରି ହୋଇଥିବା ଇମର୍ଜେନ୍ସ ଆସନ୍ତା ସୋମବାର ଶେଷ ହେବାର କାର୍ଯ୍ୟକ୍ରମ ରହିଥିଲା। ବିଭିନ୍ନ ହସ୍ପିଟାଲ୍‌ରେ କୋଭିଡ୍–୧୯ ସଂକ୍ରମିତଙ୍କ ସଂଖ୍ୟା ଆବଶ୍ୟକାତାଠାରୁ ଅଧିକ ରହିଛି ଓ ସିରିୟସ ମାମଲା ବଢ଼ିବାର ଲାଗିଛି। ଜାରି ରହିଥିବା ଇମର୍ଜେନ୍ସିକୁ ଆହୁରି ୨୦ଦିନ ଅର୍ଥାତ ଜୁନ୍ ୨୦ ତାରିଖକୁ ବୃଦ୍ଧି ଲାଗି ସରକାର ପ୍ରସ୍ତାବ ଦେଇଥିଲେ। ଶେଷରେ ଏହାକୁ ବୃଦ୍ଧି କରାଯାଇଛି ବୋଲି ଜାପାନ ପ୍ରଧାନମନ୍ତ୍ରୀ ୟୋଶିହାଇଡ୍ ସୁଗା କହିଛନ୍ତି। ଉତ୍ତରରେ ଥିବା ହୋକାଇଡୋ ଓ ଦକ୍ଷିଣରେ ଥିବା ଫୁକୁଓକା ପର୍ଯ୍ୟନ୍ତ ଏହି ୨୦ ଦିନିଆ ବର୍ଦ୍ଧିତ ଇମର୍ଜେନ୍ସି ଜୁନ୍ ୨୦ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

ବିଦେଶୀ ପ୍ରଶଂସକଙ୍କୁ ଜାପାନରେ ପ୍ରବେଶ କରିବା ନେଇ ଗୋଟିଏ ମାସ ପୂର୍ବରୁ ବାରଣ କରାଯାଉଛି। ତେବେ ଘରୋଇ ପ୍ରଶଂସକଙ୍କୁ ନେଇ ଅଲିମ୍ପିକ ଆୟୋଜକମାନେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ ବୋଲି ଆଶା କରାଯାଉଛି। ଜାପାନୀ ଆଥ୍‌ଲେଟମାନଙ୍କର ଟିକାକରଣ ନେଇ ଏକ ଯୋଜନା ପ୍ରସ୍ତୁତ କରାଯିବ। ଜୁଲାଇ ୨୨ ତାରିଖରୁ ଅଲିମ୍ପିକ୍ସ ଆରମ୍ଭ ହେବ। ପୂର୍ବରୁ ମହାମାରୀ ପାଇଁ ଏହି ମେଗା ଇଭେଣ୍ଟ ଗୋଟିଏ ବର୍ଷ ଘୁଞ୍ଚାଇ ଦିଆଯାଇଥିଲା। ମହାମାରୀ ପ୍ରକୋପ କମି ନ ଥିବାରୁ ଜାପାନ ଜନସାଧାରଣ, ମେଡିକାଲ ଏକ୍ସପର୍ଟ ଓ ପ୍ରାୟୋଜକମାନେ ଅଲିମ୍ପିକ୍ସ ବାତିଲ କରିବାକୁ ଦାବି କରିଛନ୍ତି। ପୁଣି ଜାପାନରେ ମାତ୍ର ୨.୩ ପ୍ରତିଶତ ଲୋକଙ୍କ ସମ୍ପୂର୍ଣ୍ଣ ଟିକାକରଣ ହୋଇଛି।

ବିଭିନ୍ନ ପ୍ରକାର ସମସ୍ୟା ସତ୍ତ୍ୱେ ସୁଗା ଓ ତାଙ୍କ ସରକାର ଅଲିମ୍ପିକ୍ସ ଆୟୋଜନ କରିବାକୁ ବଦ୍ଧପରିକର ଅଛନ୍ତି। ସେହିପରି ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମଧ୍ୟ ଏ ନେଇ ଆଶାବାଦୀ ରହିଛି। ଉଲ୍ଲେଖଥାଉ କି ଜାପାନରେ ଏ ପର୍ଯ୍ୟନ୍ତ ୭ ଲକ୍ଷ ୩୦ ହଜାର ଲୋକ କରୋନା ସଂକ୍ରମିତ ହୋଇଥିବା ବେଳେ ୧୨, ୭୦୦ ଲୋକ କରୋନା କାରଣରୁ ପ୍ରାଣ ହରାଇଛନ୍ତି।

## ଟୋକିଓ ଅଲିମ୍ପିକ୍ସ

# ଶ୍ରୀଲଙ୍କାର ସାନ୍ତ୍ୱନାମୂଳକ ବିଜୟ

**ଢାକା, ୨୮।୫**

ଅଧିନାୟକ କୁସାଲ ପେରେରାଙ୍କ ଶତକ ପରେ ଦୁଷ୍ମନ୍ତ ଚାମିରାଙ୍କ ୫ ଉଇକେଟ ସଫଳତା ବଳରେ ଶ୍ରୀଲଙ୍କା ଶୁକ୍ରବାର ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୯୭ ରନରେ ପରାସ୍ତ କରିଛି। ପ୍ରଥମ ୨ଟି ଦିନିକିଆ ସହ ବାଂଲାଦେଶ ସିରିଜ ଜିତି ସାରିଛି। ତେଣୁ ଅନ୍ତିମ ଦିନିକିଆରେ ଶ୍ରୀଲଙ୍କା ସାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୫୦ ଓଭରରେ ୬ ଉଇକେଟ ହରାଇ ୨୮୬ ରନ କରିଥିବାବେଳେ ବାଂଲାଦେଶ ୪୨.୩ ଓଭରରେ ୧୮୯ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଶ୍ରୀଲଙ୍କାର ଦୁଷ୍ମନ୍ତ ଚାମିରା ପ୍ଲେୟର ଅଫ୍ ଦି ମ୍ୟାଚ ଏବଂ ବାଂଲାଦେଶର ମୁଶ୍‌ଫିକର ରହିମ ପ୍ଲେୟର ଅଫ୍ ଦି ସିରିଜ ପୁରସ୍କାର ପାଇଛନ୍ତି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ଶ୍ରୀଲଙ୍କା। ବ୍ୟାଟିଂ ବିଭାଗର ମେରୁଦଣ୍ଡ ସାଜିଥିବା ଅଧିନାୟକ ପେରେରା ୧୨୨ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହାୟତାରେ ୧୨୦ ରନ କରି ଦଳକୁ ଏକ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୨୮୭ ରନ ବିଜୟ ଲକ୍ଷ୍ୟରେ ବାଂଲାଦେଶ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ବ୍ୟାକ୍‌ଫୁଟ୍‌କୁ ଚାଲି ଯାଇଥିଲା। ଶ୍ରୀଲଙ୍କା ବୋଲରଙ୍କ ମଧ୍ୟରେ ଚାମିରା ନିଜ ୯ ଓଭର ସ୍ପେଲ୍‌ରେ ଗୋଟିଏ ମେଡେନ ନେଇ ମାତ୍ର ୧୬ ରନ ବିନିମୟରେ ୫ ଉଇକେଟ ସଫଳତା ପାଇଥିଲେ।




ଶତକ ହାସଲ ପରେ କୁସାଲ ପେରେରା।

**ସଂକ୍ଷିପ୍ତ ସ୍କୋର**

ଶ୍ରୀଲଙ୍କା ୫୦ ଓଭରରେ ୨୮୬/୬ (କୁସାଲ ପେରେରା–୧୨୦, ଧନଞ୍ଜୟ ଡି'ସିଲ୍‌ଭା–୫୫*, ତାସକିନ ଅହମଦ–୪/୪୬, ଶୋରିଫୁଲ ଇସଲାମ–୧/୫୬)। ବାଂଲାଦେଶ ୪୨.୩ଓଭରରେ ୧୮୯/ଅଲଆଉଟ (ମହମୁଦୁଲ୍ଲା–୫୩, ମୋସାଦେକ ହୋସେନ–୫୧, ଦୁଷ୍ମନ୍ତ ଚାମିରା–୫/୧୬, ୱାନିନ୍ଦୁ ହସରଙ୍ଗା–୨/୪୭, ରମେଶ ମେଣ୍ଡିସ–୨/୪୦, ବିନୁରା ଫର୍ନାଣ୍ଡୋ–୧/୩୩)।

# ଫ୍ୟାନ୍ ଫ୍ରି ଇଭେଣ୍ଟ ହେବ ଟୋକିଓ ଅଲିମ୍ପିକ୍ସ

ବିନା ପ୍ରଶଂସକରେ ଆୟୋଜନ ହେବ ଟୋକିଓ ଅଲିମ୍ପିକ୍ସ। ଭେନ୍ୟୁଗୁଡିକୁ ସ୍ଥାନୀୟ ଦର୍ଶକଙ୍କୁ ପ୍ରବେଶ କରିବାକୁ ଅନୁମତି ଦିଆଯାଇ ନ ପାରେ ବୋଲି ଅଲିମ୍ପିକ୍ସ ଆୟୋଜକ କମିଟି ଅଧ୍ୟକ୍ଷ କହିଛନ୍ତି। ତେଣୁ ଅଲିମ୍ପିକ୍ସ ଏଥର ବିନା ପ୍ରଶଂସକରେ ଆୟୋଜନ ହେବ ବୋଲି ଅନୁମାନ କରାଯାଉଛି। ଅର୍ଥାତ୍ ଏଥର ଅଲିମ୍ପିକ ଫ୍ୟାନ ଫ୍ରି ଇଭେଣ୍ଟ ହେବ ବୋଲି କୁହାଯାଇପାରେ। ପୂର୍ବରୁ ଗୋଟିଏ ମାସ ତଳେ ବିଦେଶୀ ପ୍ରଶଂସକଙ୍କୁ ଜାପାନରେ ପ୍ରବେଶ କରିବାକୁ ବାରଣ କରାଯାଇଥିଲା।

ସରକାର ଷ୍ଟେଟ୍ ଇମର୍ଜେନ୍ସି ବଢାଇବା ପରେ ଅଲିମ୍ପିକ୍ସ ଫାଙ୍କା ଷ୍ଟାଡିୟମରେ ଆୟୋଜନ ହେବା ସମ୍ଭାବନା ବଢିଯାଇଛି। ଜାପାନର ୬୦–୮୦ ପ୍ରତିଶତ ଲୋକ ଅଲିମ୍ପିକ ବାତିଲ ହେବା ଚାହୁଁଥିଲେ ମଧ୍ୟ ଆୟୋଜକ ଓ ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି (ଆଇଓସି) ଏହି ମେଗା ଇଭେଣ୍ଟର ଆୟୋଜନ ନେଇ ଆଶାବାଦୀ ଅଛନ୍ତି। ଜୁନ୍‌ରେ ସ୍ଥାନୀୟ ଦର୍ଶକ ତଥା ପ୍ରଶଂସକଙ୍କୁ ଭେନ୍ୟୁକୁ ପ୍ରବେଶ ନେଇ ନିଷ୍ପତ୍ତି ନିଆଯିବ ବୋଲି ଆୟୋଜକ କମିଟି ଅଧ୍ୟକ୍ଷ ସେଇକୋ ହାଶିମୋଟୋ କହିଛନ୍ତି। ସ୍ୱାସ୍ଥ୍ୟଗତ ସ୍ଥିତି ଓ ବିଭିନ୍ନ ଦୃଷ୍ଟିକୋଣରୁ ବିଚାର କରି ଏ ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।



ସିକୋ ହାଶିମୋଟୋ

୨୦୦ରୁ ଉର୍ଦ୍ଧ୍ୱ ଦେଶରୁ ପାଖାପାଖି ୧୫,୦୦୦ ଅଲିମ୍ପିକ ଓ ପାରା ଅଲିମ୍ପିକ୍ ଆଥ୍‌ଲେଟ ଜାପାନ ଆସିବେ। ଫଳରେ ନିଶ୍ଚିତ ଭାବେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହେବ ବୋଲି ଆଶଙ୍କା ପ୍ରକାଶ କରାଯାଉଛି। ଆଥ୍‌ଲେଟମାନଙ୍କର ବ୍ୟାପକ ଟିକାକରଣ ହେବ ବୋଲି ଆଇଓସି କହିଛି। ସେମାନେ ଅଲିମ୍ପିକ କ୍ରୀଡ଼ା ଗ୍ରାମରେ ବାୟୋ–ବବଲରେ ରହିବେ ବୋଲି କୁହାଯାଇଛି। ଆଥ୍‌ଲେଟଙ୍କୁ ବାଦ୍ ଦେଲେ ଜଜ୍, ଅଫିସିଆଲ, ଭିଆଇପି, ମିଡିଆ ଓ ବ୍ରଡ୍‌କାଷ୍ଟର ମଧ୍ୟ ଜାପାନ ଆସିବେ। ଫଳରେ ବିଭିନ୍ନ ଦେଶର କରୋନା ଷ୍ଟ୍ରେନ୍ ଜାପାନ ଆସିବ ବୋଲି ଆଶଙ୍କା କରାଯାଉଛି। ତେଣୁ ଫାଙ୍କା ଷ୍ଟାଡିୟମରେ ଅର୍ଥାତ୍ ବିନା ଦର୍ଶକରେ ଅଲିମ୍ପିକ୍ସ ଆୟୋଜନ ହେବା ନିଶ୍ଚିତ ମନେହେଉଛି। ଖୁବ୍‌ଶୀଘ୍ର ଏ ନେଇ ସ୍ପଷ୍ଟ କରାଯିବ ବୋଲି ଆୟୋଜକମାନେ କହିଛନ୍ତି।

## ବଡ଼ଭାଇଙ୍କୁ ହାତୁଡ଼ିରେ ଆକ୍ରମଣ କରି ସାନ ଗିରଫ

ଭୁବନେଶ୍ୱର,(ବ୍ୟୁରୋ): ଘରୋଇ କଳହକୁ ନେଇ ବଡ଼ଭାଇକୁ ହାତୁଡ଼ିରେ ଆକ୍ରମଣ କରିବା ଅଭିଯୋଗରେ ଶୁକ୍ରବାର ଏୟାରଫିଲ୍ଡ ଥାନା ପୋଲିସ ସାନଭାଇକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ୧୪ ଦିନିଆ ଜେଲ୍ ହାଜତକୁ ପଠାଯାଇଛି। ସେ ହେଲେ ଭିମଟାଙ୍ଗୀ କାନ୍ଦୁଆଲ ସାହିର ହୁଲୁ ନାୟକ। କାନ୍ଦୁଆଲ ସାହିରେ ହୁଲୁ ଓ ତା ବଡ଼ ଭାଇ ଗୁରୁପଡ଼ ନାୟକ ପରିବାର ସହ ରୁହନ୍ତି। ୨ ଭାଇଙ୍କ ଭିତରେ ଘରୋଇ କଳହକୁ ନେଇ କିଛିଦିନ ହେବ ଝଗଡ଼ା ଲାଗିରହୁଥିଲା। ଗୁରୁବାର ୨ ଭାଇଙ୍କ ଭିତରେ ଗଣ୍ଡଗୋଳ ଉଗ୍ର ରୂପ ନେଇଥିଲା।

## ସଂକ୍ଷେପରେ

### ହୋଟେଲ ଭଙ୍ଗାରୁଜା, କର୍ମଚାରୀଙ୍କୁ ଆକ୍ରମଣ

ଭୁବନେଶ୍ୱର,୨୮।୦୫(ବ୍ୟୁରୋ): ଶହୀଦନଗର ଥାନା ଅଞ୍ଚଳରେ ଥିବା ହୋଟେଲ ରେଡ୍ ଭେଲ୍‌ଭେଟ୍‌ରେ ଗୁରୁବାର ଗଣ୍ଡଗୋଳ ହୋଇଛି। ହୋଟେଲ ଭଡାକୁ ନେଇ କେତେଜଣ ଯୁବକ ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଛନ୍ତି। ଏନେଇ ହୋଟେଲ ମାଲିକ ରାକେଶ କୁମାର ବୌରିଗଞ୍ଜନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା ରୁଜୁ କରି ସିସିଟିଭି ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, କେତେଜଣ ଯୁବକ ହୋଟେଲ ବୁକ୍ ପାଇଁ ଆସିଥିଲେ। ସେମାନେ ଗୋଟିଏ ଦିନ ପାଇଁ ହୋଟେଲ ଭଡ଼ା ନେଇଥିଲେ। ସ୍ଥାନୀୟ ପିଲା କହି ରିହାତି ଦାବି କରିଥିଲେ। ମାତ୍ର ହୋଟେଲ ମ୍ୟାନେଜର ମନା କରିବାକୁ ଯୁବକମାନେ ଉତ୍ତ୍ୟକ୍ତ ହୋଇ ପଡିଥିଲେ। ଏହାପରେ ସେମାନେ ହୋଟେଲରେ ବ୍ୟାପକ ଭଙ୍ଗାରୁଜା କରିବା ସହ କର୍ମଚାରୀମାନଙ୍କୁ ନିସ୍ତୁକ ମାଡ଼ମାରିଥିଲେ। କର୍ମଚାରୀଙ୍କଠାରୁ ଖବର ପାଇ ପିସିଆର ପୋଲିସ ସେଠାରେ ପହଞ୍ଚିଥିଲା। ମାତ୍ର ସେତେବେଳକୁ ଅଭିଯୁକ୍ତମାନେ ସେଠାରୁ ଫେରାର ହୋଇଯାଇଥିଲେ।

### ଇଂ. ଅମରେନ୍ଦ୍ର ଦାସଙ୍କ ପରଲୋକ

ଭୁବନେଶ୍ୱର,୨୮।୫(ବ୍ୟୁରୋ): ଉତ୍କଳ ସମ୍ମିଳନୀର ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ଇଂ. ଅମରେନ୍ଦ୍ର ଦାସଙ୍କର ୯୨ ବର୍ଷ ବୟସରେ ପରଲୋକ ଘଟିଛି। ଇଂ. ଦାସ ୨୦୦୨ ରୁ ୨୦୦୮ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ରାଜ୍ୟ ସାଧାରଣ ସମ୍ପାଦକ ଭାବରେ ବହୁ କାର୍ଯ୍ୟ କରିଥିଲେ। ତାଙ୍କ ସମୟରେ ରାଜ୍ୟ ସରକାର ପ୍ରଥମେ ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଲିପି ଶିକ୍ଷା ପ୍ରଚଳନ ପାଇଁ ଉତ୍କଳ ସମ୍ମିଳନୀକୁ ଅନୁଦାନ ପ୍ରଦାନ କରିଥିଲେ।
ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ତାଙ୍କ ସମୟରେ ଗଠନ ହୋଇଥିଲା। ସମ୍ମିଳନୀ ପକ୍ଷରୁ ଇଂ. ଦାସଙ୍କ ବିୟୋଗରେ ଶୋକ ପ୍ରକାଶ କରାଯିବା ସହ ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରାଯାଇଛି।

### ସିବିଓଏ ପକ୍ଷରୁ କମିଶନରେଟ ପୋଲିସଙ୍କୁ କୃତଜ୍ଞତା ଜ୍ଞାପନ

ଭୁବନେଶ୍ୱର,୨୮।୫: କରୋନା ମହାମାରୀ ଓ ୟାସ୍ ଭଳି ବିପତ୍ତି ସମୟରେ କମିଶନରେଟ ପୋଲିସର କାର୍ଯ୍ୟ ବେଶ୍ ପ୍ରଶଂସନୀୟ ରହିଛି। ପୋଲିସ କର୍ମଚାରୀଙ୍କ ମନୋବଳ ବଢାଇବା ପାଇଁ ସେଣ୍ଟ୍ରାଲ ବ୍ୟାଙ୍କ ଅଫିସର ଆସୋସିଏସନ (ସିବିଓଏ) ପକ୍ଷରୁ କାର୍ଯ୍ୟରତ ପୋଲିସ କର୍ମଚାରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ସ୍ଥାନୀୟ ସାମନ୍ତରାପୁରସ୍ଥିତ ତନଖି ଫାଟକରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀଙ୍କୁ ସଂଘ ପକ୍ଷରୁ ଖାଦ୍ୟପୁଡିଆ ଓ ପାନୀୟଜଳ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସର୍ବଭାରତୀୟ ବ୍ୟାଙ୍କ ଅଫିସର ମହାସଂଘର ଓଡ଼ିଶା ସଭାପତି ଦାମୋଦର ନନ୍ଦଙ୍କ ନେତୃତ୍ୱରେ ସିବିଓଏର ସାଧାରଣ ସମ୍ପାଦକ ସୌମେନ୍ଦ୍ର ସାହୁ, ସଭାପତି ବି. ସି. ଗନ୍ତାୟତ, ଭୁବନେଶ୍ୱର ସମ୍ପାଦକ ସଞ୍ଜୀବ ପ୍ରଧାନ, ଶାଖା ପରିଚାଳିକା ସରିତାରାଣୀ ବେହେରା ଏବଂ ବିଷ୍ଣୁପ୍ରିୟା ଜୟସିଂ ପ୍ରମୁଖ ଉପସ୍ଥିତ ଥିଲେ। କରୋନା ମହାମାରୀର ବିଭିନ୍ନ କଟକଣାକୁ ସହରବାସୀ ମାନିବା ସହିତ ପୋଲିସ ପ୍ରଶାସନକୁ ଆବଶ୍ୟକ ସହଯୋଗ ଓ ସମର୍ଥନ କରିଥିବାରୁ ସହରବାସୀଙ୍କୁ ସିବିଓଏ ପକ୍ଷରୁ ସାଧୁବାଦ ପ୍ରଦାନ କରାଯାଉଛି ବୋଲି ନନ୍ଦ କହିଥିଲେ।

### ନାରାୟଣ ରାୟ ମହାପାତ୍ର ଥିଲେ ଲୋକନାଟ୍ୟର ଯଶସ୍ୱୀ ସ୍ରଷ୍ଟା

ଭୁବନେଶ୍ୱର, ୨୮।୫ (ବ୍ୟୁରୋ): ବିଶିଷ୍ଟ ଗୀତିନାଟ୍ୟ ନିର୍ଦ୍ଦେଶକ ସ୍ୱର୍ଗତ ନାରାୟଣ ଚନ୍ଦ୍ର ରାୟ ମହାପାତ୍ର ଲୋକନାଟ୍ୟ କ୍ଷେତ୍ରରେ ଜଣେ ଯଶସ୍ୱୀ ସ୍ରଷ୍ଟା ଥିଲେ। ସେ ଏକାଧାରରେ ଜଣେ ମଞ୍ଚ ଅଭିନେତା ହେବା ସହ ଶିଶୁ ନାଟକ, ନାଟକ, ଗୀତିନାଟ୍ୟ ସୃଷ୍ଟି କରିଛନ୍ତି। ବେତାର ଓ ଦୂରଦର୍ଶନ ପାଇଁ ସେ ଅନେକ ନାଟକ, ଗୀତିନାଟ୍ୟ ଓ ବୃନ୍ଦଗାନ ତିଆରି କରିଥିଲେ। ତାଙ୍କର ବହୁ ପୁସ୍ତକ ସାହିତ୍ୟ ଜଗତକୁ ଋଦ୍ଧିମନ୍ତ କରିଥିଲା। ତାଙ୍କର ଅମାୟିକ ବ୍ୟବହାର ଓ କଥା କହିବାର ଭାବଭଙ୍ଗୀ ପାଇଁ ସେ ସମସ୍ତଙ୍କ ପାଖରେ ଆଦରଣୀୟ ହୋଇ ରହିବେ। ତାଙ୍କ ବିୟୋଗ ଲୋକନାଟ୍ୟ ତଥା ନାଟକ ଜଗତର ଏକ ଅପୂରଣୀୟ କ୍ଷତି ଘଟଇଲା ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ କୁହାଯାଇଛି। ସ୍ୱର୍ଗତ ରାୟ ମହାପାତ୍ରଙ୍କ ବିୟୋଗରେ ଶୁକ୍ରବାର ଏକାଡେମୀ କାର୍ଯ୍ୟାଳୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସଭାରେ ଏକାଡେମୀର ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ ଓ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ‘ଡ୍ରାଇଭ୍ ଇନ୍ ଭାକ୍ସିନେଶନ’କୁ ନେଇ ଉଠିଲା ପ୍ରଶ୍ନ

**ବନ୍ଦ ନିର୍ଦ୍ଦେଶ ଥିଲା, ଜାରି ରଖିଲା ବିଏମ୍‌ସି**
- ଉଲ୍ଲଂଘନ ହେଉଛି ଗାଇଡ୍‌ଲାଇନ୍
- ନିରୀକ୍ଷଣ ପାଇଁ ହିତାଧିକାରୀ ରହୁ ନ ଥିବା କହିଲେ ଅଧିକାରୀ

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ରାଜଧାନୀରେ ଟିକାକରଣକୁ ସୁଗମ କରିବା ପାଇଁ ଗତ ୮ ତାରିଖରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ‘ଡ୍ରାଇଭ୍ ଇନ୍ ଭାକ୍ସିନେଶନ୍’ ବା ଗାଡିରେ ଟିକାକରଣ ଚାଲିଛି। ପ୍ରଥମେ ରସୁଲଗଡସ୍ଥିତ ଏସ୍‌ପ୍ଲାନେଡ୍ ମଲ୍‌ର ପାର୍କିଂ ସ୍ଥଳରେ ଏହା ଆରମ୍ଭ ହୋଇଥିଲା। ପରେ କଳ୍ପନା ଛକସ୍ଥିତ ଉତ୍କଳ କନିକା ଗ୍ୟାଲେରିଆ, କିଟ୍ ବିଶ୍ୱବିଦ୍ୟାଳୟ ଷ୍ଟାଡିୟମ, ଡିଏନ୍ ରେଗାଲିଆ ମଲ୍, ସିମ୍ଫୋନୀ ମଲ୍‌ରେ ଏହା କାର୍ଯ୍ୟକାରୀ କରାଯାଇଥିଲା। ତେବେ ଏଥିରେ କେନ୍ଦ୍ର ସରକାରଙ୍କ ଗାଇଡ୍‌ଲାଇନ୍ ଉଲ୍ଲଂଘନ ହେଉଥିବାରୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗତ ୧୯ ତାରିଖରେ ବନ୍ଦ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସତ୍ତ୍ୱେ ବିଏମ୍‌ସି ପକ୍ଷରୁ ଏହି ଟିକାକରଣ ଜାରି ରହିଛି। ଏବେବି ଟିକା ନେବା ପରେ ଅଧିକାଂଶ ହିତାଧିକାରୀ ସଙ୍ଗେ ସଙ୍ଗେ ପଳାଉଥିବାରୁ ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ପ୍ରଶ୍ନ ଉଠୁଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ କୋଭିଡ୍ ଟିକାକରଣ ପାଇଁ ଜାରି ଗାଇଡ୍‌ଲାଇନ୍‌ରେ ସ୍ପଷ୍ଟ ଉଲ୍ଲେଖ ଅଛି ଯେ, ଯଥେଷ୍ଟ ୱେଟିଂ ଏରିଆ ଓ ପର୍ଯ୍ୟବେକ୍ଷଣ ଗୃହ ଥିବା ଜାଗାରେ ଟିକା ଦିଆଯିବ। ଟିକା ନେବା ପରେ ହିତାଧିକାରୀଙ୍କୁ ୩୦ ମିନିଟ୍ ନିରୀକ୍ଷଣରେ ରଖାଯିବ। ଏହାଦ୍ୱାରା ହିତାଧିକାରୀଙ୍କ ଶରୀରରେ ଟିକାର କିଛି ପାର୍ଶ୍ୱ ପ୍ରତିକ୍ରିୟା ଥିଲେ ତାହା ଜଣାପଡ଼ିବ। ହେଲେ ଡ୍ରାଇଭ୍ ଇନ୍ ଭାକ୍ସିନେଶନ୍‌ରେ ଏ ସବୁର ଉଲ୍ଲଂଘନ ହେଉଥିବା ଦର୍ଶାଇ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ତୁରନ୍ତ ଏହାକୁ ବନ୍ଦ କରିବାକୁ ତାଗିଦ୍ କରାଯାଇଥିଲା। ତେବେ ବିଏମ୍‌ସି ପକ୍ଷରୁ ଏହାକୁ ବନ୍ଦ କରାଯିବା ପରିବର୍ତ୍ତେ ଗାଇଡ୍‌ଲାଇନ୍‌କୁ କଡ଼ାକଡ଼ି ପାଳନ କରାଯାଉଥିବା ଦର୍ଶାଇ ଟିକାକରଣ ଚାଲୁ ରଖାଯାଇଛି। ଏପରି କି ଶୁକ୍ରବାରଠାରୁ ଫର୍ଚ୍ୟୁନ୍ ଟାୱାର ଓ ବିଡିଏ କଲ୍ୟାଣ ମଣ୍ଡପରେ ମଧ୍ୟ ଏହି ଟିକାକରଣ ଆରମ୍ଭ କରାଯାଇଛି। ପୂର୍ବରୁ ଲୋକମାନେ ଗାଡିରେ ବସି ଟିକା ନେଉଥିବାବେଳେ ଏବେ ପାର୍କିଂ ଲଟ୍‌ରେ ନିଜ ପାଳି ପଡିବା ପର୍ଯ୍ୟନ୍ତ ଗାଡି ଭିତରେ କିମ୍ବା ଧାଡ଼ିରେ ରହି ଅପେକ୍ଷା କରୁଛନ୍ତି। ପାଳି ଆସିବା ପରେ ଚେୟାରରେ ବସି ଟିକା ନେଉଛନ୍ତି। ମାତ୍ର ଏହାପରେ ନିର୍ଦ୍ଧାରିତ ସମୟ ପର୍ଯ୍ୟନ୍ତ ଅପେକ୍ଷା ନ କରି ଅଧିକାଂଶ ଲୋକ ଚାଲି ଯାଉଥିବା ଦେଖିବାକୁ ମିଳୁଛି।

ଏ ସମ୍ପର୍କରେ ଉତ୍କଳ କନିକା ଗ୍ୟାଲେରିଆରେ ନିୟୋଜିତ ଅଧିକାରୀ ସତ୍ୟ ନାରାୟଣ ମହାରଣା କୁହନ୍ତି, ଆମେ ସରକାରଙ୍କ ସମସ୍ତ ଗାଇଡ୍‌ଲାଇନ୍ ପାଳନ କରୁଛୁ। ଲୋକମାନେ ଗାଡ଼ିରୁ ବାହାରି ଚେୟାରରେ ବସି ଟିକା ନେଉଛନ୍ତି। ପାର୍କିଂ ସ୍ଥଳରେ ଲୋକଙ୍କ ଅପେକ୍ଷା ପାଇଁ ଆବଶ୍ୟକ ଚେୟାର ପଡିଛି। ଏମିତିକି ଗାଡିରେ ବସି ଅପେକ୍ଷା କରିବାକୁ ଚାହୁଁଥିଲେ ସେଥିପାଇଁ ପର୍ଯ୍ୟାପ୍ତ ଜାଗା ମଧ୍ୟ ରହିଛି। ତେବେ ସେମାନଙ୍କୁ ଅପେକ୍ଷା କରିବାକୁ କହିଲେ ଶୁଣୁନାହାନ୍ତି। ବିଏମ୍‌ସିର ଜୋନାଲ୍ ଡେପୁଟି କମିଶନର ଅଂଶୁମାନ ରଥ କହିଛନ୍ତି, ଲୋକଙ୍କ ଆବଶ୍ୟକତାକୁ ଦେଖି ସରକାରଙ୍କ ଗାଇଡ୍‌ଲାଇନ୍ ଅନୁଯାୟୀ ବିଏମ୍‌ସି ସମସ୍ତ ବ୍ୟବସ୍ଥା କରୁଛି। ମଲ୍ ଗୁଡିକରେ ଯଥେଷ୍ଟ ୱେଟିଂ ଏରିଆ ରହୁଥିବାରୁ ସେଠାରେ କାର୍ଯ୍ୟକ୍ରମ କରାଯାଉଛି। ଟିକା ନେବାପରେ ସମସ୍ତଙ୍କୁ ଅଧଘଣ୍ଟା ପର୍ଯ୍ୟନ୍ତ ନିରୀକ୍ଷଣ ପାଇଁ ରହିବାକୁ ମଧ୍ୟ କୁହାଯାଉଛି।


ଉତ୍କଳ କନିକା ଗ୍ୟାଲେରିଆ ପରିସରରେ ଟିକାକରଣ କରାଯାଉଛି।

## ଛାତ୍ରଙ୍କୁ ଯୌନ ନିର୍ଯାତନା, ଟ୍ୟୁଶନ ଶିକ୍ଷକ ଗିରଫ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଗୁରୁ-ଶିକ୍ଷକଙ୍କ ପବିତ୍ର ସମ୍ପର୍କରେ କଳଙ୍କ ଲଗାଇଛନ୍ତି ଜଣେ ଟ୍ୟୁଶନ ଶିକ୍ଷକ। ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଶିକ୍ଷକ ହେଲେ ଜିନେଶ ଲିମା (୨୫)। ପୋଲିସ ତାଙ୍କ ନାମରେ ଏକ ମାମଲା (ନଂ.୨୫୪/୨୧) ରୁଜ କରିଛି।

ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ନିକଟ ଏକ ବସ୍ତିରେ ଅଭିଯୁକ୍ତ ଜିନେଶ ପିଲାମାନଙ୍କୁ ଟ୍ୟୁଶନ କରନ୍ତି। ଗୁରୁବାର ସନ୍ଧ୍ୟାରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଟ୍ୟୁଶନ କରୁଥିବାବେଳେ ହଠାତ ଘର ଭିତରୁ ପାଟି ଶୁଭିଥିଲା। ଏହା ଶୁଣି ବସ୍ତିର କେତେଜଣ ଯୁବକ ସେଠାରେ ପହଞ୍ଚି ଛାତ୍ରଜଣକ କାନ୍ଦୁଥିବା ଦେଖିଥିଲେ। ତାଙ୍କୁ ପଚରାଉଚରା କରିବାରୁ ଟ୍ୟୁଶନ ଶିକ୍ଷକ ଜଣକ ତାଙ୍କ ସହ ଅପ୍ରାକୃତି ଯୌନ ନିର୍ଯାତନା ସମ୍ପର୍କରେ ଜଣାପଡ଼ିଥିଲା। ପରୀକ୍ଷାରେ ଭଲ ନମ୍ବର ଦେବାକୁ କହି ପ୍ରଲୋଭନ ଦେଖାଇ ଏଭଳି କାଣ୍ଡ ଘଟାଇଥିବା ଛାତ୍ରଜଣକ କହିବାପରେ ଯୁବକ ଓ ତାଙ୍କ ପରିବାର ଲୋକେ ଶିକ୍ଷକଙ୍କୁ ଧରି ପିସିଆର ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଛାତ୍ରଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି।

## ଇ-ଷ୍ଟାମ୍ପ କର୍ମଚାରୀ କମିଶନ ମାଗିବା ନେଇ ଏସିପିଙ୍କୁ ଅଭିଯୋଗ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

କରୋନା ଯୋଗୁ ଲକ୍ ଡାଉନ୍ ଚାଲିଥିବାବେଳେ ସମସ୍ତ ଅଫିସ କାର୍ଯ୍ୟ ଅନ୍‌ଲାଇନ୍‌ରେ ଚାଲିଛି। ଜମି ରେଜିଷ୍ଟ୍ରେଶନ ପାଇଁ ଭୁବନେଶ୍ୱର କୋର୍ଟ ପରିସରରେ ସବ୍ ରେଜିଷ୍ଟାର କାର୍ଯ୍ୟାଳୟରେ ଇ-ଷ୍ଟାମ୍ପ ଉପରେ ଲୋକମାନେ ନିର୍ଭର କରୁଛନ୍ତି। ଏ ପରିସ୍ଥିତିରେ ଖଣ୍ଡଗିରି ଇ-ଷ୍ଟାମ୍ପର ଜନୈକ କର୍ମଚାରୀଙ୍କ ନାଁରେ ଅସଭ୍ୟ ଆଚରଣ ଓ କମିଶନ ମାଗୁଥିବା ନେଇ ଆଇନଜୀବୀ ଲିଙ୍ଗରାଜ ଦାଶ ଏସିପିଙ୍କ ସମେତ ବଡ଼ଗଡ଼ ଥାନା ଅଧିକାରୀ ଓ ସବ୍‌ରେଜିଷ୍ଟ୍ରାରଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଏକ ଜମି କିଣା ପାଇଁ ଲିଙ୍ଗରାଜ ୧୦ ଲକ୍ଷ ଟଙ୍କାର ଇ-ଷ୍ଟାମ୍ପ କିଣିବାକୁ ଖଣ୍ଡଗିରି ଇ-ଷ୍ଟାମ୍ପର କର୍ମଚାରୀଙ୍କୁ ଯୋଗାଯୋଗ କରିଥିଲେ। ତେବେ ସେ କମିଶନ ବାବଦକୁ ୩୦ହଜାର ଟଙ୍କା ଦାବି କରିଥିଲେ। ଏହା ବେଆଇନ ବୋଲି ଆଇନଜୀବୀ ଦାଶ କହିବା ସହ ପ୍ରତିବାଦ କରିବାରୁ କର୍ମଚାରୀ ଜଣକ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏନେଇ ଏସିପି ରଜତ ରାୟ କହିଛନ୍ତି, ଘଟଣାର ଅନୁଧ୍ୟାନ ଚାଲିଛି। ସବ୍‌ରେଜିଷ୍ଟାର୍ ଉକ୍ତ କର୍ମଚାରୀଙ୍କୁ ଧରି ଥାନାକୁ ଆସିବା ପରେ ସତ୍ୟତା ଜଣାପଡିବ ସୂଚନା ଦେଇଛନ୍ତି।

**ପୁରୀ ରଥଖଳାରୁ....**


ରଥ ଚକ ପାଇଁ ଶୁକ୍ରବାର ସିଙ୍ଗଡା ବାଡ଼ିଆ ଅନୁକୂଳ କରାଯାଉଛି।

## ବଳାତ୍କାର ମାମଲା: ଜେଲ ଗଲେ ଯୁବକ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କାକଟପୁର ଥାନା ଅଞ୍ଚଳର ରଙ୍ଗ ମିସ୍ତ୍ରି ରାକେଶ ନାୟକ। ସୂଚନା ମୁତାବକ, ରାକେଶ ଭୁବନେଶ୍ୱରରେ ରଙ୍ଗ କାମ କରୁଥିବାବେଳେ ୨୦୨୦ରେ ଜଣେ ଯୁବତୀକୁ ନିଜ ପ୍ରେମରେ ଫସାଇଥିଲେ। ୨ ମାସ ତଳେ ଯୁବତୀଙ୍କୁ ଦେଖା କରିବାକୁ ଭୁବନେଶ୍ୱରସ୍ଥିତ ତାଙ୍କ ଘରକୁ ଆସିଥିଲେ। ଘରେ କେହି ନ ଥିବାବେଳେ ସେ ଯୁବତୀଙ୍କୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ନଂ.୫୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ୭୪୭ ପଜିଟିଭ୍, ୩ ମୃତ

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

ରାଜଧାନୀ ଭୁବନେଶ୍ୱରରୁ ଆଉ ୭୪୭ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ୧୨୧ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଓ ୬୨୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ପଟିଆରୁ ସର୍ବାଧିକ ୩୩ଜଣ ଓ ଶୈଳଶ୍ରୀବିହାରରୁ ୩୨ଜଣ ଚିହ୍ନଟ ହୋଇଥିବାବେଳେ ଅନ୍ୟସବୁ ଅଞ୍ଚଳରୁ ଏହାଠାରୁ କମ୍ ରହିଛନ୍ତି। ଏମାନଙ୍କୁ ମିଶାଇ ସହରରୁ ମୋଟ ୭୩ହଜାର ୧୦୧ଜଣ ଆକ୍ରାନ୍ତ ହୋଇଛନ୍ତି। ସେହିପରି ୯୯୫ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ଗତ ୨୪ ଘଣ୍ଟାରେ ପୁଣି ୩ଜଣଙ୍କ ମୃତ୍ୟୁ ହୋଇଥିବାରୁ ଏହି ସଂଖ୍ୟା ୩୩୧କୁ ବୃଦ୍ଧି ପାଇଛି। ବର୍ତ୍ତମାନ ଭୁବନେଶ୍ୱରରେ ୧୧,୮୪୬ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

## ଶାନ୍ତିରାଜଙ୍କ ବିୟୋଗ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି


ଶୋକସଭାରେ ଯୋଗ ଦେଇଥିବା ଅତିଥିମାନେ।

ଭୁବନେଶ୍ୱର, ୨୮।୫ (ବ୍ୟୁରୋ)

ସଙ୍ଗୀତ ନିର୍ଦ୍ଦେଶକ ଅନନ୍ତ ଶାନ୍ତିରାଜ ଖୋସ୍‌ଲାଙ୍କ ବିୟୋଗରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ତାଙ୍କ ବିୟୋଗ ଚଳଚ୍ଚିତ୍ର ଜଗତ ପାଇଁ ଅପୂରଣୀୟ କ୍ଷତି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଏକାଡେମୀ କାର୍ଯ୍ୟାଳୟରେ ଅନୁଷ୍ଠିତ ଶୋକସଭାରେ ଅତିଥିମାନେ ଏହା କହିଥିଲେ। ଏକାଡେମୀ ଉପସଭାପତି ମନ୍ମଥ କୁମାର ଶତପଥୀ, ସଚିବ ପ୍ରବୋଧ ରଥ ଓ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଉପହାର ଲୋଭରେ ହରାଇଲେ ୩.୯୫ ଲକ୍ଷ



**ସାଇବର ଠକେଇ**
- ମାଟ୍ରିମୋନିରେ ବିବାହ ପାଇଁ ଦେଇଥିଲେ ବିଜ୍ଞାପନ
- ୟୁକେରେ ନିଜକୁ ଡାକ୍ତର ଥିବା କହିଥିଲେ ଯୁବତୀ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ଜଣେ ଯୁବକ ବିବାହ କରିବାକୁ ଯାଇ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେବା ପରେ ବଡ଼ଧରଣର ସାଇବର ଠକେଇର ଶିକାର ହୋଇଛନ୍ତି। ସେଥିରେ ଜଣେ ଯୁବତୀ ତାଙ୍କୁ ଚୂନ ଲଗାଇ ୩ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା କଟକ ଜିଲା ନେମାଳୋ ଥାନା ଗୋପୀନାଥପୁର ଗ୍ରାମର ସର୍ବପ୍ରସନ୍ନ ପଣ୍ଡା (୪୨) ଏ ନେଇ ଶୁକ୍ରବାର ସାଇବର ସେଲରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେ ବିବାହ କରିବାକୁ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେଇଥିଲେ। ସେଥିରେ ଜଣେ ଯୁବତୀ ତାଙ୍କ ନମ୍ବରକୁ ଫୋନ କରିଥିଲେ। ଉକ୍ତ ଯୁବତୀ ନିଜକୁ ୟୁକେରେ ଡାକ୍ତର ଅଛନ୍ତି ବୋଲି କହିବା ପରେ ସର୍ବପ୍ରସନ୍ନ ତାଙ୍କ ସହ କଥା ହୋଇଥିଲେ। ଏପରିକି ଯୁବତୀ ବିଦେଶରୁ ଫେରି ତାଙ୍କୁ ବିବାହ କରିବେ ବୋଲି କହିଥିଲେ। ତେବେ ଯୁବତୀ ସର୍ବପ୍ରସନ୍ନଙ୍କ ବିଶ୍ୱାସ ଜିଣି ଲୁଟିବାକୁ ଚକ୍ରାନ୍ତ କରିଥିଲେ। ସେ ୟୁକେରୁ ତାଙ୍କ ପାଇଁ ଉପହାର ଆକାରରେ ସୁନା ଚେନ୍, ଘଡି ସହ କିଛି ଡଲାର କୋରିଅରରେ ପଠାଇବା ପାଇଁ ଠିକଣା ମାଗିଥିଲେ। ଏସବୁ ପାଇବା ଆଶାରେ ସର୍ବପ୍ରସନ୍ନ ନିଜ ଘରର ଠିକଣା ଦେଇଥିଲେ। ଠିକଣା ଦେବାର ୨ରୁ ୩ ଦିନି ପରେ ତାଙ୍କୁ ଫୋନ କଲ ଆସିଥିଲା। ଦିଲ୍ଲୀ ଏୟାରପୋର୍ଟରେ ତାଙ୍କ ନାମରେ ଏକ ପାର୍ସଲ ଆସିଛି ବୋଲି ଜଣେ ଯୁବକ ଫୋନ କରି କହିଥିଲେ। ଠିକଣାରେ ପହଞ୍ଚିବା ପାଇଁ ପ୍ରଥମେ ୩୮ ହଜାର ପରେ ପଞ୍ଜୀକରଣ ପାଇଁ ୯୭ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ଏପରିକି ସେଥିରେ ଥିବା ଡଲାର ୩୭ ଲକ୍ଷ ଟଙ୍କା ହେବ, ଏହି ଡଲାରକୁ ଭାରତୀୟ ମୁଦ୍ରାରେ ରୂପାନ୍ତର ହେବା ପାଇଁ ୨ ଲକ୍ଷ ୬୦ ହଜାର ଦେବାକୁ ପଡ଼ିବ ବୋଲି ଉକ୍ତ ଯୁବକ କହିଥିଲେ। ଏଥିରେ ସର୍ବପ୍ରସନ୍ନ ଲୋଭରେ ପଡ଼ି ଏକ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଠାଇ ଦେଇଥିଲେ। ଏହିପରି ବିଭିନ୍ନ ଆଳରେ ସର୍ବମୋଟ ୩ ଲକ୍ଷ ୯୫ ହଜାର ଦେଇଥିଲେ। ତଥାପି ଉପହାର ପହଞ୍ଚିବା ପାଇଁ ଆଉ ୫ ଲକ୍ଷ ଟଙ୍କା ମାଗିବାରୁ ସେ ସନ୍ଦେହ କରିଥିଲେ। ପରେ ହଠାତ୍ ଫୋନ କଟିଯିବାରୁ ସେହି ନମ୍ବରରେ କଲ୍ କରିବା ସତ୍ତ୍ୱେ ନ ଲାଗିବାରୁ ଠକାମିର ଶିକାର ହୋଇଥିବା ସେ ଜାଣିପାରିଥିଲେ।

# ବାତ୍ୟା ବିପନ୍ନଙ୍କୁ ଆଶ୍ରୟ ଦେଇଥିଲା ଶିକ୍ଷା ବିକାଶ ସମିତି

ଭୁବନେଶ୍ୱର, ୨୮।୫(ବ୍ୟୁରୋ)

ଶିକ୍ଷା ବିକାଶ ସମିତି ଓଡ଼ିଶା ତରଫରୁ ଶୁକ୍ରବାର ବାତ୍ୟା ସମ୍ପର୍କିତ ସମୀକ୍ଷା ବୈଠକ ଅଧ୍ୟକ୍ଷ କିଶୋରଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମିତି ସମ୍ପାଦକ କମଳାକାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ଉମେଶଚନ୍ଦ୍ର ଦାଶ, ସଙ୍ଗଠନ ସମ୍ପାଦକ ରମାକାନ୍ତ ମହାନ୍ତ, ୯ ସମ୍ଭାଗର ସଭାପତି, ସମ୍ପାଦକ ଓ ସଂଯୋଜକ ଉପସ୍ଥିତ ରହି ବାତ୍ୟାର କ୍ଷୟକ୍ଷତି ଓ ସହାୟତା କାର୍ଯ୍ୟର ସମୀକ୍ଷା କରିଥିଲେ। ବାତ୍ୟା ସମୟରେ କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ, କଟକ ଜିଲାର ୨ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଆଶ୍ରୟ ଦିଆଯିବା ସହ ବିପନ୍ନ ଲୋକଙ୍କୁ ରିଲିଫ୍ ଦିଆଯାଇଥିଲା। ଏଥିପାଇଁ ବିଭିନ୍ନ ସ୍ଥାନରେ ଥିବା ସରସ୍ୱତୀ ଶିଶୁ ମନ୍ଦିରକୁ ଆଶ୍ରୟସ୍ଥଳରେ ପରିଣତ କରାଯିବା ସହ ଆଶ୍ରୟ ନେଇଥିବା ଲୋକଙ୍କୁ ଶୁଖିଲା ଓ ରନ୍ଧାଖାଦ୍ୟ ଦିଆଯାଇଥିଲା। ବିଭିନ୍ନ ସ୍ଥାନରେ ମଧ୍ୟ ଗାଈଗୋରୁଙ୍କୁ ଆଶ୍ରୟ ଦିଆଯାଇ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଗରଦପୁର ଓ ପଟ୍ଟାମୁଣ୍ଡାଇ ଶିଶୁ ବିଦ୍ୟା ମନ୍ଦିରରେ ବିଦ୍ୟୁତ୍ କର୍ମଚାରୀ ଓ ସରକାରୀ କର୍ମଚାରୀ ୧୪୦ ଜଣଙ୍କୁ ଆଶ୍ରୟ ଦିଆଯାଇଥିଲା। ସମିତି କର୍ମକର୍ତ୍ତା, ବିଭାଗ ପ୍ରମୁଖ, ପ୍ରଧାନାଚାର୍ଯ୍ୟ ଓ ଆଚାର୍ଯ୍ୟମାନେ ଏସବୁ ସେବାକାର୍ଯ୍ୟରେ ନିୟୋଜିତ ଥିଲେ। ସବୁ ଆଶ୍ରୟସ୍ଥଳକୁ ସାନିଟାଇଜ କରିବା ସହ ବିପନ୍ନମାନଙ୍କୁ ମାସ୍କ ବଣ୍ଟନ କରାଯାଇଥିଲା ବୋଲି ସମୀକ୍ଷା ବୈଠକରେ ଜଣାପଡ଼ିଛି।

# ୨୪ ଘଣ୍ଟାରେ ଉଦ୍ଧାର ନ ହେଲେ ଧାରଣା

**ନାବାଳିକା ଅପହରଣକୁ ବିତିଲା ୮ମାସ**
- ରାଷ୍ଟ୍ରୀୟ ସମାଜସେବୀ ପରିଷଦର ସାହାଯ୍ୟ ଲୋଡ଼ିଲେ ମାତାପିତା

ଭୁବନେଶ୍ୱର,୨୮।୫(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ପୁରୁଷୋତ୍ତମ ବସ୍ତିରୁ ଜଣେ ନାବାଳିକା ଅପହରଣ ହେବାର ୮ମାସ ବିତିଗଲାଣି। ହେଲେ ଏପର୍ଯ୍ୟନ୍ତ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରିପାରି ନାହିଁ। କେବଳ ଥାନାରେ ଏକ ମାମଲା ରୁଜୁ କରି ପୋଲିସ ଚୁପ ରହିଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ମା’ବାପା ଥାନାକୁ ଦୌଡ଼ି ନୟାନ୍ତ ହେବା ପରେ ଡିସିପି ଓ କମିଶନର ଅଫିସ ଯାଇ ଅଭିଯୋଗ କରିଥିଲେ। ସେଠାରେ ମଧ୍ୟ କେବଳ ପ୍ରତିଶ୍ରୁତି ହିଁ ମିଳିଥିଲା। ଶେଷରେ ନିରୁପାୟ ହୋଇ ନାବାଳିକାଙ୍କ ମାତାପିତା ରାଷ୍ଟ୍ରୀୟ ସମାଜସେବୀ ପରିଷଦର ସାହାଯ୍ୟ ଲୋଡ଼ିଛନ୍ତି। ଫଳରେ ଶୁକ୍ରବାର ସେମାନଙ୍କୁ ନେଇ ସଂଗଠନର ସଭ୍ୟମାନେ ମଞ୍ଚେଶ୍ୱର ଥାନାରେ ପହଞ୍ଚି ଥାନାଧିକାରୀଙ୍କୁ ଦାବିପତ୍ର ଦେଇଛନ୍ତି। ଯଦି ୨୪ ଘଣ୍ଟା ମଧ୍ୟରେ ପୋଲିସ ନାବାଳିକାଙ୍କୁ ଉଦ୍ଧାର କରି ଉକ୍ତ ମା’ବାପାଙ୍କୁ ହସ୍ତାନ୍ତର ନ କରେ ତେବେ ସଂଗଠନ ପକ୍ଷରୁ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ସୂଚନାଯୋଗ୍ୟ, ପୁରୁଷୋତ୍ତମ ବସ୍ତିରେ ରହୁଥିବା ଗୁଣମଣି ସାହୁ ଓ ରଶ୍ମିତାଙ୍କ ନବମ ଶ୍ରେଣୀରେ ପଢୁଥିବା ଝିଅ ଗତ ବର୍ଷ ଅକ୍ଟୋବର ୨୩ରେ ଟ୍ୟୁଶନକୁ ଯାଇ ଆଉ ଘରକୁ ଫେରି ନ ଥିଲା। ବହୁ ଖୋଜାଖୋଜି କରିବା ପରେ ଝିଅର ପତ୍ତା ନ ମିଳିବାରୁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ନଂ-୩୬୩/୨୦ରେ ମାମଲା ରୁଜୁ କରିଥିଲା। ଅନ୍ୟପଟେ ଏପ୍ରିଲ ୩୦ ଅର୍ଥାତ ମଙ୍ଗଳବାର ଏକ ଅଜଣା ନମ୍ବରରୁ ତାଙ୍କ ଝିଅ ଫୋନ କରି ହଂସପାଳ ନିକଟରେ ଅଛି, ଶୀଘ୍ର ଆସି ମତେ ନେଇଯାଅ ବୋଲି କାନ୍ଦି କାନ୍ଦି କହିଥିଲା। ପରିବାର ଲୋକେ ସେଠାକୁ ଯାଇଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ଏ ନେଇ ପୋଲିସକୁ ଜଣାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ତେବେ ଏ ନେଇ ମଞ୍ଚେଶ୍ୱର ଥାନାଧିକାରୀ ସୁଧୀର କୁମାର ସାହୁ କହିଛନ୍ତି, ଏହି ମାମଲାର ଅଧିକ ତଦନ୍ତ ଚାଲିଛି। ଯଥାଶୀଘ୍ର ନାବାଳିକାଙ୍କୁ ଉଦ୍ଧାର କରାଯାଇ ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।



ମଞ୍ଚେଶ୍ୱର ଥାନାରେ ନାବାଳିକା ପରିବାର ଲୋକଙ୍କ ସହ ରାଷ୍ଟ୍ରୀୟ ସମାଜସେବୀ ପରିଷଦ ସଦସ୍ୟ।

# ନକାରାତ୍ମକ ଚିନ୍ତାଧାରା ଘାତକ

**କରୋନା ସଂକ୍ରମଣ ସମୟରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି। ସୁଷମ ଖାଦ୍ୟ ଏବଂ ଯୋଗ ପ୍ରାଣାୟାମ ଦ୍ୱାରା ଯେ, କେବଳ ଇମ୍ୟୁନିଟି ବଢ଼ାଯାଇପାରିବ ତାହା ନୁହେଁ; ଅଧିକନ୍ତୁ ମନରେ ସକାରାତ୍ମକ ଭାବନା ଦ୍ୱାରା ମଧ୍ୟ ଅନେକ ଫାଇଦା ମିଳିବ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି।**



**ନୂଆଦିଲ୍ଲୀ:** କରୋନା ସମୟରେ ସର୍ବାଧିକ ପ୍ରଚଳିତ ଶବ୍ଦ ମଧ୍ୟରୁ ଗୋଟିଏ ଇମ୍ୟୁନିଟି ବା ରୋଗ ପ୍ରତିରୋଧକ କ୍ଷମତା। ଇମ୍ୟୁନିଟି ପାୱାର ଥିବା ବ୍ୟକ୍ତିଙ୍କୁ କରୋନା ସଂକ୍ରମଣ ଭୟ ଅପେକ୍ଷାକୃତ କମ୍। ଭୂତାଣୁ ଦ୍ୱାରା ସଂକ୍ରମିତ ହେଲେ ମଧ୍ୟ ଏହି ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟାବସ୍ଥା ଗମ୍ଭୀର ଆଡ଼କୁ ପ୍ରାୟତଃ ଯାଏ ନାହିଁ। ତେଣୁ କରୋନା ମହାମାରୀରୁ ଜୀବନର ସୁରକ୍ଷା ଲାଗି ଏବେ ରୋଗପ୍ରତିରୋଧକ ଶକ୍ତି ବଢ଼ାଇବା ଉପରେ ଗୁରୁତ୍ୱ ଦିଆଯିବା ସହ ବିଭିନ୍ନ ଉପାୟ ଖୋଜାଯାଉଛି।

ସକାରାତ୍ମକ ଭାବନା ରଖୁଥିବା ବ୍ୟକ୍ତିଙ୍କ ରୋଗସହିତ ଲଢ଼ିବା କ୍ଷମତା ଅନ୍ୟମାନଙ୍କ ଅପେକ୍ଷା ଅଧିକ ବୋଲି ନିକଟରେ କରାଯାଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି। ଏହାକୁ ଜାଣିବା ଲାଗି ଡରହାମ୍‌ସ୍ଥିତ ଡ୍ୟୁକ୍ ୟୁନିଭର୍ସିଟି ପକ୍ଷରୁ ଦୈନନ୍ଦିନ କାର୍ଯ୍ୟକଳାପ ଏବଂ ଇମ୍ୟୁନିଟି ମଧ୍ୟରେ ଥିବା ସମ୍ପର୍କ ପ୍ରୟୋଗ କରାଯାଇଥିଲା। ଏଥିରେ ୧୫ରୁ ୫୦ ବର୍ଷ ବୟସର ୩୦୦୦ ଜଣ ସାମିଲ ହୋଇଥିଲେ। ସଂଗୃହୀତ ତଥ୍ୟ ଅନୁଯାୟୀ ସେମାନଙ୍କୁ ୪ ଭାଗରେ ବିଭକ୍ତ କରାଯାଇଥିଲା। ଏଥିରୁ ଜଣାପଡ଼ିଲା ଯେ, ନିଜକୁ ସ୍ୱାସ୍ଥ୍ୟହୀନ ବୋଲି ବିଚାର କରୁଥିବା ଲୋକଙ୍କ ଅପେକ୍ଷା ସ୍ୱାସ୍ଥ୍ୟବାନ ବୋଲି ଭାବୁଥିବା ଲୋକଙ୍କ ଆୟୁ ହାରାହାରି ୩ ଗୁଣା ଅଧିକ ବୋଲି ଜଣାପଡ଼ିଥିଲା। ସବୁଠାରୁ ବଡ଼ କଥା ଏହି ସର୍ଭେରେ ଏଭଳି କେତେଜଣ ଲୋକ ସାମିଲ ହୋଇଥିଲେ, ଯେଉଁମାନେ ସ୍ୱାସ୍ଥ୍ୟବାନ ଥିଲେ। ସେମାନଙ୍କ ନିକଟରେ ମଧୁମେହ, କର୍କଟ, ଉଚ୍ଚ ରକ୍ତଚାପ ଭଳି ଜଟିଳ ରୋଗର ଲକ୍ଷଣ ନ ଥିଲା। ତଥାପି ସେମାନଙ୍କ ଭିତରୁ ଅନେକେ ଥିଲେ ଦୁର୍ବଳମନା। ଏଭଳି ଲୋକଙ୍କଠାରେ ମୃତ୍ୟୁ ଆଶଙ୍କା ଅଧିକ ବୋଲି ଜଣାପଡ଼ିଛି।

ସେହିପରି ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ଅନୁରୂପ ଭାବେ ଏକ ଅଧ୍ୟୟନ କରାଯାଇଥିଲା। ଏଥିରେ ୫,୦୦୦ ଜଣ ଅଂଶଗ୍ରହଣ କରିଥିବାବେଳେ ସମସ୍ତଙ୍କ ବୟସ ୬୫ ବର୍ଷରୁ ଅଧିକ ଥିଲା। ତନ୍ମଧ୍ୟରୁ ନିଜକୁ ଦୁର୍ବଳ ବୋଲି ଭାବୁଥିବା ବ୍ୟକ୍ତିଙ୍କ ମୃତ୍ୟୁ ୫ ବର୍ଷ ଭିତରେ ହୋଇଯାଇଥିଲା। ଅନ୍ୟପଟେ ନିଜକୁ ସ୍ୱାସ୍ଥ୍ୟବାନ୍ ମନେକରୁଥିବା ଲୋକମାନେ ଜଟିଳ ରୋଗରେ ପୀଡ଼ିତ ଥିବା ସତ୍ତ୍ୱେ ଉତ୍ତମ ଜୀବନ ଜିଇଁବାରେ ସକ୍ଷମ ହୋଇଥିଲେ। ଏଥିରୁ ବିଶେଷଜ୍ଞମାନେ ଏକ ନିଷ୍କର୍ଷରେ ପହଞ୍ଚିଛନ୍ତି। ସେମାନଙ୍କ କହିବା କଥା, ବାର୍ଷିକ ୫୦ ପ୍ୟାକେଟରୁ ଅଧିକ ସିଗାରେଟ୍ ଟାଣୁଥିବା ବ୍ୟକ୍ତିଙ୍କଠାରୁ ଜୀବନକୁ ନେଇ ନକାରାତ୍ମକ ଚିନ୍ତାଧାରା ରଖୁଥିବା ମଣିଷର ମାନସିକ ଏବଂ ଶାରୀରିକ ସ୍ୱାସ୍ଥ୍ୟ ଅଧିକ ପ୍ରଭାବିତ ହୋଇଥାଏ।

ନକାରାତ୍ମକ ଚିନ୍ତାଧାରା ଦ୍ୱାରା ମାନସିକ ସ୍ଥିତି ପ୍ରଭାବିତ ହୋଇଥାଏ। ଏହାଦ୍ୱାରା ମନକୁ ଖୁସି ରଖୁଥିବା ଡୋପାମାଇନ ହର୍‌ମୋନ ସନ୍ତୁଳନ ବିଗିଡ଼ିଯାଏ। ମନ ଅଧିକାଂଶ ସମୟ ଚିନ୍ତାଗ୍ରସ୍ତ ଏବଂ ବିଷାଦଗ୍ରସ୍ତ ରହିବା ଫଳରେ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ପାଇଯାଏ। ପୂର୍ବରୁ ହୋଇଥିବା ଗବେଷଣାରୁ ଜଣାପଡ଼ିଛି, ମାନସିକ ଚାପ ଏବଂ ନକାରାତ୍ମକ ଚିନ୍ତାଧାରାର ଖରାପ ପ୍ରଭାବ ଡିଏନ୍‌ଏ ଉପରେ ପଡ଼ିଥାଏ। ଫଳରେ ସମୟ ପୂର୍ବରୁ ମଣିଷ ଜରାଗ୍ରସ୍ତ ହୋଇଯାଏ। ସମୟ ପୂର୍ବରୁ କେଶ ପାଚିବା, ଝଡ଼ିବା, ହାଡ଼ ଦୁର୍ବଳ ହୋଇଯିବା ଭଳି ଲକ୍ଷଣ ଦେଖାଯାଏ। ପାଚନତନ୍ତ୍ର ସହିତ ଜଡ଼ିତ ବିଭିନ୍ନ ରୋଗ ମାଡ଼ିବସେ। ଥରେ ଏସବୁ ରୋଗ କବଳରେ ପଡ଼ିଲେ ଆପେ ଆପେ ରୋଗ ପ୍ରତିରୋଧକ ଶକ୍ତି କମିଯାଏ ଏବଂ ପ୍ରତି ସମୟରେ ସଂକ୍ରମଣ ଭୟ ଲାଗିରହେ।

### ସୁଷମ ଖାଦ୍ୟ, ବ୍ୟାୟାମ ଇମ୍ୟୁନିଟି ବଢ଼ାଇବ

ସକାରାତ୍ମକ ଚିନ୍ତାଧାରା ବଢ଼ାଇବାକୁ ହେଲେ ସପ୍ତାହରେ ଅତିକମ୍‌ରେ ୩ଦିନ ୩୦ ମିନିଟ୍ ଲେଖାଏ ବ୍ୟାୟାମ କରିବାକୁ ପଡ଼ିବ। ଏହାଦ୍ୱାରା ଡୋପାମାଇନ୍ ହରମୋନ କ୍ଷରଣ ହୋଇଥାଏ, ଯାହା ମନକୁ ଖୁସି ଏବଂ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ସେହିପରି ପୁଷ୍ଟିକର ଖାଦ୍ୟ ମଧ୍ୟ ଖୁବ୍ ଲାଭବାନ୍ ହୋଇଥାଏ। ପ୍ରୋଟିନ୍, କାର୍ବନ, ଭିଟାମିନ, ମିନେରାଲଯୁକ୍ତ ସନ୍ତୁଳିତ ଖାଦ୍ୟ ମେଦବହୁଳ ଏବଂ ଅନ୍ୟ ଜଟିଳ ରୋଗରୁ ଦୂରେଇ ରଖିବାରେ ସହାୟକ ହୋଇଥାଏ।



# ୧.୫ ଡିଗ୍ରୀ ବଢ଼ିପାରେ ବିଶ୍ୱ ତାପମାତ୍ରା

ଜେନେଭା: ଆସନ୍ତା ୫ ବର୍ଷରେ ବିଶ୍ୱର ହାରାହାରି ତାପମାତ୍ରା ୧.୫ ଡିଗ୍ରୀ ସେଲ୍‌ସିୟସ୍ ବୃଦ୍ଧି ପାଇପାରେ। ୨୦୨୧ରୁ ୨୦୨୫ ମଧ୍ୟରେ ପ୍ରତିବର୍ଷ ତାପମାତ୍ରା ଅତି କମ୍‌ରେ ୧ ଡିଗ୍ରୀ ସେଲ୍‌ସିୟସ୍ ବଢ଼ିପାରେ ବୋଲି ୱାର୍ଲ୍ଡ ମେଟେରୋଲୋଜି ଅର୍ଗାନାଇଜେଶନ (ଡବ୍ଲ୍ୟୁଏମ୍‌ଓ)ର ଏକ ଅଧ୍ୟୟନରୁ ଜଣାପଡ଼ିଛି। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ବିଶ୍ୱର ପ୍ରାୟ ସମସ୍ତ ପ୍ରାନ୍ତ ଅପେକ୍ଷାକୃତ ଅଧିକ ଉଷ୍ମ ହେବାର ସମ୍ଭାବନା ରହିଥିବା ଡବ୍ଲ୍ୟୁଏମ୍‌ଓ ରିପୋର୍ଟରେ କୁହାଯାଇଛି। ଶିଳ୍ପାୟନ ପୂର୍ବବର୍ତ୍ତୀ ସମୟ ଅପେକ୍ଷା ବର୍ତ୍ତମାନ ବିଶ୍ୱ ତାପମାତ୍ରା ୧.୨ ଡିଗ୍ରୀ ସେଲ୍‌ସିୟସ୍ ଥିବାବେଳେ ଆଗାମୀ ବର୍ଷରେ ଏହା ଆହୁରି ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତାପମାତ୍ରା ବୃଦ୍ଧିର ସମ୍ଭାବନା ୨୦ ପ୍ରତିଶତ ଥିବା ନେଇ ଗତ ବର୍ଷ ଡବ୍ଲ୍ୟୁଏମ୍‌ଓ ରିପୋର୍ଟରେ ପ୍ରକାଶ ପାଇଥିଲା। ଏହାସହ ଆଗାମୀ ଦିନରେ ଆଣ୍ଟଲାଟିକ୍ ମହାସାଗରରେ ସାମୁଦ୍ରିକ ଝଡ଼ର ମାତ୍ରା ବଢ଼ିବାର ଆଶଙ୍କା କରାଯାଇଛି। ଏଥିଯୋଗୁ ଆଫ୍ରିକାର ସାହେଲ ଓ ଅଷ୍ଟ୍ରେଲିଆ ପାଣିପାଗ ଆର୍ଦ୍ର ଏବଂ ଉତ୍ତର ଆମେରିକାର ଦକ୍ଷିଣ-ପଶ୍ଚିମ ଅଞ୍ଚଳ ଶୁଷ୍କ ରହିପାରେ। ତେବେ ବୃଦ୍ଧି ପାଇବାକୁ ଥିବା ତାପମାତ୍ରା ଦୀର୍ଘମିଆଦୀ ନୁହେଁ ବୋଲି କୁହାଯାଇଛି। ଜଳବାୟୁ ପରିବର୍ତ୍ତନର ସବୁଠାରୁ ବିପଦପୂର୍ଣ୍ଣ ପ୍ରଭାବକୁ ଏଡ଼ାଇବା ପାଇଁ ଏବେଠାରୁ ବ୍ୟାପକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ବୈଜ୍ଞାନିକମାନେ ଚେତାଇଛନ୍ତି।

# ଗୋଟିଏ ଗୋଡ଼ରେ ପାହାଡ଼ ଚଢ଼ା





**ନୂଆଦିଲ୍ଲୀ:** କଥାରେ ଅଛି ମନୋବଳ ଦୃଢ ଥିଲେ ପଙ୍ଗୁ ବି ଲଙ୍ଘିପାରେ ଗିରି। ଠିକ୍ ଏମିତି ଏକ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଛୋଟ ଝିଅଟିଏ ଗୋଟିଏ ଗୋଡ଼ରେ ବହୁ କଷ୍ଟରେ ପାହାଡ଼ ଚଢିବାର ଦୃଶ୍ୟ ବେଶ୍ ହୃଦୟସ୍ପର୍ଶୀ ହୋଇପାରିଛି।

ଗୁଡ୍ ନ୍ୟୁଜ କରେସ୍‌ପଣ୍ଡେଣ୍ଟର ଟୁଇଟର ଆକାଉଣ୍ଟରେ ଏକ ଭିଜୁଆଲ ଶେୟାର କରାଯାଇଛି, ଯେଉଁଥିରେ ଏକ ଛୋଟ ଝିଅ ଗୋଟିଏ ଗୋଡରେ ବି ଏକ ପାହାଡିଆ ଉଚ୍ଚ ସ୍ଥାନକୁ ଉଠିବାକୁ ଚେଷ୍ଟା କରୁଛି। ଛୋଟ ଝିଅଟିର ନାଁ ଆଣ୍ଟୋନେଲା ବୋଲି ଟୁଇଟରରେ ଲେଖାଯାଇଛି। ଆଣ୍ଟୋନେଲାଙ୍କର ଗୋଟିଏ ଗୋଡ଼ ଥିବାରୁ ସେ ଏକ କୃତ୍ରିମ ଗୋଡ଼ ଲଗାଇଛନ୍ତି। ସେ ଏକ ପାହାଡିଆ ସ୍ଥାନର ଉପରକୁ ଚଢିବାକୁ ଉଦ୍ୟମ କରୁଥିବାବେଳେ ମାଆ ପଛରେ ଛିଡ଼ାହୋଇ ତାଙ୍କୁ ସାହସ ଦେଉଛନ୍ତି। ସେ ନିଶ୍ଚିତ ଉପରକୁ ଚଢିପାରିବ, ଆଦୌ ତଳକୁ ପଡିବ ନାହିଁ ବୋଲି ମାଆ ବାରମ୍ବାର କହୁଛନ୍ତି। ଏପରି ଶୁଣିବା ପରେ ଆଣ୍ଟୋନେଲାଙ୍କର ମନୋବଳ ବୃଦ୍ଧି ପାଉଛି ଏବଂ ସେ ଉପରକୁ ଉଠିବା ପାଇଁ ଚେଷ୍ଟା କରୁଛନ୍ତି। ବାରମ୍ବାର ଚେଷ୍ଟା କରି ଶେଷରେ ଉପରକୁ ଚଢିଯାଇ ବହୁତ ଖୁସି ହୋଇ ଯାଉଛନ୍ତି। ଭିଡିଓଟି ଟୁଇଟରରେ ଖୁବ ଭାଇରାଲ ହେଉଛି। ଲୋକେ ଏହାକୁ ହଜାର ହଜାର ସଂଖ୍ୟାରେ ରିଟୁଇଟ୍, ଲାଇକ୍ କରିବା ସହିତ କମେଣ୍ଟ ବି ଦେଇଛନ୍ତି।

ଆଡଭାନ୍ସ ନେଉନ୍ତୁ, ଧୋକା ଦେଉନ୍ତୁ
ହିନ୍ଦୁସ୍ଥାନ ଫାଇନାନ୍ସ
ଆଧାରକାର୍ଡ, ଗ୍ରୁପ୍ ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଏଗ୍ରିକଲ୍‌ଚର୍,
ସବୁ ଋଣ ମାତ୍ର 24 ଘଣ୍ଟାରେ
ସୁଧ 2% ଛାଡ଼ 50%
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ ଯୋଗାଯୋଗ କରନ୍ତୁ
08765087341
09473641974
Sasane Nagar, Pune

# ଜାତିସଂଘ ସଂସ୍ଥାରୁ ରଣଦୀପ ବିଦା

## ମାୟାବତୀଙ୍କୁ ତାଚ୍ଛଲ୍ୟ ମହଙ୍ଗା ପଡ଼ିଲା



ବଲିଉଡ୍ ଅଭିନେତା ରଣଦୀପ ହୁଡା ଉତ୍ତରପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ମାୟାବତୀଙ୍କୁ କଟାକ୍ଷ କରିଥିବା ନେଇ ଏକ ପୁରୁଣା ଭିଡିଓ ଏବେ ସାମ୍ନାକୁ ଆସିଛି। ଏହା ଭାଇରାଲ ହେବା ପରେ ରଣଦୀପଙ୍କୁ ଜାତିସଂଘର ଏକ ପରିବେଶ ସମ୍ପର୍କିତ ଚୁକ୍ତି କନ୍‌ଭେନ୍‌ଶନ୍ ଫର୍ ଦି କନ୍‌ଜର୍ଭେଶନ୍ ଅଫ୍ ମାଇଗ୍ରେଟୋରି ସ୍ପାଇସେସ୍ ଅଫ୍ ୱାଇଲ୍ଡ ଆନିମଲ୍‌ସ (ସିଏମ୍‌ଏସ୍) ଆମ୍ବାସାଡର ପଦରୁ ହଟାଇଦିଆଯାଇଛି।

୨୦୧୨ରେ ଏକ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ରଣଦୀପ ହୁଡା ଯୋଗଦେଇଥିଲେ। ସେଠାରେ ସେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ସୁପ୍ରିମୋ ମାୟାବତୀଙ୍କ ବିରୋଧରେ ଜାତିଆଣ ଓ ଲିଙ୍ଗଗତ ମନ୍ତବ୍ୟ ଦେଇଥିଲେ। ନିକଟରେ ଉକ୍ତ ଦୃଶ୍ୟର ଭିଡିଓ ସାମ୍ନାକୁ ଆସିଥିଲା। ରଣଦୀପଙ୍କ ମନ୍ତବ୍ୟ ଅପମାନଜନକ ଏବଂ ଏଥିରୁ ମୂଲ୍ୟବୋଧ ପ୍ରତିଫଳିତ ହେଉନାହିଁ ବୋଲି ଜାତିସଂଘ ସିଏମ୍‌ଏସ୍ ସେକ୍ରେଟାରିଏଟ୍ ପକ୍ଷରୁ କୁହାଯାଇଛି। ୨୦୨୦ ଫେବୃୟାରୀରେ ରଣଦୀପଙ୍କୁ ମାଇଗ୍ରେଟୋରି ସ୍ପାଇସେସ୍‌ର ଜଣେ ସିଏମ୍‌ଏସ୍ ଆମ୍ବାସାଡର ରୂପେ ନିଯୁକ୍ତ କରାଯିବା ସମୟରେ ସଂସ୍ଥା ଉକ୍ତ ଭିଡିଓ ସମ୍ପର୍କରେ ଅବଗତ ନ ଥିଲା ବୋଲି ଏକ ବିବୃତିରେ କୁହାଯାଇଛି। ମଙ୍ଗଳବାର ଟୁଇଟରରେ ଦେଖାଯାଉଥିବା ଉକ୍ତ ଭିଡିଓକୁ ନେଇ ରଣଦୀପ କ୍ଷମା ମାଗନ୍ତୁ ବୋଲି ଦାବି ହୋଇଛି। ହ୍ୟାଶ୍‌ଟ୍ୟାଗ୍ ଆରେଷ୍ଟ ରଣଦୀପ ହୁଡା ସୋସିଆଲ ମିଡିଆରେ ଟ୍ରେଣ୍ଡ କରିବାରେ ଲାଗିଛି। ତେବେ ରଣଦୀପଙ୍କ ପକ୍ଷରୁ ଏନେଇ କିଛି ପ୍ରତିକ୍ରିୟା ଆସିନାହିଁ।

# ବ୍ରେନ୍ ଡେଡ୍ ମହିଳାଙ୍କ ଅଙ୍ଗ ୪ ଜଣଙ୍କ ଜୀବନ ବଞ୍ଚାଇଲା

ନୂଆଦିଲ୍ଲୀ: ଜଣେ ୪୩ ବର୍ଷୀୟ ବ୍ରେନ୍ ଡେଡ୍ ମହିଳାଙ୍କ ଅଙ୍ଗଦାନ ଫଳରେ ୪ ଜଣଙ୍କ ଜୀବନ ବଞ୍ଚିପାରିଛି। ତାଙ୍କ ଯକୃତ ଜଣେ ୫୮ ବର୍ଷୀୟ ବ୍ୟକ୍ତିଙ୍କ ଶରୀରରେ ପ୍ରତିରୋପଣ ହୋଇଥିବାବେଳେ କିଡ୍‌ନୀକୁ ସାର୍ ଗଙ୍ଗାରାମ ହସ୍ପିଟାଲର ଅନ୍ୟ ଜଣେ ରୋଗୀଙ୍କ ଦେହରେ ଲଗାଯାଇଛି। ଅନ୍ୟ ଅଙ୍ଗକୁ ଦିଲ୍ଲୀ-ଏନ୍‌ସିଆର୍‌ର ଅନ୍ୟ ହସ୍ପିଟାଲକୁ ପଠାଯାଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି। ମହିଳାଙ୍କର ଉଚ୍ଚ ରକ୍ତଚାପ ଥିବାବେଳେ ହଠାତ୍ ବାନ୍ତି ହେବା ସହ ଅତ୍ୟଧିକ ମୁଣ୍ଡବିନ୍ଧା ହେବାରୁ ତାଙ୍କୁ ଗତ ୨୦ ତାରିଖରେ ସାର୍ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରୀକ୍ଷାରୁ ତାଙ୍କ ଗୁରୁତର ବ୍ରେନ୍ ହାମ୍‌ରେଜ ହୋଇଥିବା ଜଣାପଡ଼ିଥିଲା। ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କୁ ବ୍ରେନ୍ ଡେଡ୍ ଘୋଷଣା କରାଯାଇଥିଲା। ତାଙ୍କର ସ୍ୱାମୀ ଓ ୨୧ ବର୍ଷର ପୁଅ ଅଛନ୍ତି। ପରିବାର ବିଚାରବିମର୍ଶ କରି ତାଙ୍କ ଅଙ୍ଗଦାନ କରିବା ପାଇଁ ନିଷ୍ପତ୍ତି ନେଇ ଏ ସମ୍ପର୍କରେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ।



# ଅଭିନେତ୍ରୀରୁ ପୁରୁଷ ହେଲେ

ୱାଶିଂଟନ: ହଲିଉଡ୍‌ର ସୁନ୍ଦରୀ ଅଭିନେତ୍ରୀ ଇଲେନ୍ ପେଜ୍ ନିଜର ସର୍ଜରି କରି ମହିଳାରୁ ପୁରୁଷ ପାଲଟି ଯାଇଛନ୍ତି। ପୁରୁଷ ଭାବେ ଏବେ ତାଙ୍କର ନାମ ଇଲିଓଟ୍ ପେଜ୍ ରହିଛି। ୨୦୨୦ ଡିସେମ୍ବରରେ ସେ ଜଣେ କିନ୍ନର ବୋଲି ଇଲେନ୍ ଇନଷ୍ଟାଗ୍ରାମ୍‌ରେ ସୂଚନା ଦେଇଥିଲେ। ସେ ସର୍ଜରି କରି ସାରିଥିବା ମଧ୍ୟ ପ୍ରକାଶ କରିଥିଲେ। ଏବେ ସେ ତାଙ୍କର ସିକ୍ସ ପ୍ୟାକ୍ ଫଟୋ ସୋସିଆଲ ମିଡ଼ିଆରେ ଅପଲୋଡ୍ କରିଛନ୍ତି। ୨୦୧୮ରେ ସେ କାନାଡ଼ାର ଡ୍ୟାନ୍ସର ଏମ୍ମା ପୋର୍ଟରଙ୍କ ସହିତ ବିବାହ କରିଥିଲେ। ତେବେ ଦାମ୍ପତ୍ୟ ଜୀବନରେ ସମସ୍ୟା ଯୋଗୁ ୨୦୨୧ରେ ଦୁହେଁ ଛାଡ଼ପତ୍ର ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଛନ୍ତି।





ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି

୰ଶ୍ରୀ ସନ୍ତୋଷ କୁମାର ଦାସ
ଆବିର୍ଭାବ: ୦୪।୦୩।୧୯୫୦
ତିରୋଧାନ: ୧୯।୦୫।୨୦୨୧
ଆପଣଙ୍କର ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୪୭୫୫୫

ଏକାଦଶାହ ଉପଲକ୍ଷେ

ସ୍ୱର୍ଗତ ଗୌତମ ବାଗ
ଲାଫେର, ଟିକ୍ରାପଡାସଇଁତଲା, ବଲାଙ୍ଗୀର
ଆବିର୍ଭାବ: ୦୮।୦୪।୧୯୭୦
ତିରୋଧାନ: ୧୮।୦୫।୨୦୨୧
ସରଳତା, ନିର୍ମଳ ଏବଂ ଜ୍ଞାନର ପରିପୂର୍ଣ୍ଣ ବିଶିଷ୍ଟ ବ୍ୟକ୍ତିତ୍ୱ ତୁମେ, ତୁମର ଆକସ୍ମିକ ବିୟୋଗ ଆମ ସମସ୍ତଙ୍କୁ ହତବାକ ଓ ମ୍ରିୟମାଣ କରିଛି। ତୁମେ ଆମ ସମସ୍ତଙ୍କଠାରେ ଚିରସ୍ମରଣୀୟ ହୋଇ ରହିବ।
-:ଶୋକସନ୍ତପ୍ତ:-
ପିତା, ମାତା, ଶ୍ୱଶୁର, ଶାଶୁ, ପତ୍ନୀ: ପଙ୍କଜିନୀ, ଓମ୍, ଲିସା, ଲକି, ଲିପୁନ, ଲିଜା, ଲିପି, ଗୀତା, ପୁରନ୍ଦର, ରିତା, ଅନିରୁଦ୍ଧ, ଆଲୋକ, ହାପି, ସୋମ, ସାଇ, ପୀତବାସ, ସରସ୍ୱତୀ, ଗ୍ରେସୀ ଓ ପରିବାରବର୍ଗ ।
ଧ-୨୦୭୯୪

ଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ରାଜ କିଶୋର ଭଞ୍ଜ
ଗଡ଼ ହଳଦିଆ, ଖୋର୍ଦ୍ଧା
ଆବିର୍ଭାବ: ୩୧।୦୧।୧୯୪୩
ତିରୋଧାନ: ୨୦।୦୫।୨୦୨୧
ପିତା ଧର୍ମଃ ପିତା ସ୍ୱର୍ଗଃ ପିତାହି ପରମଂ ତପଃ ପିତରି ପ୍ରୀତିମାପନ୍ନେ ପ୍ରିୟନ୍ତେ ସର୍ବ ଦେବତା ।।
ତୁମର ଆଦର୍ଶ, ସ୍ନେହ, ଅସୀମ ତ୍ୟାଗ ଓ ନିଷ୍ଠାପରତା ଆମ୍ଭମାନଙ୍କୁ ଅନୁପ୍ରାଣିତ କରୁ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଅଛୁ ।
-:ଶୋକସନ୍ତପ୍ତ ପରିବାର:-
ପତ୍ନୀ: ନଳିନୀ, ପୁତ୍ର: ଜୟନ୍ତ, ସୁକାନ୍ତ, ପୁତ୍ରୀ: ବେବିନା, ଜ୍ୱାଇଁ, ନାତି, ନାତୁଣୀ, ପୁତ୍ରବଧୂ ଓ ବନ୍ଧୁ ବାନ୍ଧବ
ଧ-୨୦୭୯୬

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ସ୍ୱର୍ଗତ କିଶୋରୀ ମୋହନ ପଟ୍ଟନାୟକ
ଗ୍ରାମ: ଶଙ୍କରପୁର, ପିଚୁକୁଳି, ପୋ: ଆରିକମା, ଥାନା: ବୋଲଗଡ଼, ଜିଲ୍ଲା: ଖୋର୍ଦ୍ଧା
ଆବିର୍ଭାବ: ୦୧।୧୧।୧୯୫୦
ତିରୋଧାନ: ୧୯।୦୫।୨୦୨୧
ଆପଣଙ୍କ ଅବର୍ତ୍ତମାନରେ ଆଜି ଆମ୍ଭେମାନେ ସମ୍ପୂର୍ଣ୍ଣ ଭାବେ ମ୍ରିୟମାଣ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ୍ଭମାନଙ୍କୁ ସବୁଦିନ ପାଇଁ ପ୍ରେରଣା ଯୋଗାଇବ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା ।
ଶୋକସନ୍ତପ୍ତ: ପତ୍ନୀ: ସୁଶୀଳା ପଟ୍ଟନାୟକ, ପୁତ୍ର: ସ୍ମୃତି, ପୁତୁରା: ସମ୍ବିତ୍ ଦାସ
ନୂଆସାହି, କପାଳେଶ୍ୱର, ଚୌଦ୍ୱାର, କଟକ
ଧ-୨୦୭୯୨

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ଲାବଣ୍ୟବତୀ ରଥ
ସ୍ୱାମୀ: ୰ଭଗବାନ ରଥ
ଲକ୍ଷ୍ମୀନାରାୟଣପୁର, ରଥସାହି, ପିପିଲି, ପୁରୀ
ଆବିର୍ଭାବ: ୨୦।୦୫।୧୯୨୫
ତିରୋଧାନ: ୧୯।୦୫।୨୦୨୧
ଚାହୁଁ ଚାହୁଁ ଆଜକୁ ଦଶଦିନ ହୋଇଗଲା, ହେଲେ ଏପରି କୌଣସି ଗୋଟିଏ ଦିନ ନାହିଁ ଯେଉଁ ଦିନ କି ତୁମ କଥା ଆମ ମନରୁ ପାସୋରି ଯାଇଛୁ। ସ୍ୱର୍ଗଲୋକରେ ତୁମର ଅମର ଆତ୍ମା ଶାନ୍ତିରେ ରହୁ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଏତିକି ପ୍ରାର୍ଥନା ।
-:ଶୋକସନ୍ତପ୍ତ:-
ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ନାତୁଣୀଜ୍ୱାଇଁ, ନାତୁଣୀବୋହୂ ଏବଂ ସମସ୍ତ ବନ୍ଧୁବାନ୍ଧବ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୨୦୪୫୩

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

୰ ନୃସିଂହ ଚରଣ ମହାନ୍ତି
କିଆଡିଗ୍ରୀ, ନୂଆଡିହି, ଏରସମା, ଜଗତସିଂହପୁର
ଆବିର୍ଭାବ : ୨୦.୦୮.୧୯୪୧
ତିରୋଧାନ : ୧୯.୦୫.୨୦୨୧
ଏମିତି ଏକ ସଙ୍କଟ ମୁହୂର୍ତ୍ତରେ ତୁମେ ଆମକୁ ଛାଡ଼ି ଗ୍ଲିଗଲ। ତୁମକୁ ଝୁରିବା କେବଳ ସାର ହେବ ଚିରଦିନ। ଆମ ମନରେ ଆଙ୍କିଥିବା ତୁମ ଆଦର୍ଶ, ଆମ ହୃଦୟରେ ଭରିଥିବା ଭଲପାଇବା, ସ୍ନେହ, ମମତା ଆମକୁ ତୁମ ଅଭାବର ପୀଡ଼ାମୁକ୍ତ କରିବ। ଆମେ ଈଶ୍ୱରଙ୍କ ନିକଟରେ ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରୁଛୁ।
॥ ତୁମର ॥
ହତଭାଗ୍ୟ ବଡ଼ଭାଇ-ସାଧୁଚରଣ, ସାନଭାଇ-ଶ୍ୟାମସୁନ୍ଦର
ହତଭାଗିନୀ ସ୍ତ୍ରୀ - ସୁରମା,
ହତଭାଗ୍ୟ ପୁତ୍ର-ଟଗଲା, ପାଗଳା, ବୋହୂ-ରଶ୍ମୀ, ଲୋପା
ଝିଅ-ମାର୍ଜିନୀ, ନିନି, ଜ୍ୱାଇଁ-ବଳରାମ, ସଂଜୀବ,
ନାତିନାତୁଣୀ-ଶୁଭମ, ଲିକୁନ୍, ସାନି,
ପୁତୁରା-ଝିଆରୀ, ଭଣଜା-ଭାଣିଜି ଓ ଶୋକସନ୍ତପ୍ତ ପରିବାରବର୍ଗ
ଧ-୨୦୭୮୭

ବିଜ୍ଞାନ କଥା

# ଛାଇର ଲୁଚକାଳି ଖେଳ

ବିରାଟ ରାଜା ପଧାନ

"ଆମେ ଜାଣୁ ଯେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ଯାଆନ୍ତି। ବିଜ୍ଞାନ ଦୃଷ୍ଟିକୋଣରୁ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ବୈଜ୍ଞାନିକ ଭାଷାରେ ସୂର୍ଯ୍ୟ ପ୍ରତିଦିନ ଉତ୍ତର-ପୂର୍ବ ବା ଦକ୍ଷିଣ ପୂର୍ବ ଦିଗରେ ଉଦୟ ହୋଇଥାନ୍ତି। ଦିନବେଳା ସୂର୍ଯ୍ୟାଲୋକର ଉପସ୍ଥିତିରେ ସୂର୍ଯ୍ୟର ବିପରିତ ଦିଗରେ ଏହି ଛାଇ ପଡ଼ିଥାଏ।"

କଥାରେ ଅଛି- ଛାଇ ମଣିଷର ପିଛା ଛାଡ଼େ ନାହିଁ। ଅର୍ଥାତ୍ ମଣିଷ ଯୁଆଡ଼େ ଯୁଆଡ଼େ ଯାଏ, ଛାଇ ସେହି ଆଡ଼କୁ ଗୋଡ଼ାଉଥାଏ। କେବଳ ମଣିଷ କାହିଁକି? ବରଂ ପୃଥିବୀର ସମଗ୍ର ଜୀବଜଗତକୁ ଏହି ଛାଇ ଗୋଡ଼ାଏ। ଏହାଛଡ଼ା ପ୍ରତ୍ୟେକ ବସ୍ତୁର ମଧ୍ୟ ଛାଇ ଥାଏ। କିନ୍ତୁ, ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଏହି ଛାଇ ଆପଣଙ୍କ ପିଛା ଏକ ନିର୍ଦ୍ଦିଷ୍ଟ ଦିନ ଓ ନିର୍ଦ୍ଧାରିତ ସମୟରେ ଛାଡ଼ିଦେବ। ଏହା ନିର୍ଦ୍ଦିଷ୍ଟ ସମୟରେ କୌଣସି ବସ୍ତୁର ଛାଇ ପଡ଼ିବ ନାହିଁ। ସୂର୍ଯ୍ୟର ବିପରିତ ଦିଗରେ ଏହି ଛାଇ ପଡ଼ିଥାଏ। କେବଳ ସୂର୍ଯ୍ୟ ନୁହେଁ ବରଂ ଯେକୌଣସି ଆଲୁଅର ଉପସ୍ଥିତିରେ ଏହି ଛାଇ ସୃଷ୍ଟି ହୋଇଥାଏ।




ତେବେ ଏହି ଘଟଣା ବର୍ଷକୁ ମାତ୍ର ଦୁଇଦିନ ନିର୍ଦ୍ଧାରିତ ସ୍ଥାନରେ ପଡ଼ିଥାଏ। ଏହାକୁ ଅନ୍ୟ ଛାଇ ଦିବସ (Zero Shadow day) ବୋଲି କୁହାଯାଏ। ତା'ହେଲେ ଆସନ୍ତୁ, ଏହି ବିଜ୍ଞାନ ସମ୍ମତ ଘଟଣା ବିଷୟରେ ଆଲୋଚନା କରିବା।

ଆମେ ଜାଣୁ ଯେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ଯାଆନ୍ତି। ବିଜ୍ଞାନ ଦୃଷ୍ଟିକୋଣରୁ ଏହା ସମ୍ପୂର୍ଣ୍ଣ ଠିକ୍ ନୁହେଁ। ବୈଜ୍ଞାନିକ ଭାଷାରେ ସୂର୍ଯ୍ୟ ପ୍ରତିଦିନ ଉତ୍ତର-ପୂର୍ବ ବା ଦକ୍ଷିଣ ପୂର୍ବ ଦିଗରେ ଉଦୟ ହୋଇଥାନ୍ତି। ଦିନବେଳା ସୂର୍ଯ୍ୟାଲୋକର ଉପସ୍ଥିତିରେ ଯେଉଁ ଦିନ ବା ସମୟରେ ଏହି ଛାଇ ପଡ଼େନାହିଁ, ସେହିଦିନ ସୂର୍ଯ୍ୟ ଆମର ଠିକ୍ ମୁଣ୍ଡ ଉପରେ ରହିଥାଏ। ଏହି ଛାଇ ପୃଥିବୀ ପୃଷ୍ଠର କେବଳ ସେହି ଇଲାକାରେ ପଡ଼େନାହିଁ, ଯେଉଁ ଇଲାକା କ୍ରାନ୍ତିବଳୟ ମଧ୍ୟରେ ଅର୍ଥାତ୍ + ୨୩.୧ ଡିଗ୍ରୀ ଓ – ୨୩.୫ ଡିଗ୍ରୀରେ ଅବସ୍ଥିତ। ଏଣୁ ଏହି ଅଞ୍ଚଳ ମଧ୍ୟରେ ବସବାସ କରୁଥିବା ଲୋକ ହିଁ କେବଳ ଏହି ଛାଇର ଖେଳକୁ ଦେଖିପାରିବେ। ଆମ ଓଡ଼ିଶାର ସମସ୍ତ ଅଞ୍ଚଳ ଏହି କ୍ରାନ୍ତିବଳୟ ମଧ୍ୟରେ ଆସୁଥିବାରୁ ଆମେ ସମସ୍ତେ ଏହି 'ଶୂନ୍ୟ ଛାଇ ଦିବସ'କୁ ନିର୍ଦ୍ଦିଷ୍ଟ ଦିନ ଓ ସମୟରେ ଦେଖିପାରିବା।

ସୂର୍ଯ୍ୟ ଚାରିପଟେ ପୃଥିବୀ ନିଜ କକ୍ଷପଥରେ ୨୩.୫ ଡିଗ୍ରୀ ଢଳି ରହି ବୁଲିବା ସହ ନିଜ ଅକ୍ଷ ଚାରିପଟେ ବୁଲୁଛି। ପ୍ରତିବର୍ଷ ଜୁନ୍ ମାସ ୨୧ ତାରିଖରେ ସୂର୍ଯ୍ୟ ଉତ୍ତର ଗୋଲାର୍ଦ୍ଧରେ ୨୩.୫ ଡିଗ୍ରୀରେ ଥିବା କର୍କଟକ୍ରାନ୍ତି ଉପରେ ରହିଥାଏ। ଏହିଠାରୁ ହିଁ ଧୀରେ ଧୀରେ ଦକ୍ଷିଣ ଦିଗକୁ ଗତି କରିଥାଏ, ଏହାକୁ ଆମେ ସୂର୍ଯ୍ୟଙ୍କ 'ଦକ୍ଷିଣାୟନ ଗତି' ବୋଲି କହିଥାଉ। ଠିକ୍ ସେହିପରି ଦକ୍ଷିଣ ଦିଗକୁ ଏହା ଢଳି ଢଳି ଡିସେମ୍ବର ୨୨ ବେଳକୁ ସୂର୍ଯ୍ୟ ବିଶ୍ବବରେଖାଠାରୁ ୨୩.୫ ଡିଗ୍ରୀ ଦକ୍ଷିଣରେ ଥିବା ମକରକ୍ରାନ୍ତିରେ ରହିଥାଏ। ଏହାକୁ ସୂର୍ଯ୍ୟଙ୍କ 'ଉତ୍ତରାୟଣ ଗତି' କୁହାଯାଏ। ଏହି ସମୟରେ ଦକ୍ଷିଣ ଗୋଲାର୍ଦ୍ଧରେ ଗ୍ରୀଷ୍ମ ଋତୁ ଅନୁଭୂତ ହୋଇଥାଏ। ଏହି ଦିନରୁ ହିଁ ରାତି ଛୋଟ ଓ ଦିନ ବଡ଼ ହୋଇଥାଏ। ଏହି ସମୟରେ ଏହି ଅଞ୍ଚଳଗୁଡ଼ିକରେ ଠିକ୍ ମଧ୍ୟାହ୍ନ ସମୟରେ ସୂର୍ଯ୍ୟ ସିଧାସଳଖ ମୁଣ୍ଡ ଉପରେ ରହିଥାଏ। ଫଳସ୍ୱରୂପ 'ଛାଇ' ସେଠାରେ ପଡ଼େନାହିଁ।

ସାଧାରଣତଃ ଏହା ଆମ ଦେଶର ବିଭିନ୍ନ ସ୍ଥାନରେ ଏପ୍ରିଲ୍ ମାସରୁ ଅଗଷ୍ଟ ମାସ ମଧ୍ୟରେ ଏହି ନିର୍ଦ୍ଦିଷ୍ଟ ସ୍ଥାନର ନିର୍ଦ୍ଦିଷ୍ଟ ମଧ୍ୟାହ୍ନରେ କିଛି ସମୟ ପାଇଁ ଦେଖିହେବ। ଆମେ ସମସ୍ତେ ଏହି ଘଟଣାକୁ ଦେଖିପାରିବା ଓ ଏହାର ମଜା ନେଇପାରିବା। କେବଳ ନିଜେ କାହିଁକି ନିଜ ପରିବାରର ସମସ୍ତଙ୍କୁ ଏହି ବିଜ୍ଞାନର ମଜାଦାର ଘଟଣାରେ ସାମିଲ୍ କରିପାରିବା।

ବେଙ୍କମୁରା, ପଣ୍ଡରୀ,ଝାରସୁଗୁଡ଼ା
ମୋ:୯୯୩୭୨୭୧୬୨୩


ସାଇସମୀକ୍ଷା
୬ ବର୍ଷ

ଗିନିଜ୍ ୱାର୍ଲ୍ଡ ରେକର୍ଡ

## ଟଏଲେଟ୍ କଭରକୁ ମୁଣ୍ଡରେ ଭାଙ୍ଗି ରେକର୍ଡ



ଟଏଲେଟର ସିଟ୍ କଭରକୁ ଭାଙ୍ଗି ରେକର୍ଡ କରିଛନ୍ତି ଆମେରିକାର କେଭିନ୍ ସେଲି। ତେବେ ସେଲି ଏହି କଭରକୁ ହାତରେ ନୁହେଁ ବରଂ ତାଙ୍କ ମୁଣ୍ଡରେ ଭାଙ୍ଗିଛନ୍ତି। ଏଭଳି ଭାବେ ମୁଣ୍ଡରେ କଭର ଭାଙ୍ଗି ସେ ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛନ୍ତି। ମାତ୍ର ଏକ

ପିଲାମାନେ ତୁମେ ତ ଜାଣିଛ ଆଜିକାଲି ଆଣ୍ଠୁ ଦରଜ ଥିବା ଲୋକେ ପ୍ରାୟତଃ ୱେଷ୍ଟର୍ନ ଟଏଲେଟ ବ୍ୟବହାର କରିଥାନ୍ତି। ଏହି ଟଏଲେଟରେ ଏକ ସିଟ୍ କଭର ରହିଥାଏ। ଏହି କଭରକୁ ଆବଶ୍ୟକ ସମୟରେ ଘୋଡ଼ାଇ ରଖାଯାଇଥାଏ। କିନ୍ତୁ ଏଭଳି ମିନିଟରେ ସେ ଏଭଳି ଢଙ୍ଗରେ ୪୬ଟି ଟଏଲେଟର କଭରକୁ ଭାଙ୍ଗିବାକୁ ସକ୍ଷମ ହୋଇଛନ୍ତି। ମୁଣ୍ଡରେ ଗୋଟିଏ ପରେ ଗୋଟିଏ ଟଏଲେଟର ସିଟ୍ କଭରକୁ ସେ ଖୁବଶୀଘ୍ର ଭାଙ୍ଗି ଏଭଳି ରେକର୍ଡର ଅଧିକାରୀ ହୋଇଛନ୍ତି।

## ମତାମତ

➥ପିଲାଙ୍କ ଧରିତ୍ରୀ ପୃଷ୍ଠାରେ ପ୍ରକାଶିତ ଗପଟିରେ ବହୁତ କିଛି ଶିକ୍ଷଣୀୟ କଥା ରହିଥିଲା।

*-ରଶ୍ମିରଞ୍ଜନ ଲେଙ୍କା, କଟକ*

➥ପିଲାଙ୍କ ଧରିତ୍ରୀ ପୃଷ୍ଠାରେ କବିତାଗୁଡ଼ିକ ଛୋଟ ଏବଂ ଏଥିରେ ସ୍ଥାନୀତ ଚିତ୍ରଗୁଡ଼ିକ ବହୁତ ସୁନ୍ଦର ଲାଗିଲା।

*-ସୀମା ପାଣି, କୋରାପୁଟ*

➥କହିଲ ଦେଖି ସ୍ତମ୍ଭରେ ଛୋଟ ଛୋଟ କବିତା ଶୈଳୀରେ କଥାଗୁଡ଼ିକ ସୁନ୍ଦରଭାବେ ଉପସ୍ଥାପିତ ହୋଇ ଥିଲା।

*-ସୁକୁମାର ପରିଡ଼ା, ଜଗତ୍‌ସିଂହପୁର*

➥ତୁମ ତୂଳୀରୁ ସ୍ତମ୍ଭରେ ପିଲାଙ୍କ ଦ୍ୱାରା ଅଙ୍କିତ ଚିତ୍ରଗୁଡ଼ିକ କ୍ରିଏଟିଭ୍ ଲାଗିଲା।

*-ରଶ୍ମିତା ମହାନ୍ତି, ପୁରୀ*

➥ପ୍ରତିଥର ପରି ଚଗଲା ଭୀମୁ ସ୍ତମ୍ଭରେ କାର୍ଟୁନଟି ମତେ ସବୁଠୁ ବେଶି ଭଲ ଲାଗିଲା।

*-ଦେବରାଜ ଲେଙ୍କା, କୋରାପୁଟ*

## କବିତା

### ମାଟି

ମାଟି ଆମ ମାଆ ପରି
ଆମେ ତା'ର ସନ୍ତାନ
ମାଟି ବିନା ବଞ୍ଚିବାଟା
ହୁଏ ସାତ ସପନ।।
କେତେ ବନ ଉପବନ
ମାଟି କରେ ତିଆରି
ତାହା ପୁଣି ଉପକାର
କରେ ଆମ ସବୁରି।।
ମାଟି ତଳୁ ମିଳୁଥାଏ
କେତେ ଧନ ସମ୍ପଦ
ମାଟିରେ ବହୁଛି ଦେଖ
ନଦୀ କୂପ ହରଦ।।
ମାଆ ଭଳି ଜଗତକୁ
ନିଜେ ତା'ର କୋଳରେ
ଆଶ୍ରୟ ଦେଇଛି ବୋଲି
ମାଟି ତା'ର ନାଆଁରେ।।
ଏଇ ମାଟି ଯୋଗୁ ଆମ
ଆୟୁଷ ବି ବଢ଼େ ତ
ମାଟିରେ ମିଶିବା ଦିନେ
ଆମେ ଜୀବଜଗତ।।

**-ଶିବପ୍ରସାଦ ସାହୁ**
ଗୋପୀନାଥପୁର ସାହି,
ଚାନ୍ଦପୁର, ନୟାଗଡ଼



### ଭଲ ଲାଗେନି

ଅଜାଙ୍କୁ ଭଲ ଲାଗେନି ଜମା
ପାଖେ ନ ଥିଲେ ଆଇ,
ଭଉଣୀକୁ ତ ଭଲ ଲାଗେନି
ଦୂରେଇ ଗଲେ ଭାଇ।
ବାପାଙ୍କୁ ଭଲ ଲାଗେନି ଜମା
ବୋଉ କରିଲେ ଗାଳି,
ଅଭିନେତାଙ୍କୁ ଭଲ ଲାଗେନି
ନ'ମାରିଲେ କେ ତାଳି।
ଚଷାକୁ ଭଲ ଲାଗେନି ଜମା
ନ'ହୁଏ ଯଦି ବର୍ଷା,
ପରିଶ୍ରମୀକୁ ଭଲ ଲାଗେନି
କରିଲେ କେହି ଈର୍ଷା।
ପୁଲିସିଆଙ୍କୁ ଭଲ ଲାଗେନି
ଚୋରଟି ଗଲେ ଖସି,
ଶିଶୁର ମୁଖ ଭଲ ଲାଗେନି
ନ ଦେଲେ ଟିକେ ହସି।
ପ୍ରତିଦ୍ୱନ୍ଦ୍ୱୀକୁ ଭଲ ଲାଗେନି
ହୋଇଲେ ଆମେ ଶକ୍ତ,
ଭଗବାନଙ୍କୁ ଭଲ ଲାଗେନି
ଦୁଃଖରେ ଥିଲେ ଭକ୍ତ।

*-ଧୀରେନ୍ଦ୍ର ମଲ୍ଲିକ,*
*ନୀଳକଣ୍ଠପୁର,*
*ମଙ୍ଗଳପୁର, ଯାଜପୁର*

### ସଫେଇ ସାଥୀ

ନିଜ ଜୀବନକୁ ବାଜି ଲଗାଇ
କରନ୍ତି ସେବା ଯେତେ,
ସକାଳରୁ ସଞ୍ଜ ଗମଗମ ଝାଳ
ବହୁଥାଏ ଦେହୁ କେତେ।
ରାସ୍ତାଘାଟ ପୁଣି ନାଳ ନରଦମା
ପଚାଶଢ଼ା ଚିଜ ଯେତେ,
ନିଜ ହାତେ ସଫା କରନ୍ତି ହରଷେ
ଅରଜନ୍ତି ପୁଣ୍ୟ କେତେ ।
ଖରା କି ବରଷା, ଥୁରୁ ଥୁରୁ ଜାଡ଼
ନ ଥାଏ ତିଳେ ହେଁ ଡର,
ନିଜ କାମେ ସଦା ଢାଳି ଦେଇ ମନ
ବୁଲନ୍ତି ସେ ଘର ଘର।
ଆସୁ ପଛେ ରୋଗ ଅବା ମହାମାରୀ
ଜମା ତ ଖାତର ନାହିଁ,
ସମାଜର ହିତେ ଦାନଟି ମହାନ
କିଏ ବା କଳିବ କାହିଁ !
ଭାବିବାର ବେଳ ଆସିଛି ଏଥର
ତାଙ୍କ ଭଲ ମନ୍ଦ କଥା,
ସନମାନ ଯେତେ ଅଜାଡି ଦେବାରେ
ନୁଆଁଇ ଦେଇକି ମଥା।



ଆମ ଭଲ ପାଇଁ ଆଗେଇ ଆସନ୍ତି
ପରିବେଶ ସଫା କରି,
ସିଏ ପରା ଆମ ସଫେଇ ସାଥୀ ଯେ
କିଏ ଆଉ ତାଙ୍କ ସରି।

***-ଶରତ କୁମାର ଦାସ***
*ବଡବିଲ ମହାବିଦ୍ୟାଳୟ, କେନ୍ଦୁଝର*

## ଖିଲିଖିଲି ହସ

ଥରେ ସୋନୁକୁ ପ୍ରୀତମ ପଚାରିଲା, ଆରେ, ତୁ ଜାଣିଛୁ କି ବିଲେଇ କାହିଁକି ଲାଞ୍ଜ ହଲାଏ ? ପ୍ରୀତମ ଉତ୍ତର ଦେଲା, 'ନା, ମୁଁ ଜାଣିନାହିଁ। ତୁ ଯଦି ଜାଣିଛୁ ମୋତେ କହୁନୁ।' ସୋନୁ କହିଲା, 'ଆରେ ମୁଁ ଯଦି ଜାଣିଥାଆନ୍ତି ତାହେଲେ ତୋତେ କାହିଁକି ପଚାରି ଥାଆନ୍ତି ?' ପ୍ରୀତମ କହିଲା-ହଉ, ଏ ପ୍ରଶ୍ନକୁ ନେଇ ଆମ ଭିତରେ ଯୁକ୍ତିତର୍କ କରି କିଛି ଲାଭ ନାହିଁ। ବିଲେଇ କାହିଁକି ଲାଞ୍ଜ ହଲାଏ, ସେ ହିଁ ଜାଣିଥିବ।

କ୍ଲାସ ଚାଲିଥିବା ସମୟରେ ରୋହିତ ଠିଆ ହୋଇ କହିଲା, ସାର୍, ମୋର କିଛି କହିବାର ଅଛି। ସାର୍ କହିଲେ, ଆଚ୍ଛା ଠିକ୍ ଅଛି, ତୁ କ'ଣ କହିବାକୁ ଚାହୁଁଛୁ, କହ। ରୋହିତ କହିଲା, ସାର୍, ମୋ ପାଖରେ ଏପରି ଏକ ଆଇଡିଆ ଅଛି ଯାହାକୁ ଆପ୍ଲାଏ କରି ଜଣେ କାନ୍ଥ ଏପଟେ ରହି ସେପଟରେ କ'ଣ ଅଛି ତାହା ଦେଖିପାରିବ। ସାର୍ କହିଲେ, ଆରେ, ତୁ ତାହେଲେ ଏବେ ସମସ୍ତଙ୍କ ସାମନାରେ ସେହି ଆଉଡିଆଟି କହ। ସମସ୍ତେ ଜାଣିବେ। ରୋହିତ କହିଲା, ସାର୍, କାନ୍ଥରେ କଣା କରିଦେଲେ ଜଣେ ଏପଟେ ରହି ସେପଟ ଜିନିଷକୁ ଦେଖିପାରିବ।

## ତୁମ ପଢ଼ିବା ପାଇଁ

### ଫୁଲକଢ଼ି




କବିତା ମାଧ୍ୟମରେ ପିଲାମାନଙ୍କୁ ଅନେକ ବିଷୟରେ ନୀତିଶିକ୍ଷା ଦିଆଯାଇପାରେ। ସେପରି ଏକ ପ୍ରୟାସ କରି କବିତା ସଙ୍କଳନଟିଏ ରଚନା କରିଛନ୍ତି କବି ଗଦାଧର ପାତ୍ର। ଏହି ସଚିତ୍ର କବିତା ସଙ୍କଳନରେ ସନ୍ନିବେଶିତ ହୋଇଛି ଛୋଟପିଲାଙ୍କ ମନକୁ ଛୁଇଁଲା ଭଳି କବିତା। ସେଗୁଡିକ ମଧ୍ୟରେ ରହିଛି- ମା' ଗୋ ସରସ୍ୱତୀ, ମୋ ମାଆ, ସୁନାପିଲା ମିଲୁ, ସ୍ୱାଧୀନତା, ମହାନ ଓଡିଶା ଭୂଇଁ, ବରଷା ଆସିଲା, ଶଇତ ଋତୁ, ଆହେ ମଧୁବାବୁ ଭଳି ଶିକ୍ଷଣୀୟ କବିତା। ଏହାର ମୂଲ୍ୟ ରହିଛି ୧୦୦ ଟଙ୍କା। ଯୋଗାଯୋଗ : ଗଦାଧର ପାତ୍ର, ପାଟବିଲ, କରଞ୍ଜିଆ, ମୟୂରଭଞ୍ଜ

## ଚଗଲା ଭୀମୁ




## କହିଲ ଦେଖି

(୧)
ନାକ,ପାଟି,ଥୋଢ଼ି ଘୋଡ଼େଇ ଥାଏ
ବାନ୍ଧିବାକୁ କାନ ସାହାଯ୍ୟ ନିଏ
ଥିଲେ ଦିଶେ ନାହିଁ ମୁହଁର ହସ
ଭୂତାଣୁ ନ କରି ପାରେ ପ୍ରବେଶ
ବଜାରରେ ଏବେ ସବୁଠି ମିଳେ
କିଏ ଭିଡ଼ାଯାଏ ବିପଦ ବେଳେ।
ଉ-**ମାସ୍କ**



(୨)
ଖରା ଦିନ ହେଲେ ମିଳଇ ଦେଖା
ଆମ୍ବ ଭାଇର ସେ ଅସଲ ସଖା
କଞ୍ଚାରେ ପରିବା ପାଚିଲେ ଫଳ
ମଞ୍ଜି ହୁଏ ଭଜା ହୁଅଇ ଝୋଳ
ବଡ଼ସାନ ପୁଣି କେତେ ପ୍ରକାର
କହିଦିଅ ପିଲେ ନାମ ଏହାର।
ଉ-**ପଣସ**



(୩)
ଦୋକାନ ବଜାର ବଅନ୍ଦ ସବୁ
ଘରୁ ବାହାରକୁ ଯାଅନା ବାବୁ
ଚେନ୍ ଭାଙ୍ଗିବାକୁ ସବୁ ଏନାଟ
ବଅନ୍ଦ ଇସ୍କୁଲ,କଲେଜ ବାଟ
ଜଣା ନ ଥାଏ ଯେ କେତେଦିନିଆ
ଘରେ ରହିଥାଅ ନୋହି ଛାନିଆ
କ'ଣ କହନ୍ତି ଏହାକୁ କୁହ
ବନ୍ଦୀହୋଇ ଘରଭିତରେ ରୁହ
ଉ-**ଲକ୍‌ଡାଉନ୍**

**-ନିରଞ୍ଜନ ପତି,**
ଗାନ୍ଧୀ ମାର୍ଗ, ଅନୁଗୋଳ



ତୁମ ତୂଳୀରୁ


ପି. ଅଂଶୁଜିତ୍
କ୍ଲାସ-୮, କେଭିଏସ୍, ନୂଆଦିଲ୍ଲୀ


ଅଭିସୁମତ୍ ସାମଲ
କ୍ଲାସ-୧, ପ୍ରଭୁଜୀ ଇଂଲିଶ୍ ମିଡିୟମ୍ ସ୍କୁଲ, ଭୁବନେଶ୍ୱର


ରିୟାନ୍ସ ପଣ୍ଡା
କ୍ଲାସ- ୧, ରବୀନ୍ଦ୍ର ଭାରତୀ ଗ୍ଲୋବାଲ ସ୍କୁଲ, ବେଙ୍ଗାଲୁରୁ

ଧରିତ୍ରୀ
DHARITRI

www.orissakhabar.com/ www.dharitri.com | ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମେ ୨୯/୨୦୨୧ | Bhubaneswar, | Saturday, May 29/ 2021

# ଡ୍ର କିମ୍ବା ଟାଇ ରହିଲେ ଯୁଗ୍ମ ବିଜେତା




## ଗ୍ରେଡ୍-୧ ଡ୍ୟୁକ୍ ବଲ୍‌ରେ ମ୍ୟାଚ୍ ଖେଳାଯିବ

**ଦୁବାଇ,୨୮।୫(ପି.ଟି.)**

ଇଂଲଣ୍ଡର ସାଉଥାମ୍ପଟନରେ ଆୟୋଜନ ହେବାକୁ ଯାଉଥିବା ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ପ୍ରଥମ ସଂସ୍କରଣର ଫାଇନାଲ ମ୍ୟାଚ୍ ଡ୍ର କିମ୍ବା ଟାଇ ହେଲେ ଫଳାଫଳ କ'ଣ ହେବ ବୋଲି ପ୍ରଶଂସକଙ୍କ ମଧ୍ୟରେ ଚର୍ଚ୍ଚା ଚାଲିଥିଲା। ତେବେ ବର୍ତ୍ତମାନ ଏହି ଅନୁମାନ ତଥା ଚର୍ଚ୍ଚାର ଅନ୍ତ ଘଟିଛି। ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ୍ (ଆଇସିସି) ଶୁକ୍ରବାର ଏ ନେଇ ତା'ର ନିଷ୍ପତ୍ତି ଘୋଷଣା କରିଛି। ଏହି ନିର୍ଣ୍ଣାୟକ ମ୍ୟାଚ୍ ଟାଇ କିମ୍ବା ଡ୍ର ରହିଲେ ଦୁଇ ଦଳ ଭାରତ ଓ ନ୍ୟୁଜିଲାଣ୍ଡକୁ ଯୁଗ୍ମ ବିଜେତା ଘୋଷଣା କରାଯିବ ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଜୁନ୍ ୧୮ରୁ ୨୨ତାରିଖ ମଧ୍ୟରେ ଆୟୋଜନ ହେବାକୁ ଯାଉଥିବା ଏହି ମ୍ୟାଚ୍‌ରେ ଟାଇଟଲ ପାଇଁ ଭାରତ ଓ ନ୍ୟୁଜିଲାଣ୍ଡ ମୁହାଁମୁହିଁ ହେବେ।

ଫଳାଫଳ ନିଶ୍ଚିତ କରିବା ପାଇଁ ଆଇସିସି ଏକ ରିଜର୍ଭ ଡେ'ର ବ୍ୟବସ୍ଥା କରିଛି। ନିୟମିତ ୫ ଦିନରେ ଯଦି କୌଣସି କାରଣରୁ ମ୍ୟାଚ୍‌ର ସମୟ ଅପଚୟ ହୋଇଥାଏ ତାହାହେଲେ ରିଜର୍ଭ ଡେ'ର ସହାୟତା ନିଆଯିବ ବୋଲି ଆଇସିସି କହିଛି। ତେବେ ଏହି ନିୟମ ନୂଆ କିଛି ନୁହଁ। ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଆରମ୍ଭ ହେବା ପୂର୍ବରୁ ୨୦୧୮ରେ ଏହି ଦୁଇଟି ନିୟମ ନେଇ ନିଷ୍ପତ୍ତି ନିଆଯାଇଥିଲା। ସମ୍ପୂର୍ଣ୍ଣ ୫ ଦିବସ ଖେଳ ଆୟୋଜନର ବ୍ୟବସ୍ଥା ପାଇଁ ଏହି ରିଜର୍ଭ ଡେ'ର ବ୍ୟବସ୍ଥା କରାଯାଇଛି। ବର୍ଷା କିମ୍ବା ଖରାପ ପାଗ ଯୋଗୁ ଖେଳ ବାଧାପ୍ରାପ୍ତ ହେଲେ ରିଜର୍ଭ ଡେ'ର ବ୍ୟବହାର ହେବ।

ତେବେ ସମ୍ପୂର୍ଣ୍ଣ ୫ଦିନ ଖେଳ ସମ୍ଭବ ହେଲା ପରେ କୌଣସି ଅତିରିକ୍ତ ଦିବସର ଆବଶ୍ୟକତା ରହିବ ନାହିଁ। ଏଭଳି ସ୍ଥିତିରେ ମ୍ୟାଚ୍ ଅମୀମାଂସିତ ରହିଲା ବୋଲି ଘୋଷଣା କରାଯିବ ବୋଲି ଆଇସିସି ତରଫରୁ କୁହାଯାଇଛି। ପୁଣି ମ୍ୟାଚ୍ ଚାଲିଥିବା ଅବସରରେ ସମୟ ନଷ୍ଟ ହୋଇଥିଲେ ଆଇସିସି ମ୍ୟାଚ୍ ରେଫରି ନିୟମିତ ଭାବେ ଦୁଇ ଦଳ ଓ ଗଣମାଧ୍ୟମକୁ କିଭଳି ରିଜର୍ଭ ଡେ'ର ବ୍ୟବହାର ହେବ ସେ ନେଇ ଅପ୍‌ଡେଟ ଦେବା ସହ ସୂଚନା ଦେବେ। ପଞ୍ଚମ ଦିବସର ଅନ୍ତିମ ଘଣ୍ଟା ଖେଳର ଆରମ୍ଭ ପୂର୍ବରୁ ରିଜର୍ଭ ଡେ'ର ଆବଶ୍ୟକତା ଓ ବ୍ୟବହାର ନେଇ ଅନ୍ତିମ ନିଷ୍ପତ୍ତି ନିଆଯିବ।

ଏହି ହାଇପ୍ରୋଫାଇଲ ମ୍ୟାଚ୍ ପୂର୍ବରୁ ଭାରତ ଘରୋଇ ପରିବେଶରେ ଏସ୍‌ଜି ବଲ୍ ଓ ନ୍ୟୁଜିଲାଣ୍ଡ କୋକାବୁରା ବଲର ବ୍ୟବହାର କରିଥିଲା। ତେବେ ଏହି ଫାଇନାଲ ମ୍ୟାଚ୍ ଗ୍ରେଡ୍ ୧ ଡ୍ୟୁକ ବଲ୍‌ରେ ଖେଳାଯିବ। ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ୍‌ରେ ଏହି ବଲ୍‌ରେ ମ୍ୟାଚ୍ ଖେଳାଯାଇଥାଏ। ତେବେ ଭାରତ, ପାକିସ୍ତାନ, ଶ୍ରୀଲଙ୍କା ଭଳି ଦେଶରେ ଏସ୍‌ଜି ବଲ୍‌ର ବ୍ୟବହାର ହୋଇଥାଏ। ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କୋକାବୁରା ବଲ୍ ବ୍ୟବହାର କରାଯାଇଥାଏ।

ସେହିପରି ଗତ ଫେବୃୟାରୀରେ ଡିସିସନ ରିଭ୍ୟୁ ସିଷ୍ଟମ୍ (ଡିଆରଏସ୍) ଓ ଅମ୍ପାୟର୍ସ କଲ୍‌କୁ ନେଇ ଯେଉଁ ନିଷ୍ପତ୍ତି ନିଆଯାଇଥିଲା ତାହା ଜାରି ରହିବ ବୋଲି ଆଇସିସି ତରଫରୁ ସ୍ପଷ୍ଟ କରାଯାଇଛି। ଅନ୍ତର୍ଜାତୀୟ ପ୍ଲେଇଂ କଣ୍ଡିଶନରେ ୩ଟି ପରିବର୍ତ୍ତନ ହୋଇଛି ଓ ଏହି ୩ଟି ନିୟମ ବାଂଲାଦେଶ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ହୋଇଥିବା ୱାର୍ଲ୍ଡ କପ୍ ସୁପର ଲିଗ୍ ସିରିଜରେ କାର୍ଯ୍ୟକାରୀ ହୋଇଥିଲା। ଶର୍ଟ ରନ୍, ପ୍ଲେୟାର୍ସ ରିଭ୍ୟୁ ଓ ଡିଆରଏସ୍‌କୁ ନେଇ ପରିବର୍ତ୍ତିତ ନିୟମର ବ୍ୟବହାର ଏହି ଫାଇନାଲ ମ୍ୟାଚ୍‌ରେ କରାଯିବ।

ଶର୍ଟ ରନ୍ ବାବଦରେ ତୃତୀୟ ଅମ୍ପାୟର ସ୍ୱତଃପ୍ରବୃତ୍ତ ଭାବେ ଅନ୍ ଫିଲ୍ଡ ଅମ୍ପାୟରଙ୍କ ନିଷ୍ପତ୍ତିର ରିଭ୍ୟୁ କରିବେ ଓ ଏହା ପରବର୍ତ୍ତୀ ବଲ୍ ପୂର୍ବରୁ ନିଜର ନିଷ୍ପତ୍ତି ଜଣାଇବେ। ସେହିପରି ପ୍ଲେୟାର୍ସ ରିଭ୍ୟୁ ନେଇ ଫିଲ୍ଡିଂ ଅଧିନାୟକ କିମ୍ବା ଆଉଟ ହୋଇଥିବା ବ୍ୟାଟ୍ସମ୍ୟାନ ଅମ୍ପାୟରଙ୍କ ସହ ଆଲୋଚନା କରି ନିଷ୍ପତ୍ତି ନେବେ। ଅମ୍ପାୟରଙ୍କ ସହ ଆଲୋଚନା କରିବା ପରେ ଏଲ୍‌ବିଡବ୍ଲ୍ୟୁ ପାଇଁ ରିଭ୍ୟୁ କରାଯାଇପାରିବ।

ଅନ୍ୟପଟେ ଡିଆରଏସ୍ ରିଭ୍ୟୁ ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଛି। ଏଲ୍‌ବିଡବ୍ଲ୍ୟୁ ରିଭ୍ୟୁ ପାଇଁ ଉଇକେଟ ଜୋନର ଉଚ୍ଚତାକୁ ଷ୍ଟମ୍ପର ଉପରିଭାଗ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଯଦି ବଲର ୫୦ ପ୍ରତିଶତ ଅଂଶ ବେଲ୍‌ର ଉପରଭାଗକୁ ମିସ୍ କରୁଥାଏ ତା'ହେଲେ ଅମ୍ପାୟର୍ସ କଲ୍ ଦିଆଯିବ। କିନ୍ତୁ ପୂର୍ବରୁ କଥା ଅଲଗା ଥିଲା। ଅର୍ଥାତ୍ ଯଦି ବଲ୍‌ର ୫୦ ପ୍ରତିଶତ ଅଂଶ ବେଲ୍‌ର ସର୍ବନିମ୍ନ ଭାଗକୁ ଛୁଉଁଥାଏ ତା'ହେଲେ ଅମ୍ପାୟର୍ସ କଲ୍ ହେଉଥିଲା। ଏହି ନୂଆ ନିୟମରେ ଉଇକେଟ ପତନର ଅଧିକ ସମ୍ଭାବନା ରହିବ।

# ଷ୍ଟେଜ୍ ୧୯ ଜିତିଲେ ସିମନ ୟେଟ୍ସ




## ଗିରୋ ଡି' ଇଟାଲିଆ

**ରୋମ୍, ୨୮।୫**

ଗ୍ରେଟ୍ ବ୍ରିଟେନର ସିମନ ୟେଟ୍ସ (ଟିମ୍ ବାଇକ୍ ଏକ୍ସଚେଞ୍ଜ) ଗିରୋ ଡି' ଇଟାଲିଆ ସାଇକ୍ଲିଂ ରେସ୍‌ର ୧୯ତମ ଷ୍ଟେଜ୍ ଜିତିଛନ୍ତି। ଆବିଏଟ୍ରାସୋଠାରୁ ଆଲ୍ପ ଡି' ମିରା ପର୍ଯ୍ୟନ୍ତ ୧୬୬ କିଲୋମିଟର ବିଶିଷ୍ଟ ଏହି ମାଉଣ୍ଟେନ ଷ୍ଟେଜ୍‌କୁ ସେ ୪ ଘଣ୍ଟା ୨ ମିନିଟ୍ ଓ ୫୫ ସେକେଣ୍ଡ ଟାଇମିଂରେ ଶେଷ କରିଥିଲେ। ତାଙ୍କଠାରୁ ୧୧ ସେକେଣ୍ଡ ପଛରେ ପର୍ତ୍ତୁଗାଲର ଜୋଆଓ ଅଲମିଦା (ଡେସିଉନିକ୍ କୁଇକ୍ ଷ୍ଟେପ୍) ଦ୍ୱିତୀୟ ଏବଂ ୨୮ ସେକେଣ୍ଡ ପଛୁଆ ରହି କଲମ୍ବିଆର ଇଗାନ ବର୍ନାଲ ଗୋମେଜ୍ (ଇନୋସ୍ ଗ୍ରେନାଡିଅର୍ସ) ତୃତୀୟ ହୋଇଥିଲେ। ରେସ୍‌ରେ ସିମନଙ୍କୁ ଅଲମିଦା ଓ ବର୍ନାଲ କଡ଼ା ଟକ୍କର ଦେଇଥିଲେ। ଚତୁର୍ଥରୁ ଦଶମ ସ୍ଥାନ ଯଥାକ୍ରମେ ଡାମିଆନୋ କାରୁସୋ (ଇଟାଲୀ), ଆଲେକ୍‌ସାଣ୍ଡର ୱ୍ଲାସୋଭ (ରୁଷିଆ), ଡାନିଏଲ ମାର୍ଟିନ (ଆୟର୍ଲାଣ୍ଡ), ଡାନିଏଲ ମାର୍ଟିନେଜ୍ ପୋଭେଡା (କଲମ୍ବିଆ), କୋଏନ୍ ବୋମାନ (ନେଦରଲାଣ୍ଡ୍ସ), ଟୋବିଏସ୍ ଫସ୍ (ନରୱେ) ଓ ରୋମେନ ବାର୍ଡେଟ୍ (ଫ୍ରାନ୍ସ) ଅଧିକାର କରିଥିଲେ। ୧୯ତମ ଷ୍ଟେଜ୍ ପରେ ଜେନେରାଲ କ୍ଲାସିଫିକେଶନରେ ଇଗାନଲ ବର୍ନେଲ ଗୋମେଜ (୮୧:୧୩:୩୬) ପ୍ରଥମ ସ୍ଥାନରେ ରହିଥିବା ବେଳେ ତାଙ୍କଠାରୁ ୦:୦୨:୨୯ ବ୍ୟବଧାନରେ ଡାମିଆନୋ କାରୁସୋ ଦ୍ୱିତୀୟ ଏବଂ ୦:୦୨:୪୯ ବ୍ୟବଧାନରେ ସିମନ ୟେଟ୍ସ ତୃତୀୟ ସ୍ଥାନରେ ରହିଛନ୍ତି। ଶନିବାର ଭର୍ବାନିଆରୁ ଭାଲି ସ୍ୱଲଗା ୧୬୪ କିଲୋମିଟର ବିଶିଷ୍ଟ ୨୦ତମ ଷ୍ଟେଜ୍ ଅନୁଷ୍ଠିତ ହେବ।




### ଏଭରେଷ୍ଟ ଦିବସର ଶୁଭେଚ୍ଛା ଜଣାଇଲେ ଗଣେଶ



**ଭୁବନେଶ୍ୱର, ୨୮।୫ (କ୍ରୀଡ଼ା ପ୍ରତିନିଧି):** ମେ' ୨୯ ହେଉଛି ଏଭରେଷ୍ଟ ଦିବସ। ୧୯୫୩ ମେ' ୨୯ରେ ସାର୍ ଏଡ୍‌ମୁଣ୍ଡ ହିଲାରି ଏବଂ ତେନ୍‌ଜିଂ ନର୍ଗେ ପ୍ରଥମେ ମାଉଣ୍ଟ ଏଭରେଷ୍ଟ ଆରୋହଣ କରିଥିଲେ। ୨୦୦୮ରେ ନର୍ଗେଙ୍କ ପରଲୋକ ପରଠାରୁ ମେ'୨୯କୁ ଏଭରେଷ୍ଟ ଦିବସଭାବେ ପାଳନ କରାଯାଉଛି। ଏପରି ଏକ ଦିବସର ଅବ୍ୟବହିତ ପୂର୍ବରୁ ଓଡ଼ିଶାର ପ୍ରଥମ ପୁରୁଷ ଏଭରେଷ୍ଟ ଆରୋହୀ ଗଣେଶ ଜେନା ସମସ୍ତ ପର୍ବତାରୋହୀ, ଦୁଃସାହସିକ କ୍ରୀଡ଼ାପ୍ରେମୀ ବିଶେଷକରି ଯୁବପିଢ଼ିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଗଣେଶ ଇତିମଧ୍ୟରେ ନିଜ ଏଭରେଷ୍ଟ ଆରୋହଣର ୧୦ ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ଏହା ବ୍ୟତୀତ ଏକମାତ୍ର ଭାରତୀୟ ଭାବେ ସେ କ୍ରମାଗତ ୭ ବର୍ଷ ଧରି ଏଭରେଷ୍ଟ ମାରାଥନରେ ଅଂଶଗ୍ରହଣ କରିଛନ୍ତି।

# ରିଭ୍ୟୁରେ ହାରିଲେ ସାକ୍ଷୀ

**ଦୁବାଇ, ୨୮।୫(ପି.ଟି.)**



ଦିନା ଝୋଲାମାନ


ସାକ୍ଷୀ

## ଏସିଆନ ବକ୍ସିଂ ଚାମ୍ପିୟନଶିପ୍ ଫାଇନାଲ

ଏଠାରେ ଚାଲିଥିବା ଏସିଆନ ବକ୍ସିଂ ଚାମ୍ପିୟନଶିପ୍‌ର ଫାଇନାଲରେ ଭାରତର ସାକ୍ଷୀ ଚୌଧାରୀ (୫୪ କେଜି) ରିଭ୍ୟୁରେ ଲଢ଼େଇ ହାରି ଯାଇଛନ୍ତି। ମହିଳା ବାଣ୍ଟମୱେଟ ୫୪ କେଜି ଲଢ଼େଇ ପରେ ସାକ୍ଷୀ ୩-୨ରେ ବିଜୟ ହାସଲ କରିଥିବା ରେଫରି ଘୋଷଣା କରିଥିଲେ। ମାତ୍ର ତାହାକୁ ପ୍ରତିଦ୍ୱନ୍ଦ୍ୱୀ କାଜାଖସ୍ତାନର ଦିନା ଝୋଲାମାନ ଚ୍ୟାଲେଞ୍ଜ କରିଥିଲେ। ପରେ ଫଳାଫଳ ଓଲଟି ଯାଇଥିଲା। ଅଫିସିଆଲ ରେଜଲ୍ଟ ଶିଟ୍‌ରେ ଝୋଲାମାନ ୩-୨ରେ ବିଜୟୀ ହୋଇଥିବା ଘୋଷଣା ହୋଇଥିଲା। ଏସିଆନ ବକ୍ସିଂ କନ୍‌ଫେଡେରେଶନ ପକ୍ଷରୁ ଏହା ସ୍ପଷ୍ଟ କରାଯାଇଛି।

ସାକ୍ଷୀଙ୍କ ସପକ୍ଷରେ ରେଫରି ଫଳାଫଳ ଘୋଷଣା କରିବା ପରେ କାଜାଖ ଟିମ୍ ୩ୟ ରାଉଣ୍ଡକୁ ରିଭ୍ୟୁ ପାଇଁ ଆବେଦନ କରିଥିଲା। ଏହି ରାଉଣ୍ଡରେ ତାଙ୍କ ବକ୍ସରଙ୍କ ସପକ୍ଷରେ ପଏଣ୍ଟ ଆସିବା କଥା ବୋଲି ସେମାନେ ଅନୁଭବ କରିଥିଲେ। ରିଭ୍ୟୁ ସମୟରେ ଜୁରି ସଦସ୍ୟମାନେ ସେମାନଙ୍କ ଭୁଲ ବୁଝିପାରିଥିଲେ ଏବଂ ଫଳାଫଳକୁ ଓଲଟାଇବାକୁ ବାଧ୍ୟ ହୋଇଥିଲେ। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏଶନ (ଏଆଇବିଏ) ପକ୍ଷରୁ ବାଉଟ୍ (ଲଢ଼େଇ) ରିଭ୍ୟୁ ସିଷ୍ଟମ୍ ୨୦୧୯ରେ ପ୍ରଣୟନ କରାଯାଇଥିଲା। ''ଏହି ଲଢ଼େଇ ଅତ୍ୟନ୍ତ ସଂଘର୍ଷପୂର୍ଣ୍ଣ ହୋଇଥିଲା। ମାତ୍ର ଫଳାଫଳ ଓଲଟିଯିବା ପରେ ସାକ୍ଷୀ ଖୁବ୍ ଭାଙ୍ଗି ପଡ଼ିଥିଲେ। ମାତ୍ର ସେ ଜଣେ ଯୁବ ବକ୍ସର। ୨୦୨୪ ଅଲିମ୍ପିକ୍ସକୁ ଫୋକସ୍ କରିବା ପାଇଁ ମୁଁ ତାଙ୍କୁ ପରାମର୍ଶ ଦେଇଥିଲି। ପରେ ସେ ହାଲୁକା ଅନୁଭବ କରୁଛନ୍ତି'' ବୋଲି ଭାରତୀୟ ମହିଳା ବକ୍ସିଂ ହାଇ ପରଫରମାନ୍ସ ନିର୍ଦ୍ଦେଶକ ରାଫେଲ ବେର୍ଗାମାସ୍କୋ ପ୍ରକାଶ କରିଛନ୍ତି। କୌଣସି ଲଢ଼େଇରେ ପରାଜିତ ବକ୍ସରଙ୍କ ଟିମ୍ ମ୍ୟାନେଜର କିମ୍ବା ମୁଖ୍ୟ କୋଚ୍ ଫଳାଫଳ ଘୋଷଣାର ୧୫ ମିନିଟ ମଧ୍ୟରେ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିପାରିବେ। କାଗଜପତ୍ର ପ୍ରସ୍ତୁତ କରିବାକୁ ସେମାନଙ୍କୁ ଆଉ ୩୦ ମିନିଟ ସମୟ ଦିଆଯିବ। ତେବେ ଫଳାଫଳ ଯଦି ୫-୦ କିମ୍ବା ୪-୧ ରହିଥାଏ ତେବେ ରିଭ୍ୟୁ ପାଇଁ ଆବେଦନ ହୋଇପାରିବ ନାହିଁ। ''କୌଣସି ପକ୍ଷ ଆବେଦନ କଲେ ବୈଷୟିକ ପ୍ରତିନିଧିମାନେ ବାଉଟ୍ ରିଭ୍ୟୁ ଜୁରିଙ୍କ ସହ ଆଲୋଚନା ପରେ ଏହା ରିଭ୍ୟୁ ପାଇଁ ଉପଯୁକ୍ତ କି ନୁହେଁ ତାହା ନିଷ୍ପତ୍ତି ନିଅନ୍ତି। ସେମାନଙ୍କର ହୃଦୟଙ୍ଗମ ହେଲେ ଜୁରି, ପର୍ଯ୍ୟବେକ୍ଷକ, ରେଫରି ଏବଂ ଜଜ୍ ମୂଲ୍ୟ ନିର୍ଦ୍ଧାରକଙ୍କ ଦ୍ୱାରା ବାଉଟ ରିଭ୍ୟୁ ହୋଇଥାଏ ବୋଲି ଏଆଇବିଏ ପକ୍ଷରୁ ପ୍ରକାଶ କରାଯାଇଛି।

### ବିସିସିଆଇ ସ୍ୱତନ୍ତ୍ର ସାଧାରଣ ବୈଠକ ଆଜି

**ନୂଆଦିଲ୍ଲୀ, ୨୮।୫ (ପି.ଟି.):** ବିସିସିଆଇର ସ୍ୱତନ୍ତ୍ର ସାଧାରଣ ବୈଠକ (ଏସ୍‌ଜିଏମ୍) ଶନିବାର ଭର୍ଚୁଆଲି ଅନୁଷ୍ଠିତ ହେବ। ବର୍ତ୍ତମାନ ପାଇଁ ସସ୍‌ପେଣ୍ଡ ରଖାଯାଇଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ ସଂଯୁକ୍ତ ଆରବ ଏମିରେଟ୍ସରେ କରାଇବା। ଏଥିପାଇଁ ସେପ୍ଟେମ୍ବର ୧୫ରୁ ଅକ୍ଟୋବର୧୫ ମଧ୍ୟରେ ସମୟ ବାହାର କରିବା ବିଷୟ ଆଲୋଚନା ହେବ। ଭାରତରେ ଦେଖାଦେଇଥିବା କରୋନା ମହାମାରୀକୁ ଦୃଷ୍ଟିରେ ରଖି ଆଗାମୀ କ୍ରିକେଟ ସିଜନ ଉପରେ ମଧ୍ୟ ଏଥିରେ କଥାବାର୍ତ୍ତା ହେବ। ବୈଠକରେ ସଦସ୍ୟମାନେ ଆଇସିସି ଟି୨୦ ବିଶ୍ୱକପ୍ ଉପରେ ଆଲୋଚନା କରିବେ। ଗତ ରଣଜୀ ସିଜନ ବାତିଲକୁ ନେଇ ଘରୋଇ କ୍ରିକେଟରମାନଙ୍କ ଲାଗି କ୍ଷତିପୂରଣ ପ୍ୟାକେଜ ସଂକ୍ରାନ୍ତ ବିଷୟ ଏଥିରେ ଅଣ ଆନୁଷ୍ଠାନିକ ଭାବେ ସ୍ଥାନ ପାଇପାରେ। ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ବମ୍ବେରେ ଥାଇ ଏହି ବୈଠକରେ ଅଧ୍ୟକ୍ଷତା କରିବେ ବୋଲି ଆଶା କରାଯାଉଛି।

# ସାଇନା, ଶ୍ରୀକାନ୍ତଙ୍କ ଅଲିମ୍ପିକ୍ ଆଶା ଶେଷ


ସାଇନା ନେହ୍ୱାଲ ଓ କିଡାମ୍ବୀ ଶ୍ରୀକାନ୍ତ।

**ନୂଆଦିଲ୍ଲୀ,୨୮।୫(ପି.ଟି.):** ଭାରତୀୟ ବ୍ୟାଡ୍‌ମିଣ୍ଟନ ତାରକା କିଡାମ୍ବୀ ଶ୍ରୀକାନ୍ତ ଓ ସାଇନା ନେହ୍ୱାଲଙ୍କ ଅଲିମ୍ପିକ୍ ଖେଳିବାର କ୍ଷୀଣ ଆଶାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିବାକୁ ଏହି ଦୁଇ ଖେଳାଳିଙ୍କ ନିକଟରେ କ୍ଷୀଣ ଆଶା ରହିଥିଲା। ତେବେ ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) କ୍ୱାଲିଫିକେଶନ ପିରିୟଡ୍‌ରେ ଆଉ କୌଣସି ଟୁର୍ନାମେଣ୍ଟ ଆୟୋଜନ ହେବନାହିଁ ବୋଲି ଶୁକ୍ରବାର ସ୍ପଷ୍ଟ କରିବା ପରେ ଏହି ଦୁଇ ଖେଳାଳି ନିରାଶ ହୋଇଛନ୍ତି। ପୁଣି ବର୍ତ୍ତମାନ ପାଇଁ ର୍‍ୟାଙ୍କିଙ୍ଗ୍ ତାଲିକାରେ ମଧ୍ୟ କୌଣସି ପରିବର୍ତ୍ତନ କରାଯିବ ନାହିଁ ବୋଲି ବିଡବ୍ଲ୍ୟୁଏଫ୍ ସ୍ପଷ୍ଟ କରିଛି। ତେଣୁ ଏହି ଦୁଇ ତାରକା ଖେଳାଳିଙ୍କ ଟୋକିଓ ଅଲିମ୍ପିକ୍ ଖେଳିବା ଆଶା ସମ୍ପୂର୍ଣ୍ଣ ଭାବେ ଶେଷ ହୋଇଛି।

ପୂର୍ବରୁ କୋଭିଡ୍-୧୯ ମହାମାରୀ ପାଇଁ ସିଙ୍ଗାପୁରରେ ଆୟୋଜନ ହେବାକୁ ଥିବା ଅଲିମ୍ପିକ୍ସ କ୍ୱାଲିଫାୟର୍ସ ବାତିଲ ହୋଇଥିଲା। ସେତେବେଳେ ପୂର୍ବତନ ୧ ନମ୍ବର ଖେଳାଳି ଶ୍ରୀକାନ୍ତ ଓ ଲଣ୍ଡନ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାଇନାଙ୍କ ଅଲିମ୍ପିକ୍ ଖେଳିବା ଆଶାକୁ ଧକ୍କା ଲାଗିଥିଲା। ତେବେ ବିଡବ୍ଲ୍ୟୁଏଫ୍ ସେତେବେଳେ କ୍ୱାଲିଫାଇଙ୍ଗ ଟୁର୍ନାମେଣ୍ଟ ନେଇ ଆଉ ଏକ ତାରିଖ ଧାର୍ଯ୍ୟ କରାଯିବ ବୋଲି କହିଥିଲା। ଫଳରେ ଦୁଇ ଖେଳାଳିଙ୍କ ନିକଟରେ କ୍ଷୀଣ ଆଶା ରହିଥିଲା। ଜୁନ୍ ୧୫ ତାରିଖରେ କ୍ୱାଲିଫାଇଂ ପିରିୟଡ ଶେଷ ହେଉଛି। ମହାମାରୀକୁ ଦୃଷ୍ଟିରେ ରଖି ଏହି ୱିଣ୍ଡୋକୁ ଦୁଇମାସ ଅର୍ଥାତ୍ ଜୁନ ୧୫ ତାରିଖକୁ ଘୁଞ୍ଚାଇ ଦିଆଯାଇଥିଲା। କିନ୍ତୁ ମହାମାରୀର ପ୍ରଭାବ ଏବେ ମଧ୍ୟ କମିନାହିଁ। ଫଳରେ ବିଡବ୍ଲ୍ୟୁଏଫ୍ ଇଣ୍ଡିଆ ଓପନ, ମାଲେସିଆ ଓପନ ଓ ସିଙ୍ଗାପୁର ଓପନ୍‌କୁ ବାତିଲ କରିବାକୁ ବାଧ୍ୟ ହୋଇଛି। ଫଳରେ ଶ୍ରୀକାନ୍ତ ଓ ସାଇନାଙ୍କୁ ଶେଷରେ ନିରାଶ ହେବାକୁ ପଡିଛି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ଗଣମାଧ୍ୟମ ପ୍ରତିନିଧିଙ୍କୁ ଅକ୍ସିମିଟର ବଣ୍ଟନ

**କଟକ ଅଫିସ:** ବରିଷ୍ଠ ଆଇନଜୀବୀ ବିଜୟ କୁମାର ଦାଶ ଶୁକ୍ରବାର ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଅକ୍ସିମିଟର ବଣ୍ଟନ କରିଛନ୍ତି। ଏ ନେଇ ସେ କହିଛନ୍ତି, କରୋନାର ଦ୍ୱିତୀୟ ଲହର ସମୟରେ ସମ୍ମୁଖ ଯୋଦ୍ଧା ଗଣମାଧ୍ୟମ ପ୍ରତିନିଧିମାନେ କାର୍ଯ୍ୟ କରୁଛନ୍ତି। ଅକ୍ସିମିଟର ଦ୍ୱାରା ସେମାନେ ଅକ୍ସିଜେନ ମାତ୍ରା କେତେ ରହୁଛି ତାହା ମାପି ଉପକୃତ ହୋଇପାରିବେ। କଟକ କନିକାଛକସ୍ଥିତ ପୂଜାମଣ୍ଡପ ସମ୍ମୁଖରେ ଆୟୋଜିତ ଅକ୍ସିମିଟର ବଣ୍ଟନ କାର୍ଯ୍ୟକ୍ରମରେ ଆଇନଜୀବୀ ରାଜ ଭୂଷଣ ଦାଶ, ସ୍ମୃତିରଞ୍ଜନ ଦାଶ, ଜ୍ଞାନରଞ୍ଜନ ପରିଡା, ରାଜନ ପରିଡା, ବସନ୍ତ ନାୟକ ଓ ଚନ୍ଦନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ।

# ଉପହାର ଲୋଭରେ ହରାଇଲେ ୩.୯୫ ଲକ୍ଷ

ଭୁବନେଶ୍ୱର,୨୮।୫(ବ୍ୟୁରୋ)



**ସାଇବର ଠକେଇ**
- ମାଟ୍ରିମୋନିରେ ବିବାହ ପାଇଁ ଦେଇଥିଲେ ବିଜ୍ଞାପନ
- ୟୁକେରେ ନିଜକୁ ଡାକ୍ତର ଥିବା କହିଥିଲେ ଯୁବତୀ

ଜଣେ ଯୁବକ ବିବାହ କରିବାକୁ ଯାଇ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେବା ପରେ ବଡ଼ଧରଣର ସାଇବର ଠକେଇର ଶିକାର ହୋଇଛନ୍ତି। ସେଥିରେ ଜଣେ ଯୁବତୀ ତାଙ୍କୁ ଚୂନ ଲଗାଇ ୩ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା କଟକ ଜିଲା ନେମାଳୋ ଥାନା ଗୋପୀନାଥପୁର ଗ୍ରାମର ସର୍ବପ୍ରସନ୍ନ ପଣ୍ଡା (୪୨) ଏ ନେଇ ଶୁକ୍ରବାର ସାଇବର ସେଲରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେ ବିବାହ କରିବାକୁ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେଇଥିଲେ। ସେଥିରେ ଜଣେ ଯୁବତୀ ତାଙ୍କ ନମ୍ବରକୁ ଫୋନ କରିଥିଲେ। ଉକ୍ତ ଯୁବତୀ ନିଜକୁ ୟୁକେରେ ଡାକ୍ତର ଅଛନ୍ତି ବୋଲି କହିବା ପରେ ସର୍ବପ୍ରସନ୍ନ ତାଙ୍କ ସହ କଥା ହୋଇଥିଲେ। ଏପରିକି ଯୁବତୀ ବିଦେଶରୁ ଫେରି ତାଙ୍କୁ ବିବାହ କରିବେ ବୋଲି କହିଥିଲେ। ତେବେ ଯୁବତୀ ସର୍ବପ୍ରସନ୍ନଙ୍କ ବିଶ୍ୱାସ ଜିଣି ଲୁଟିବାକୁ ଚକ୍ରାନ୍ତ କରିଥିଲେ। ସେ ୟୁକେରୁ ତାଙ୍କ ପାଇଁ ଉପହାର ଆକାରରେ ସୁନା ଚେନ୍, ଘଡି ସହ କିଛି ଡଲାର କୋରିଅରରେ ପଠାଇବା ପାଇଁ ଠିକଣା ମାଗିଥିଲେ। ଏସବୁ ପାଇବା ଆଶାରେ ସର୍ବପ୍ରସନ୍ନ ନିଜ ଘରର ଠିକଣା ଦେଇଥିଲେ। ଠିକଣା ଦେବାର ୨ରୁ ୩ ଦିନ ପରେ ତାଙ୍କୁ ଫୋନ କଲ ଆସିଥିଲା। ଦିଲ୍ଲୀ ଏୟାରପୋର୍ଟରେ ତାଙ୍କ ନାମରେ ଏକ ପାର୍ସଲ ଆସିଛି ବୋଲି ଜଣେ ଯୁବକ ଫୋନ କରି କହିଥିଲେ। ଠିକଣାରେ ପହଞ୍ଚିବା ପାଇଁ ପ୍ରଥମେ ୩୮ ହଜାର ପରେ ପଞ୍ଜୀକରଣ ପାଇଁ ୯୭ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ଏପରିକି ସେଥିରେ ଥିବା ଡଲାର ୩୭ ଲକ୍ଷ ଟଙ୍କା ହେବ, ଏହି ଡଲାରକୁ ଭାରତୀୟ ମୁଦ୍ରାରେ ରୂପାନ୍ତର ହେବା ପାଇଁ ୨ ଲକ୍ଷ ୬୦ ହଜାର ଦେବାକୁ ପଡ଼ିବ ବୋଲି ଉକ୍ତ ଯୁବକ କହିଥିଲେ। ଏଥିରେ ସର୍ବପ୍ରସନ୍ନ ଲୋଭରେ ପଡ଼ି ଏକ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଠାଇ ଦେଇଥିଲେ। ଏହିପରି ବିଭିନ୍ନ ଆଳରେ ସର୍ବମୋଟ ୩ ଲକ୍ଷ ୯୫ ହଜାର ଦେଇଥିଲେ। ତଥାପି ଉପହାର ପହଞ୍ଚିବା ପାଇଁ ଆଉ ୫ ଲକ୍ଷ ଟଙ୍କା ମାଗିବାରୁ ସେ ସନ୍ଦେହ କରିଥିଲେ। ପରେ ହଠାତ୍ ଫୋନ କଟିଯିବାରୁ ସେହି ନମ୍ବରରେ କଲ୍ କରିବା ସତ୍ତ୍ୱେ ନ ଲାଗିବାରୁ ଠକାମିର ଶିକାର ହୋଇଥିବା ସେ ଜାଣିପାରିଥିଲେ।



ଲକ୍‌ଡାଉନ୍ କଟକଣା ସତ୍ତ୍ୱେ ଶୁକ୍ରବାର ଅପରାହ୍ନରେ ଯୋବ୍ରା ଆନିକଟ ବ୍ରିଜ୍ ଉପରେ ବହୁ ସଂଖ୍ୟାରେ ଚଳପ୍ରଚଳ କରୁଥିବା ଯାନବାହନ।

## ସଂକ୍ଷେପରେ

### ବିଶୋଧନ ହେଲା ସରକାରୀ କାର୍ଯ୍ୟାଳୟ, ବଜାର

**କଟକ ସଦର,୨୮।୫(ଡି.ଏନ.ଏ.):** କଟକ ସଦର ନିର୍ବାଚନ ମଣ୍ଡଳୀ ଅଧୀନ ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ବଜାର ଓ ଧାର୍ମିକ ଅନୁଷ୍ଠାନକୁ ଉତ୍କଳ ବିକାଶ ପରିଷଦ ପକ୍ଷରୁ ବିଶୋଧନ କରାଯାଇଥିଲା। ପରିଷଦର ସ୍ୱେଚ୍ଛାସେବୀମାନେ କିଶୋରନଗର, ୪୨ ମୌଜା, କନ୍ଦରପୁର ଓ ଫୁଲନଖରା ଅଞ୍ଚଳରେ ଥିବା ବ୍ୟାଙ୍କ, ଡାକଘର, ପଞ୍ଚାୟତ କାର୍ଯ୍ୟାଳୟ, ଥାନା, ଫାଣ୍ଡି ଓ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଭଳି ସର୍ବସାଧାରଣ ଯାତାୟାତ କରୁଥିବା ସରକାରୀ କାର୍ଯ୍ୟାଳୟକୁ ଅଗ୍ରାଧିକାର ଭିତିରେ ବିଶୋଧନ କରିଥିଲେ। ଏହାଛଡା କନ୍ଦରପୁର, ସୋମପୁର, କିଶୋର ନଗର ବଜାର, ବେଣ୍ଟକାର ଓ କଳପଡା ଆଦି ଜନଗହଳି ସ୍ଥାନକୁ ବିଶୋଧନ କରାଯାଇଥିବା ପରିଷଦର ସଭାପତି ଇଂ. ପ୍ରକାଶ ଚନ୍ଦ୍ର ସେଠୀ କହିଛନ୍ତି।

### ୩ ଦିନ ହେବ ଡାକସେବା ବ୍ୟାହତ

**କଟକ ସଦର,୨୮।୫(ଡି.ଏନ.ଏ.):** କଟକ ସିଟି ଡିଭିଜନ ଅଧୀନ ବିରିବାଟୀ ଉପଡାକଘରେ ଗତ ୩ ଦିନ ହେବ ଡାକସେବା ବ୍ୟାହତ ହୋଇଛି। ଇଣ୍ଟରନେଟ୍ ସେବା ବ୍ୟାହତ ଯୋଗୁ ଏଭଳି ସମସ୍ୟା ସୃଷ୍ଟି ହୋଇଛି। ଫଳରେ ଦିନବେଳା ଡାକ ନେଣଦେଣ, ସଞ୍ଚୟ ବ୍ୟାଙ୍କ କାର୍ଯ୍ୟ ହୋଇପାରି ନ ଥିଲା। ସେଥିପାଇଁ ପରମହଂସ, ଫକୀରପଡା, କନ୍ଦରପୁର, ସିଦ୍ଧେଶ୍ୱରପୁର ଓ ଗତିରାଉତପାଟଣା ଶାଖା ଡାକଘରେ ମଧ ସେବା ବ୍ୟାହତ ହୋଇଥିଲା। ମାସର ଅଧିକାଂଶ ସମୟ ଇଣ୍ଟରନେଟ୍ ସେବା ବ୍ୟାହତ ଯୋଗୁ ସ୍ଥାନୀୟ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏଠାରେ ଅପ୍ଟିକାଲ ଫାଇଭର କେବୁଲ ମାଧମରେ ଇଣ୍ଟରନେଟ୍ ସେବା ଯୋଗାଇବା ପାଇଁ ଡାକ ବିଭାଗକୁ ନିବେଦନ କରାଯାଇଛି।

### ବଢୁଛି ମୃତ୍ୟୁ ସଂଖ୍ୟା, ପ୍ରଶାସନ ପାଖରେ ତଥ୍ୟ ନାହିଁ

**ନିଶ୍ଚିନ୍ତକୋଇଲି,୨୮।୫(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ସଂକ୍ରମଣ ସଂଖ୍ୟା ଦ୍ରୁତ ଗତିରେ ବଢିଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ ସମାନ୍ତରାଳଭାବେ ବଢୁଛି। ବ୍ଲକରେ ବର୍ତ୍ତମାନ ୩୩୯ ଆକ୍ଟିଭ ମାମଲା ଥିବାବେଳେ ମୃତ୍ୟୁ ସଂଖ୍ୟା ୯ ବୋଲି ବିଡିଓ କର୍ଣ୍ଣଦେବ ସମାଦ୍ଧାର ସୂଚନା ଦେଇଛନ୍ତି। କିନ୍ତୁ ବାସ୍ତବରେ ପ୍ରଶାସନ ପାଖରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁର ପ୍ରକୃତ ରିପୋର୍ଟ ନାହିଁ। ଶୁକ୍ରବାର ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ କାକୁଡିଆପଡା ଗ୍ରାମର ଅଶୋକ କବି(୪୪)ଙ୍କ କଟକସ୍ଥିତ ଏକ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ମାତ୍ର ଏ ସମ୍ପର୍କରେ ପ୍ରଶାସନ ପାଖରେ କୌଣସି ଖବର ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ବିଡିଓ ସମାଦ୍ଧାର କୁହନ୍ତି, ବ୍ଲକ ବାହାରେ ମୃତ୍ୟୁବରଣ କରୁଥିବା ଆକ୍ରାନ୍ତଙ୍କ ସୂଚନା ଠିକ୍ ଭାବେ ପ୍ରଶାସନ ପାଖରେ ପହଞ୍ଚି ପାରୁନାହିଁ। ଏନେଇ ମୃତ୍ୟୁ ସମ୍ପର୍କିତ ସୂଚନା ଜଣାପଡୁନାହିଁ।

### ପ୍ରଭାବଶାଳୀ ସାହିତ୍ୟ ସାଧକ ଥିଲେ ନୀଳମାଧବ

**କଟକ ଅଫିସ, ୨୮।୫:** ବିଶିଷ୍ଟ ସାରସ୍ୱତ ସାଧକ ଡ. ନୀଳମାଧବ ପାଣିଗ୍ରାହୀଙ୍କ ଜନ୍ମଶତବାର୍ଷିକୀ ଉପଲକ୍ଷେ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ଏକ ଆଲୋଚନାଚକ୍ର ୱେବିନାର ମାଧମରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପୂର୍ବତନ କୁଳପତି ଧ୍ରୁବରାଜ ନାୟକ ଉଦ୍‌ଘାଟନ କରି କହିଥିଲେ, ନୀଳମାଧବ ପାଣିଗ୍ରାହୀ ଥିଲେ ଜଣେ ପ୍ରଭାବଶାଳୀ ସାହିତ୍ୟ ସାଧକ। ସାହିତ୍ୟିକ ଦ୍ୱାରିକାନାଥ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଡ. ଶ୍ୟାମସୁନ୍ଦର ଧର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଡ. ବୀଣାପାଣି ପ୍ରଧାନ, ଲକ୍ଷ୍ମୀ ନାରାୟଣ ହୋତା ଓ ଡ. ଶ୍ୟାମ ଭୋଇ ଆଲୋଚନାରେ ଅଂଶଗ୍ରହଣ କରି ନୀଳମାଧବଙ୍କ ପ୍ରତିଭା ବିଷୟରେ କହିଥିଲେ। ପ୍ରଫେସର ବିଜୟାନନ୍ଦ ସିଂହ ସ୍ୱାଗତ ଭାଷଣ ଦେଇଥିବାବେଳେ ସାହିତ୍ୟ ଏକାଡେମୀ ପୂର୍ବାଞ୍ଚଳ ଶାଖା କୋଲ୍‌କାତାର ଆଞ୍ଚଳିକ ସଚିବ ଡ. ଦେବେନ୍ଦ୍ର କୁମାର ଦେବେଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ମଦ୍ୟପାନ କରି ରାସ୍ତାରେ ଗଣ୍ଡଗୋଳ

କଟକ ଅଫିସ, ୨୮।୫

ରାସ୍ତାରେ ଗଣ୍ଡଗୋଳ କରିବା ନେଇ ୨ ପକ୍ଷରୁ ପୁରୀଘାଟ ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଶୁକ୍ରବାର ୨ଟି ମାମଲା(ନଂ.୧୧୦,୧୧୧/୨୧) ରୁଜୁ କରିଛି। ପୁରୀଘାଟ ଥାନା ଅଧିକାରୀ ରଶ୍ମିରଞ୍ଜନ ସାହୁଙ୍କ ସୂଚନା ଅନୁଯାୟୀ, ଗୁରୁବାର ସନ୍ଧ୍ୟାରେ ସିଡିଏ ଅଞ୍ଚଳର ଦୁଇ ଜଣ ଯୁବତୀ ଏକ କାରରେ ଘରକୁ ଫେରୁଥିବାବେଳେ ଉପର ତେଲେଙ୍ଗାବଜାର ଛକ ନିକଟରେ ୩ଜଣ ଯୁବକଙ୍କ ସହ ସେମାନଙ୍କର ପାଟିତୁଣ୍ଡ ହୋଇଥିଲା। ଉଭୟ ପକ୍ଷ ଗାଳିଗୁଲଜ କରିବା ସହ ହାତାହାତି ହୋଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ପକ୍ଷକୁ ଥାନାକୁ ଆଣି ପଚରାଉଚରା କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଯୁବତୀ ଓ ଜଣେ ଯୁବକ ମଦ୍ୟପାନ କରିଥିବା ପୋଲିସ ଜାଣିବାକୁ ପାଇଥିଲା। ଯୁବତୀ ଦ୍ୱୟଙ୍କ ଅଭିଯୋଗ ଅନୁଯାୟୀ, ସେମାନେ କାରରେ ଘରକୁ ଫେରୁଥିବାବେଳେ ୩ଜଣ ଯୁବକ ବାଇକ୍‌ରେ ପିଛା କରି କମେଣ୍ଟ ମାରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଅନ୍ୟପକ୍ଷେ ତିନିଜଣ ଯୁବକ ପାଲଟା ଅଭିଯୋଗ କରିଛନ୍ତି, ସେମାନେ ବାଇକ୍‌ରେ ଫେରୁଥିବାବେଳେ ଯୁବତୀ ଦ୍ୱୟ ଦ୍ରୁତଗତିରେ କାର୍‌ରେ ଆସି ସେମାନଙ୍କୁ ସାଇଡ୍ ମାରିଥିଲେ। ଏ ସଂକ୍ରାନ୍ତରେ ସେମାନଙ୍କୁ ପଚାରିବାରୁ ଯୁବତୀ ଦ୍ୱୟ ଉତ୍କ୍ଷିପ୍ତ ହୋଇ ମାଡ ମାରିଥିବା ଏତଲାରେ ଦର୍ଶାଯାଇଛି। ପୋଲିସ ଉଭୟ ପକ୍ଷକୁ ତାଗିଦ୍ କରିବା ସହ ନୋଟିସ୍ ଦେଇ ଛାଡିଛି। ତେବେ ଲକ୍‌ଡାଉନ୍ ସମୟରେ ସେମାନେ କିପରି ବେପରୁଆ ଭାବେ ବୁଲୁଥିଲେ ଏବଂ ମଦ୍ୟପାନ କରି ଗାଡି ଚଳାଉଥିଲେ ତାହା ତଦନ୍ତ ସାପେକ୍ଷ। ଆବଶ୍ୟକ ସ୍ଥଳେ ସେମାନଙ୍କୁ ଥାନାକୁ ଡକାଯାଇ ଅଧିକ ପଚରାଉଚରା କରାଯିବ ବୋଲି ଥାନାଧିକାରୀ ସାହୁ କହିଛନ୍ତି।

## ଜିଲାରୁ ୧୦୯୧ କରୋନା ଆକ୍ରାନ୍ତ ଚିହ୍ନଟ

କଟକ ଅଫିସ,୨୮।୫

କଟକ ଜିଲାରେ ଦିନକୁ ଦିନ କରୋନା ଗ୍ରାଫ ଉପରମୁହାଁ ହେବାରେ ଲାଗିଛି। ଗୁରୁବାର ଜିଲାରେ ୨୮୯୩ ଜଣଙ୍କ କରୋନା ପରୀକ୍ଷା କରାଯାଇଥିଲା। ସେଥିମଧ୍ୟରୁ ଶୁକ୍ରବାର ୧୦୯୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ଗ୍ରାମାଞ୍ଚଳର ୫୧୧ ଜଣ, କଟକ ମହାନଗର ନିଗମ(ସିଏମସି) ଅଞ୍ଚଳର ୫୨୯ ଜଣ ଏବଂ ଅନ୍ୟସ୍ଥାନର ୫୧ ଜଣ ରହିଛନ୍ତି। ତେବେ ଜିଲାରୁ ଶୁକ୍ରବାର ୭୦୯ ଜଣ ସୁସ୍ଥ ହୋଇଛନ୍ତି। ଗତ ୭ ଦିନ ମଧ୍ୟରେ ୧୭,୧୫୩ ଜଣ କରୋନା ପରୀକ୍ଷା କରିଥିବାବେଳେ ସେଥିମଧ୍ୟରୁ ୬୫୨୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି।

## ରେଙ୍ଗାଲି ଦକ୍ଷିଣ କେନାଲ ଠିକା କ୍ୟାମ୍ପରୁ ଚୋରି

ଆଠଗଡ଼,୨୮।୫(ସ୍ୱ.ପ୍ର.)

**ଦୁର୍ବୃତ୍ତ ଛାଡ଼ିଯାଇଥିବା ବୋମା ଫୁଟିବାରୁ ନାବାଳକ ଆହତ**

ଆଠଗଡ଼ ଥାନା ଅଞ୍ଚଳ ଦେଇ ଯାଇଥିବା ରେଙ୍ଗାଲି ଦକ୍ଷିଣ କେନାଲ ନୂଆବନ୍ଧ କ୍ୟାମ୍ପରୁ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଏଥିସହ ଦୁର୍ବୃତ୍ତମାନେ ଛାଡ଼ିଯାଇଥିବା ବୋମା ଫୁଟିଯିବାରୁ ଶୁକ୍ରବାର ସକାଳେ ଜଣେ ନାବାଳକ ଆହତ ହୋଇଛନ୍ତି। ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଏନେଇ ଠିକାସଂସ୍ଥା ପକ୍ଷରୁ ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା (ନଂ. ୧୧୦/୨୧)ରୁଜୁ କରିଛି। ୟୁନିକର୍ନ କନଷ୍ଟ୍ରକଶନ ନାମକ ଠିକା ସଂସ୍ଥା ଏହି ନୂଆ ବନ୍ଧ କାମ କରୁଛି। ବାତ୍ୟା ୟାସ୍ ପାଇଁ ଏଠାରେ କାର୍ଯ୍ୟରତ ଅଧିକାଂଶ କର୍ମଚାରୀ ଘରକୁ ଯାଇଥିଲେ। ମାତ୍ର ୪ ଜଣ କର୍ମଚାରୀ କ୍ୟାମ୍ପରେ ଶୋଇଥିଲେ। ଗୁରୁବାର ବିଳମ୍ବିତ ରାତିରେ ୨ଜଣ ଯୁବକ ଏକ କଳା ରଙ୍ଗର ମୋଟରସାଇକେଲରେ ଆସି କ୍ୟାମ୍ପ ଭିତରେ ପଶିଥିଲେ। ସେଠାରେ ଥିବା ଏକ ହାଇୱା ଗାଡ଼ିରୁ ବ୍ୟାଟେରି ଖୋଲି ନେଇ ଯାଇଥିଲେ। ଏହାପରେ ଅନ୍ୟ ଏକ ଗାଡ଼ିରୁ ବ୍ୟାଟେରି ଖୋଲିବାକୁ ଉଦ୍ୟମ କରୁଥିବାବେଳେ କର୍ମଚାରୀମାନେ ଉଠି ପଡ଼ିବାରୁ ଦୁର୍ବୃତ୍ତମାନେ ପଳାଇ ଯାଇଥିଲେ। ଘଟଣାସ୍ଥଳରେ ସେମାନେ ଏକ ହାତ ବୋମା ଛାଡ଼ି ଯାଇଥିଲେ। ଶୁକ୍ରବାର ବୋମାଟି ଫୁଟିଯାଇଥିଲା।

## ରାଶନ ସାମଗ୍ରୀ ଓଜନରେ ଠକେଇ

ଚୌଦ୍ୱାର,୨୮।୫(ଡି.ଏନ୍.ଏ)

ଚୌଦ୍ୱାର ପୌରପାଳିକାର ୬ନଂ. ୱାର୍ଡରେ ଥିବା ସେଲ ସେଣ୍ଟରରେ ହିତାଧିକାରୀଙ୍କୁ ଦିଆଯାଉଥିବା ଖାଉଟି ସାମଗ୍ରୀରେ ଠକେଇ ହେଉଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଏହି ୱାର୍ଡର ଲୋକମାନଙ୍କୁ ଶୁକ୍ରବାର କଣ୍ଟ୍ରୋଲ ସାମଗ୍ରୀ ପୌର କର୍ମଚାରୀ ପ୍ରଦାନ କରୁଥିଲେ। ତେବେ କେତେଜଣ ହିତାଧିକାରୀ ନେଇଥିବା ରାଶନ ସାମଗ୍ରୀକୁ ଅନ୍ୟତ୍ର ଓଜନ କରାଇବାରେ ମିଳିଥିବା ସାମଗ୍ରୀ ଠିକ ପରିମାଣରୁ ୨ରୁ ୩କିଲୋ କମ୍ ଥିବା ଜାଣିବାକୁ ପାଇଥିଲେ। ଏ ନେଇ ଉକ୍ତ ୱାର୍ଡର ହିତାଧିକାରୀ ସବିତା ବିଶ୍ୱାଳ, ବାସନ୍ତୀ ପଣ୍ଡା, ନାରାୟଣ ସ୍ୱାଇଁ, ବସନ୍ତ ମଲ୍ଲିକ ପ୍ରମୁଖ ଦାୟିତ୍ୱରେ ଥିବା କର୍ମଚାରୀ ପବିତ୍ର ମହାପାତ୍ରଙ୍କୁ ପଚାରିଥିଲେ। କିନ୍ତୁ କର୍ମଚାରୀ ଓଲଟି ତାଙ୍କୁ ଦୁର୍ବ୍ୟବହାର କରିବା ସହ ଦରକାର ପଡିଲେ ସେଲ ସେଣ୍ଟରକୁ ଏଠାରୁ ସ୍ଥାନାନ୍ତର କରି ଦିଆଯିବ ବୋଲି ଧମକ ଦେଇଥିଲେ। ଏଥିରେ ଲୋକମାନେ ଉତ୍ତେଜିତ ହେବାରୁ ଚଞ୍ଚକତା କରି କର୍ମଚାରୀଜଣକ ସେଣ୍ଟର କିଛି ସମୟ ପର୍ଯ୍ୟନ୍ତ ବନ୍ଦ କରି ଦେଇଥିଲେ, ଯାହା ଫଳରେ ସାମଗ୍ରୀ ନେବା ପାଇଁ ଆସିଥିବା ଲୋକେ ଫେରି ଯାଇଥିଲେ। ଏହାରି ଭିତରେ କର୍ମଚାରୀ ସେଣ୍ଟରରେ ଥିବା ପୁରୁଣା ଓଜନ ମେଶିନକୁ କାଢି ନେଇ ଏକ ନୂତନ ଓଜନ ମେଶିନ ସେଣ୍ଟରରେ ରଖିଥିବା ସ୍ଥାନୀୟ ଲୋକେ ସେଣ୍ଟର ପାଖରେ ଲାଗିଥିବା ଏକ ଘରର ସିସିଟିଭି ଫୁଟେଜରୁ ଦେଖିଥିଲେ। ଏହାର ବିଧିବଦ୍ଧ ତଦନ୍ତ କରିବା ପାଇଁ ପୌର ନିର୍ବାହୀ ଅଧିକାରୀଙ୍କୁ ହିତାଧିକାରୀମାନେ ଏକ ଲିଖିତ ଦାବିପତ୍ର ପ୍ରଦାନ କରିବା ସହିତ ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ସହିତ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚୌଦ୍ୱାର ଥାନାରେ ମଧ୍ୟ ଅଭିଯୋଗ କରିଛନ୍ତି । ଏ ନେଇ ନିର୍ବାହୀ ଅଧିକାରୀ ବେହେରା କହିଛନ୍ତି, ମୋ ପାଖରେ ପୂର୍ବରୁ ଅଭିଯୋଗ ନ ଥିଲା। ଏବେ ହିତାଧିକାରୀଙ୍କଠାରୁ ଅଭିଯୋଗ ପାଇଛି, ଘଟଣାର ତଦନ୍ତ କରିବି ବୋଲି ସେ କହିଛନ୍ତି।

## ବାତ୍ୟା ପ୍ରପୀଡ଼ିତଙ୍କୁ ଖାଦ୍ୟ, ମାସ୍କ ବଣ୍ଟନ

**ଟାଙ୍ଗୀ,(କଟକ)୨୮।୫(ଡି.ଏନ.ଏ.):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡଗାଁ ପଞ୍ଚାୟତ ଚନ୍ଦନପୁର, ଛଘରିଆ, ପଡିଆବନ୍ଧ ଓ ଗରୁଡଗାଁର ବାତ୍ୟା ପ୍ରପୀଡିତଙ୍କୁ ଶୁକ୍ରବାର ଶୁଖିଲା ଖାଦ୍ୟ ଓ ମାସ୍କ ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଟିଆର୍‌ଏସ୍ ଇଞ୍ଜିନିୟରିଂର ନିର୍ଦ୍ଦେଶକ ଦେବଦତ୍ତ ରାୟ ଓ ସରପଞ୍ଚ ସୁବୋଧ ସାମଲ ଯୋଗଦେଇ ପ୍ରାୟ ୩୦୦ ଆଦିବାସୀ ପରିବାରକୁ ଖାଦ୍ୟ ଓ ମାସ୍କ ବାଣ୍ଟିଥିଲେ। ଏଥିରେ ସମିତିସଭ୍ୟ ସୁକାନ୍ତ ସାମଲ, ବାସୁଦେବ ବେଉରା ଓ କୁଳମଣି ଦାସ ଉପସ୍ଥିତ ଥିଲେ।

## ୫ ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ

**କଟକ ଅଫିସ, ୨୮।୫:** ଏକାଧିକ ବିଦ୍ୟାଳୟର ରୂପାନ୍ତରଣ ନିମନ୍ତେ ଜିଲାପାଳ ଭବାନୀ ଶଙ୍କର ଚୟନୀ ଶୁକ୍ରବାର ୫ଟି ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। କାଜିବଜାର ସରକାରୀ ବାଳିକା ବିଦ୍ୟାଳୟ, ସେକେଣ୍ଡାରୀ ବୋର୍ଡ ହାଇସ୍କୁଲ, ରାଣୀହାଟ ଉଚ୍ଚ ବିଦ୍ୟାଳୟ, ନୂଆବଜାର ଉଚ୍ଚ ବିଦ୍ୟାଳୟ, ନେହେରୁ ଉଚ୍ଚ ବିଦ୍ୟାପୀଠକୁ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରାଯିବା ନିମନ୍ତେ ଜିଲାପାଳ ପରିଦର୍ଶନ କରିଥିଲେ।

ଜିଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଗ୍ରାମାଞ୍ଚଳରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛନ୍ତି। ଏହାଦ୍ୱାରା ପ୍ରାୟ ଏକ ହଜାର ଗ୍ରାମରେ କରୋନା ପ୍ରଭାବ ଏ ପର୍ଯ୍ୟନ୍ତ ପରିଲକ୍ଷିତ ହୋଇନାହିଁ। ଫଳରେ ଉକ୍ତ ଗ୍ରାମଗୁଡ଼ିକ ଗ୍ରୀନ୍‌ଜୋନରେ ରହିଛି। ଏଥିସହ ଜିଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲାରେ କୋଭିଡ୍ ମହାମାରୀ ଓ ବାତ୍ୟା 'ୟାସ୍'କୁ ସଫଳ ଭାବେ ମୁକାବିଲା କରାଯାଇପାରିଛି ବୋଲି ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକାକରଣ

**କଟକ ଅଫିସ,୨୮।୫:** ମର୍କତନଗରସ୍ଥିତ କଟକ ଟ୍ୟାକ୍ସବାର ଆସୋସିଏଶନ୍ କାର୍ଯ୍ୟାଳୟରେ ଶୁକ୍ରବାର ଟିକାକରଣ କାର୍ଯ୍ୟକ୍ରମ କରାଯାଇଛି । ଏଥିରେ ୧୮ରୁ ୪୪ବର୍ଷ ବୟସର ଆଇନଜୀବୀ ଓ ତାଙ୍କ ପରିବାର ସଦସ୍ୟଙ୍କୁ ଟିକା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୪୦୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ଟିକା ପ୍ରଦାନ କରାଯାଇଛି। ହ୍ୱାଟସ୍‌ଆପ ଓ ଇମେଲ ମାଧମରେ ଲୋକମାନେ ନାମ ପଞ୍ଜୀକରଣ କରିଥିଲେ। ଶନିବାର ମଧ ଏହି ଟିକାକରଣ କାର୍ଯ୍ୟକ୍ରମ ଚାଲିବ ବୋଲି ଆସୋସିଏଶନ ବରିଷ୍ଠ ସଦସ୍ୟ ନଟବର ପଣ୍ଡା ଜଣାଇଛନ୍ତି। ଶୁଭାନନ୍ଦ ମହାନ୍ତି, ସରୋଜ କୁମାର ପଟେଲ, ଅରୁଣ କୁମାର ପରିଡ଼ା, ଶ୍ରୀକାନ୍ତ ମାଝି, ଅନିଲ ମିଶ୍ର, ଦୀପ୍ତିରଞ୍ଜନ ମହାପାତ୍ର, ଜଗନ୍ନାଥ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## କରୋନା ଆକ୍ରାନ୍ତଙ୍କୁ ଅକ୍ସିଜେନ୍ ଯୋଗାଇବ ସ୍ୱେଚ୍ଛାସେବୀ ସଙ୍ଗଠନ

ଚୌଦ୍ୱାର,୨୮।୫(ଡି.ଏନ.ଏ.)

କରୋନାରେ ଆକ୍ରାନ୍ତ ହୋଇ ହୋମ୍ ଆଇସୋଲେଶନରେ ଥିବା ଗୁରୁତର ଲୋକଙ୍କ ପାଇଁ ଅକ୍ସିଜେନ୍‌ର ଜରୁରୀ ଆବଶ୍ୟକତା ରହିଛି। ତେଣୁ ସେମାନଙ୍କ ଆବଶ୍ୟକତା ପୂରଣ କରିବାକୁ ଆଗେଇ ଆସିଛନ୍ତି ଚୌଦ୍ୱାରର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟ ଓ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଚୌଦ୍ୱାର ଶାଖାର ସଭ୍ୟମାନେ। ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଞ୍ଚଳରେ ହୋମ୍ ଆଇସୋଲେଶନରେ ଥିବା କରୋନା ଆକ୍ରାନ୍ତଙ୍କର ଅକ୍ସିଜେନ୍ ଆବଶ୍ୟକତା ଥିବା ଜାଣିଲେ ଅନୁଷ୍ଠାନର ସଭ୍ୟମାନେ ସେମାନଙ୍କ ଘରକୁ ଯାଇ ଏହି ସେବା ଯୋଗାଇ ଦେବେ ବୋଲି ସମ୍ପାଦକ ଅଶ୍ୱିନୀ କୁମାର ଜେନା କହିଛନ୍ତି। ଶୁକ୍ରବାର ସଙ୍ଗଠନର ଓଟିଏମ୍ କାର୍ଯ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମକୁ ଚୌଦ୍ୱାର ଥାନା ଆଇଆଇସି ବିରଞ୍ଚି ନାରାୟଣ ପତି ଉଦ୍‌ଘାଟନ କରିଥିଲେ। ଭାସ୍କର ଚନ୍ଦ୍ର ରାଉତରାୟଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆରଏସ୍‌ଏସ୍‌ର ଜନ୍ମେଜୟ ସାହୁ, ସୁରେଶ ଭୂୟାଁ, ଦେବାଶିଷ ପ୍ରଧାନ, ଅଶୋକ ସାହୁ, ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟ ଅନୁଷ୍ଠାନର ପ୍ରତିଷ୍ଠାତା ଭୀମସେନ ବିଶ୍ୱାଳ, ସୁରେଶ ରାଉତରାୟ, କାହ୍ନୁ ଚରଣ ଜେନା, ମାନସ ପରିଡା, ରାଜକିଶୋର ସାମନ୍ତ ଓ ସଞ୍ଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଅକ୍ସିଜେନ୍ ବଣ୍ଟନ କାର୍ଯ୍ୟକ୍ରମକୁ ଚୌଦ୍ୱାର ଥାନାଧିକାରୀ ବିରଞ୍ଚି ନାରାୟଣ ପତି ଉଦ୍‌ଘାଟନ କରୁଛନ୍ତି।

## ଓପିଏସ୍‌ସି ପୂର୍ବତନ ଅଧ୍ୟକ୍ଷଙ୍କ ବିୟୋଗରେ ନୀରବ ପ୍ରାର୍ଥନା ସଭା

**କଟକ ଅଫିସ, ୨୮।୫:** ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି)ର ପୂର୍ବତନ ଅଧ୍ୟକ୍ଷ ଶୋଭନ କାନୁନ୍‌ଗୋଙ୍କର ଗତ ୨୫ ତାରିଖରେ ପରଲୋକ ହୋଇଯାଇଛି। ଏନେଇ ଓପିଏସ୍‌ସି କାର୍ଯ୍ୟାଳୟରେ ଏକ ନୀରବ ପ୍ରାର୍ଥନା ସଭା ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଓପିଏସ୍‌ସି ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି ସଭାପତିତ୍ୱ କରି କାନୁନ୍‌ଗୋଙ୍କ କାର୍ଯ୍ୟଦକ୍ଷତା, ନିଷ୍ଠା ଏବଂ ବ୍ୟକ୍ତିତ୍ୱ ଉପରେ ସ୍ମୃତିଚାରଣ କରିଥିଲେ। ଏଥିସହ କାନୁନ୍‌ଗୋଙ୍କ ସମୟରେ ଓପିଏସ୍‌ସିରେ ହୋଇଥିବା ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ସମ୍ପର୍କରେ କହିଥିଲେ। ଏହି ସଭାରେ ଓପିଏସ୍‌ସି ସଦସ୍ୟ ବିଭୂତି ପଟ୍ଟନାୟକ, ପ୍ରଫେସର ସୁଧାଂଶୁ ରଥ, ସଙ୍ଗୀତା ରଥ, ନିରଞ୍ଜନ ସାହୁ, ସଚିବ ଅଶୋକ କୁମାର ଦାଶ ଏବଂ ଅତିରିକ୍ତ ସଚିବ ସତ୍ୟବ୍ରତ ରାୟ ଯୋଗଦେଇଥିଲେ।



ସଭାରେ ଉପସ୍ଥିତ ଓପିଏସ୍‌ସି ଅଧ୍ୟକ୍ଷ ସତ୍ୟଜିତ୍ ମହାନ୍ତି ଓ ଅନ୍ୟମାନେ।

## ସିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ହେଲ୍ପ ଲାଇନ୍ ନମ୍ବର ଜାରି

କଟକ ଅଫିସ,୨୮।୫

**ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତି**





ସହରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢିବାରେ ଲାଗିଛି। ଅନେକ ଲୋକ କରୋନାରେ ଆକ୍ରାନ୍ତ ହୋଇ ବିଭିନ୍ନ ସରକାରୀ ଓ ବେସରକାରୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ସମ୍ପର୍କରେ ସମ୍ପର୍କୀୟମାନେ ଜାଣିବା ପାଇଁ କୋଭିଡ୍ ହସ୍ପିଟାଲ୍‌ଗୁଡିକରେ ରାଜ୍ୟ ସରକାରଙ୍କ ପକ୍ଷରୁ ହେଲ୍ପ ଡେସ୍କ ବ୍ୟବସ୍ଥା କରାଯାଇଛି। ହେଲେ କୋଭିଡ୍ ହସ୍ପିଟାଲଗୁଡିକରେ ଥିବା ହେଲ୍ପଡେସ୍କରୁ ଠିକ୍ ତଥ୍ୟ ମିଳୁ ନ ଥିବା ରୋଗୀ ସମ୍ପର୍କୀୟମାନେ ଅଭିଯୋଗ କରିଛନ୍ତି। ଶୁକ୍ରବାର ସିଏମ୍‌ସି ପକ୍ଷରୁ ହେଲ୍ପ ଡେସ୍କ ବ୍ୟବସ୍ଥାରେ ଉନ୍ନତି କରାଯାଇ ସ୍ୱତନ୍ତ୍ର ହେଲ୍ପ ଲାଇନ ନମ୍ବର ଜାରି ହୋଇଛି। ସହରର ୮ଟି ଡେଡିକେଟେଡ କୋଭିଡ୍ ହସ୍ପିଟାଲ୍ (ଡିସିଏଚ୍) ଓ ୩ଟି କୋଭିଡ୍ କେୟାର ସେଣ୍ଟର(ସିସିସି)ରେ ଏହି ସ୍ୱତନ୍ତ୍ର ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଅଶ୍ୱିନୀ ଡିସିଏଚ୍‌ରେ ୯୨୩୮୦୦୮୮୩୨, ୭୮୯୪୪୬୦୪୫୧, ଏସ୍‌ସିବି ଡିସିଏଚ୍‌ରେ ୧୮୦୦୩୪୫୯୫୯୫, ୮୯୮୪୫୮୦୬୩୩, ୬୭୧୨୪୧୧୪୭୭, ୬୩୭୧୨୨୦୪୧୨, ସଦ୍‌ଗୁରୁ ଡିସିଏଚ୍‌ରେ ୭୩୨୬୮୫୯୧୯୮, ୭୨୦୫୦୯୬୦୦୨, ୭୨୦୫୦୯୬୦୨୨, ସାଉଥ୍ ପଏଣ୍ଟ ଡିସିଏଚ୍‌ରେ ୭୮୪୭୮୦୩୯୭୧, ସୃଷ୍ଟି ଡିସିଏଚ୍ ୭୮୪୭୮୨୫୩୬୬, ୟୁନିକ୍ ଡିସିଏଚ୍ ୬୩୭୦୫୬୭୬୪୯, ଓମ୍ ଶୁଭମ୍ ଡିସିଏଚ୍ ୬୩୭୧୦୮୨୮୪୫, ରୁଦ୍ର ଡିସିଏଚ୍ ପାଇଁ ୯୩୩୭୩୩୫୬୭୮ ନମ୍ବର ଜାରି କରାଯାଇଛି। ସେହିପରି ଏଲ୍ ଆଣ୍ଡ ଟି ସିସିସିରେ ୭୩୨୬୮୩୦୯୭୭, ଆଇଏମ୍‌ଆଇଟି ସିସିସିରେ ୭୨୦୫୩୩୭୨୧୯ ଏବଂ ବୋଷ ସିସିସି ପାଇଁ ୭୬୦୯୮୮୬୨୯୮ ନମ୍ବର ଜାରି କରାଯାଇଛି। କରୋନା ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା, ମୃତ୍ୟୁ ସମ୍ପର୍କରେ ସେମାନଙ୍କ ସମ୍ପର୍କୀୟମାନେ ଉପରୋକ୍ତ ନମ୍ବର ମାଧ୍ୟମରେ ସୂଚନା ପାଇପାରିବେ। ଏଥିସହ ଚିକିତ୍ସିତ ହେଉଥିବା ରୋଗୀମାନଙ୍କୁ ତାଙ୍କ ସମ୍ପର୍କୀୟମାନେ ବାହାରେ ରହି ଭିଡିଓ କଲ୍ ମାଧ୍ୟମରେ ଦେଖିପାରିବେ। ଏହି ସେବା ୨୪ ଘଣ୍ଟା ଲୋକଙ୍କ ପାଇଁ ଉପଲବ୍ଧ ରହିବ ବୋଲି ସିଏମ୍‌ସି ପକ୍ଷରୁ ଟୁଇଟ୍ ମାଧ୍ୟମରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଛାତ୍ରଙ୍କୁ ଯୌନ ନିର୍ଯାତନା, ଟ୍ୟୁଶନ ଶିକ୍ଷକ ଗିରଫ

ଭୁବନେଶ୍ୱର,୨୮।୫(ବ୍ୟୁରୋ): ଗୁରୁ-ଶିକ୍ଷକଙ୍କ ପବିତ୍ର ସମ୍ପର୍କରେ କଳଙ୍କ ଲଗାଇଛନ୍ତି ଜଣେ ଟୁଶନ ଶିକ୍ଷକ। ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୋଲିସ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଶିକ୍ଷକ ହେଲେ ଜିନେଶ ଲିମା (୨୫)। ପୋଲିସ ତାଙ୍କ ନାମରେ ଏକ ମାମଲା (ନଂ.୨୫୪/୨୧) ରୁଜୁ କରି କରିଛି। ସୂଚନା ମୁତାବକ, ଚନ୍ଦ୍ରଶେଖରପୁର ଥାନା ଅନ୍ତର୍ଗତ ନୀଳାଦ୍ରିବିହାର ନିକଟ ଏକ ବସ୍ତିରେ ଅଭିଯୁକ୍ତ ଜିନେଶ ପିଲାମାନଙ୍କୁ ଟ୍ୟୁଶନ କରନ୍ତି। ଗୁରୁବାର ସନ୍ଧ୍ୟାରେ ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଟ୍ୟୁଶନ କରୁଥିବାବେଳେ ହଠାତ ଘର ଭିତରୁ ପାଟି ଶୁଭିଥିଲା। ଏହା ଶୁଣି ବସ୍ତିର କେତେଜଣ ଯୁବକ ସେଠାରେ ପହଞ୍ଚି ଛାତ୍ରଜଣକ କାନ୍ଦୁଥିବା ଦେଖିଥିଲେ। ତାଙ୍କ ପଚରାଉଚରା କରିବାରୁ ଟୁଶନ ଶିକ୍ଷକ ଜଣକ ତାଙ୍କ ସହ ଅପ୍ରାକୃତି ଯୌନ ଶୋଷଣ ଉଦ୍ୟମ ସମ୍ପର୍କରେ ଜଣାପଡ଼ିଥିଲା। ପରୀକ୍ଷାରେ ଭଲ ନମ୍ବର ଦେବାକୁ କହି ପ୍ରଲୋଭନ ଦେଖାଇ ଏଭଳି କାଣ୍ଡ ଘଟାଇଥିବା ଛାତ୍ରଜଣକ କହିବାପରେ ଯୁବକ ଓ ତାଙ୍କ ପରିବାର ଲୋକେ ଶିକ୍ଷକଙ୍କୁ ଧରି ପିସିଆର ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଛାତ୍ରଙ୍କୁ ଉଦ୍ଧାର କରି ଡାକ୍ତରୀ ମାଇନା କରିବା ସହ ଅଭିଯୁକ୍ତ ଶିକ୍ଷକଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି।

### ବଳାତ୍କାର ଅଭିଯୋଗ, ଜେଲ ଗଲେ ଯୁବକ

ଭୁବନେଶ୍ୱର,୨୮।୫(ବ୍ୟୁରୋ): ବିବାହର ପ୍ରତିଶ୍ରୁତି ଦେଇ ଯୁବତୀଙ୍କୁ ବଳାତ୍କାର କରିବା ଅଭିଯୋଗରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ସେ ହେଲେ କାକଟପୁର ଥାନା ଅଞ୍ଚଳର ରଙ୍ଗ ମିସ୍ତ୍ରି ରାକେଶ ନାୟକ। ସୂଚନା ମୁତାବକ, ରାକେଶ ରାଜଧାନୀରେ ରଙ୍ଗ କାମ କରୁଥିବା ବେଳେ ୨୦୨୦ରେ ଜଣେ ଯୁବତୀଙ୍କୁ ନିଜ ପ୍ରେମରେ ଫସାଇଥିଲେ। ପରେ ତାଙ୍କୁ ଦାମୀ ଉପହାର ଦେବା ସହ ବିବାହ ପ୍ରତିଶ୍ରୁତି ଦେଇଥିଲେ। ଗତ ୨ ମାସ ତଳେ ଯୁବତୀଙ୍କୁ ଦେଖା କରିବାକୁ ଭୁବନେଶ୍ୱରସ୍ଥିତ ଘରକୁ ଆସିଥିଲେ। ଯୁବତୀଙ୍କୁ ଘରେ ଏକୁଟିଆ ପାଇ ପ୍ରେମ ନିବେଦନ କରିବା ସହ ଶାରୀରିକ ସମ୍ପର୍କ ପାଇଁ ବାଧ କରିଥିଲେ। ମାତ୍ର ଯୁବତୀ ରାଜି ନ ହେବାରୁ ବଳାତ୍କାର କରି ଫେରାର ହୋଇଯାଇଥିଲେ। ଏ ନେଇ ଯୁବତୀ ପରିବାର ଲୋକଙ୍କ ଜଣାଇବା ସହ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୫୧/୨୧ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଗୁରୁବାର ରାତିରେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ପଚରାଉଚରା ପରେ ଶୁକ୍ରବାର ଡାକ୍ତରୀ ମାଇନା ପରେ କୋର୍ଟ ଚାଲାଣ କରିଛି। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଗ୍ରାମାଞ୍ଚଳରେ ୨୦ହଜାର ଟପିଲା ସଂକ୍ରମଣ

**ଦିନକରେ ୧୦୦ ଆକ୍ରାନ୍ତ, ୨୮୮ ସୁସ୍ଥ**

ଖୋର୍ଦ୍ଧା ଅଫିସ,୨୮।୫



ଖୋର୍ଦ୍ଧା ଗ୍ରାମାଞ୍ଚଳରେ କରୋନା ସଂକ୍ରମଣ କମୁଥିବା ବେଳେ ସୁସ୍ଥ ହାର ବଢ଼ିବାରେ ଲାଗିଛି। ଶୁକ୍ରବାର ୧୦୦ଜଣ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୨୮୮ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ପଜିଟିଭଙ୍କ ମଧ୍ୟରେ ବାଲିଅନ୍ତା ବ୍ଲକର ୩, ବାଲିପାଟଣା ୮, ଭୁବନେଶ୍ୱର ବ୍ଲକ ୬, ଜଟଣୀ ୫, ଖୋର୍ଦ୍ଧା ୨୫, ବେଗୁନିଆ ୪, ବୋଲଗଡ଼ ୧୨, ଟାଙ୍ଗୀ ୯, ଚିଲିକା ୨୧ ଏବଂ ବାଣପୁରର ୭ଜଣ ରହିଛନ୍ତି। ଜିଲା ପ୍ରଶାସନର ରିପୋର୍ଟ ଅନୁଯାୟୀ, ଶୁକ୍ରବାର ସୁଦ୍ଧା ୩,୪୨,୦୫୦ଜଣଙ୍କ ନମୁନା ସଂଗ୍ରହ କରାଯାଇଛି। ସେଥିରୁ ୨୦,୫୮୮ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ୧୮,୮୭୧ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୬୫୩ ସଂକ୍ରମିତ ସକ୍ରିୟ ରହିଛନ୍ତି। କୋଭିଡ୍ ମୃତ୍ୟୁ ସଂଖ୍ୟା ୬୪ରେ ପହଞ୍ଚିଛି। ଅନ୍ୟପଟେ ଖୋର୍ଦ୍ଧା ସବ୍‌ଡିଭିଜନରେ ଶୁକ୍ରବାର ୭୧ଜଣ ନୂତନ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୧୬୮ଜଣ ସୁସ୍ଥ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ୩୮୫୯ ପଜିଟିଭ ଚିହ୍ନଟ ହୋଇଥିବା ବେଳେ ୨୮୦୯ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୦୫୦ଜଣ ସଂକ୍ରମିତ ସକ୍ରିୟ ରହିଛନ୍ତି। ସେଥିରୁ ୮୮୯ ସଙ୍ଗରୋଧ ଏବଂ ୧୫୭ଜଣ କୋଭିଡ୍ ମେଡିକାଲରେ ଚିକିତ୍ସାଧୀନ ରହିଥିବା ଉପଜିଲାପାଳ ଅଶୋକ ବେହୁରିଆ କହିଛନ୍ତି।

### ଶରଧାପୁର ୭ଦିନ କଣ୍ଟେନ୍‌ମେଣ୍ଟ

ସହରାଞ୍ଚଳ ଅପେକ୍ଷା ଗ୍ରାମାଞ୍ଚଳରେ ସଂକ୍ରମଣ ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ସରକାର ପୁଣି ସରପଞ୍ଚମାନଙ୍କୁ ଜିଲାପାଳ କ୍ଷମତା ପ୍ରଦାନ କରିଛନ୍ତି। ଖୋର୍ଦ୍ଧା ବ୍ଲକ ନାଲିପଡା ଅର୍ଜୁନପୁର ସରପଞ୍ଚ ସୁବାଷିନୀ ଦାସ ଜିଲାପାଳଙ୍କ କ୍ଷମତା ପ୍ରୟୋଗ କରି ପଞ୍ଚାୟତର ଶରଧାପୁର ଗ୍ରାମକୁ ଶୁକ୍ରବାରଠାରୁ ଆସନ୍ତା ୩ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ଗ୍ରାମରୁ ଏକାଧିକ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ଗ୍ରାମବାସୀଙ୍କ ସୁରକ୍ଷା ଦୃଷ୍ଟିରୁ କଣ୍ଟେନମେଣ୍ଟ କରାଯାଇଛି ବୋଲି ସେ କହିଛନ୍ତି। ଏହି ସମୟରେ ଗ୍ରାମର କୌଣସି ଲୋକ ବାହାରକୁ ଯିବେ ନାହିଁ, ବାହାର ଲୋକେ ଏହି ଗ୍ରାମକୁ ପ୍ରବେଶ କରିବେ ନାହିଁ ବୋଲି ସରପଞ୍ଚ ନିର୍ଦ୍ଦେଶନାମାରେ ଦର୍ଶାଇଛନ୍ତି। କୋଭିଡ୍ ଗାଇଡ୍‌ଲାଇନ ପ୍ରକାରେ ମସ୍‌ଜିଦ୍‌ରେ ୨ରୁ ୫ଜଣ ମାସ୍କ, ସାନିଟାଇଜ ଏବଂ ସାମାଜିକ ଦୂରତା ରକ୍ଷା କରି ନମାଜ ପାଠ କରିବେ। ମସ୍‌ଜିଦରେ ସାମୂହିକ ଭାବେ ପ୍ରବେଶ ଉପରେ କଟକଣା ଜାରି କରିଛନ୍ତି।



ମତ୍ସ୍ୟଜୀବୀମାନେ ଶୁକ୍ରବାର ପୁରୀ ସମୁଦ୍ରରୁ ଧରିଥିବା ମାଛକୁ ବେଳାଭୂମିରେ ଜାଲରୁ ବାହାର କରୁଛନ୍ତି।

## କବର ଦେଲେ ଡାକ୍ତର, ପୋଲିସ

**କରୋନାରେ ଯୁବକଙ୍କ ମୃତ୍ୟୁ**

ଟାଙ୍ଗୀ(ଖୋର୍ଦ୍ଧା),୨୮।୫(ଡି.ଏନ୍.ଏ.)

ଟାଙ୍ଗୀ ଥାନା ଅଧୀନ ରାଉତପଡ଼ା ଅଞ୍ଚଳର ଜଣେ ମୁସଲିମ ଯୁବକ କରୋନାରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ମୃତ୍ୟୁ ହୋଇଥିଲା। ପରିବାର ଲୋକଙ୍କ ଅନୁରୋଧକ୍ରମେ ଜିଲା ପ୍ରଶାସନର ନିର୍ଦ୍ଦେଶ ମୁତାବକ ଗାଁ ଶ୍ମଶାନରେ ଯୁବକଙ୍କ ମୃତଦେହକୁ କବର ଦିଆଯିବା ପାଇଁ ଅନୁମତି ମିଳିଥିଲା। ପରିବାର ଲୋକେ ଓ ସମ୍ପର୍କୀୟ ସହଯୋଗ କରିଥିବା ବେଳେ ଟାଙ୍ଗୀ ଅତିରିକ୍ତ ତହସିଲଦାର ଶରତ କୁମାର ଦେହୁରୀ, ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଡା. ଜିତେନ୍ଦ୍ର ସାହୁ, ଥାନା ନିରୀକ୍ଷକ ବିଜୟ କୁମାର ମଲ୍ଲିକ, ଟାଙ୍ଗୀ ଥାନା କମ୍ପ୍ୟୁଟର ଆଟେଣ୍ଡାଣ୍ଟ ସୂର୍ଯ୍ୟ ମହାପାତ୍ର ପ୍ରମୁଖ ପିପିଇ କିଟ୍ ପିନ୍ଧି କୋଭିଡ୍ ନିୟମାନୁଯାୟୀ ଶ୍ମଶାନରେ ମୃତଦେହକୁ କବର ଦେଇଥିଲେ। ଅଧିକାରୀଙ୍କ ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

## ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କୁ ଶିକ୍ଷକ ସଂଘର ସ୍ୱାଗତ

ଟାଙ୍ଗୀ(ଖୋର୍ଦ୍ଧା), ୨୮।୫(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକର ପୂର୍ବତନ ଶିକ୍ଷା ଅଧିକାରୀ ମହେଶ୍ୱର ସାହୁ ପଦୋନ୍ନତି ପାଇ ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ ଯୋଗ ଦେଇଛନ୍ତି। ଟାଙ୍ଗୀ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସାହୁଙ୍କୁ ସ୍ୱାଗତ କରାଯାଇଛି। ଟାଙ୍ଗୀ ବ୍ଲକରୁ ସାହୁ ବଦଳି ହୋଇ ବାଲିଅନ୍ତା ବ୍ଲକରେ କାର୍ଯ୍ୟରତ ଥିଲେ। ଗଣଶିକ୍ଷା ବିଭାଗର ଚିଠି ନଂ. ୯୭୩୮ରେ ପଦୋନ୍ନତି ପାଇ ଖୋର୍ଦ୍ଧା ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଭାବେ ସାହୁ ଯୋଗ ଦେଇଛନ୍ତି।

## ରଥଖଳାରୁ

### ରଥ ଚକ ପାଇଁ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ




ତୁମ୍ବରେ ପଇ ସଂଯୋଗ ପାଇଁ ଭୋଇ ସେବକମାନେ ସିଙ୍ଗଡ଼ା ବାଡଉଛନ୍ତି।

ପୁରୀ ଅଫିସ,୨୮।୫

ରଥଖଳାରେ ଜୋରସୋର୍‌ରେ କାମ ଚାଲିଛି। ଶୁକ୍ରବାର ତିିନିରଥର ପଇ ହଣା ଓ ବିନ୍ଧ ଖୋଳା ଅନୁକୂଳ ସହ ଯନ୍ତାଗାଡ଼ଠାରେ ଭୋଇସେବକଙ୍କ ଦ୍ୱାରା ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ କାର୍ଯ୍ୟ ମଧ୍ୟ ସରିଛି। ତୁମ୍ବରେ ଅଖ ବିନ୍ଧ ଅନୁକୂଳ ସହ ପ୍ରତ୍ୟେକ ରଥର ଦୁଇଟି ଲେଖାଏ ତୁମ୍ବରେ ଅଖବିନ୍ଧ ଓ ତିନୋଟି ଚକରେ ପଇ ପିନ୍ଧା କାମ ସରିଛି। ତାଳଧ୍ୱଜ ରଥର ୨ତୁମ୍ବରେ ଅର ସଂଯୋଗ ହୋଇ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରି ରହିଛି। ଅଖ ବିନ୍ଧ ପ୍ରସ୍ତୁତ ପରେ ପନ୍ଦାରୀ ଗାଡ଼ ତିଆରି ଚାଲିଛି। ୧୪ ତୁମ୍ବ ମଧ୍ୟରୁ ୯ଟିର ବିନ୍ଧ କାମ ସରିଛି। ଅନ୍ୟ ୫ଟିର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯନ୍ତାପଟା ଦୁଇଟିର ବିନ୍ଧ ଖୋଳା ସରି କୋଣଗୁଜରେ ରୂପକାର ସେବକ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୁଇଟି ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପାଇଁ ଅରସାଲ ହୋଇ ରହିଛି। ଦେବଦଳନ ରଥର ସିଙ୍ଗଡ଼ା ବାଡ଼ିଆ ପରେ ଅଖ ବିନ୍ଧ କାମ ଶେଷ ହୋଇଛି। ପଇବିନ୍ଧ ଅନୁକୂଳ ସହ ସିଙ୍ଗଡ଼ା ବାଡ଼ିଆ ପାଇଁ ଅରସାଲ, ମଠା କାମ ସରିଛି। ନନ୍ଦିଘୋଷ ରଥର ଗୋଟିଏ ଚକ ପାଇଁ ୪ଟି ପଇର ବିନ୍ଧ ସମେତ ୧୬ ତୁମ୍ବ ମଧ୍ୟରୁ ୧୨ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତିନି ରଥର ୪୨ଟି ଚକ ମଧ୍ୟରୁ ୩୩ଟି ଚକର ଅରକଣ୍ଟା ପ୍ରସ୍ତୁତ ହେବା ସହ ୩୦ଟି ଚକ ପାଇଁ ୬୦ଟି ପନ୍ଦାରୀ ନିର୍ମାଣ ସରିଛି। ଶୁକ୍ରବାର ୧୫୧ ଜଣ ସେବାୟତ କାର୍ଯ୍ୟରେ ନିୟୋଜିତ ଥିଲେ।

## ବେଗୁନିଆରେ ବଢୁଛି ସଂକ୍ରମଣ

ବେଗୁନିଆ,୨୮।୫(ଡି.ଏନ୍.ଏ.)

**୫୦୦ ଟପିଲା ସଂକ୍ରମିତଙ୍କ ସଂଖ୍ୟା**

- ୧ଲକ୍ଷ ୧୯ହଜାର ଟଙ୍କା ଜରିମାନା ଆଦାୟ
- ୧୨ହଜାର ଲୋକଙ୍କୁ ଟିକା ଦିଆଯାଇଛି

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଞ୍ଚଳରେ କରୋନା ସଂକ୍ରମଣ ଦିନକୁ ଦିନ ବଢ଼ିଚାଲିଛି। ଗୁରୁବାର ସନ୍ଧ୍ୟା ସୁଦ୍ଧା ଏହି ବ୍ଲକରେ ଆକ୍ରାନ୍ତଙ୍କ ସଂଖ୍ୟା ୫୦୩ରେ ପହଞ୍ଚିଛି। ସେଥିରୁ ୩୩୩ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୧୧ଜଣ ଗୁରୁତର ଅବସ୍ଥାରେ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଥିବାବେଳେ ୧୫୯ଜଣ ହୋମ୍ ଆଇସୋଲେଶନରେ ରହି ଚିକିତ୍ସିତ ହେଉଛନ୍ତି। ଅନ୍ୟପଟେ ଏହି ବ୍ଲକ ଅଞ୍ଚଳରେ ଶୁକ୍ରବାର ସୁଦ୍ଧା ୧୨ହଜାର ଲୋକଙ୍କୁ ଟିକା ଦିଆଯାଇଛି। ସରକାରଙ୍କ ପକ୍ଷରୁ ସଚେତନ କରାଯାଉଥିଲେ ମଧ୍ୟ କେତେଜଣ ଅମାନିଆ ଏହି ନିୟମ ମାନିବାକୁ ନାରାଜ। ଜରିମାନା ଦେଉଛନ୍ତି, ହେଲେ ସଚେତନ ହେଉନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ ମୁତାବକ ଗ୍ରାମାଞ୍ଚଳରେ ଘରକୁ ଘର ବୁଲି ସ୍ୱାସ୍ଥ୍ୟ ନିରୀକ୍ଷଣ କରୁଥିବା ଟିମ୍ ନାମକୁମାତ୍ର ବୋଲି ଲୋକେ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ, ବିଭିନ୍ନ ରାଜ୍ୟରେ ଲକ୍‌ଡାଉନ ଜାରି ରହିଥିବାରୁ ପ୍ରବାସୀମାନେ ଗାଁକୁ ଫେରୁଛନ୍ତି। ଗ୍ରାମକୁ ଲୁଚାଣିଆ ପ୍ରବାସୀମାନେ ଆସୁଥିବା ସତ୍ତ୍ୱେ ପ୍ରଶାସନ ଜାଣି ମଧ୍ୟ କୌଣସି ପଦକ୍ଷେପ ନେଉନାହିଁ। ଫଳରେ ସଂକ୍ରମଣ ବୃଦ୍ଧି ପାଉଛି। ବଜାର, ହାଟ, ଗ୍ରାମରେ ଗହଳି ସହ ଖେଳ ଚାଲିଛି। ବିଭିନ୍ନ ବସ୍ତିରେ କୌଣସି ବ୍ୟକ୍ତିଙ୍କଠାରେ ଲକ୍ଷଣ ଦେଖାଗଲେ ମଧ୍ୟ ସ୍ୱାସ୍ଥ୍ୟ ଟିମ୍ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ। ବେଗୁନିଆ ସଦର ମହକୁମାର ଗୋଡ଼ପୋଖରୀ ଅଞ୍ଚଳରେ କେତେଜଣଙ୍କଠାରେ ଲକ୍ଷଣ ଦେଖାଦେଇଥିଲେ ମଧ୍ୟ ବାହାରେ ବୁଲୁଥିବା ଜଣାପଡ଼ିଛି। ଗୋଷ୍ଠୀ ସଂକ୍ରମଣ ଆଶଙ୍କାରେ ସ୍ଥାନୀୟ ବାସିନ୍ଦା ପ୍ରଶାସନ ଓ ନିରୀକ୍ଷଣ ଟିମ୍‌କୁ ଅବଗତ କରାଇଥିଲେ ମଧ୍ୟ ପଦକ୍ଷେପ ନିଆଯାଉନାହିଁ। ଅମାନିଆଙ୍କୁ ସାବାଡ଼୍ କରିବା ପାଇଁ ପ୍ରଶାସନ ପକ୍ଷରୁ ଜରିମାନା ଆଦାୟ କରାଯାଉଛି। ବେଗୁନିଆ ଥାନା ଓ ତହସିଲ ପକ୍ଷରୁ ୧ଲକ୍ଷ ୧୯ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ହେଲେ କୌଣସି ସୁଫଳ ମିଳୁନାହିଁ। ଏନେଇ ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ଦେବାଶିଷ ଆଚାର୍ଯ୍ୟ କହିଛନ୍ତି, ଲକ୍ଷଣ ଦେଖାଦେଉଥିଲେ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପରାମର୍ଶ ଦିଆଯାଉଛି। ମାତ୍ର କେତେଜଣ ଅମାନିଆ ହେଉଥିବାରୁ ଘରେ ରହି ଚିକିତ୍ସା ପାଇଁ କୁହାଯାଇଛି।

## ଉପହାର ଲୋଭରେ ହରାଇଲେ ୩.୯୫ ଲକ୍ଷ

ଭୁବନେଶ୍ୱର,୨୮।୫(ବ୍ୟୁରୋ)

**ସାଇବର ଠକେଇ**

- ମାଟ୍ରିମୋନିରେ ବିବାହ ପାଇଁ ଦେଇଥିଲେ ବିଜ୍ଞାପନ
- ୟୁକେରେ ନିଜକୁ ଡାକ୍ତର ଥିବା କହିଥିଲେ ଯୁବତୀ

ଜଣେ ଯୁବକ ବିବାହ କରିବାକୁ ଯାଇ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେବା ପରେ ବଡ଼ଧରଣର ସାଇବର ଠକେଇର ଶିକାର ହୋଇଛନ୍ତି। ସେଥିରେ ଜଣେ ଯୁବତୀ ତାଙ୍କୁ ଚୁନ ଲଗାଇ ୩ ଲକ୍ଷ ୯୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଲୁଟର ଶିକାର ହୋଇଥିବା କଟକ ଜିଲା ନେମାଳୋ ଥାନା ଗୋପିନାଥପୁର ଗ୍ରାମର ସର୍ବପ୍ରସନ୍ନ ପଣ୍ଡା (୪୨) ଏ ନେଇ ଶୁକ୍ରବାର ସାଇବର ସେଲରେ ଅଭିଯୋଗ କରିଛନ୍ତି। ତାଙ୍କ କହିବା ଅନୁଯାୟୀ, ସେ ବିବାହ କରିବାକୁ ଓଡ଼ିଆ ମାଟ୍ରିମୋନିରେ ବିଜ୍ଞାପନ ଦେଇଥିଲେ। ସେଥିରେ ଜଣେ ଯୁବତୀ ତାଙ୍କ ନମ୍ବରକୁ ଫୋନ କରିଥିଲେ। ଉକ୍ତ ଯୁବତୀ ନିଜକୁ ୟୁକେରେ ଡାକ୍ତର ଅଛନ୍ତି ବୋଲି କହିବା ପରେ ସର୍ବପ୍ରସନ୍ନ ତାଙ୍କ ସହ କଥା ହୋଇଥିଲେ। ଏପରିକି ଯୁବତୀ ବିଦେଶରୁ ଫେରି ତାଙ୍କୁ ବିବାହ କରିବେ ବୋଲି କହିଥିଲେ। ତେବେ ଯୁବତୀ ସର୍ବପ୍ରସନ୍ନଙ୍କ ବିଶ୍ୱାସ ଜିଣି ଲୁଟିବାକୁ ଚକ୍ରାନ୍ତ କରିଥିଲେ। ସେ ୟୁକେରୁ ତାଙ୍କ ପାଇଁ ଉପହାର ଆକାରରେ ସୁନା ଭେସଲେଟ, ଚେନ, ଘଡି ସହ କିଛି ଡଲାର କୋରିଅରରେ ପଠାଇବା ପାଇଁ ଠିକଣା ମାଗିଥିଲେ । ଏସବୁ ପାଇବା ଆଶାରେ ସର୍ବପ୍ରସନ୍ନ ନିଜ ଘରର ଠିକଣା ଦେଇଥିଲେ। ଠିକଣା ଦେବାର ୨ରୁ ୩ ତିନି ପରେ ତାଙ୍କୁ ଫୋନ କଲ ଆସିଥିଲା। ଦିଲ୍ଲୀ ଏୟାରପୋର୍ଟରେ ତାଙ୍କ ନାମରେ ଏକ ପାର୍ସଲ ଆସିଛି ଜଣେ ଯୁବକ କହିଥିଲେ। ଠିକଣାରେ ପହଞ୍ଚିବା ପାଇଁ ପ୍ରଥମେ ୩୮ ହଜାର ପରେ ପଞ୍ଜିକରଣ ପାଇଁ ୯୭ ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲେ। ଏପରିକି ସେଥିରେ ଥିବା ଡଲାର ୩୭ ଲକ୍ଷ ଟଙ୍କା ହେବ, ଏହି ଡଲାରକୁ ଭାରତୀୟ ମୁଦ୍ରାରେ ରୁପାନ୍ତର ହେବା ପାଇଁ ୨ ଲକ୍ଷ ୬୦ ହଜାର ହେବ ବୋଲି ଉକ୍ତ ଯୁବକ କହିଥିଲେ। ଏଥିରେ ସର୍ବପ୍ରସନ୍ନ ଲୋଭରେ ପଡ଼ି ଏକ ବ୍ୟାଙ୍କ ଆକାଉଣ୍ଟରେ ଟଙ୍କା ପଠାଇ ଦେଇଥିଲେ। ଏହିପରି ବିଭିନ୍ନ ଆଳରେ ସର୍ବମୋଟ ୩ ଲକ୍ଷ ୯୫ ହଜାର ଦେଇଥିଲେ। ତଥାପି ଉପହାର ପହଞ୍ଚିବା ପାଇଁ ଆଉ ୫ ଲକ୍ଷ ଟଙ୍କା ମାଗିବାରୁ ସେ ସନ୍ଦେହ କରିଥିଲେ। ପରେ ହଠାତ୍ ଫୋନ କଟିଯିବାରୁ ସେହି ନମ୍ବରରେ କଲ୍ କରିବା ସତ୍ତ୍ୱେ ନ ଲାଗିବାରୁ ଠକାମିର ଶିକାର ହୋଇଥିବା ସେ ଜାଣି ପାରିଥିଲେ।

## ପୋଖରୀ ଖୋଳାକୁ ନେଇ ଅସନ୍ତୋଷ



ବେଡୁଲି ଗ୍ରାମରେ ଡୋଜର ମାଧ୍ୟମରେ ପୋଖରୀ ଖୋଳାଯାଉଛି।

ବାଣପୁର,୨୮।୫(ଡି.ଏନ୍.ଏ.)

କରୋନା ସଂକ୍ରମଣ ନିୟନ୍ତ୍ରଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଫଳରେ ଏହି ସମୟରେ ଶ୍ରମିକ ଓ ଦିନମଜୁରିଆମାନେ କାମଧନ୍ଦା ନ ପାଇ ଘରେ ବସି ରହିଛନ୍ତି। ସରକାର ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଜବକାର୍ଡ ଧାରୀଙ୍କୁ ଦୈନିକ କାର୍ଯ୍ୟ ଯୋଗାଇ ଦେଉଥିବା କହି ବାହାବା ନେଉଥିବା ବେଳେ ଖୋର୍ଦ୍ଧା ଜିଲା ଭେଟେଶ୍ୱର ପଞ୍ଚାୟତ ବେଡୁଲି ଗ୍ରାମର ପୋଖରୀ ଖୋଳାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଏହି ପୋଖରୀ ଖୋଳାରେ ଜବକାର୍ଡ ଧାରୀଙ୍କୁ କାର୍ଯ୍ୟରେ ନିୟୋଜିତ ନ କରାଯାଇ ଡୋଜର ମାଧ୍ୟମରେ ଖୋଳାଯାଉଛି। ଏହାର ପ୍ରତିବାଦରେ ଶୁକ୍ରବାର ଗ୍ରାମର କେତେଜଣ ବ୍ୟକ୍ତି ସ୍ଥାନୀୟ ବିଡିଓଙ୍କୁ ଅଭିଯୋଗ କରିବା ସହ ଜିଲାପାଳ ଏବଂ ଜିଲା ଗ୍ରାମ ଉନ୍ନୟନ ପ୍ରକଳ୍ପ ଅଧିକାରୀଙ୍କୁ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ଜବକାର୍ଡଧାରୀ କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କଲେ ୨୪ଘଣ୍ଟା ମଧ୍ୟରେ ସେମାନଙ୍କୁ କାର୍ଯ୍ୟ ଯୋଗାଇ ଦିଆଯିବ ବୋଲି ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ କହିଛନ୍ତି।

## ମଦ ଜବତ, ଅଭିଯୁକ୍ତ ଫେରାର

ଖୋର୍ଦ୍ଧା ଅଫିସ,୨୮।୫

କରୋନା ସଂକ୍ରମଣ ପାଇଁ ରାଜ୍ୟରେ ଲକ୍‌ଡାଉନ ଜାରି ରହିଛି। ଏହି ସମୟରେ ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବୃଦ୍ଧି ପାଇଛି । ଏନେଇ ଅବକାରୀ ବିଭାଗର ତତ୍ପରତା ପ୍ରକାଶ ପାଇଛି। ଶୁକ୍ରବାର ଖୋର୍ଦ୍ଧା ଅବକାରୀ ପୋଲିସ ପକ୍ଷରୁ କଳାପଥର, କୋଟସିଂ, ଖରଡ଼ାପଲୀ ଗ୍ରାମରେ ଚାଲିଥିବା ମଦ ପ୍ରସ୍ତୁତ ସ୍ଥାନରେ ଚଢ଼ାଉ କରାଯାଇ ୧୬୦ଲିଟର ମଦ ଜବତ କରିବା ସହ ୭ ହଜାର ଲିଟର ପୋଚ ନଷ୍ଟ କରାଯାଇଥିବା ଅବକାରୀ ଇନ୍ସପେକ୍ଟର ଭୈରବ ସାହୁ କହିଛନ୍ତି। ଉକ୍ତ ଗ୍ରାମ ଗୁଡ଼ିକରେ ଚୋରା ମଦ କାରବାର ହେଉଥିବା ନେଇ ଅଭିଯୋଗ ହେଉଥିଲା। ବିଶେଷସୂତ୍ରରୁ ଖବରପାଇ ଅବକାରୀ ଟିମ୍ ସକାଳେ ଚଢାଉ କରିଥିଲା।

# ବୁକିଂ ନ କରି ଆସିଥିଲେ, ନିରାଶରେ ଫେରିଲେ

ଖୋର୍ଦ୍ଧା ଅଫିସ,୨୮।୫

ଖୋର୍ଦ୍ଧା ପୌରାଞ୍ଚଳରେ ଶୁକ୍ରବାରଠାରୁ ୧୮ରୁ ୪୪ ଯୁବବର୍ଗଙ୍କ ଟିକାକରଣ ଆରମ୍ଭ ହୋଇଛି। ଏହି ଟିକାକରଣ ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ଚାଲିବ। ସହରର ୭ଟି କେନ୍ଦ୍ରରେ ଟିକା ଦିଆଯାଉଛି। ପ୍ରଥମ ଦିବସରେ ୨୫୬୦ଜଣ ଟିକା ନେଇଛନ୍ତି। ଟିକାକରଣର ପ୍ରଥମ ଦିନରୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ଟିକା ନେବା ଲାଗି ସ୍ଲଟ୍ ବୁକିଂ ବାଧ୍ୟତାମୂଳକ କରାଯାଇଥିବା ବେଳେ କେତେଜଣ ବିନା ସ୍ଲଟ୍‌ଧାରୀ ଟିକାକରଣ କେନ୍ଦ୍ରରେ ପହଞ୍ଚିଥିଲେ। ଫଳରେ କେନ୍ଦ୍ରରେ ଭିଡ଼ ଜମିଥିଲା। ସକାଳ ୮ଟାରେ ଟିକାକରଣ ଲାଗି ମେଡିକାଲ ଷ୍ଟାଫ ଏବଂ ପୌର କର୍ମଚାରୀ ପହଞ୍ଚିଥିଲେ। କେବଳ ସ୍ଲଟ୍ ବୁକିଂଧାରୀଙ୍କୁ ପ୍ରାଥମିକତା ଦିଆଯିବ ବୋଲି କୁହାଯାଇଥିଲା। ଏନେଇ ମେଡିକାଲ ଷ୍ଟାଫ, ପୌର କର୍ମଚାରୀ ଏବଂ ଲୋକଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗୋପାଳ ଦାସ କୁହନ୍ତି, ସ୍ଲଟ୍ ବୁକିଂକୁ ଗୁରୁତ୍ୱ ଦିଆଯାଉଛି, ତେବେ ପୌର ପ୍ରଶାସନ ପକ୍ଷରୁ କାହିଁକି ୱାର୍ଡସ୍ତରୀୟ ତାଲିକା ପ୍ରସ୍ତୁତ କରାଯାଇଥିଲା ବୋଲି ଅନୁରୂପ ଭାବେ ଦେବାଶିଷ ସାହୁ ପ୍ରଶ୍ନ କରିଛନ୍ତି। ଏଭଳି ଅବ୍ୟବସ୍ଥା ଲାଗି ଜିଲା ପ୍ରଶାସନ ଦାୟୀ। ଦୀର୍ଘ ସମୟ ଧରି ଲୋକେ ଛିଡ଼ା ହେବା ପରେ ନିରାଶରେ ଘରକୁ ଫେରିଥିଲେ। ପୌର କାର୍ଯ୍ୟାଳୟ ନିକଟ ପ୍ରୋଜେକ୍ଟ ସ୍କୁଲରେ ୨ଘଣ୍ଟା ବିଳମ୍ବରେ ଟିକାକରଣ ଆରମ୍ଭ ହୋଇଥିଲା। ଟିକାଦାନ ବିଳମ୍ବକୁ ନେଇ ମଧ୍ୟ ଅସନ୍ତୋଷ ପ୍ରକାଶ ପାଇଥିଲା। ପୌର ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କହିଛନ୍ତି, ସହରରେ ଟିକାଦାନ ଶୃଙ୍ଖଳିତ ଆୟୋଜନ ଲାଗି ପୌର କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଟିକା ନେବା ପାଇଁ କୋଭିନ ଡଟ ଜିଓଭି ଡଟ ଇନ୍‌ରେ ନାମ ପଞ୍ଜୀକରଣ କରିବାକୁ ପଡ଼ିବ। ପଞ୍ଜୀକୃତକୁ ଆଧାର କରି ଟିକା ଦିଆଯିବ। ବିନା ସ୍ଲଟ୍‌ରେ ଟିକା ଦେବାର କୌଣସି ବ୍ୟବସ୍ଥା ନ ଥିବା ସେ କହିଛନ୍ତି। ଅନ୍ୟପଟେ ଅତିରିକ୍ତ ସିଡିଏମ୍‌ଓ ଦ୍ୱାରିକାନାଥ ଶତପଥୀ କହିଛନ୍ତି, ଖୋର୍ଦ୍ଧା ସହରରେ ପ୍ରାୟ ୨୦ହଜାର ୧୮ରୁ ୪୪ଯୁବବର୍ଗଙ୍କୁ ଟିକା ଦେବା ଲାଗି ଯୋଜନା ରହିଛି। ଦୈନିକ ପ୍ରତି କେନ୍ଦ୍ରରେ ୩ଶହ ଜଣଙ୍କୁ ଟିକା ଦିଆଯିବ। ଏଥିଲାଗି ସହରରେ ୭ଟି କେନ୍ଦ୍ର କରାଯାଇଛି। ଶନିବାର ଭାଲିଆବାଡି ଏବଂ ସାମନ୍ତରାପୁରରେ ଆଉ ଦୁଇଟି କେନ୍ଦ୍ର କରାଯିବ। ଟିକାକରଣରେ ଯେପରି କୌଣସି ସମସ୍ୟା ସୃଷ୍ଟି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯାଇଛି।




ଟିକାକରଣ କେନ୍ଦ୍ରରେ ଲୋକଙ୍କ ଭିଡ଼।

**୨୫୬୦ ଯୁବବର୍ଗ ନେଲେ ଟିକା**

### ଭୁଲିଗଲେ ସାମାଜିକ ଦୂରତ୍ୱ

ଦୀର୍ଘ ଦିନ ପରେ ୧୮ରୁ ୪୪ ଯୁବବର୍ଗଙ୍କ ଟିକାକରଣ ଆରମ୍ଭ ହେବାକୁ ନେଇ ସହରବାସୀଙ୍କ ମଧ୍ୟରେ ଉତ୍ସାହ ରହିଥିଲା। ଶୁକ୍ରବାର କେନ୍ଦ୍ର ଆଗରେ ସକାଳ ୫ଟାରୁ ଲୋକଙ୍କ ଗହଳି ଦେଖିବାକୁ ମିଳିଥିଲା। ସମୟ ଅତିକ୍ରମ କରିବା ସହିତ ଲୋକଙ୍କ ସଂଖ୍ୟା ବଢିଥିଲା। ପ୍ରାକ୍ଟିସିଙ୍ଗ ୟୁଜିଏମଇ ଏବଂ ପ୍ରୋଜେକ୍ଟ ସ୍କୁଲ ପରିସର ଅତ୍ୟନ୍ତ ସଙ୍କୁଚିତ ଯୋଗୁ ଲୋକଙ୍କ ଧାଡି ରାସ୍ତା ପର୍ଯ୍ୟନ୍ତ ଲମ୍ବି ଯାଇଥିଲା। ଶତାଧିକ ଲୋକ ଟିକା ନେବା ଲାଗି ଠିଆ ହୋଇଥିଲେ ମଧ୍ୟ ସାମାଜିକ ଦୂରତ୍ୱ ରହି ନ ଥିଲା।

### ଘୋଷଣା ପୂର୍ବରୁ ସ୍ଲଟ୍ ଶେଷ

ଆଦିତ୍ୟ ମହାରଣା କହିଛନ୍ତି, ଖୋର୍ଦ୍ଧାରେ ୧୮ରୁ ୪୪ ଯୁବବର୍ଗଙ୍କ ଲାଗି ଟିକାକରଣ ଲାଗି ପ୍ରଶାସନ ପକ୍ଷରୁ ହଠାତ୍ ଘୋଷଣା କରାଯାଇଥିଲା। ଖୋର୍ଦ୍ଧାରେ ଦିଆଯାଇଥିବା କେନ୍ଦ୍ରରେ ପୂର୍ବରୁ ସ୍ଲଟ୍ ବୁକିଂ ସରିଥିଲା। ଫଳରେ ଅଧିକାଂଶ ଲୋକ ସ୍ଲଟ ବୁକିଂରୁ ବଞ୍ଚିତ ହୋଇଛନ୍ତି। ଆଇନଜୀବୀ ସଞ୍ଜୟ ଦାସ କୁହନ୍ତି, ପ୍ରଶାସନର ଘୋଷଣା ପୂର୍ବରୁ କିପରି ସ୍ଲଟ୍ ବୁକିଂ ସରିଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସ୍ମାର୍ଟ ଫୋନ ନ ଥିବା ଯୁବକ ସ୍ଲଟ୍ ବୁକିଂରୁ ବଞ୍ଚିତ ହୋଇଛନ୍ତି।

### ଟିକା ନେଲେ, ସଂକ୍ରମଣ ବାଣ୍ଟିଲେ

ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବାଦ୍ ଦେଲେ ଅନ୍ୟ ବିଦ୍ୟାଳୟରେ ଟିକାକରଣ ଅତ୍ୟନ୍ତ ସଙ୍କୁଚିତ ପରିସର ମଧ୍ୟରେ ହୋଇଥିଲା। ବ୍ଲକ ଆରଇଓ ୟୁପି ସ୍କୁଲ, ଗଡ଼ଖୋର୍ଦ୍ଧା ୟୁପି ସ୍କୁଲ, ଖୋର୍ଦ୍ଧା ପ୍ରୋଜେକ୍ଟ ୟୁପି ସ୍କୁଲ, ଗୁରୁଜଙ୍ଗ ହାଇସ୍କୁଲ, ପ୍ରାକ୍ଟିସିଙ୍ଗ ୟୁଜିଏମ୍‌ଇ ସ୍କୁଲ ଟିକାକରଣ କେନ୍ଦ୍ରରେ କୋଭିଡ୍ ଗାଇଡଲାଇନ ଉଲ୍ଲଂଘନ କରାଯାଇଥିଲା। ପ୍ରତି କେନ୍ଦ୍ର ଆଗରେ ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ଲୋକ କଟକଣା ନ ମାନି ଏକାଠି ଠିଆ ହୋଇଥିବା ଦେଖିବାକୁ ମିଳିଛି। ଟିକା ନେବା ସହ ପରସ୍ପରକୁ ସଂକ୍ରମଣ ବାଣ୍ଟିଥିଲେ।

### ଖୋର୍ଦ୍ଧାରେ ରାଜଧାନୀ ବାସିନ୍ଦା

ଟିକା କରଣର ପ୍ରଥମ ଦିନରେ ଭୁବନେଶ୍ୱର ଓ କଟକ ଅଞ୍ଚଳର ଲୋକେ ପ୍ରଥମ ଡୋଜ ଟିକା ନେଇଥିବା ଅଭିଯୋଗ ହୋଇଛି। ସ୍ଲଟ୍ ବୁକିଂକୁ ଗୁରୁତ୍ୱ ଦିଆଯାଉଛି, ତେବେ ଖୋର୍ଦ୍ଧା ପୌର ପ୍ରଶାସନର ଏପ୍ରକାର ପ୍ରହସନ କାହିଁକି ବୋଲି ଟିକାକରଣରୁ ବଞ୍ଚିତ ୱାର୍ଡବାସିନ୍ଦା ପ୍ରଶ୍ନ କରିଛନ୍ତି। ସିଡିଏମ୍‌ଓ ବିଶ୍ୱରଞ୍ଜନ ପତି କହିଛନ୍ତି, ଜଣେ ବ୍ୟକ୍ତି ଯେଉଁଠି ବି ନିଜ ସୁବିଧା ଅନୁସାରେ ଟିକା ନେବା ଲାଗି ନିଜ ନାମ ଅନ୍‌ଲାଇନରେ ପଞ୍ଜୀକରଣ କରିପାରିବେ। ଟିକା ନେବା ଲାଗି ଅନ୍‌ଲାଇନ ବୁକିଂ ବାଧ୍ୟତାମୂଳକ ରହିଛି। ଟିକାକରଣ କେନ୍ଦ୍ରରେ କୋଭିଡ୍ ଗାଇଡ୍‌ଲାଇନ ପାଳନ ଉପରେ ଗୁରୁତ୍ୱ ଦିଆଯିବ।

## କରୋନା ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

ଡେଲାଙ୍ଗ(ଡି.ଏନ୍.ଏ.)- ଡେଲାଙ୍ଗରେ ଆଉ ଜଣେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। ଯୁବକ ଜଣକ ବାଙ୍ଗାଲୋରରେ ଏକ ଘରୋଇ କମ୍ପାନିରେ କାମ କରି ପରିବାର ପ୍ରତିପୋଷଣ କରୁଥିଲେ। ଲକଡାଉନ ଯୋଗୁ ଗାଁକୁ ଫେରିଥିବାବେଳେ କୋଭିଡ୍ ପରୀକ୍ଷା କରିବାରୁ ପଜିଟିଭ୍ ହୋଇ କଲ୍ୟାଣପୁର ଅସ୍ଥାୟୀ କୋଭିଡ କେୟାର ସେଣ୍ଟରରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ସମୟରେ ଅମ୍ଳଜାନ ହ୍ରାସ ପାଇବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଆଜକୁ ୫ ଦିନ ହେବ ସେ ସେଠାରେ ଚିକିତ୍ସାଧୀନ ଥିବାବେଳେ ଶୁକ୍ରବାର ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ପ୍ରକାଶ କରିଛନ୍ତି।



**ଶ୍ରୀମନ୍ଦିର ହୁଣ୍ଡିରୁ ଆୟ**
୨୮.୦୫.୨୦୨୧
୫୪୮ ଟଙ୍କା

## ସଂକ୍ଷେପରେ

### କୋରେକ୍ସ ବିକି ୩ ଗିରଫ

ପୁରୀ ଅଫିସ, ୨୮।୫: ପୁରୀ ପୋଲିସ କୋରେକ୍ସ ବିକିବା ଅଭିଯୋଗରେ ୩ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ବଳିଆପଣ୍ଡା ଥାନା ଅଞ୍ଚଳର ଟୁଟୁ ମଲିକ୍ ଓରଫ ମୂଷା, ଟାଉନ ଥାନା ଅନ୍ତର୍ଗତ ମଣିକର୍ଣ୍ଣିକା ସାହିର ଜଗନ୍ନାଥ ପ୍ରତିହାରୀ ଓ ହାଡ଼ଗୋଡିଆ ସାହିର ଜ୍ଞାନରଞ୍ଜନ ବେହେରା। ଟୁଟୁଙ୍କଠାରୁ ପୋଲିସ ୨୫ଟି କୋରେକ୍ସ ବୋତଲ ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୭୩/୨୧) ରୁଜୁ ହୋଇଛି। ସେହିପରି ଜଗନ୍ନାଥ ଓ ଜ୍ଞାନରଞ୍ଜନଙ୍କ ନିକଟରୁ ୩୦ ବୋତଲ କୋରେକ୍ସ, ୧୯୦୦ ଟଙ୍କା, ଗୋଟିଏ ବାଇକ୍, ଦୁଇଟି ମୋବାଇଲ ଫୋନ ଜବତ କରାଯାଇଛି। ଏ ନେଇ କେସ୍ ନଂ. ୧୬୩/୨୧ ରୁଜୁ ହୋଇଛି। ବଳିଆପଣ୍ଡା ଓ ବଗଲା ଧର୍ମଶାଳା ଅଞ୍ଚଳରେ ବେଆଇନ ଭାବେ କୋରେକ୍ସ ବିକ୍ରି ହେଉଥିବା ଖବର ପାଇ ପୋଲିସ ଚଢ଼ାଉ କରିଥିଲା।

### ଇନ୍ଦିପୁର ମାଇକ୍ରୋ କଣ୍ଟେନ୍‌ମେଣ୍ଟ

ଡେଲାଙ୍ଗ,୨୮।୫(ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅଭୟମୁଖୀ ପଞ୍ଚାୟତର ଇନ୍ଦିପୁର ବଜାରକୁ ମାଇକ୍ରୋ କଣ୍ଟେନ୍‌ମେଣ୍ଟ ଜୋନ ଘୋଷଣା କରାଯାଇଛି। ସେଠାରେ ଜଣେ ରାଶନ ଦୋକାନୀ କରୋନା ପଜିଟିଭ୍ ଚିହ୍ନଟ ହେବା ପରେ ପ୍ରଶାସନ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ଇନ୍ଦିପୁର ଏସ୍‌ବିଆଇ ବ୍ୟାଙ୍କ ଛକଠାରୁ ଇନ୍ଦୁପୁର ବଜାର ଓ ବଡସାହି ପର୍ଯ୍ୟନ୍ତ ଅଞ୍ଚଳକୁ ସରପଞ୍ଚ ପ୍ରସନ୍ନ କୁମାର ପରିଡା ଶୁକ୍ରବାରଠାରୁ କଣ୍ଟେନମେଣ୍ଟ ଜୋନ ଘୋଷଣା କରିଛନ୍ତି। ଏହି ସମୟରେ ଏହି ଗ୍ରାମର କେହି ବାହାରକୁ ଯିବେ ନାହିଁ କି ବାହାର ଲୋକ ସେଠାକୁ ପ୍ରବେଶ କରିପାରିବେ ନାହିଁ।

### ଖବରଦାତା ସଂଗ୍ରାମ ମହାପାତ୍ରଙ୍କ ସ୍ମୃତିସଭା

କୋଣାର୍କ,୨୮।୫(ଡି.ଏନ୍.ଏ.)- ଗଣମାଧ୍ୟମ ପ୍ରତିନିଧି ସଂଗ୍ରାମ କେଶରୀ ମହାପାତ୍ରଙ୍କ କରୋନାରେ ଆକ୍ରାନ୍ତ ହୋଇ ଅକାଳ ବିୟୋଗ ଘଟିଥିଲା। ତାଙ୍କ ସ୍ମୃତିରେ କୋଣାର୍କ ସାମ୍ବାଦିକ ସଂଘ ପକ୍ଷରୁ ବସ୍‌ଷ୍ଟାଣ୍ଡସ୍ଥିତ କାର୍ଯ୍ୟାଳୟରେ ଶୁକ୍ରବାର ଶ୍ରଦ୍ଧାଞ୍ଜଳି ସମାରୋହ ଓ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଜ୍ୟୋତିରାଜ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ସଂଗ୍ରାମଙ୍କ ସ୍ମୃତିଚାରଣ କରାଯାଇଥିଲା। ତାଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସଂଗ୍ରାମଙ୍କ ପରିବାର ପ୍ରତି କୋଣାର୍କ ସାମ୍ବାଦିକ ସଂଘ ସର୍ବଦା ସମର୍ପିତ ବୋଲି ବକ୍ତାମାନେ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉପଦେଷ୍ଟା ମାନସ ରଞ୍ଜନ ପାତ୍ର, ଉପଦେଷ୍ଟା ରାଜେଶ ମହାନ୍ତି, ଖବରଦାତା ମହେଶ୍ୱର ସାମଲ, ଉପଦେଷ୍ଟା ଅକ୍ଷୟ ନାୟକ, ଅଜିତ ମଲ୍ଲିକ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଉପସଭାପତି ଭାଗୀରଥି ସ୍ୱାଇଁ, ପ୍ରଦୀପ ଛାଟୋଇ, ସନ୍ତୋଷ ରାୟ, ସୁକାନ୍ତ ବିଶ୍ୱାଳ, ପ୍ରମୋଦ ଗୋଚ୍ଛାୟତ, ଅରୁଣ ବିଶ୍ୱାଳ, ରୀତାରାଣୀ ସେଠ, ଗଣେଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଙ୍ଗ ଜବତ : ଜଣେ ଗିରଫ

ପୁରୀ ଅଫିସ, ୨୮।୫: ପୁରୀ ସଦର ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବେଆଇନ ଭାଙ୍ଗ ବିକ୍ରି ଅଭିଯୋଗରେ ଜଣଙ୍କୁ ଗିରଫ କରାଯାଇଛି। ସେ ହେଲେ ଗୋପୀନାଥପୁର ପ୍ରଧାନ ସାହିର ପାଣ୍ଡବ ଜେନା। ତାଙ୍କ ନିକଟରୁ ୧୦ କିଲୋ ଭାଙ୍ଗ ଜବତ କରାଯାଇଛି।

### ଅସହାୟଙ୍କୁ ଖାଦ୍ୟ ଯୋଗାଉଛି 'ସେବକ'

ଗୋପ,୨୮।୫(ଡି.ଏନ୍.ଏ.)- କରୋନା ଓ ୟାସ୍ ବାତ୍ୟା ସମୟରେ ଲୋକଙ୍କୁ ସଚେତନ କରିବା ସହ ଅସହାୟ, ଗରିବଙ୍କୁ ଖାଦ୍ୟ ଯୋଗାଇ ବିପଦର ବନ୍ଧୁ ପାଲଟିଛି ଗୋପ ବ୍ଲକ ବୀରତୁଙ୍ଗ ପଞ୍ଚାୟତର ଦି ସେବକ ସଙ୍ଗଠନ। 'ସେବକ'ର ସଭାପତି ଆଲୋକ ଜେନାଙ୍କ ସହ ସଦସ୍ୟମାନେ ବିଭିନ୍ନ ଗାଁ ବୁଲି ଲୋକଙ୍କୁ ସଚେତନ କରିଥିଲେ। ଚାଳଛପର, ଆଜବେଷ୍ଟସ ଘରେ ରହୁଥିବା ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ସ୍କୁଲ ଗୃହକୁ ଆଣିଥିଲେ। ଲୋକଙ୍କୁ ଖାଦ୍ୟ, ମାସ୍କ ବାଣ୍ଟିଥିଲେ। ପରେ ବୃଦ୍ଧାବୃଦ୍ଧ ସହ ଗର୍ଭବତୀ, ଶିଶୁ, ମହିଳାମାନଙ୍କୁ ସେମାନଙ୍କ ଘରେ ଛାଡ଼ିଥିଲେ। ସଂଗଠନର ଏପରି ସେବା କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ପୋତିହୋଇ ପଡୁଛି ପ୍ରାଚୀ

କାକଟପୁର, ୨୮।୫(ଡି.ଏନ୍.ଏ):



**ସତ୍ତା ହରାଇବା ଆଶଙ୍କା**
- ଜବରଦଖଲକାରୀଙ୍କ କବ୍‌ଜାରେ ନଦୀଶଯ୍ୟା
- ନୀରବଦ୍ରଷ୍ଟା ପ୍ରଶାସନ

କାକଟପୁରବାସୀଙ୍କ ଜୀବନରେଖା ଭାବେ ପ୍ରାଚୀ ନଦୀ ପରିଚିତ। ତେବେ ଏହି ନଦୀ ଶଯ୍ୟା ଧୀରେ ଧୀରେ ପୋତି ହୋଇପଡୁଛି। ଫଳରେ ଏହି ନଦୀ ନିଜର ସତ୍ତା ହରାଇବା ଆଶଙ୍କା ସୃଷ୍ଟି ହେଲାଣି। ଜଳ ନିଷ୍କାସନ ବିଭାଗର ନିଷ୍କ୍ରିୟତା ଏଥିପାଇଁ ଦାୟୀ ବୋଲି କୁହାଯାଉଛି। ବର୍ଷାଋତୁରେ ଉଦ୍‌ବୃତ ଜଳ ନଦୀ, ନାଳ ଦେଇ ସମୁଦ୍ରକୁ ନିଷ୍କାସିତ ହେବା ଦ୍ୱାରା ସମ୍ପୃକ୍ତ ଅଞ୍ଚଳବାସୀଙ୍କର କିଛି କ୍ଷତି ହୁଏ ନାହିଁ। ନଦୀ, ନାଳର ସ୍ଥିତିକୁ ପରଖି ସୁରକ୍ଷିତ ରଖିବା ଓ ନିର୍ବିଘ୍ନରେ ଜଳ ନିଷ୍କାସନ କରାଇବା ଜଳ ନିଷ୍କାସନ ବିଭାଗର ଦାୟିତ୍ୱ। କିନ୍ତୁ କାକଟପୁର ବ୍ଲକରେ ଜଳ ନିଷ୍କାସନ ବିଭାଗ ନିଷ୍କ୍ରିୟ ପାଲଟିଥିବା ପରିଲକ୍ଷିତ ହେଉଛି। ସାଧାରଣତଃ ନଦୀର ଜଳଧାରଣ ପରିସର ପରେ ନଦୀପଠା, ତା'ପରେ ଗୋଚର, ଅନାବାଦୀ କିମ୍ବା ସ୍ଥିତିବାନ ସମ୍ପତ୍ତି ଥାଏ। କିନ୍ତୁ ପ୍ରାଚୀନଦୀ ପଠାର ଅର୍ଦ୍ଧାଧିକ ଜମିକୁ ଜବରଦଖଲକାରୀମାନେ ଚକବନ୍ଦୀ ସମୟରେ ନିଜ ନାମରେ ରେକର୍ଡ କରି ନେବାପରେ ନଦୀଶଯ୍ୟାକୁ ପୋତି ଘର କଲେଣି। ସେହିପରି ନଦୀଶଯ୍ୟାରେ ଆବର୍ଜନା ଫିଙ୍ଗାଯାଉଥିବାବେଳେ ଅନାବନା ଦଳ ଓ ପଙ୍କରେ ନଦୀ ପୋତି ହେବାକୁ ବସିଲାଣି। ଫଳରେ ଜଳ ନିଷ୍କାସନ ହୋଇପାରୁନାହିଁ। ଏପରି କି କୌଣସି କାମରେ ଏହାର ପାଣି ଲାଗିପାରୁନାହିଁ। ବିଭାଗୀୟ ଅଧିକାରୀମାନେ ସବୁ ଜାଣି ମଧ୍ୟ ଚୁପ୍ ବସିଛନ୍ତି। ଏଥିଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଏଭଳି ଭାବେ ପ୍ରାଚୀ ଶଯ୍ୟା ପୋତାହୋଇ ଚାଲିବ ତେବେ ଅଳ୍ପ କିଛି ବର୍ଷ ମଧ୍ୟରେ ଏହି ନଦୀ ସତ୍ତା ହରାଇ ବସିବ। ତେଣୁ ଏଥିପ୍ରତି ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ପୁରୀ ଜିଲାପାଳ ଏବଂ କାକଟପୁର ବିଧାୟକ ଦୃଷ୍ଟି ଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରାଚୀ ସୁରକ୍ଷା ସମିତିର କର୍ମକର୍ତ୍ତାମାନେ ଦାବି କରିଛନ୍ତି।



ମତ୍ସ୍ୟଜୀବୀମାନେ ଶୁକ୍ରବାର ପୁରୀ ସମୁଦ୍ରରୁ ଧରିଥିବା ମାଛକୁ ବେଳାଭୂମିରେ ଜାଲରୁ କାଢୁଛନ୍ତି।

## ରଥଖଳାରୁ

### ରଥ ଚକ ପାଇଁ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ



ତୁମ୍ବରେ ପଇ ସଂଯୋଗ ପାଇଁ ଭୋଇସେବକମାନେ ସିଙ୍ଗଡ଼ା ବାଡ଼ଉଛନ୍ତି।

ପୁରୀ ଅଫିସ,୨୮।୫:

ରଥଖଳାରେ ଜୋରସୋର୍‌ରେ କାମ ଚାଲିଛି। ଶୁକ୍ରବାର ତିନିରଥର ପଇ ହଣା ଓ ବିନ୍ଧ ଖୋଳା ଅନୁକୂଳ ସହ ଯନ୍ତାଗାଡ଼ଠାରେ ଭୋଇସେବକଙ୍କ ଦ୍ୱାରା ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ଅନୁକୂଳ କାର୍ଯ୍ୟ ମଧ୍ୟ ସରିଛି। ତୁମ୍ବରେ ଅଖ ବିନ୍ଧ ଅନୁକୂଳ ସହ ପ୍ରତ୍ୟେକ ରଥର ଦୁଇଟି ଲେଖାଏ ତୁମ୍ବରେ ଅଖବିନ୍ଧ ଓ ତିନୋଟି ଚକରେ ପଇ ପିନ୍ଧା କାମ ସରିଛି। ତାଳଧ୍ୱଜ ରଥର ୨ତୁମ୍ବରେ ଅର ସଂଯୋଗ ହୋଇ ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ କାର୍ଯ୍ୟ ଜାରି ରହିଛି। ଅଖ ବିନ୍ଧ ପ୍ରସ୍ତୁତ ପରେ ପନ୍ଦାରୀ ଗାଡ଼ ତିଆରି ଚାଲିଛି। ୧୪ ତୁମ୍ବ ମଧ୍ୟରୁ ୯ଟିର ବିନ୍ଧ କାମ ସରିଛି। ଅନ୍ୟ ୫ଟିର କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଯନ୍ତାପଟା ଦୁଇଟିର ବିନ୍ଧ ଖୋଳା ସରି କୋଣଗୁଜରେ ରୂପକାର ସେବକ ସିଂହ ବିରାଳ ରୂପ ଖୋଦେଇ କାର୍ଯ୍ୟ ଜାରି ରଖିଛନ୍ତି। ଦୁଇଟି ତୁମ୍ବରେ ସିଙ୍ଗଡ଼ା ବାଡ଼ିଆ ପାଇଁ ଅରସାଲ ହୋଇ ରହିଛି। ଦେବଦଳନ ରଥର ସିଙ୍ଗଡ଼ା ବାଡ଼ିଆ ପରେ ଅଖ ବିନ୍ଧ କାମ ଶେଷ ହୋଇଛି। ପଇବିନ୍ଧ ଅନୁକୂଳ ସହ ସିଙ୍ଗଡ଼ା ବାଡ଼ିଆ ପାଇଁ ଅରସାଲ, ମଠା କାମ ସରିଛି। ନନ୍ଦିଘୋଷ ରଥର ଗୋଟିଏ ଚକ ପାଇଁ ୪ଟି ପଇର ବିନ୍ଧ ସମେତ ୧୬ ତୁମ୍ବ ମଧ୍ୟରୁ ୧୨ଟିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ତିନି ରଥର ୪୨ଟି ଚକ ମଧ୍ୟରୁ ୩୩ଟି ଚକର ଅରକଣ୍ଟା ପ୍ରସ୍ତୁତ ହେବା ସହ ୩୦ଟି ଚକ ପାଇଁ ୬୦ଟି ପନ୍ଦାରୀ ନିର୍ମାଣ ସରିଛି। ଶୁକ୍ରବାର ୧୫୧ ଜଣ ସେବାୟତ କାର୍ଯ୍ୟରେ ନିୟୋଜିତ ଥିଲେ।

## ମଦ ଜବତ, ୬ ଗିରଫ

ଡେଲାଙ୍ଗ/ସାକ୍ଷୀଗୋପାଳ, ୨୮।୫ (ଡି.ଏନ.ଏ./ ସ୍ୱ.ପ୍ର.)

ଡେଲାଙ୍ଗ ପୋଲିସ ୧୫.୮ ଲିଟର ଦେଶୀମଦ ଜବତ କରିବା ସହ ୫ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଘୋରଡିଆର ଅଶୋକ ସାମନ୍ତରାୟ, ମଳିଗାଁର ଶରତ କୁମାର ସେଠୀ, କଲ୍ୟାଣପୁର ଗ୍ରାମର ସନ୍ତୋଷ ପ୍ରଧାନ, ଜଗଦଳପୁର ଗ୍ରାମର ବିନାୟକ ମତଗଜସିଂହ, ଗୋଲାସାହିର ପ୍ରକାଶ ବେହେରା। ଡେଲାଙ୍ଗ ଥାନା ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଚଢାଉ ହୋଇଥିଲା। ଏ ନେଇ ପୃଥକ ମାମଲା ରୁଜୁ କରାଯାଇଛି। ସତ୍ୟବାଦୀ ବ୍ଲକ ସଣ୍ଡାରା ପଞ୍ଚାୟତର ଷୋଳହଳ ଗ୍ରାମରେ ଶୁକ୍ରବାର ପୋଲିସ ଚଢାଉ କରି ୨୦୦୦ ଲିଟର ପୋଚ ମଦ ଜବତ କରି ନଷ୍ଟ କରିଛି। ସାକ୍ଷୀଗୋପାଳ ଷ୍ଟେଟ ବ୍ୟାଙ୍କ ସମ୍ମୁଖରୁ ଚୋରାରେ ମଦ ବିକ୍ରି କରୁଥିବା ଶ୍ରୀରାମଚନ୍ଦ୍ରପୁର ମଠ ସାହି ଗ୍ରାମର ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି ବୋଲି ସତ୍ୟବାଦୀ ଥାନା ଆଇଆଇସି ଦେବୀପ୍ରସାଦ ପାତ୍ର କହିଛନ୍ତି।

## ପୁରୀ ଷ୍ଟେଶନରୁ ୨ ଦିନରେ ୨ ଶିଶୁ ଉଦ୍ଧାର

ପୁରୀ ଅଫିସ,୨୮।୫:

ପୁରୀ ରେଳଷ୍ଟେଶନରୁ ଗତ ଦୁଇଦିନରେ ୨ ଶିଶୁଙ୍କୁ ଉଦ୍ଧାର କରାଯାଇଛି। ଗୁରୁବାର ଉଦ୍ଧାର ହୋଇଥିବା ନାବାଳିକାଙ୍କୁ ରେଳ ସୁରକ୍ଷା ବଳ କର୍ମଚାରୀମାନେ ରିଜର୍ଭେଶନ୍ କାଉଣ୍ଟର ପାଖରେ ଦେଖିଥିଲେ। ତାଙ୍କୁ ପଚରାଉଚରା କରିବାରୁ ସେ କଟକ ଜିଲା ବୈଦେଶ୍ୱର ଥାନା ଅଞ୍ଚଳର ବାସିନ୍ଦା ବୋଲି ଜଣାପଡ଼ିଥିଲା। ଅନ୍ୟପକ୍ଷରେ ନାବାଳିକାଙ୍କ ନିଖୋଜ ନେଇ ତାଙ୍କ ବାପା ଗତ ୨୬ତାରିଖରେ ସ୍ଥାନୀୟ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ କେସ୍ (ନଂ.୧୪୪/୨୦) ରୁଜୁ କରି ଖୋଜାଖୋଜି ଜାରି ରଖିଥିଲା। ରେଳ ସୁରକ୍ଷା ବଳ ନାବାଳିକାଙ୍କୁ ଶିଶୁ କଲ୍ୟାଣ କମିଟି ଜିମା ଦେବା ସହ ପରିବାରକୁ ଜଣାଇଥିଲା। ପରେ ତାଙ୍କୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ସେହିପରି ଶୁକ୍ରବାର ନନ୍ଦନକାନନ ଏକ୍ସପ୍ରେସ ସାଧାରଣ ବଗିରୁ ଜଣେ ନାବାଳକଙ୍କୁ ରେଳ ସୁରକ୍ଷା କର୍ମଚାରୀମାନେ ଉଦ୍ଧାର କରିଛନ୍ତି। ସେ ବିହାରର ପାଟନାରୁ ଚାଲି ଆସିଛନ୍ତି। ଆନନ୍ଦ ବିହାର ଷ୍ଟେଶନରେ ତାଙ୍କ ପରିବାରଲୋକେ ଟ୍ରେନ୍‌ରୁ ଓହ୍ଲାଇ ପଡ଼ିଥିଲେ ବି ଭୁଲବଶତଃ ସେ ରହିଯାଇଥିଲେ। ଏବେ ତାଙ୍କୁ ପୁରୀ ଶିଶୁ କଲ୍ୟାଣ କମିଟି ଦାୟିତ୍ୱରେ ରହିଛନ୍ତି। ବିହାର ରେଳ ସୁରକ୍ଷା ବଳକୁ ଏ ନେଇ ଅବଗତ କରାଯାଇଛି ବୋଲି ପୁରୀ ଆର୍‌ପିଏଫ୍ ଥାନା ଆଇଆଇସି ଅନିଲ ସିଂ କହିଛନ୍ତି।

## ଖବରଦାତାଙ୍କୁ ମିଳିଲା ରାଶନ କିଟ୍

ପୁରୀ ଅଫିସ, ୨୮।୫:

ମହାମାରୀ କରୋନାରେ ଆଗଧାଡ଼ିର କରୋନା ଯୋଦ୍ଧା ଖବରଦାତାମାନେ ମଧ୍ୟ ପ୍ରଭାବିତ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ଶୁକ୍ରବାର ଶ୍ରୀକ୍ଷେତ୍ର ପ୍ରେସ କ୍ଲବ୍ ପକ୍ଷରୁ ପୁରୀର କାର୍ଯ୍ୟରତ ଖବରଦାତା, ଭିଡିଓ ଜର୍ନାଲିଷ୍ଟ ଓ ଫଟୋ ଖବରଦାତାମାନଙ୍କୁ ରାଶନ କିଟ୍ ପ୍ରଦାନ କରାଯାଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଦି ସର୍ଭିସ୍' ସହଯୋଗରେ ଗୋପାଳବଲ୍ଲଭ ରୋଡସ୍ଥିତ ପ୍ରେସ କ୍ଲବ କାର୍ଯ୍ୟାଳୟରେ ଏହି ରାଶନ କିଟ୍ ଦିଆଯାଇଛି। ଅନୁଷ୍ଠାନର ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ବେହେରା ଉପସ୍ଥିତ ରହି ଖବରଦାତାମାନଙ୍କୁ ରାଶନ କିଟ୍ ବଣ୍ଟନ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା ସୌମିତ୍ର ହରିଚନ୍ଦନ, ଚିତ୍ତ ରଞ୍ଜନ ମହାନ୍ତି ଏବଂ ପ୍ରଦ୍ୟୁମ୍ନ ସାଥୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜେସିବି ଦ୍ୱାରା ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ

**ମିଥ୍ୟା ବିଲ୍ ପାଇଁ ମସୁଧା**

ଅସ୍ତରଙ୍ଗ,୨୮।୫(ଡି.ଏନ୍.ଏ.)

ଅସ୍ତରଙ୍ଗ ବ୍ଲକର ନଗର ପଞ୍ଚାୟତ ବାଲିଡ଼ିଆର ଅନାବାଦୀ ଜମିରେ ଜେସିବି ଦ୍ୱାରା କାର୍ଯ୍ୟ କରାଯିବା ପରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମିଥ୍ୟା ବିଲ୍ କରିବାକୁ ମସୁଧା ଚାଲିଛି। ଏ ନେଇ ଗ୍ରାମବାସୀଙ୍କ ମିଳିତ ସ୍ୱାକ୍ଷରରେ ଏକ ଅଭିଯୋଗପତ୍ର ବିଡିଓ ଓ ପୁରୀ ଜିଲାପାଳଙ୍କୁ ପଠାଯାଇଛି। ଅଭିଯୋଗ ଅନୁଯାୟୀ, ନଗର ଆର୍‌ଆଇ ସର୍କଲ ପିତାପଡା ମୌଜାର ଖାତା ନଂ୪୩୯, ପ୍ଲଟ ନଂ୩୧୬ ରକ୍ଷିତ ଅନାବାଦୀ ତଥା ସରକାରୀ ଜମିରେ ଗତ ୧୩, ୧୪ତାରିଖରେ ଗ୍ରାମର କେତେଜଣ ବ୍ୟକ୍ତି ଜେସିବି ଓ ଟ୍ରାକ୍ଟର ଦ୍ୱାରା ମାଟି ତାଡି ସମାନ କରୁଥିଲେ। ଏହା ଗ୍ରାମବାସୀ ଜାଣି ସ୍ଥାନୀୟ ଆର୍‌ଆଇଙ୍କୁ ଜଣାଇବାରେ କାମ ବନ୍ଦ ହୋଇଥିଲା। କିନ୍ତୁ କିଛିଦିନ ପରେ ପୁଣି ସେମାନେ ଜେସିବି ଦ୍ୱାରା ମାଟି ଖୋଳା କାର୍ଯ୍ୟ ଜାରି ରଖିଛନ୍ତି। ତେବେ ବିଭିନ୍ନ ସ୍ଥାନରେ ଶ୍ମଶାନ, ଗୋଚର, ଜଙ୍ଗଲ, ଅନାବାଦୀ, ଆବଦ୍ଧ ଅନାବାଦୀକୁ ଦଖଲ ନ କରିବାକୁ ଉଚ୍ଚ ନ୍ୟାୟଳୟରେ ୨ଟି ମାମଲା ଓ ଅନ୍ୟ ଏକ ମାମଲା ନିମାପଡା ଏସ୍‌ଡିଜିଏମ କୋର୍ଟରେ ବିଚାରାଧୀନ ଥିବାବେଳେ ଏଭଳି କାମ ଜାରି ରଖିଥିବା ଅଭିଯୋଗରେ ଦର୍ଶାଯାଇଛି। ଏଥିସହ ସେମାନେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ କାମ କରୁଥିବା ହିତାଧିକାରୀଙ୍କ ନାମରେ ମିଥ୍ୟା ବିଲ୍ ପ୍ରସ୍ତୁତ କରିବାକୁ ମସୁଧା ଚଳାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହାର ଉପଯୁକ୍ତ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଲିଡିଆ ଗ୍ରାମର ମାଗୁ ବେହେରା, ବାବୁ ବେହେରା, ଆନନ୍ଦ ବେହେରା, ଭାଗୁ ବେହେରା, ନାଥ ବେହେରା, ସଞ୍ଜୟ ବେହେରା, ହୁଲ୍ଲାସ ବେହେରା, ବାପି ବେହେରା ଓ ଜୟରାମ ପ୍ରମୁଖ ଜିଲାପାଳ, ବିଡିଓଙ୍କୁ ଅନୁରୋଧ କରିଛନ୍ତି।



ଜେସିବି ଦ୍ୱାରା ମାଟି ଖନନ କରାଯାଉଛି।

## ଶିକ୍ଷକଙ୍କ ପରଲୋକ

କାକଟପୁର, ୨୮।୫:

କାକଟପୁର ବ୍ଲକ ଅଧୀନ ବିଭୂତିପୁର ୟୁଜିୟୁପି ବିଦ୍ୟାଳୟର ଶିକ୍ଷକ ମିର୍ଜା ସାର୍ଗି ବେଗ (୩୮)ଙ୍କର ଗୁରୁବାର ରାତିରେ ପରଲୋକ ଘଟିଛି। ସେ ଜଣେ ଉତ୍ତମ ଶିକ୍ଷକ ଭାବେ ଜଣାଶୁଣା ଥିଲେ। ତାଙ୍କ ବିୟୋଗରେ ଛାତ୍ରୀଛାତ୍ର ଓ ଶିକ୍ଷକ ମହଲରେ ଶୋକ ପ୍ରକାଶ ପାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଦୀପ୍ତି କୁମାରୀ ମହାନ୍ତି, ଶିକ୍ଷକ ସଂଘ କର୍ମକର୍ତ୍ତା ମୁନିର ଅହମ୍ମଦ୍ ଖାଁ ପ୍ରମୁଖ ଶୋକ ପ୍ରକାଶ କରିବା ସହ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିଛନ୍ତି।

## ବରାଦୀ ଅବଢ଼ା ବ୍ୟବସ୍ଥା ବନ୍ଦ ଦାବି

- ଏକାଠି ସେବନ ଯୋଗୁ ସଂକ୍ରମଣ ବ୍ୟାପୁଥିବା ଅଭିଯୋଗ
- ସୁଆର ମହାସୁଆର ନିଯୋଗର ଖଣ୍ଡନ
- ମାଲ ପରିବହନ ଗାଡ଼ି ଅଟକାଯାଉନି: ସିଟି ଡିଏସ୍‌ପି

ପୁରୀ ଅଫିସ, ୨୮।୫:

କରୋନା କଟକଣା ସତ୍ତ୍ୱେ ଶ୍ରୀମନ୍ଦିର ପରିସରରେ ବହୁଳ ପରିମାଣର ବରାଦୀ ମହାପ୍ରସାଦ ପ୍ରସ୍ତୁତ ହୋଇ ପୁରୀ ଜିଲାର ବିଭିନ୍ନ ସ୍ଥାନକୁ ପଠାଯାଉଛି। ଲୋକେ ଏକାଠି ବସି ମହାପ୍ରସାଦ ସେବନ କରୁଥିବାରୁ ଜିଲାରେ ସଂକ୍ରମଣ ବଢୁଛି ବୋଲି ଶ୍ରୀଜଗନ୍ନାଥ ଭକ୍ତ ପରିଷଦ ଆବାହକ ସୂର୍ଯ୍ୟନାରାୟଣ ରଥ ଅଭିଯୋଗ ଆଣିଛନ୍ତି। ରଥ କହିଛନ୍ତି, କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ସର୍ବାଧିକ ୨୫ଜଣ ଲୋକ ବିବାହ, ବ୍ରତ ଓ ଶୁଦ୍ଧିକ୍ରିୟା ଆଦି କାର୍ଯ୍ୟରେ ଯୋଗଦେବା ପାଇଁ ଅନୁମତି ରହିଛି। ତେବେ ପ୍ରତିଦିନ ଏତେ ପରିମାଣର ଅବଢ଼ା କୁଆଡ଼େ ଯାଉଛି। ଲୋକେ ଏକାଠି ବସି ଅବଢ଼ା ଖାଉଥିବାରୁ ସଂକ୍ରମଣ ବ୍ୟାପୁଛି। ତେଣୁ ବରାଦୀ ଅବଢ଼ା ବ୍ୟବସ୍ଥା ବନ୍ଦ କରାଯାଉ। ଏହାଦ୍ୱାରା କ୍ଷତିଗ୍ରସ୍ତ ହେବାକୁ ଥିବା ସେବାୟତ, ବୋଝିଆ ଓ ଯୋଗାଣିଆଙ୍କୁ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ସହାୟତା ଦିଆଯାଉ।

ଅନ୍ୟପକ୍ଷରେ ସୁଆର ମହାସୁଆର ନିଯୋଗର ସମ୍ପାଦକ କୃଷ୍ଣଚନ୍ଦ୍ର ପଢିଆରୀ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଦିନକରେ ଅତିବେଶୀରେ ୨ହଜାର ଲୋକଙ୍କ ପାଇଁ ଅବଢ଼ା ବରାଦ ରହୁଛି। ଲୋକେ ଶୁଦ୍ଧିକ୍ରିୟା କିମ୍ବା ବିବାହ ପାଇଁ ଦୁଇ ସେଟ୍ ପର୍ଯ୍ୟନ୍ତ ଅବଢା ନେଉଛନ୍ତି। ଗ୍ରାମାଞ୍ଚଳରେ ୨ସେଟ୍ ଅବଢାକୁ ୧୦୦ ଲୋକ ଖାଇପାରିବେ। ସେହିପରି ବିବାହ କିମ୍ବା ଶୁଦ୍ଧିକାର୍ଯ୍ୟ କରୁଥିବା ପରିବାରବର୍ଗ ଲୋକଙ୍କୁ ଏକାଠି ବସାଇ ମହାପ୍ରସାଦ ସେବନ କରାଇବା ପରିବର୍ତ୍ତେ ପାର୍ଶଲ ବ୍ୟବସ୍ଥା କରୁଛନ୍ତି। ପୂର୍ବରୁ ଅବଢା ଯେଉଁ ମାତ୍ରାରେ ବରାଦ ହେଉଥିଲା ଏବେ ଲକଡାଉନ ସମୟରେ ସେପରି ନାହିଁ ବୋଲି ପଢିଆରୀ ପ୍ରକାଶ କରିଛନ୍ତି। ସେହିଭଳି ସିଟି ଡିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି, ଅବଢା ପରିବହନ ଉପରେ କୌଣସି କଟକଣା ନାହିଁ। କାରଣ ଲକଡାଉନ ସମୟରେ ପରିବହନ କାର୍ଯ୍ୟରେ ନିୟୋଜିତ ଯାନକୁ ଅଟକାଯାଉନାହିଁ।

## କୋଭିଡ୍ କଟକଣାକୁ ଗୁରୁତ୍ୱ

ଡେଲାଙ୍ଗ,୨୮।୫(ଡି.ଏନ୍.ଏ.)

ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ ଓ ଡେଲାଙ୍ଗ ଆଇଆଇସି ରଶ୍ମିରଞ୍ଜନ ପଟ୍ଟନାୟକ ଡେଲାଙ୍ଗ ଅଞ୍ଚଳରେ ସଂକ୍ରମଣ ରୋକିବା ପାଇଁ ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ଶୁକ୍ରବାର ଆଲୋଚନା କରିଛନ୍ତି। ଡେଲାଙ୍ଗ ହାଟ ବଜାରସ୍ଥିତ ଫାଣ୍ଡି ନିକଟରେ ଏହି ଆଲୋଚନାରେ ଡେଲାଙ୍ଗ ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସାହୁ, ସରପଞ୍ଚ ପ୍ରଦ୍ୟୁମ୍ନ ପରିଡା, ସରପଞ୍ଚ ପ୍ରତିନିଧି ରମଣିରଞ୍ଜନ ଚମ୍ପତ, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଲକ୍‌ଡାଉନ ଓ ଶଟ୍‌ଡାଉନକୁ କଡାକଡି ପାଳନ କରିବା, ପ୍ରବାସୀଙ୍କୁ ସଙ୍ଗରୋଧରେ ରଖାଇବା, କୋଭିଡ ଟେଷ୍ଟ ଲାଗି ଆଗ୍ରହ ପ୍ରକାଶ କରାଇବା ନେଇ ଆଲୋଚନା ହୋଇଥିଲା। ଗାଁ ଗାଁରେ ଡେଲାଙ୍ଗ ପୋଲିସ ପକ୍ଷରୁ ସଚେତନତା କରାଯିବ ବୋଲି ନିଷ୍ପତ୍ତି ହୋଇଛି।

## କରୋନା ସଚେତନତା ରଥ ଉଦ୍‌ଘାଟିତ

କୋଣାର୍କ,୨୮।୫(ଡି.ଏନ୍.ଏ.)

କରୋନା ସଚେତନତା ପାଇଁ ମୋଟୋରୋଲା ଫାଉଣ୍ଡେଶନ୍ ସହାୟତାରେ ସାମାଜିକ ସଙ୍ଗଠନ ଆକ୍ସନ୍‌ଏଡ୍, ୟଙ୍ଗଇଣ୍ଡିଆ ଓ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ନମସ୍କାର ଦ୍ୱାରା ସଚେତନତା ରଥ ପରିକ୍ରମା ଅଭିଯାନ ଆରମ୍ଭ ହୋଇଛି। ଶୁକ୍ରବାରଠାରୁ ଏହି ରଥ ୧୫ ଦିନ ଧରି ଗୋପ, କାକଟପୁର, ଅସ୍ତରଙ୍ଗ, ନିମାପଡା ପ୍ରଭୃତି ଅଞ୍ଚଳରେ ବୁଲିବ। ରେଡିଓ ନମସ୍କାରର ଅଧ୍ୟକ୍ଷ ଏନ୍. ଏ.ଶାହ ଅନ୍‌ସାରୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା, ଆକ୍ସନ୍‌ଏଡ଼୍‌ର ଆଞ୍ଚଳିକ ସଂଯୋଜକ ଦେବବ୍ରତ ପାତ୍ର, ଗୋପ ବିଡିଓ ଦୀପ୍ତିରାଣୀ ଦାଶ, କୋଣାର୍କ ଥାନା ଭାରପ୍ରାପ୍ତ ଅଧିକାରୀ ରଞ୍ଜନ ମଲ୍ଲିକ, ଏଏସ୍‌ଆଇ ଇତିପ୍ରିୟା ଦାସ, ଶିକ୍ଷାବିତ୍ ରବୀନ୍ଦ୍ରନାଥ ବାହିନୀପତି, କୁରୁଜଙ୍ଗ ସରପଞ୍ଚ ନିଗମାନନ୍ଦ ପରିଡା, ସାମାଜିକକର୍ମୀ ରାମକୃଷ୍ଣ ମହାନ୍ତି ଯୋଗଦେଇଥିଲେ। ରୋଜାଲିନ ପ୍ରଧାନ, ଶାହାଯାଦୀ କାଜଲ, ଟିଙ୍କିନା ରାଉତ, ଅନ୍ଦାଜ ଆରନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଉଦ୍‌ଘାଟନ କାର୍ଯ୍ୟକ୍ରମ ଅବସରରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

## ପାନବରଜ ହିତାଧିକାରୀ ଚୟନରେ ଅନିୟମିତତା

ନିମାପଡ଼ା,୨୮।୫(ଡି.ଏନ୍.ଏ.)

**ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପାର ବିକ୍ଷୋଭ**

ଓଡ଼ିଶାରେ ପ୍ରତିବର୍ଷ ବାତ୍ୟା ଆସୁଥିବାରୁ ରାଜ୍ୟବାସୀ ଚିନ୍ତାରେ ରହୁଛନ୍ତି। ପୂର୍ବରୁ ହେଉଥିବା ବାତ୍ୟାର ଏପର୍ଯ୍ୟନ୍ତ କ୍ଷତିପୂରଣ ମିଳୁ ନ ଥିବା ଅଭିଯୋଗ ହେଉଛି। ଏହି ପରିପ୍ରେକ୍ଷୀରେ ଫନୀ ବାତ୍ୟାରେ ନିମାପଡ଼ା ବ୍ଲକରେ ପ୍ରାୟ ୧୦ହଜାର ପାନଚାଷୀଙ୍କର ପାନବରଜ ଉଜୁଡ଼ି ଯାଇ କ୍ଷତିଗ୍ରସ୍ତ ହୋଇଥିଲେ। ଫନୀକୁ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ କ୍ଷତିଗ୍ରସ୍ତ ପାନଚାଷୀ କ୍ଷତିପୂରଣ ପାଇବାରୁ ବଞ୍ଚିତ ହୋଇଛନ୍ତି। ଏବେ ଉଦ୍ୟାନ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ପାଇଁ ତାଲିକା ପ୍ରସ୍ତୁତ ଓ ଚାଷୀ ଚୟନ ବ୍ୟବସ୍ଥା ଚାଲିଛି, ହେଲେ ନିମାପଡ଼ା ବ୍ଲକରେ ପାନବରଜ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଚୟନରେ ପାତରଅନ୍ତର ଓ ପାନଚାଷୀଙ୍କୁ କ୍ଷତିପୂରଣ ନ ଦେବା ପ୍ରତିବାଦରେ ତଥା ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଭାଜପା ପକ୍ଷରୁ ଶୁକ୍ରବାର ପ୍ରାୟ ୩୦ଜଣ ନେତୃବୃନ୍ଦ ସ୍ଥାନୀୟ ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପରେ ଆନ୍ଦୋଳନସ୍ଥଳରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଜପା ନେତା ମାନସ ପ୍ରଧାନ, ଯତୀନ୍ଦ୍ର ସ୍ୱାଇଁ, କୃଷ୍ଣଚନ୍ଦ୍ର ସ୍ୱାଇଁ, ଦିଲୀପ ପାତ୍ର, ମିଳନ ମୁଖି, ରମେଶଚନ୍ଦ୍ର ବାଘ, ଜ୍ୟୋତିରଞ୍ଜନ ପାତ୍ର ପ୍ରମୁଖଙ୍କ ନେତୃତ୍ୱ ନେଇ ପ୍ରଶାସନ ଅଧିକାରୀମାନେ ଠିକ୍ ଭାବେ କ୍ଷତିଗ୍ରସ୍ତ ପାନଚାଷୀଙ୍କ ତାଲିକା ପ୍ରସ୍ତୁତ କରିବା ଓ ଖୁବ୍‌ଶୀଘ୍ର ସେମାନଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ଦାବି କରିଥିଲେ। ଏ ସମ୍ପର୍କରେ ଦଳ ପକ୍ଷରୁ ପୂର୍ବରୁ ରାଜ୍ୟ କୃଷି ମନ୍ତ୍ରୀ, ପୁରୀ ଜିଲାପାଳ, ରାଜ୍ୟ ଲୋକାୟୁକ୍ତ, ଉଦ୍ୟାନ ବିଭାଗର ଡେପୁଟି ନିର୍ଦ୍ଦେଶକ, ସ୍ଥାନୀୟ ତହସିଲଦାର, ଉଦ୍ୟାନ ବିଭାଗ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏ ଦିଗରେ ବିହିତ ପଦକ୍ଷେପ ନିଆ ନ ଗଲେ ଦଳ ପକ୍ଷରୁ ଗଣଆନ୍ଦୋଳନ କରାଯିବ ବୋଲି ଭାଜପା ନେତାମାନେ ଚେତାବନୀ ଦେଇଛନ୍ତି।



ନିମାପଡା ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଭାଜପା କର୍ମୀ ବିକ୍ଷୋଭ କରୁଛନ୍ତି।